ଓଁ ଶ୍ରୀ ବିଶ୍ୱାତ୍ମନେ ନମଃ

ବିଶ୍ୱାତ୍ମ ଚେତନା ପରିଷଦ, ସମ୍ବଲପୁର

ଶାଖାର

**ରଜତ ଜୟନ୍ତୀ**

ଉପଲକ୍ଷ୍ୟେ

ତା. ୨୬ ରୁ ୩୧ ଜାନୁଆରୀ ୨୦୧୮

(ମାଘ ଶୁକ୍ଲ ନବମୀ ରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ)

ଆୟୋଜିତ

**ଶ୍ରୀ ଶ୍ରୀ ମୃତ୍ୟୁଞ୍ଜୟ ମହାଯଜ୍ଞ**

**ଏବଂ**

**ବିଶ୍ୱାତ୍ମ ଚେତନା ମହାସମ୍ମିଳନୀ**

ଅବସରରେ

ପ୍ରକାଶିତ

ପ୍ରାଜ୍ଞ ପ୍ରବଚନ

# ତୁମ ପ୍ରଭୁ ତୁମ ଅନ୍ତରେ

## ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ

ପ୍ରକାଶକ

**ବିଶ୍ୱାତ୍ମ ଚେତନା ପ୍ରକାଶନ**

ଆନନ୍ଦ ନିକେତନ, **ଖୁଜେନପାଲି, ବଲାଙ୍ଗିର (ଓଡ଼ିଶା)**

ପ୍ରାଜ୍ଞ ପ୍ରବଚନ

# ତୁମ ପ୍ରଭୁ ତୁମ ଅନ୍ତରେ

## ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ

ପ୍ରଥମ ସଂସ୍କରଣ - ୨୦୧୮
©ବିଶ୍ୱାମ୍ଭ ଚେତନା ଟ୍ରଷ୍ଟ, ବଲାଙ୍ଗିର ଦ୍ୱାରା ସର୍ବସ୍ୱତ୍ତ୍ୱ ସଂରକ୍ଷିତ

ଅନୁବାଦ : ଶ୍ରୀମତୀ ପଙ୍କଜିନୀ ଚୋପଦାର
ସମ୍ପାଦନା : ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର
ଆବରଣ ଓ ଅକ୍ଷରସଜ୍ଜା : ପ୍ରଜ୍ଞାଶକ୍ତି ଚେତନାମୟୀ

ମୁଦ୍ରଣ : ଇମ୍ପ୍ରେସନ୍ସ, ସମ୍ବଲପୁର (ଓଡ଼ିଶା)

ପ୍ରକାଶନ:

ବିଶ୍ୱାମ୍ଭ ଚେତନା ପ୍ରକାଶନ
ଆନନ୍ଦ ନିକେତନ, ଖୁଜେନପାଲି
ବଲାଙ୍ଗିର- ୭୬୭୦୦୨ (ଓଡ଼ିଶା)

ମୂଲ୍ୟ- ଟ.୧୦୦/-

# ପ୍ରକାଶକୀୟ

ବିଶ୍ୱାତ୍ମ ଚେତନା ପରିଷଦ, ରାୟଗଡ଼ (ଛ.ଗ.)ର କାର୍ଯାଳୟ ଉଦ୍‌ଘାଟନ ଉପଲକ୍ଷ୍ୟେ ରାୟଗଡ଼ରେ "ବୃନ୍ଦାବନ ରେସୀଡେନ୍ସୀ" ଠାରେ ପୂଜ୍ୟପାଦ ଶ୍ରୀ ସ୍ୱାମୀଜୀ ମହାରାଜଙ୍କ ତା. ୧ରୁ ୫ ନଭେମ୍ବର ୨୦୦୬ ପର୍ଯନ୍ତ ଏକ ପଞ୍ଚଦିବସୀୟ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହି କାର୍ଯ୍ୟକ୍ରମରେ ପୂଜ୍ୟପାଦ ଶ୍ରୀ ସ୍ୱାମୀଜୀଙ୍କ ଦ୍ୱାରା ହିନ୍ଦୀ ଭାଷାରେ ପ୍ରଦତ୍ତ ପାଞ୍ଚଟି ପ୍ରବନକୁ ସଙ୍କଳିତ କରି ଆମେ ୨୦୦୯ ମସିହାରେ ପରିଷଦର ପ୍ରକାଶନ ବିଭାଗ "ଋତମ୍ଭରା ପ୍ରଜ୍ଞା ପ୍ରକାଶନ" ଦ୍ୱାରା **"ତେରା ସାଈଁ ତୋହି ମେଁ"** ନାମରେ ପ୍ରକାଶିତ କରିଥିଲୁ । ସେହି ପୁସ୍ତକଟି ହିନ୍ଦୀ ଭାଷାଭାଷୀ ଭକ୍ତବୃନ୍ଦଙ୍କୁ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରିଛି, କାରଣ ସେଥିରେ କଥିତ ବିଷୟବସ୍ତୁ ଅତ୍ୟନ୍ତ ତତ୍ତ୍ୱପୂର୍ଣ୍ଣ ଏବଂ ଭାବମୟ ଅଟେ ।

ପୂଜ୍ୟପାଦ ଶ୍ରୀସ୍ୱାମୀଜୀ ମହାରାଜ ପ୍ରାୟତଃ ହିନ୍ଦୀ ଭାଷାରେ ପ୍ରବଚନ ପ୍ରଦାନ କରିଥାନ୍ତି । ଏଣୁ ଶ୍ରୀସ୍ୱାମୀଜୀଙ୍କ ଓଡ଼ିଆ ଭାଷଭାଷୀ ଶିଷ୍ୟ-ଭକ୍ତବୃନ୍ଦ ଅନେକ ଦିନରୁ ଏହା ଦାବୀ କରି ଆସୁଥିଲେ ଯେ ସବୁ ହିନ୍ଦୀ ପ୍ରବଚନ ମାନଙ୍କର ଓଡ଼ିଆ ଅନୁବାଦ ମଧ୍ୟ ହେବା ଉଚିତ । ଆମେ ମଧ୍ୟ ତାହା ଅନୁଭବ କରୁଥିଲୁ । ଏବେ ଶ୍ରୀସ୍ୱାମୀଜୀ ମହାରାଜଙ୍କ ଶିଷ୍ୟ, ଭକ୍ତ ଏବଂ ଅନୁଯାୟୀ ମାନଙ୍କର ସେହି ସାଗ୍ରହ ଅନୁରୋଧ ଏହି ନୂତନବର୍ଷ ୨୦୧୮ରେ ଫଳବତୀ ହୋଇଛି । ପରିଷଦର ବରିଷ୍ଠ ସଦସ୍ୟା ବଲାଙ୍ଗିରର ଶ୍ରଦ୍ଧେୟା ଶ୍ରୀମତୀ ପଙ୍କଜିନୀ ଚୋପଦାର (ମାଁ ପ୍ରେମମୂର୍ତ୍ତି) **"ତୁମ ପ୍ରଭୁ ତୁମ ଅନ୍ତରେ"** ନାମରେ ଏହାର ଓଡ଼ିଆ ରୂପାନ୍ତରଣ କରି ଆମ ସମସ୍ତଙ୍କ ଆଶାକୁ ପରିପୂର୍ଣ୍ଣ କରିଛନ୍ତି । କେବଳ ସେତିକି ନୁହେଁ, ସେ ତାଙ୍କ ସ୍ୱର୍ଗତ ସ୍ୱାମୀ ୰ ପ୍ରଫୁଲ୍ଲ କୁମାର ସାହୁ (ଆ ବିର୍ଭାବ ୪/୩/୧୯୩୬, ତିରୋଧାନ ୧୯/୭/୨୦୦୭)ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହାର ପ୍ରକାଶନ ନିମିତ୍ତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି । ସେଥିପାଇଁ ତାଙ୍କୁ ବିଶ୍ୱାତ୍ମ ଚେତନା ପ୍ରକାଶନ ତରଫରୁ ମୁଁ ଅଶେଷ ଅଶେଷ ଧନ୍ୟବାଦ ଅର୍ପଣ କରୁଛି ।

ଉକ୍ତ ପୁସ୍ତକର ପ୍ରକାଶନରେ ସମ୍ପାଦକ ଭାବରେ ଶ୍ରଦ୍ଧେୟ ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର, ଆବରଣ ଓ ବର୍ଣ୍ଣ-ସଂଯୋଜନାରେ ପ୍ରଜ୍ଞାଶକ୍ତି ଚେତନାମୟୀ, ଡି.ଟି.ପି.ରେ ଶ୍ରୀମତୀ ସୁଷମା ତ୍ରିପାଠୀ ଏବଂ ମୁଦ୍ରଣ କାର୍ଯ୍ୟରେ "ଇପ୍ରେସନ୍ସ, ସମ୍ବଲପୁର" ଯଥୋଚିତ ସହଯୋଗ ପ୍ରଦାନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ଆଶା, **"ତୁମ ପ୍ରଭୁ ତୁମ ଅନ୍ତରେ"** ପୁସ୍ତକଟି ଓଡ଼ିଶାର ଅଗଣିତ ଅଧ୍ୟାତ୍ମ-ପ୍ରେମୀ ପାଠକ-ପାଠିକାଙ୍କୁ ତୃପ୍ତି ଓ ଆନନ୍ଦ ପ୍ରଦାନ କରିବା ସହ ଆଧ୍ୟାତ୍ମିକ ଓଡ଼ିଆ ସାହିତ୍ୟ ଜଗତରେ ମଧ୍ୟ ସ୍ୱୀକୃତି ଲାଭ କରିବ । ହରି ଓଁ ତତ୍‌ସତ୍ ।

**ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ**

ପ୍ରକାଶକ

# "ତୁମ ପ୍ରଭୁ ତୁମ ଅନ୍ତରେ" ବିଷୟରେ.....

ବିଶ୍ୱାତ୍ମ ଚେତନା ପରିଷଦ, ରାୟଗଡ଼ (ଛତିଶଗଡ଼) ର କାର୍ଯ୍ୟାଳୟ ଉଦ୍ଘାଟନ ଅବସରରେ ପୂଜ୍ୟପାଦ ସଦ୍‌ଗୁରୁଦେବ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ମହାରାଜଙ୍କ ଦ୍ୱାରା ପ୍ରଦତ୍ତ ପ୍ରବଚନକୁ "ତେରା ସାଇଁ ତୋହି ମେଁ" ନାମରେ ହିନ୍ଦୀ ଭାଷାରେ ପ୍ରକାଶିତ କରାଯାଇଥିଲା ଏବଂ ଏହା ସାଧନା ରାଜ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା। ଏହାକୁ ଓଡ଼ିଶାର ସାଧକ ତଥା ଜିଜ୍ଞାସୁମାନଙ୍କ ପାଇଁ ସୁଗମ କରିବା ପାଇଁ ଓଡ଼ିଆ ଭାଷାରେ ଅନୁବାଦ କରିଛନ୍ତି ପରିଷଦର ବରିଷ୍ଠ ସଦସ୍ୟା ତଥା ପ୍ରଜ୍ଞାଶକ୍ତି ମଣ୍ଡଳର ପୂର୍ବତନ ସମ୍ପାଦିକା ଶ୍ରୀମତୀ ପଙ୍କଜିନୀ ଚୋପଦାର।

ଶ୍ରୀମତୀ ଚୋପଦାର ଯଦିଓ ପେସାରେ ଜଣେ ଶିକ୍ଷୟିତ୍ରୀ, କିନ୍ତୁ ବାସ୍ତବ ଜୀବନରେ ସେ ଜଣେ କବୟିତ୍ରୀ ତଥା ଧର୍ମପ୍ରାଣା ମହିଳା। ଶ୍ରୀ ସ୍ୱାମୀଜୀଙ୍କ ପ୍ରବଚନକୁ ସେ ଓଡ଼ିଶାର ଜନସାଧାରଣଙ୍କ ନିକଟକୁ ନେଇଯିବା ପାଇଁ ଉପରୋକ୍ତ ହିନ୍ଦୀ ପୁସ୍ତକର ଓଡ଼ିଆ ଅନୁବାଦ କରିଛନ୍ତି। ଏହା ଦ୍ୱାରା ଓଡ଼ିଶାର ଭକ୍ତ, ଜିଜ୍ଞାସୁ, ସାଧକ-ସାଧିକା ଓ ଉତ୍ସାହୀ ପାଠକ-ପାଠିକା ଶ୍ରୀ ସ୍ୱାମୀଜୀଙ୍କ ଜୀବନ-ଦର୍ଶନ ବିଷୟରେ ଅବଗତ ହେବେ, ଅନୁପ୍ରାଣିତ ହେବେ ଏବଂ ସନ୍ମାର୍ଗଗାମୀ ହେବେ। ଶ୍ରୀମତୀ ପଙ୍କଜିନୀ ଚୋପଦାରଙ୍କ ଏତାଦୃଶ ସଦୁଦ୍ୟମକୁ ବିଶ୍ୱାତ୍ମ ଚେତନା ପ୍ରକାଶନ ସ୍ୱାଗତ କରିବା ସହ ତାଙ୍କଠାରେ କୃତଜ୍ଞତା ପ୍ରକାଶ କରୁଛି। ଗୁରୁ ଏବଂ ଗୋବିନ୍ଦଙ୍କ କୃପାରେ ତାଙ୍କର ସଦୁଦ୍ୟମ ଏହିପରି ବଜାୟ ରହୁ- ଏହା ହିଁ ପ୍ରାର୍ଥନା। ହରି ଓଁ।

ଶ୍ରୀ ସଚ୍ଚିଦାନନ୍ଦ ମିଶ୍ର
ସମ୍ପାଦକ

## ଅନୁବାଦିକାଙ୍କ କଲମରୁ.................

ପୂଜ୍ୟପାଦ ସଦ୍‌ଗୁରୁଦେବ ପରମହଂସ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ଜଣେ ଯୁଗଜନ୍ମା ସନ୍ଥ। ତାଙ୍କର ଦିବ୍ୟ ପ୍ରବଚନ ସମୂହରେ ଈଶ୍ୱରପ୍ରେମ, ଅଖିଳ ବ୍ରହ୍ମାଣ୍ଡର ସ୍ୱର ଗୁଞ୍ଜାୟମାନ ହୋଇଥାଏ। ଭକ୍ତ ଏବଂ ଭଗବାନଙ୍କର ଆତ୍ମା ସହିତ ପରମାତ୍ମାର, ଜୀବ ସହିତ ଶିବର ସମ୍ପର୍କର ସ୍ୱର, ଶବ୍ଦରେ ଏବଂ ବାକ୍ୟରେ ରୂପାୟିତ ହୋଇଥାଏ। ପ୍ରଖର ଏବଂ ଗଭୀର ତାଙ୍କର ଭାବ, ସଠିକ ଏବଂ ଅପୂର୍ବ ତାଙ୍କର ଶବ୍ଦ ବିନ୍ୟାସ, ନିର୍ଭୀକ ଏବଂ ଯୁଗୋପଯୋଗୀ ତାଙ୍କର ପରିବେଷଣ। ସତ୍ୟ, ଜ୍ଞାନ ଓ ଆନନ୍ଦର ସମାହାର ତାଙ୍କର ପ୍ରବଚନ। ଏହି ପ୍ରବଚନ ସମୂହ ପୁସ୍ତକ ଆକାରରେ କ୍ରମାନ୍ୱୟରେ ପ୍ରକାଶିତ ହୋଇ ବିଦଗ୍ଧ ମହଲକୁ ଆସୁଅଛି। ସେହି ସୃଷ୍ଟି ଅନନ୍ତ ଜ୍ଞାନାମୃତର ଭଣ୍ଡାର। ପ୍ରତ୍ୟେକ ବିନ୍ଦୁରେ ଈଶ୍ୱର ପ୍ରୀତି, ମାନବ ପ୍ରୀତି, ବିଶ୍ୱାତ୍ମ ଭାବ ଢ଼ଳ ଢ଼ଳ। ଏହି ଭଳି ଜଣେ ସିଦ୍ଧ ସନ୍ଥଙ୍କର ଅମୃତମୟୀ ବାଣୀର ଅନୁବାଦ ନିଶ୍ଚିତ ଭାବରେ ଅତ୍ୟନ୍ତ କଠିନ ବିଷୟ। ଗୋଟିଏ ଭାଷାରୁ ଅନ୍ୟ ଏକ ଭାଷାକୁ ଅନୁବାଦ କରିବା ସମୟରେ ପୂଜ୍ୟ ସ୍ୱାମୀଜୀଙ୍କର ଶବ୍ଦ ଏବଂ ଅନ୍ତର୍ନିହିତ ଭାବ ଅକ୍ଷୁର୍ଣ୍ଣ ରହିବା ନିହାତି ଆବଶ୍ୟକ। "ତେରା ସାଇଁ ତୋହି ମେଁ" ପ୍ରବଚନର ଅନୁବାଦର ଦାୟିତ୍ୱ ସଦ୍‌ଗୁରୁଦେବ ଯେତେବେଳେ ମୋତେ ଦେଲେ ମୁଁ ନିଜକୁ କୃତାର୍ଥ ମନେ କଲି। ମନରେ ଭାବନା ଆସିଲା ଶ୍ରୀ ସ୍ୱାମୀଜୀ ସ୍ୱୟଂ କର୍ତ୍ତା, ପ୍ରେରଣା ଅଥଚ ଶ୍ରେୟ ଦେଉଛନ୍ତି ଅନ୍ୟକୁ। ଏହା ମୋ'ପାଇଁ ଅନନ୍ୟ ଅବସର। ମୁଁ ଜାଣିଛି ପ୍ରକୃତରେ ମୁଁ କିଛି ନୁହେଁ, ସେ ହିଁ କଲମ ମୁନରେ ସବୁ ଆଶୀଷ ଢ଼ାଳୁଛନ୍ତି।

ପରମାତ୍ମାଙ୍କ ଉପରେ ଆସ୍ଥା, ଗୁରୁଚରଣରେ ବିଶ୍ୱାସ ମୋତେ ଏ କାର୍ଯ୍ୟ ପାଇଁ ସାହସ ପ୍ରଦାନ କଲା। ତଥାପି ମନରେ ଦ୍ୱନ୍ଦ- ଅନୁବାଦରେ କିଛି ତ୍ରୁଟି ବିଚ୍ୟୁତି ଥାଇପାରେ। ପାଠକମାନଙ୍କୁ ବିନମ୍ର ଅନୁରୋଧ ଉଦାର ହୃଦୟରେ ସେଗୁଡ଼ିକୁ ସଜାଡ଼ି ନେବେ ଏବଂ ସେଗୁଡ଼ିକର ଅନ୍ତର୍ନିହିତ ଭାବକୁ ଗ୍ରହଣ କରିବେ।

ଶେଷରେ ପରମାତ୍ମା ଓ ଶ୍ରୀଗୁରୁଚରଣରେ ପ୍ରଣତି ନିବେଦନ କରି ପ୍ରକାଶିତ ପୁସ୍ତକଟିର ସଫଳତା ପାଇଁ ପ୍ରାର୍ଥନା କରୁଛି। ହରି ଓଁ।

୦୦୦

ଶ୍ରୀମତୀ ପଙ୍କଜିନୀ ଚୋପଦାର (ମାଁ ପ୍ରେମମୂର୍ତ୍ତୀ )

# ତୁମ ପ୍ରଭୁ ତୁମ ଅନ୍ତରେ

(ପୂଜ୍ୟପାଦ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଙ୍କ ଦ୍ୱାରା ବିଶ୍ୱାମ୍ ଚେତନା ପରିଷଦ, ରାୟଗଡ଼ (ଛ.ଗ.)ର କାର୍ଯ୍ୟାଳୟ ଉଦ୍‌ଘାଟନ ଉପଲକ୍ଷେ ଆୟୋଜିତ ସତ୍‌ସଙ୍ଗ କାର୍ଯ୍ୟକ୍ରମରେ ତା.୧/୧୧/୨୦୦୬ ରୁ ତା. ୫/୧୧/୨୦୦୬ ପର୍ଯ୍ୟନ୍ତ ପ୍ରଦତ୍ତ ପ୍ରବଚନ।)

ଅନୁକ୍ରମ ପୃଷ୍ଠା


- ତୁମ ପ୍ରଭୁ ତୁମ ଅନ୍ତରେ ୧
- ଯଥାର୍ଥ ଯୋଗ : ସର୍ବସ୍ୱ ସମର୍ପଣ ୨୧
- ସୁଖ-ଦୁଃଖ, ବନ୍ଧନ ଓ ମୋକ୍ଷର କାରଣ ମନ ୪୯
- ଯୋଗ କର, ଯୋଗୀ ହୁଅ ୯୧
- ସବୁ କିଛି ଭଗବାନଙ୍କର ୧୨୯



ଏହି ପୁସ୍ତକର କୌଣସି ଅଂଶକୁ କୌଣସି ମାଧ୍ୟମ ଦ୍ୱାରା ମୁଦ୍ରିତ ଅଥବା ପ୍ରକାଶିତ କରିବା ଆଗରୁ "ବିଶ୍ୱାମ୍ ଚେତନା ପ୍ରକାଶନ", ବିଶ୍ୱାମ୍ ଚେତନା ଟ୍ରଷ୍ଟ, ବଲାଙ୍ଗିରର ଲିଖିତ ଅନୁମତି ନେବା ଅନିବାର୍ଯ୍ୟ ଅଟେ।

# ତୁମ ପ୍ରଭୁ ତୁମ ଅନ୍ତରେ

ପ୍ରିୟ ଦିବ୍ୟ ଆତ୍ମନ୍!

ହରି ଓଁ।

ଆଜି ପ୍ରବୋଧିନୀ ଏକାଦଶୀ। ଏହା ଏକ ଅଦ୍ଭୁତ ସଂଯୋଗ, ଏହାକୁ ଦେବୋତ୍ଥାନୀ ଏକାଦଶୀ ମଧ୍ୟ କହନ୍ତି। ଆଜିଭଳି ଦେବୋତ୍ଥାନୀ ଏକାଦଶୀ ଦିନରେ ଭଗବାନଙ୍କର, ଭଗବତ୍ ଶକ୍ତିର ଜାଗରଣ ହୋଇଥାଏ। ତେଣୁ ସମ୍ପୂର୍ଣ୍ଣ ଭାରତବର୍ଷରେ ସନାତନ ଧର୍ମ ସମ୍ବନ୍ଧୀୟ ସମସ୍ତ ବ୍ୟକ୍ତି ଆଜି ଦିନକୁ ବହୁତ ମହତ୍ତ୍ୱ ପ୍ରଦାନ କରିଥାଆନ୍ତି। ସମସ୍ତ ପ୍ରକାରର ଶୁଭକାର୍ଯ୍ୟର ଶୁଭାରମ୍ଭ ଆଜି ହୋଇଥାଏ। ଆଷାଢ଼ ଶୁକ୍ଳ ଏକାଦଶୀର ଦିନ ହରିଶୟନ ଏକାଦଶୀ। ଆଷାଢ଼ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଏଭଳି ମାନ୍ୟତା ଅଛି ଯେ, ଭଗବାନ (ବିଷ୍ଣୁ) ଏହି ସମୟ ମଧ୍ୟରେ ବିଶ୍ରାମ ନେଇଥାଆନ୍ତି। ଆମେ ଏହାକୁ ଆମ ଭାଷାରେ କହିଥାଉ- ଭଗବାନ ଶୋଇ ରହନ୍ତି। ଏହା ମାତ୍ର ଭାବନା ଅଟେ। ଯଥାର୍ଥରେ ଭଗବାନ କେବେ ଶୋଇ ନ ଥାଆନ୍ତି। ସେ ସଦା ଜାଗ୍ରତ ଥାଆନ୍ତି। ଯଦି ପ୍ରକୃତରେ ଭଗବାନ ଶୋଇଯିବେ, ତା'ହେଲେ ଆମ୍ଭେମାନେ ମଧ୍ୟ ସମସ୍ତେ ଶୋଇଯିବା। ଯେହେତୁ ଭଗବାନଙ୍କୁ ମଧ୍ୟ ଆମେ ନିଜ ଭଳି ଧରିନେଉ, ନିଜର ଅନୁରୂପ ଭାବିନେଉ, ଆମେ ଯେଭଳି ଭାବରେ ରହିଥାଉ,

ଖାଇଥାଉ, ପିଇଥାଉ, ଶୋଇଥାଉ ସେହିପରି ତାଙ୍କ ସହିତ ଆମେ ଆତ୍ମବତ୍ ବ୍ୟବହାର କରିଥାଉ, ଆତ୍ମବତ୍ ସମ୍ବନ୍ଧର କଳ୍ପନା କରିଥାଉ, ତେଣୁ ଆମେ ମାନିନେଇଥାଉଁ ଯେ ଏହି ଚାରିମାସ ଭଗବାନ ମଧ୍ୟ ବିଶ୍ରାମ କରନ୍ତି ଏବଂ ଚାରିମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ତାଙ୍କର ଜାଗରଣ ହୋଇଥାଏ। ତେଣୁ ଏହି ଦିନକୁ ପ୍ରବୋଧିନୀ ଅଥବା ଦେବୋତ୍ଥାନୀ ଏକାଦଶୀ କୁହାଯାଏ। ଆପଣମାନେ ଏହାକୁ ଦେବଉଠ୍‌ନୀ– ଦେବତାଙ୍କ ଉଠିବା ଦିନ ମଧ୍ୟ କହିଥାଆନ୍ତି। ଏହାର ଅର୍ଥହେଲା– ଆଜି ଦିନରେ ଦେବତା ଜାଗ୍ରତ ହୁଅନ୍ତି।

ଏହାମାତ୍ର ପୌରାଣିକ ମାନ୍ୟତା। କିନ୍ତୁ ବାସ୍ତବିକତା ହେଉଛି ଯେ ଆମର ଭାରତୀୟ ପରମ୍ପରାରେ ସାଧକଗଣ ଆଧ୍ୟାତ୍ମିକ ଉତ୍କର୍ଷ ହେତୁ ଚାତୁର୍ମାସ୍ୟ ବ୍ରତ ପାଳନ କରନ୍ତି। ବର୍ଷାଋତୁ ଚାରିମାସ ସାଧୁ-ସନ୍ଥ ମାନେ କୌଣସି ଏକ ସ୍ଥାନରେ ରହି ସାଧନା କରୁଥିଲେ, ସତ୍‌ସଙ୍ଗ କରୁଥିଲେ ଏବଂ ଏହିପରି ନିରନ୍ତର ସାଧନା ଏବଂ ସତ୍‌ସଙ୍ଗର ଫଳସ୍ୱରୂପ ତାଙ୍କ ଅନ୍ତରରେ ଭଗବତ୍ ଶକ୍ତିର ଜାଗରଣ ହେଉଥିଲା ଏବଂ ସେମାନେ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଉଥିଲେ।

ବନ୍ଧୁଗଣ ! ଯେତେବେଳ ପର୍ଯ୍ୟନ୍ତ ଶକ୍ତିର ଜାଗରଣ ହୋଇ ନ ଥାଏ, ମନୁଷ୍ୟ ଶକ୍ତିହୀନ ହୋଇଥାଏ। ଶକ୍ତିହୀନ ବ୍ୟକ୍ତି ସଂସାରରେ କେବେହେଲେ ସଫଳ ହୋଇନଥାଏ। ଆପଣ ସଂସାର ମାର୍ଗରେ ଚାଲିଲେ ମଧ୍ୟ ଶକ୍ତି ଆବଶ୍ୟକ ଏବଂ ସନ୍ନ୍ୟାସ ମାର୍ଗରେ ଚାଲିଲେ ମଧ୍ୟ ଶକ୍ତି ଆବଶ୍ୟକ। ବେଦାନ୍ତ କହେ, ଉପନିଷଦ୍ କହେ– **"ନାୟମାତ୍ମା ବଳହୀନନେ ଲଭ୍ୟୋ।"** ଦୁର୍ବଳ ବ୍ୟକ୍ତି କେବେହେଲେ ଆତ୍ମାକୁ ପ୍ରାପ୍ତ ହୋଇନଥାଏ। ଅଧ୍ୟାତ୍ମ ମାର୍ଗରେ ପ୍ରତି ସୋପାନରେ ବାଧା ଉପସ୍ଥିତ ହୁଏ ଏବଂ ସଂସାର ମାର୍ଗରେ ମଧ୍ୟ ପ୍ରତି ପାଦରେ ବାଧା ଆସେ। ସଂସାର ହେଉ ଅଥବା ସନ୍ନ୍ୟାସ, ଶ୍ରେୟମାର୍ଗ ହେଉ ଅଥବା ପ୍ରେୟମାର୍ଗ– ବାଧାବିଘ୍ନ ସର୍ବତ୍ର ରହିଛି। ସେହି ବାଧାକୁ ଅତିକ୍ରମ କରିବାପାଇଁ ମନୁଷ୍ୟ ଅନ୍ତରରେ ସାହସ ରହିବା ଦରକାର। ଯାହା ପାଖରେ ସାହସ ନାହିଁ, ଧୈର୍ଯ୍ୟ ନାହିଁ, ସେହି ମନୁଷ୍ୟ ଯେଉଁ ମାର୍ଗରେ ଗଲେ ମଧ୍ୟ ସଫଳ ହୋଇ ପାରେ

ନାହିଁ। ତେଣୁ ଆମର ଆଚାର୍ଯ୍ୟ ମାନେ, ଆମର ସନ୍ଥ ମାନେ କହିଯାଇଛନ୍ତି ଧୈର୍ଯ୍ୟପୂର୍ବକ, ସାହସ ପୂର୍ବକ ବ୍ୟକ୍ତି ଆଗକୁ ଅଗ୍ରସର ହେବା ଆବଶ୍ୟକ। ଏହି ସାହସ ଏବଂ ଧୈର୍ଯ୍ୟ ନିର୍ଭରକରେ ଆପଣଙ୍କ ମଧ୍ୟରେ ଥିବା ଆନ୍ତରିକ ଶକ୍ତି ଉପରେ।

ଆପଣମାନେ ଅନୁମାନ କରିଥିବେ, ଯେତେବେଳେ ଆପଣ ଶାରୀରିକ ରୂପରେ ଅସୁସ୍ଥ ହୋଇ ଯାଆନ୍ତି, ସେତେବେଳେ ଆପଣଙ୍କ ମନ ମଧ୍ୟ ଚଞ୍ଚଳ ହୋଇଯାଏ, ଅସ୍ଥିର ହୋଇଯାଏ, କେଉଁଠି ହେଲେ ଭଲ ଲାଗେ ନାହିଁ, କିଛି ମଧ୍ୟ ଭଲ ଲାଗେ ନାହିଁ। କିନ୍ତୁ ଆପଣଙ୍କ ଶରୀର ଯେତେବେଳେ ସୁସ୍ଥ ଥାଏ, ମନ ମଧ୍ୟ ପ୍ରସନ୍ନ ରହିଥାଏ, ସବୁ ଭଲ ଲାଗେ। ଶରୀର ସୁସ୍ଥ ଥିଲେ, ମନ ପ୍ରସନ୍ନ ଥିଲେ, ସମଗ୍ର ସଂସାର ମଧ୍ୟ ପ୍ରସନ୍ନ ଜଣାପଡ଼େ। ସଂସାରରେ ଆପଣ ଯାହାକୁ ଦେଖନ୍ତି, ପ୍ରସନ୍ନତାପୂର୍ବକ ଦେଖନ୍ତି। କିନ୍ତୁ ଯଦି ମନ ଠିକ୍ ନଥାଏ, ଶରୀର ସୁସ୍ଥ ନଥାଏ ସଂସାର ଠିକ୍ ଲାଗେ ନାହିଁ। ଯଥାର୍ଥରେ ସଂସାର ଠିକ୍ ଅଟେ। ଏହା ଯେଉଁଭଳି ପୂର୍ବରେ ଥିଲା ଠିକ୍ ସେହିଭଳି ଅଛି, ଆଉ ରହିବ ମଧ୍ୟ। କିନ୍ତୁ ସଂସାରକୁ ଦେଖିବା ବ୍ୟକ୍ତି ଯଦି ଦୁଃଖୀ ଥାଏ ସଂସାର ତାହାକୁ ଦୁଃଖପୂର୍ଣ୍ଣ ଦେଖାଯାଏ। ଦେଖିବା ବ୍ୟକ୍ତି ଯଦି ପ୍ରସନ୍ନ ଥାଏ ତେବେ ସଂସାର ମଧ୍ୟ ଆନନ୍ଦର ଗନ୍ତାଘର ମନେହୁଏ। ତେଣୁ ଶକ୍ତିର ଜାଗରଣ ହେବା ଉଚିତ, କାରଣ ତାହାହିଁ ଆନନ୍ଦର ସ୍ରୋତ। ଆଉ ସଂଯୋଗବଶତଃ ଶକ୍ତିର ସେହି ଜାଗରଣ ପର୍ବ ଆମେ ଆଜି, ଏହି ଦେବୋତ୍ଥାନୀ ଏକାଦଶୀ ଦିନକୁ ମାନିଥାଉ।

ଦେବୋତ୍ଥାନୀ ଏକାଦଶୀ ଏହି ନବନିର୍ମିତ 'ବୃନ୍ଦାବନ ରେସିଡେନ୍ସୀ'ରେ ଆଜି ଆପଣମାନଙ୍କ ଜୀବନରେ ସତ୍‌ସଙ୍ଗର ଦିବ୍ୟ ଅବସର ନେଇ ଆସିଛି। ଏହା ଏକ ଅପୂର୍ବ ସଂଯୋଗ। "ବିଶ୍ୱାତ୍ମ ଚେତନା ପରିଷଦ"ର ସଭ୍ୟ ଏଠାରେ ରାୟଗଡ଼ରେ ଅଛନ୍ତି, କିନ୍ତୁ ଏହାର କାର୍ଯ୍ୟାଳୟ ଏ ପର୍ଯ୍ୟନ୍ତ ନିର୍ମିତ ହୋଇନଥିଲା। ଏଥର ଏହି ପରିସରରେ "ବିଶ୍ୱାତ୍ମ ଚେତନା ପରିଷଦ"ର କାର୍ଯ୍ୟାଳୟ ନିର୍ମାଣ କରାଯାଇଛି ଏବଂ ଆମ୍ଭେମାନେ ସମସ୍ତେ ତାହାର ଉଦ୍‌ଘାଟନୀ

ଉତ୍ସବରେ ଆଜି ଉପସ୍ଥିତ ହୋଇଛୁ। ଏହି ସତ୍‌ସଙ୍ଗ ମଧ୍ୟ ସେହି ଉପଲକ୍ଷେ ଆୟୋଜିତ ହୋଇଛି। ବର୍ତ୍ତମାନ ରାୟଗଡ଼ ବାସୀଙ୍କୁ ଆସିବା ପାଇଁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ, କାହିଁକିନା ଏବେ ଏହା ସହରଠାରୁ କିଞ୍ଚିତ ଦୂରରେ ଅଛି, ଜନବସତି ଏତେ ଘଞ୍ଚ ହୋଇନାହିଁ କିନ୍ତୁ ଜନବସତି ହେବାର ସମ୍ଭାବନା ଅତ୍ୟଧିକ ଏବଂ ଯଥାଶୀଘ୍ର ଯିବା ଆସିବାର ସୁବିଧା ମଧ୍ୟ ହୋଇଯିବ। ଏହି କଲୋନୀ ପାଇଁ ଏହା ଏକ ଶୁଭ ସଂକେତ ଯେ ରାମଙ୍କ ନାମରେ, ସତ୍‌ସଙ୍ଗ ନାମରେ ଜନବସତି ହେବ। ଏହା ଏହି ମାଟିପାଇଁ ପୁଣ୍ୟକାରକ ଅଟେ।

ପ୍ରଥମତଃ ମୁଁ ଏହି ମାଟିକୁ ନମସ୍କାର କରୁଛି ଏବଂ ଏହି ସ୍ଥାନରେ ବସବାସ କରିବାକୁ ଥିବା ବ୍ୟକ୍ତିମାନଙ୍କୁ ଶୁଭେଚ୍ଛା ଜଣାଉଛି। ଏହା ସହିତ "ବିଶ୍ୱାତ୍ମ ଚେତନା ପରିଷଦ" ର ସମସ୍ତ ସଦସ୍ୟଙ୍କୁ ଆଶୀର୍ବାଦ ଏବଂ ଶୁଭକାମନା ଦେବା ସହିତ ପରିଷଦର ସମ୍ପାଦକ ଶ୍ରୀ ସୁନୀଲ କୁମାର ଅଗ୍ରୱାଲଙ୍କୁ ବିଶେଷ ରୂପରେ ଆଶୀର୍ବାଦ ପ୍ରଦାନ କରୁଛି ଯିଏକି ଅତି ଅଳ୍ପ ସମୟ (ମାତ୍ର ତିନିମାସ) ମଧ୍ୟରେ ଏହି କାର୍ଯ୍ୟାଳୟ ସହିତ ଆମର ଆବାସ ଯୋଗ୍ୟ ଗୃହ ନିର୍ମାଣ କରି ଉଦ୍‌ଘାଟନ ପାଇଁ ମୋତେ ନିମନ୍ତ୍ରଣ କରିଛନ୍ତି। ଭଗବାନ ତାଙ୍କର ତଥା ଆପଣମାନଙ୍କର ସମସ୍ତଙ୍କର କଲ୍ୟାଣ କରନ୍ତୁ। ଆଜିର ଦିନଟି ଆପଣ ସମସ୍ତଙ୍କର ପାଇଁ ପୁଣ୍ୟୋଦୟର ଦିନ ହେଉ। ଆପଣ ସମସ୍ତଙ୍କର ସତତ ମଙ୍ଗଳ ହେଉ- ଏହାହିଁ ପ୍ରଭୁଙ୍କ ଚରଣକମଳରେ ପ୍ରାର୍ଥନା।

ବନ୍ଧୁଗଣ ! ମୋର ଅନୁଭୂତି କହୁଛି ଆମେ ସମସ୍ତେ ଅଯଥାରେ ହିଁ ଏହି ସଂସାରରେ ଅଣ୍ଡାଳି ହେଉଛୁ ଏବଂ ଚିନ୍ତିତ ହେଉଛୁ। ଏଠାରେ ତାହା ହୁଏ, ଯାହା ଈଶ୍ୱରଙ୍କର ଇଚ୍ଛା। ଯେତେବେଳ ପର୍ଯ୍ୟନ୍ତ ଈଶ୍ୱରଙ୍କର ଇଚ୍ଛା ନ ହୋଇଛି, ଆମେ ଯେତେ ଚେଷ୍ଟା କଲେ ମଧ୍ୟ ସଫଳ ହୋଇ ପାରିବା ନାହିଁ। ମୁଁ ଏବେ କିଛି ପଢୁଥିଲି, ଜଣେ ସଜ୍ଜନବ୍ୟକ୍ତି ତାଙ୍କର ଅନୁଭୂତି ବର୍ଣ୍ଣନା କରୁଥିଲେ। ସେ ମଧ୍ୟ ଆପଣମାନଙ୍କ ଭଳି ଜଣେ ବ୍ୟକ୍ତି। ଏହା ଏକ ସତ୍ୟ ଘଟଣା।

ଜଣେ ଓକିଲ ଥିଲେ। ସେ ଈଶ୍ୱରଙ୍କର ଭକ୍ତ ଥିଲେ। ସେ

# ତୁମ ପ୍ରଭୁ ତୁମ ଅନ୍ତରେ

ଭଗବାନଙ୍କର ଚିନ୍ତନ ଓ ଧ୍ୟାନରେ ଏତେ ମଗ୍ନ ହୋଇଯାଉଥିଲେ ଯେ ସମୟ କେତେ ଅତିବାହିତ ହେଉଥିଲା ତାହା ତାଙ୍କୁ ଜଣା ପଡୁନଥିଲା । ଓକିଲ ବ୍ୟକ୍ତି । ବୃତ୍ତି ତ ତାଙ୍କର ଅଛି, ଦିନେ ଏପରି ଗଙ୍ଗାତଟରେ ବସିଛନ୍ତି । ଈଶ୍ୱର ଚିନ୍ତନ କରୁ କରୁ ଧ୍ୟାନସ୍ଥ ହୋଇପଡ଼ିଲେ, ସେଇଠି ଘାଟରେ । ସେ ଭୁଲିଗଲେ ଯେ ଆଜି ତାଙ୍କୁ ତାଙ୍କର ମହକିଲ ସପକ୍ଷରେ ଆର୍‌ଗୁମେଣ୍ଟ କରିବାକୁ ଅଛି । ଯେତେବେଳେ ଧ୍ୟାନ ଭଙ୍ଗ ହେଲା, ଦେଖିଲେ, ସନ୍ଧ୍ୟା ହୋଇଗଲାଣି । ତା'ପରେ ତାଙ୍କୁ ମନେ ପଡ଼ିଲା, ଆଜି ତାଙ୍କର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଆର୍‌ଗୁମେଣ୍ଟ ଥିଲା, କ'ଣ ହେଲା କେଜାଣି ! ସେ ବ୍ୟସ୍ତ ହୋଇପଡ଼ିଲେ, ଘରକୁ ଆସିଲେ । ପରିବାରର ଲୋକେ ମଧ୍ୟ କେଜାଣି କାହିଁକି କିଛି ଚିନ୍ତା କରିନାହାନ୍ତି ଯେ ସେ କେଉଁଠି ଅଛନ୍ତି, କିପରି ଅଛନ୍ତି ।

ବେଳେବେଳେ ଏପରି ସଂଯୋଗ ହୋଇଥାଏ । ବ୍ୟକ୍ତି ଜଣକ ଘରକୁ ଆସିଲେ । ଦେଖିଲେ ତାଙ୍କର ମହକିଲ ମିଷ୍ଟାନ୍ନ ଧରି ଘରେ ବସିଛନ୍ତି । ତାଙ୍କୁ ଦେଖି ଓକିଲ ଜଣକ ବ୍ୟସ୍ତ ହୋଇପଡ଼ିଲେ- କେଜାଣି ଆଜି କ'ଣ ହୋଇଥିବ ! କିନ୍ତୁ ଦେଖିଲେ, ମୋହକିଲଙ୍କ ମୁଖମଣ୍ଡଳରେ ହସ ଫୁଟି ଉଠୁଛି । ସେ ତାଙ୍କ ନିକଟକୁ ଯିବାରୁ ବ୍ୟକ୍ତି ଜଣକ ବହୁତ ଶୁଭେଚ୍ଛା ଜଣାଇଲେ ଏବଂ କହିଲେ- ଓକିଲ ଆଜ୍ଞା ! ଆଜି ତ ଆପଣ ଚମତ୍କାର କରିଦେଲେ । ଆଜି କୋର୍ଟରେ ଆପଣ ଏପରି ଯୁକ୍ତି ପ୍ରସ୍ତୁତ କଲେ ଯେ ଆମ୍ଭେମାନେ ଖୁସୀ ହୋଇଗଲୁ । ଆପଣ ଆମ ସପକ୍ଷରେ ଏପରି ସୁନ୍ଦର ଯୁକ୍ତି ଉପସ୍ଥାପନ କଲେ ଯେ ଆମର ବିଜୟ ସୁନିଶ୍ଚିତ ।

ଓକିଲ ଜଣକ ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ- ଆପଣ କ'ଣ କହୁଛନ୍ତି !

ସେ କହିଲେ- ହଁ ଆଜ୍ଞା ! ସେଥିପାଇଁ ତ ଆମେ ମିଠା ଧରି ଆସିଛୁ । ଏପରି କହି ସେ ଓକିଲଙ୍କୁ ଫୁଲମାଳ ପିନ୍ଧାଇ ମିଠା ଦେଲେ ଏବଂ ଚାଲିଗଲେ ।

ବର୍ତ୍ତମାନ ଓକିଲ ମହାଶୟ ବୁଝିପାରିଲେ ଯେ ଏହି ଚମତ୍କାର କିଏ କରିଛନ୍ତି। ସେ ଗଙ୍ଗାତଟରେ ଧ୍ୟାନରେ ବସିଥିଲେ, ସେ ଏହା ଭଲ ଭାବରେ ଜାଣନ୍ତି। ତା'ହେଲେ ସେ କିଏ, ଯିଏ ଓକିଲ ରୂପରେ ତାଙ୍କ ଅଦାଲତକୁ ଯାଇ ତାଙ୍କ ପକ୍ଷକୁ ଶକ୍ତିଶାଳୀ କରିଦେଲେ ? ଏପରି ଯୁକ୍ତି କଲେ ଯେ କେଶ୍ ସମ୍ପୂର୍ଣ୍ଣ ହୁଗୁଳିଗଲା। ବିଜୟ ସୁନିଶ୍ଚିତ ହେଲା। ବାସ, ସେତିକି। ଏହିଠାରୁ ତାଙ୍କର ମନ ପରିବର୍ତ୍ତନ ହୋଇଗଲା। ଭାବିଲେ, ଏହି ଅଳ୍ପ ସମୟ ଚିନ୍ତନ କଲେ ଯଦି ସେ ସ୍ୱୟଂ ଆସି ସବୁ ସମ୍ଭାଳି ନିଅନ୍ତି ତେବେ ସାରା ଜୀବନକୁ ତାଙ୍କ ଚରଣରେ ସମର୍ପିତ କାହିଁକି କରା ନ ଯିବ ! ତା'ପରେ ସେ ପ୍ରଭୁଚରଣରେ ସମର୍ପିତ ହୋଇଗଲେ। ଏହି କଥା ଭଗବାନ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ ଗୀତାରେ କହିଛନ୍ତି –

**ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ**
**ଯେ ଜନାଃ ପର୍ଯ୍ୟୁପାସତେ ।**
**ତେଷାଂ ନିତ୍ୟାଭିଯୁକ୍ତାନାଂ**
**ଯୋଗକ୍ଷେମଂ ବହାମ୍ୟହମ୍ ॥** (ଗୀତା– ୯/୨୨)

ହେ ଅର୍ଜୁନ ! ଯେଉଁମାନେ ଅନନ୍ୟ ଚିତ୍ତ ହୋଇ ମୋର ଚିନ୍ତନ ଏବଂ ଉପାସନା କରନ୍ତି, ମୁଁ ତାଙ୍କର ଯୋଗ ଏବଂ କ୍ଷେମ ସ୍ୱୟଂ ବହନ କରେ। ଏହାର ତାତ୍ପର୍ଯ୍ୟ, ଆମେ ନିଜକୁ ଅନନ୍ୟ ଭାବରେ ପ୍ରଭୁଚରଣରେ ସମର୍ପିତ କରିବା କଥା। କିନ୍ତୁ ଏହା ଏପରି ସହଜ ନୁହେଁ। ପୁରୁଷାର୍ଥର ଅହଂକାର ମଝିରେ ବାଧା ରୂପରେ ଦଣ୍ଡାୟମାନ ହୁଏ। ସେ କହେ "ମୁଁ କର୍ତ୍ତା ଅଟେ। ଦେଖ ମୁଁ ଏହା କରିଛି, ମୁଁ ତାହା କରିଛି, ଏପରି କରିଛି, ସେପରି କରିଛି। ମୁଁ ନ ଥିଲେ କିଛି ହୋଇ ନ ଥାଆନ୍ତା। ମୁଁ ଥିବାରୁ ଏସବୁ ହେଉଛି।" ଏହି ଭାବନା ହିଁ ଜୀବର ସବୁଠାରୁ ବଡ଼ ଦୁର୍ବଳତା। ଜୀବ ଏହି ସଂସାରରେ ନିଜର ପ୍ରାରବ୍ଧ ସହିତ ଜନ୍ମ ନେଇଛି। ତାକୁ ଧନୀ ଅଥବା ଗରିବ ହେବାର ଅଛି, କଳା ଅଥବା ଗୋରା ହେବାର ଅଛି, ସ୍ତ୍ରୀ ଅଥବା ପୁରୁଷ ହେବାର ଅଛି, ଜ୍ଞାନୀ ଅଥବା ମୂର୍ଖ ହେବାର

ଅଛି, ସଂସାରୀ ଅଥବା ସନ୍ନ୍ୟାସୀ ହେବାର ଅଛି– ଏହା ତା'ହାତର କଥା ନୁହେଁ। ଏହା ତ ତା'ର ପ୍ରାରବ୍ଧ ନିର୍ଦ୍ଧାରିତ କରେ। ତା'ହେଲେ କ'ଣ ଆମେ ହାତବାନ୍ଧି ବସି ରହିବା ? ନା, କେବେ ନୁହେଁ। ଏହା ମଧ୍ୟ ଠିକ୍ ନୁହେଁ।

ସଂସାରରେ ଏହି ପ୍ରାରବ୍ଧ ଏବଂ ପୁରୁଷାର୍ଥକୁ ନେଇ ବହୁ ଯୁକ୍ତି ତର୍କ ହୋଇଥାଏ। କେହି କେହି କହନ୍ତି ପୁରୁଷାର୍ଥ ପ୍ରଧାନ ଅଟେ। ଯଦି ପୁରୁଷାର୍ଥ କରିବ ନାହିଁ, କିଛି ହେବ ନାହିଁ। ପୁରୁଷାର୍ଥ ଅର୍ଥ– ପରିଶ୍ରମ କର। ଆଉ କେହି କହନ୍ତି କହନ୍ତି "ତୁମେ ଯେତେ ପୁରୁଷାର୍ଥ କର, ଯଦି ତୁମର ପ୍ରାରବ୍ଧରେ ନାହିଁ, ଭାଗ୍ୟରେ ନାହିଁ, ତେବେ ତୁମକୁ କିଛି ମିଳିବ ନାହିଁ।" ଏହି ଦୁଇ ପକ୍ଷରକୁ ନେଇ ଅନେକ ଯୁକ୍ତି ତର୍କ ଚାଲିଆସିଛି। ତେବେ ସତ୍ୟ କ'ଣ ? ମୋତେ ଏପରି ପ୍ରତୀତ ହୁଏ ଯେ ପୁରୁଷାର୍ଥ ମଧ୍ୟ ପ୍ରେରଣାର ଏକ ମାଧ୍ୟମ ଅଟେ ଏବଂ ପ୍ରାରବ୍ଧ ମଧ୍ୟ ପ୍ରେରଣାର ଏକ ମାଧ୍ୟମ ଅଟେ। ମନୁଷ୍ୟକୁ କର୍ମମୟ ସଂସାରରେ ଅଗ୍ରଗତି ପାଇଁ ଉଭୟେ ସୁଯୋଗ ପ୍ରଦାନ କରାଇଥାଆନ୍ତି। କିନ୍ତୁ ଯଥାର୍ଥରେ ପ୍ରେରଣାର ସ୍ରୋତ ଅନ୍ୟ ଜଣେ, ଯିଏକି ଅହର୍ନିଶ ଆମ୍ଭ ସମସ୍ତଙ୍କର ଅନ୍ତରରେ ବସି ଆମ୍ଭମାନଙ୍କୁ ପ୍ରେରିତ କରିଥାଆନ୍ତି। ଶ୍ରୀମଦ୍ ଭାଗବତରେ ଧ୍ରୁବ କହିଛନ୍ତି–

**ଯୋଽନ୍ତଃ ପ୍ରବିଷ୍ୟ ମମ ବାଚମିମାଂ ପ୍ରସୁପ୍ତାଂ**
**ସଂଜୀବୟତ୍ୟଖିଲଶକ୍ତିଧରଃ ସ୍ୱଧାମ୍ନା ।**
**ଅନ୍ୟାଂଶ୍ଚ ହସ୍ତଚରଣଶ୍ରବଣତ୍ୱଗାଦୀନ୍**
**ପ୍ରାଣାନ୍ନମୋ ଭଗବତେ ପୁରୁଷାୟ ତୁଭ୍ୟମ୍ ॥**

(ଭା. ୪/୯/୬)

ଭଗବାନ ! ମୋର ଅନ୍ତରରେ ରହି, ପ୍ରେରଣା ରୂପରେ ଯେ ମୋତେ କର୍ମ କରିବା ପାଇଁ ପ୍ରେରିତ କରେ– ସେ ଆଉ କେହି ନୁହେଁ, ସେ ସ୍ୱୟଂ ଆପଣ ଅଟନ୍ତି। ଏହାର ଅର୍ଥ– ଈଶ୍ୱର ଆମ୍ଭ ସମସ୍ତଙ୍କର ଅନ୍ତରରେ ବିରାଜିତ ହୋଇ ଯେଉଁ ପ୍ରକାର ପ୍ରେରଣା ଦିଅନ୍ତି, ଆମେ ସମସ୍ତେ ତାହାହିଁ କରିଥାଉଁ। ସେ ଯେଉଁ ଆଡ଼କୁ ନେଇ ଯାଆନ୍ତି, ଆମେ ବାଧ୍ୟ ହୋଇ ସେହି ଦିଗକୁ ଯାଇଥାଉ।

ଆମର ଆୟତ୍ତ ନାହିଁ।

**ଉମା ଦାରୁଯୋସିତ କି ନାଇଁ ।**
**ସବହିଁ ନଚାୱତ ରାମୁ ଗୋସାଇଁ ॥** (ମାନସ)

ଦେଖିବାକୁ ଗଲେ ଆମେ ସମସ୍ତେ କାଠ କଣ୍ଢେଇ ସହ ସମାନ। ଆମ ପରି କାଠ କଣ୍ଢେଇ ଗୁଡ଼ିକୁ ନଚାଉଥିବା ସୂତ୍ରଧର ଈଶ୍ୱର ଅଟନ୍ତି। ଈଶ୍ୱର ଆମ ଭିତରେ ଥାଇ ଏହି ମାୟାମୟ ସଂସାରରେ ଆମକୁ ଭ୍ରମିତ କରାଇଥାନ୍ତି।

**ଈଶ୍ୱରଃ ସର୍ବ ଭୂତାନାଂ ହୃଦ୍ଦେଶେର୍ଜ୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ॥**

(ଗୀତା- ୧୮/୬୧)

କେବେ ଆପଣମାନେ ମୀନାବଜାରରେ ଯନ୍ତ୍ରାରୂଢ଼ ପିଲା ମାନଙ୍କୁ ଘୂରିବୁଲୁଥିବା ଦେଖିଥିବେ। ଆପଣମାନେ ମଧ୍ୟ ପିଲାଦିନରେ କାଠଘୋଡ଼ା ଉପରେ ଚଢ଼ି ବୁଲିଥିବେ। ଆପଣ ଯେତେବେଳେ ବୁଲୁଥିଲେ ଆପଣଙ୍କୁ ଲାଗୁଥିଲା ଯେମିତି ସଂସାର ମଧ୍ୟ ବୁଲୁଛି। ଆପଣ ଯେତେବେଳେ ସ୍ଥିର ହୋଇଯାଆନ୍ତି, ଲାଗୁଥିଲା ସଂସାର ମଧ୍ୟ ସ୍ଥିର ଯାଇଛି। ଟ୍ରେନ୍‌ରେ ଗଲାବେଳେ ଲାଗେ ଯେପରି ଗଛଲତା ଦୌଡ଼ୁଛନ୍ତି। ନୌକାରେ ବସି ଯାଉଥିଲେ ଲାଗେ କୂଳର ବୃକ୍ଷରାଜି ଚାଲୁଛନ୍ତି। ଏପରି ଲାଗେ କି ନାହିଁ? ଏହାହିଁ ତ ଭ୍ରମ ଅଟେ। ଯଥାର୍ଥରେ ଈଶ୍ୱର ଆମ ସମସ୍ତଙ୍କୁ ପ୍ରେରିତ କରନ୍ତି। ଏଠାରେ ତାଙ୍କରି ଇଚ୍ଛା ହିଁ ପୂର୍ଣ୍ଣ ହୋଇଥାଏ।

ଏହି ଜୀବର ଦୁଇଟି ପକ୍ଷ ଅଛି। ପ୍ରାରବ୍ଧ ଗୋଟିଏ ପକ୍ଷ ଓ ପୁରୁଷାର୍ଥ ହେଉଛି ଆଉ ଏକ ପକ୍ଷ। ତେଣୁ ଜୀବପାଇଁ ପ୍ରାରବ୍ଧ ମଧ୍ୟ ଦରକାର ଏବଂ ପୁରୁଷାର୍ଥ ମଧ୍ୟ ଦରକାର। ପ୍ରାରବ୍ଧ ମଧ୍ୟ ସତ୍ୟ ଏବଂ ପୁରୁଷାର୍ଥ ମଧ୍ୟ ସତ୍ୟ। ପ୍ରାରବ୍ଧ ଏକ ପ୍ରକାର ଫିକ୍ସଡ୍ ଡିପୋଜିଟ୍ (ଦୀର୍ଘକାଳୀନ ଜମା) ଭଳି ଅଟେ ଯାହା ଆପଣଙ୍କୁ ଭବିଷ୍ୟରେ ମିଳିଥାଏ ଏବଂ ସେହି ଅର୍ଥ ଅନୁସାରେ ଆପଣ ନିଜର ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିଥାନ୍ତି।

ଆଉ ଏକ ପ୍ରକାର ବୁଝନ୍ତୁ- ଆପଣ ଯଦି ଗାଡ଼ି ଚଳାଉଛନ୍ତି ତେବେ

ବ୍ୟାଟେରୀ ସିଷ୍ଟମ୍‌କୁ ଜାଣିଥିବେ । ଗାଡ଼ିରେ ଗୋଟିଏ ବ୍ୟାଟେରୀ ଥାଏ । ବ୍ୟାଟେରୀ ସହିତ ଇଞ୍ଜିନ୍‌କୁ ସଂଯୋଗ କରାଯାଇଥାଏ । ଇଞ୍ଜିନ୍ ଷ୍ଟାର୍ଟ୍ ହେଲେ ଡାଇନାମୋ ମଧ୍ୟ କାମ କରିବା ଆରମ୍ଭ କରିଦିଏ । ଯଦି ବ୍ୟାଟେରୀ ସହିତ ଇଞ୍ଜିନ୍‌ର ସଂଯୋଗ ନ ଥାନ୍ତା, ଯଦି ବ୍ୟାଟେରୀରୁ ଇଞ୍ଜିନ୍ ପର୍ଯ୍ୟନ୍ତ ବିଜୁଳୀ ପ୍ରବାହ ନ ଥାନ୍ତା, ତେବେ ଗାଡ଼ି ଷ୍ଟାର୍ଟ୍ ହେବ କି ? ନୁହେଁ ନା ? ଏହାର ଅର୍ଥ ଚାର୍ଜିତ ବ୍ୟାଟେରୀରେ ଯେଉଁ ଶକ୍ତି ଗଚ୍ଛିତ ଅଛି, ସେହି ଶକ୍ତି ଇଞ୍ଜିନ୍‌କୁ ଷ୍ଟାର୍ଟ୍ ହେବାପାଇଁ ସାମର୍ଥ୍ୟ ପ୍ରଦାନ କରୁଛି । ଆପଣ ଯଦି ଗାଡ଼ିକୁ ଷ୍ଟାର୍ଟ୍ କରି କେବଳ ଠିଆ କରି ରଖିବେ, ତା'ହେଲେ କିଛି ଲାଭ ହେବ କି ? ଏବେ ତାହାକୁ ଚଳାଇବା, ନ ଚଳାଇବା ଆପଣଙ୍କ କାମ ଅଟେ । ଯେତେବେଳେ ଗାଡ଼ିକୁ ଚଳାଇବେ ତାହା ଚାଲିବ, ବିଜୁଳୀ ମଧ୍ୟ ତିଆରି ହେବ ଓ ଖର୍ଚ୍ଚ ହୋଇଚାଲିବ ଏବଂ ଯେତେବେଳେ ଗାଡ଼ିକୁ ବନ୍ଦ କରିଦେବେ ସେତେବେଳେ ମଧ୍ୟ କିଛି ବିଜୁଳୀ ବ୍ୟାଟେରୀରେ ଗଚ୍ଛିତ ହୋଇ ରହିଯିବ– ଯାହା ଆପଣଙ୍କୁ ପରବର୍ତ୍ତୀ ସମୟରେ ଗାଡ଼ି ଷ୍ଟାର୍ଟ୍ କରିବାକୁ, ସାହାଯ୍ୟ କରିବ ।

ସେହିପରି ପ୍ରାରବ୍ଧ ହେଉଛି ଆପଣଙ୍କର ପୂର୍ବଜନ୍ମର ଗଚ୍ଛିତ ଶକ୍ତି । ତାହା ଏହି ଜନ୍ମରେ ଆପଣଙ୍କ ପୁରୁଷାର୍ଥକୁ ଚଳେଇବା ପାଇଁ ରହିଛି । ଶକ୍ତି ସେହି ସ୍ଥାନରୁ ଆସେ । ବର୍ତ୍ତମାନ ଗାଡ଼ି ତ ଷ୍ଟାର୍ଟ୍ ହେଲା, କର୍ମ ତ ଆପଣଙ୍କୁ କରିବାକୁ ପଡ଼ିବ । ବର୍ତ୍ତମାନ ଆପଣ କି ପ୍ରକାର କର୍ମ କରିବେ, ତାହା ଆପଣଙ୍କ ଉପରେ ନିର୍ଭର କରେ । ଗାଡ଼ିକୁ ଆପଣ କେଉଁ ଦିଗକୁ ଚଳାଇନେବେ ତାହା ଆପଣଙ୍କ ଉପରେ ନିର୍ଭର କରେ । ଯଦି ଆପଣ ଗାଡ଼ିକୁ ଠିକ୍ ରାସ୍ତାରେ ଚଳେଇବେ, ସେ ଠିକ୍ ସ୍ଥାନକୁ ନେଇଯିବ । ଲକ୍ଷ୍ୟ ଯଦି ସ୍ଥିର ଅଛି, ଆପଣ ଠିକ୍ ଭାବରେ ପହଞ୍ଚି ପାରିବେ । ଏଥିପାଇଁ ଚେତନା ମଧ୍ୟ ଠିକ୍ ଥିବା ଦରକାର । ଚେତନା ଯଦି ଠିକ୍ ନାହିଁ, ଲକ୍ଷ୍ୟ ବିଷୟରେ ଜ୍ଞାନ ନାହିଁ, ତେବେ ଆପଣ ଠିକ୍ ରାସ୍ତାରେ ଗାଡ଼ିକୁ ନେଇପାରିବେ ନାହିଁ । ଆଉ ଗାଡ଼ି ଉପରେ ଯଦି ଆପଣଙ୍କର ନିୟନ୍ତ୍ରଣ ନାହିଁ, ତେବେ ନିଶ୍ଚିତ ଭାବରେ ଏକ୍‌ସିଡେଣ୍ଟ୍ ହେବ ଏବଂ ଆପଣ୍ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ନାହିଁ । ଗାଡ଼ି ମଧ୍ୟ ଭାଙ୍ଗିବ ଏବଂ ଆପଣଙ୍କର ମଧ୍ୟ କ୍ଷତି

ହୋଇପାରେ, ମୃତ୍ୟୁ ହୋଇପାରେ, କିଛି ବି ହୋଇପାରେ ।

ଆମେ ଆମର ପୂର୍ବଜନ୍ମରେ ଯେଉଁ କର୍ମ କରିଥିଲେ, ସେହି କର୍ମର କିଛି ଅଂଶ ବାକି ରହିଯାଇଥିଲା ଯାହାର ଭୋଗ ଆମେ କରିପାରି ନଥିଲେ ଏବଂ ଆମେ ଶରୀର ତ୍ୟାଗ କରିଦେଇଥିଲେ, ସେହି ଅଭୁକ୍ତ କର୍ମଫଳ ଏହି ଜନ୍ମରେ ଆମ ପାଇଁ ପ୍ରାରବ୍ଧ ହେଲା, ଆମର ଭାଗ୍ୟ ହେଲା । ସେ ହିଁ ଆମକୁ ପୁରୁଷ ଅଥବା ନାରୀ କରିଛି, ଶ୍ରେଷ୍ଠ ଅଥବା ନିକୃଷ୍ଟ କୁଳରେ ଜନ୍ମ ଦେଇଛି, ଧନୀ ଅଥବା ନିର୍ଦ୍ଧନ କରିଛି । ଯାହା ବି କରିଛି, କରିଦେଇ ଜନ୍ମ ଦେଇଛି । ଏହା ସହିତ ଆମକୁ ଆଗକୁ ସଂଶୋଧନ ପାଇଁ ସ୍ଥାନ, ସମୟ ଓ ସୁଯୋଗ ମଧ୍ୟ ଦେଇଛି । ଏହାର ସଦୁପଯୋଗ କରି ଆମେ ଯଦି ଏଠାରେ ଉଚିତ ପୁରୁଷାର୍ଥ କରିବା, ଲକ୍ଷ୍ୟ ସ୍ଥିର ରଖିବା, ମନ ବୁଦ୍ଧିକୁ ସଚେତନ ରଖିବା, ତେବେ ଆମେ ଗରିବ ହୋଇଥିଲେ ଧନୀ ହୋଇପାରିବା, ଅଳ୍ପାୟୁ ହୋଇଥିଲେ ଦୀର୍ଘାୟୁ ହୋଇପାରିବା, ଦୁର୍ଜ୍ଜନ ହୋଇଥିଲେ ସଜ୍ଜନ ହୋଇପାରିବା । ଆମର ପୁରାଣଶାସ୍ତ୍ର ମାନଙ୍କରେ ଏହିଭଳି ସମ୍ଭାବନା ଗୁଡ଼ିକର ଦୃଷ୍ଟାନ୍ତ ଭରପୂର ହୋଇରହିଛି ।

ହିରଣ୍ୟକଶିପୁ ଭଳି ରାକ୍ଷସର ପୁତ୍ର ଭକ୍ତରାଜ ପ୍ରହଲ୍ଲାଦ ହେଲା । କ'ଣ ଥିଲା ତା'ର ପ୍ରାରବ୍ଧ ? ଯେତେବେଳେ ସେ ମାତାର ଗର୍ଭରେ ଥିଲା, ତାହାର ମାତା କୟାଧୁ ନାରଦଙ୍କର ଆଶ୍ରମରେ ଥିଲେ । ନାରଦ ପ୍ରତିଦିନ ତାଙ୍କୁ ଭଗବାନଙ୍କ ବୃତ୍ତାନ୍ତ ଶୁଣାଉଥିଲେ । ଭଗବାନଙ୍କର ତତ୍ତ୍ୱ, ରହସ୍ୟ ଓ ଲୀଳା ଗୁଡ଼ିକର ଜ୍ଞାନ ଦେଉଥିଲେ । ସେହି ବୃତ୍ତାନ୍ତ ସବୁ ଭ୍ରୁଣ ଅବସ୍ଥାରେ ଥାଇ ମାତା ଗର୍ଭରେ ପ୍ରହଲ୍ଲାଦ ଶ୍ରବଣ କରୁଥିଲା । ସେଥିରେ ତାହାର ପୂର୍ବକର୍ମ ମଧ୍ୟ ସମ୍ପୃକ୍ତ ହେଲା । ସେହି ସତ୍‌ସଙ୍ଗ ତାହାର ପ୍ରାରବ୍ଧ ହେଲା । ଏବଂ ପୁରୁଷାର୍ଥ ? ହିରଣ୍ୟକଶିପୁ ଭଳି ରାକ୍ଷସ ବଂଶରେ ଜନ୍ମଲାଭ କରି ମଧ୍ୟ, ନିଜର ମିତ୍ର ଅସୁର ବାଳକଗଣଙ୍କ ସହିତ ରହି ମଧ୍ୟ ସେ ଭକ୍ତଭଳି ଆଚରଣ କରୁଥିଲା । ଦୁର୍ଜ୍ଜନମାନଙ୍କ ସଙ୍ଗରେ ରହି ମଧ୍ୟ ଯଦି କେହି ନିଜର ସଜ୍ଜନତା ଓ ସଦ୍‌ଗୁଣକୁ ତ୍ୟାଗ କରେ ନାହିଁ ତେବେ ସେ ହିଁ ପ୍ରକୃତରେ ମହାନ ଅଟେ । ଜୀବନରେ ଏପରି ହେବା– ଯଥାର୍ଥରେ ଏକ

ବହୁତ ବଡ଼ ଉପଲବ୍ଧି ଅଟେ।

ରାବଣ ଏତେ ଅତ୍ୟାଚାରୀ ରାକ୍ଷସ, କିନ୍ତୁ ତାହାର ଭାଇ ବିଭୀଷଣ ଭକ୍ତରାଜ ହୋଇଗଲା। ରାକ୍ଷସ ମାନଙ୍କର ସାଙ୍ଗରେ ରହି ଭକ୍ତ ହେବା ସାଧାରଣ କଥା ନୁହେଁ। ଲଙ୍କାରେ ହନୁମାନଜୀ ବିଭୀଷଣଙ୍କୁ ପଚାରିଲେ– ଆପଣ ଏଠାରେ କିପରି ରହୁଛନ୍ତି ?

ବିଭୀଷଣ କହିଲେ– ହେ ହନୁମାନ ! **"ଜିମି ଦଶାନନ ମହଁ ଜିଭ ବିଚାରୀ"**– ମୁଁ ଏଠାରେ ଏପରି ଭାବରେ ଅଛି, ଯେପରି ଦାନ୍ତମାନଙ୍କ ମଧ୍ୟରେ ଜିଭ ଥାଏ।"

ବିଭୀଷଣ କିପରି ରହୁଥିଲେ ? ଭଗବାନଙ୍କ ଭରସାରେ। ଦୁର୍ଜନମାନଙ୍କ ଭିତରେ ରହି ମଧ୍ୟ ଯଦି ଆପଣ ଟିକିଏ ସତର୍କ ରହିବେ, ଭରସା ଭଗବାନଙ୍କ ଉପରେ ରହିବ ଏବଂ ନିଜ ଉପରେ ମଧ୍ୟ ରହିବ, ତେବେ ସମସ୍ୟା ହେବ ନାହିଁ। ଭରସା ଉଭୟ ଉପରେ ଥିବା ଆବଶ୍ୟକ– ସ୍ୱୟଂ ଉପରେ ମଧ୍ୟ ଓ ଭଗବାନଙ୍କ ଉପରେ ମଧ୍ୟ। ନିଜର ଆତ୍ମବିଶ୍ୱାସ ମଧ୍ୟ ଥିବ ଏବଂ ଭଗବାନଙ୍କ ଉପରେ ମଧ୍ୟ ବିଶ୍ୱାସ ଥିବ। ଆପଣଙ୍କ ଭିତରେ ଯଦି ଭଗବତ୍ ବିଶ୍ୱାସ ଅଛି, ଦେବତାମାନଙ୍କ ଉପରେ ବିଶ୍ୱାସ ଅଛି, ସଦ୍‌ଗୁରୁଙ୍କ ଉପରେ ବିଶ୍ୱାସ ଅଛି, ତେବେ ଆପଣ ଯେ କୌଣସି ସ୍ଥାନରେ ମଧ୍ୟ ସୁରକ୍ଷିତ ରହିପାରିବେ। ତା' ସହିତ ଯଦି ଆପଣଙ୍କର ଆତ୍ମବିଶ୍ୱାସ ଅଛି, ନିଜ ସିଦ୍ଧାନ୍ତ ଉପରେ ବିଶ୍ୱାସ ଅଛି, ନିଜର ସାମର୍ଥ୍ୟ ଉପରେ ବିଶ୍ୱାସ ଅଛି, ନିଜର ସଂସ୍କାର ଉପରେ ବିଶ୍ୱାସ ଅଛି, ନିଜର ସାଧନା ଉପରେ ବିଶ୍ୱାସ ଅଛି, ତେବେ ଆପଣଙ୍କର କିଛି ହେଲେ କ୍ଷତି ହେବ ନାହିଁ।

ହନୁମାନଜୀ ବିଭୀଷଣଙ୍କ କଥା ଶୁଣି ହସି ପକାଇଲେ। ବିଭୀଷଣ ବଡ଼ ଦୁଃଖରେ ଲଙ୍କାରେ ନିଜର ସ୍ଥିତି ବର୍ଣ୍ଣନା କରୁଛନ୍ତି, ଯେପରି ଦାନ୍ତ ମଧ୍ୟରେ ଜିଭ ରହେ, ସେହିଭଳି ଭାବରେ ମୁଁ ଏଠାରେ ରହୁଛି। କିନ୍ତୁ ଏହା ଶୁଣି ହନୁମାନଜୀ ହସିଲେ।

ବିଭୀଷଣ କହିଲେ- ମହାଶୟ ! ମୁଁ ଏପରି ଅସୁବିଧାରେ ଅଛି ଏବଂ ଆପଣ ହସୁଛନ୍ତି ?

ହନୁମାନଜୀ କହିଲେ- ମୁଁ ହସିବି ନାହିଁ ତ କ'ଣ କରିବି ? ଆପଣଙ୍କ ଠାରୁ ସୁଖୀ ତ ସଂସାରରେ ଆଉ କେହି ନାହାନ୍ତି ।

ବିଭୀଷଣ କହିଲେ- କିପରି ?

ହନୁମାନଜୀ ପଚାରିଲେ- ପ୍ରଥମେ ଆପଣ କୁହନ୍ତୁ, ଆପଣ କାହିଁକି ଦୁଃଖିତ ଅଟନ୍ତି ?

ବିଭୀଷଣ କହିଲେ- ମହାଶୟ ! ଦାନ୍ତ ବତିଶଟି ଥାଏ ଏବଂ ଜିଭ ମାତ୍ର ଗୋଟିଏ । ଦାନ୍ତ ଅନେକ ଓ ଜିଭ ଏକ । ଏହି ଦାନ୍ତ ସବୁ ଜିଭକୁ ବେଢ଼ି ରହିଥାନ୍ତି । ଜିଭ ଟିକିଏ ଏପାଖ ସେପାଖ ହେଲେ ଦାନ୍ତ ତାହାକୁ ଚୋବାଇ ଦିଅନ୍ତି, ଛିଣ୍ଡାଇ ପକାନ୍ତି, ରକ୍ତାକ୍ତ କରିଦିଅନ୍ତି । ବିଚରା ଜିଭ ଆହତ ହୁଏ । ଏହି ବତିଶର କବଳରୁ ବାହାରିବା ଜିଭ ପାଇଁ ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ ।

ଏହାଶୁଣି ହନୁମାନଜୀ ଖିଲିଖିଲି ହସ ହସିଲେ, ତେଣୁ ବିଭୀଷଣ ପଚାରିଲେ- ହନୁମାନଜୀ ଆପଣ ହସିଲେ କାହିଁକି ?

ହନୁମାନ ବୁଝାଇଲେ- ହେ ବିଭୀଷଣ ! ଆପଣଙ୍କ ଠାରୁ ଅଧିକ ସୁଖୀ ଓ ସୁରକ୍ଷିତ ଆଉ କେହି ନାହାନ୍ତି ।

ବିଭୀଷଣ କହିଲେ- କିପରି ?

ହନୁମାନ ଜୀ ବୁଝାଇଲେ- ଦେଖନ୍ତୁ ! ଜିଭ ଉପରେ କେବେ ଆକ୍ରମଣ ହୋଇଥାଏ କି ? ଆପଣ ଜୋର୍‌ରେ କାହା ମୁହଁରେ ମୁଷ୍ଟି ମାରିଲେ ଭାଙ୍ଗେ କ'ଣ ? ଦାନ୍ତ ! ଯେତେବେଳେ ମାଡ଼ ପଡ଼େ ବିଚରା ଦାନ୍ତ ଉପରେ ପଡ଼େ ଏବଂ ତାହା ଭାଙ୍ଗିଯାଏ । କିନ୍ତୁ ଜିଭ କେବେ ଭାଙ୍ଗେ ନାହିଁ, ସୁରକ୍ଷିତ ରହେ । ମୁଷ୍ଟି ପ୍ରହାର ଯେତେବେଳେ ପଡ଼େ, ଦାନ୍ତ ଉପରେ ପଡ଼େ । କହିଥାନ୍ତି ନା ଏପରି ମାରିବି ଯେ, ତୋର ଦାନ୍ତ ଭାଙ୍ଗି ଦେବି ? କିଏ କେବେ କୁହେ କି ତୋର ଜିଭ ଭାଙ୍ଗିଦେବି ? ପ୍ରଥମତଃ- ଆକ୍ରମଣ ସର୍ବଦା ଦାନ୍ତ ଉପରେ ହୁଏ ।

ଜିଭ ସୁରକ୍ଷିତ ରହେ। ଏହି ପରି ଭାବରେ ହେ ବିଭୀଷଣ! ଆପଣ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି। କେବେହେଲେ ଆପଣଙ୍କ ଉପରେ ଆକ୍ରମଣ ହେବ ନାହିଁ।

ଦ୍ୱିତୀୟତଃ– ଆପଣ ସାରଗ୍ରାହୀ ଅଟନ୍ତି।

ବିଭୀଷଣ ପଚାରିଲେ– କିପରି ?

ହନୁମାନଜୀ ବୁଝାଇଲେ– ଦେଖନ୍ତୁ! ପରିଶ୍ରମ ତ ଆଉ କେହି କରେ କିନ୍ତୁ ଲାଭ ଆପଣ ପାଆନ୍ତି। ଯେପରିକି, ବିଚରା ଦାନ୍ତ ସବୁ ଚୋବାଇବାର ପରିଶ୍ରମ କରନ୍ତି, କିନ୍ତୁ ରସ କାହାକୁ ମିଳେ ? ଜିଭକୁ। ସେହିପରି ଏଠାରେ ପରିଶ୍ରମ ତ ରାକ୍ଷସମାନେ କରୁଛନ୍ତି କିନ୍ତୁ ପ୍ରଭୁ ଶ୍ରୀରାମ ଆପଣଙ୍କୁ ରସ ଦେବେ। ଲାଭ ଆପଣଙ୍କୁ ମିଳିବାର ଅଛି। ଏହା ସଂକେତ ଅଟେ। ଦାନ୍ତ ଗୁଡ଼ିକ ପରିଶ୍ରମ କରନ୍ତି ଏବଂ ଜିଭ ରସାସ୍ୱାଦନ କରେ। ସେହିପରି ପରିଶ୍ରମ ସମସ୍ତ ଅସୁରମାନେ କରୁଛନ୍ତି ଏବଂ ଫଳ ଆପଣଙ୍କୁ ମିଳିବାକୁ ଅଛି।

ତୃତୀୟତଃ– ବିଭୀଷଣଜୀ ! ଆପଣ ମୋତେ କୁହନ୍ତୁ, ଜିଭ ପ୍ରଥମେ ନା ଦାନ୍ତ ? ଯେତେବେଳେ ଆପଣ, ମୁଁ ଜନ୍ମନେଲେ ଆମ ସାଙ୍ଗରେ କିଏ ଥିଲା ? ଜିଭ ଥିଲା। ଦାନ୍ତ ପରେ ଆସିଲା। ଥରେ ଆସିଲା, ଭାଙ୍ଗିଗଲା, ପୁନର୍ବାର ଆସିଲା। ଦାନ୍ତ ବାରମ୍ବାର ଚେଷ୍ଟା କରେ ସ୍ଥାୟୀ ହେବା ପାଇଁ, କିନ୍ତୁ ବିଚରା ସ୍ଥାୟୀ ହୋଇପାରେ ନାହିଁ। ଆସିଥାଏ ପରେ, ଯାଇଥାଏ ପ୍ରଥମେ। ବାରମ୍ବାର ଯାଏ, ଗୋଟିଏ ଗୋଟିଏ କରି ଯାଏ। ଏକାଥରକେ ଯାଏ ନାହିଁ। ମାତ୍ର ଜିଭ ସାଙ୍ଗରେ ଆସେ, ସାଙ୍ଗରେ ଯାଏ। ଜୀବନସାରା ସାଙ୍ଗରେ ଥାଏ। ତେଣୁ ହେ ବିଭୀଷଣ ! ଆପଣ ତ ପ୍ରକୃତରେ ମହାନ ଅଟନ୍ତି।

ଚତୁର୍ଥତଃ– ବାଣୀ କୁହେ, ତେବେ ସୁଦ୍ଧା ମାଡ଼ ଦାନ୍ତ ଉପରେ ପଡ଼େ। ଆରେ ଭାଇ ! ମୁହଁ ଦ୍ୱାରା ଏପଟ ସେପଟ କିଛି କଥା ବାହାରିଲା, ଜିଭ ନ ଥିଲେ କେହି କିଛି କହି ପାରନ୍ତେ କି ? ଦୋଷ ବାଣୀ କରେ, ମାଡ଼ ପଡ଼େ ଦାନ୍ତ ଉପରେ। ତେଣୁ ଆପଣ ତ ବହୁତ ଭଲରେ ଅଛନ୍ତି। ଆନନ୍ଦରେ ରହୁଛନ୍ତି। ତେଣୁ ମୋତେ ଆପଣଙ୍କ କଥା ଶୁଣି ହସ ମାଡ଼ିଲା।

ପଞ୍ଚମତଃ– ଜିଭ ରସ ଗ୍ରହଣ କରେ ଏବଂ 'ରସ' ପ୍ରିୟ ହୋଇଥାଏ। ମଧୁର, ଅମ୍ଳ, ଲବଣ, କଟୁ, କଷାୟ ଓ ତିକ୍ତ– ଛଅ ରସ ଯାହାକୁ ଷଡ଼ରସ କୁହାଯାଏ– ଏହି ଷଡ଼ରସର କିଛି ମୂଲ୍ୟ ରହନ୍ତା ନାହିଁ ଯଦି ଜିଭ ନ ଥାଆନ୍ତା। ସେହିପରି ଭଗବାନ ରସ ସ୍ୱରୂପ ଅଟନ୍ତି। ଭକ୍ତ ନ ଥିଲେ ଭଗବାନଙ୍କର ମହତ୍ତ୍ୱ ନଥାନ୍ତା। ଆପଣ ପ୍ରଭୁ ଶ୍ରୀରାମଙ୍କର ପରମ ଭକ୍ତ ଅଟନ୍ତି। ତେଣୁ ଆପଣ ସବୁ ଦୃଷ୍ଟିରୁ ଶ୍ରେଷ୍ଠ ଅଟନ୍ତି। ବିଭୀଷଣ ହନୁମାନଙ୍କର ଚତୁରତାପୂର୍ଣ୍ଣ ବାଣୀ ଶୁଣି ପ୍ରସନ୍ନ ହୋଇଗଲେ।

ବନ୍ଧୁଗଣ! **"ଶୁଚିନାଂ ଶ୍ରୀମତାଂ ଗେହେ ଯୋଗ ଭ୍ରଷ୍ଟୋଽଭିଜାୟତେ"**– ପବିତ୍ର ଏବଂ ଶ୍ରୀମନ୍ତମାନଙ୍କ ଘରେ ଭକ୍ତମାନଙ୍କର ଜନ୍ମ ହୋଇଥାଏ। ଯଦି ପୂର୍ବଜନ୍ମରେ ଆପଣ ସତ୍‌ସଙ୍ଗ କରିଥାଆନ୍ତି, ଆପଣଙ୍କ ସତ୍‌ସଙ୍ଗର ଫଳ କିଛି ଯଦି ଡିପୋଜିଟ୍ ହୋଇଥାଏ, ପରଜନ୍ମରେ ତାହା ଆପଣଙ୍କୁ ପୁନଃ ସତ୍‌ସଙ୍ଗର ସୁଯୋଗ ଦେଇଥାଏ, ସାଧନାର ସୁଯୋଗ ଦେଇଥାଏ, ଆପଣଙ୍କ ସମ୍ମୁଖରେ ମୁକ୍ତିର ମାର୍ଗ ପ୍ରଶସ୍ତ କରିଥାଏ। ବର୍ତ୍ତମାନ ମୁକ୍ତିର ମାର୍ଗ ପ୍ରଶସ୍ତ ଅଛି କିନ୍ତୁ ଯଦି ଆପଣ ପୁରୁଷାର୍ଥ କରିବେ ନାହିଁ, ଭାବିବେ– ଆଜି ନ ହେଲା ନାହିଁ, କାଲି ସାଧନା କରିବି, ପଅରଦିନ କରିବି, ଏତେ ଶୀଘ୍ର କ'ଣ ଅଛି– ତେବେ ତାହା ଠିକ୍ ନୁହେଁ।

ଆଚାର୍ଯ୍ୟ ଶଙ୍କର କହିଛନ୍ତି–**"କ୍ଷଣମିହ ସଜ୍ଜନସଙ୍ଗତି ରେକା, ଭବତି ଭବାର୍ଣ୍ଣବ ତରଣେ ନୌକା"**– ଏହି ସଂସାରରେ ଯଦି ଏକ ମୁହୂର୍ତ୍ତ ମଧ୍ୟ ସତ୍‌ସଙ୍ଗ ଉପଲବ୍ଧ ହୁଏ, ସତ୍‌ସଙ୍ଗର ଲାଭ ମିଳିଥାଏ, ତେବେ ବ୍ୟକ୍ତି ମୁକ୍ତ ହୋଇଯାଏ। ସତ୍‌ସଙ୍ଗରେ ଆସିବା ଯୋଗୁଁ ଆପଣଙ୍କର ଜ୍ଞାନ ହୁଏ ଯେ ଯଥାର୍ଥରେ ପ୍ରାରବ୍ଧ ଏବଂ ପୁରୁଷାର୍ଥର ଜୀବନରେ କ'ଣ ମହତ୍ତ୍ୱ ଅଛି। ସତ୍‌ସଙ୍ଗ ବ୍ୟକ୍ତିକୁ ପ୍ରେରଣା ପ୍ରଦାନ କରେ। ସତ୍‌କର୍ମ ଦିଗକୁ ପ୍ରେରିତ କରେ। ସତ୍‌ସଙ୍ଗ ମାଧ୍ୟମରେ ଜୀବନରେ ପ୍ରେରଣାର ଅଙ୍କୁରୋଦ୍ଗମ ହୁଏ ଏବଂ ଯଦି ଥରୁଟିଏ ହେଲେ ମଧ୍ୟ ଆମକୁ ପ୍ରେରଣା ମିଳିଗଲା, ଆମେ ସତ୍‌ମାର୍ଗରେ ଅଗ୍ରସର ହେଲେ, ତେବେ

ଜୀବନରେ ମଧ୍ୟ ଅଗ୍ରସର ହେବାପାଇଁ ଆମକୁ କେହି ଅଟକାଇ ପାରିବେ ନାହିଁ।

ଭଗବାନଙ୍କ ଭକ୍ତକୁ ଅଗ୍ରସର ହେବାପାଇଁ କେହି ଅଟକାଇ ପାରିବେ ନାହିଁ। କିନ୍ତୁ ଅଗ୍ରସର ହେବାର ପରିଭାଷାକୁ ବୁଝିବାକୁ ହେବ। ଅଗ୍ରସର ହେବା ଆପଣ କାହାକୁ କହନ୍ତି ? କ'ଣ ଅନେକ ଗୁଡ଼ିଏ ସାଂସାରିକ ବସ୍ତୁ ସମୂହର ସଂଗ୍ରହ କରିନେବା ହିଁ ଅଗ୍ରସର ହେବା ଅଟେ ? ନା। ଆପଣ ଯେତେ ବେଶୀ ସଂସାରର ବସ୍ତୁ ସମୂହକୁ ସଂଗ୍ରହ କରନ୍ତୁ, ତାହା ଆପଣଙ୍କୁ ସୁଖ ଦେଇ ପାରିବେ ନାହିଁ। ସଂସାର ଯେତେ ଯେତେ ବଢ଼ି ଚାଲିଥିବ, ସାଂସାରିକ ବିଷୟ ଯେତେ ଯେତେ ବଢ଼ି ଚାଲିଥିବେ, ଆପଣଙ୍କର ଶରୀର ଓ ମନ ମଧ୍ୟ ସେତେ ସେତେ ଅସ୍ଥିର ହୋଇଚାଲିଥିବ। ଆପଣଙ୍କର ବୁଦ୍ଧି ସେତେ ବିକ୍ଷିପ୍ତ ହୋଇଚାଲିଥିବ। ତେବେ କ'ଣ ଆମେ ସଂସାରକୁ ବଢ଼ାଇବା ଉଚିତ ନୁହେଁ କି ? କ'ଣ ସବୁ କାମଧାମ ଛାଡ଼ି ଦେଇ କେବଳ  ଜପାମାଳି ଧରି ଅଳସୁଆ ଭଳି ବସି ରହିବା ଉଚିତ କି ? ନା। ଭଗବାନ ଏହା କହିନାହାନ୍ତି। ଭଗବାନ ସର୍ବଦା ଏହା କହିଛନ୍ତି ଯେ କର୍ତ୍ତା ଭାବରେ କର୍ମ କର ନାହିଁ ବରଂ **"ମାମନୁସ୍ମର ଯୁଦ୍ଧ୍ୟ ଚ"**– ମୋର ସ୍ମରଣପୂର୍ବକ କର୍ମ କର। ଯଦି ଆମେ ଭଗବାନଙ୍କ ସ୍ମରଣ କରିବା ସହିତ କର୍ମ କରିବା, ଏହା ଭାବି କର୍ମ କରିବା ଯେ ଯାହା ହେଉଛି ଭଗବାନଙ୍କର ଇଚ୍ଛାରେ ହେଉଛି, ଯାହା ମିଳୁଛି ଭଗବାନଙ୍କର ପ୍ରସାଦ, ଯାହା ଦେଉଛନ୍ତି ତାହା ମୁଁ ନେଉଛି, ତେବେ କେଉଁଠି ହେଲେ ସମସ୍ୟା ରହିବ ନାହିଁ।

ବନ୍ଧୁଗଣ ! ସତକଥା କହିବାକୁ ଗଲେ, ଆପଣ କିଛି ନେଉ ନାହାନ୍ତି କିମ୍ବା ଦେଉ ନାହାନ୍ତି। ଦେବା ଏବଂ ନେବା ବ୍ୟକ୍ତି କେହି ଆଉ ଜଣେ ଅଛି। ସେ ହିଁ ନେଇଥାନ୍ତି ଓ ସେ ହିଁ ଦେଇଥାନ୍ତି। ଯଦି ଏପରି ହୋଇ ନ ଥା'ନ୍ତା ତେବେ ଜୀବନସାରା ଯାହା ଆମେ ସଂଗ୍ରହ କରିଥାଉ ତାହାକୁ କିପରି ଆମେ ଛାଡ଼ି ଚାଲିଯାଆନ୍ତେ ? ଯଦି ସେ ସବୁ ଆମର ହୋଇଥାନ୍ତା, ତେବେ ଗଲାବେଳକୁ ସବୁ ଆମେ ସାଙ୍ଗରେ ନେଇ ଯାଆନ୍ତେ। କିନ୍ତୁ ସଂସାରରୁ ଆମେ ଗଲାବେଳକୁ ପଇସାଟିଏ ମଧ୍ୟ ନେଇ ନ ଥାଉ। ତେବେ ଯାଏ କ'ଣ ? ଆମ୍ଭ ମାନଙ୍କର

ସଂସ୍କାର। ଯାଏ କ'ଣ ? ଆମର ଧର୍ମ। ତେଣୁ କରି ସଂସାରରେ କର୍ମ ତ କରିବାର ଅଛି, ଉପାର୍ଜନ କରିବାର ଅଛି, ଅଗ୍ରସର ହେବାର ଅଛି, ସଂସାରର ସଂଗ୍ରହ ମଧ୍ୟ କରିବାର ଅଛି କିନ୍ତୁ କେଉଁ ଭାବନା ସହ ?

ଈଶାବାସ୍ୟ ଉପନିଷଦ୍‌ରେ ଋଷି କହନ୍ତି- **"କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ।"** ଏହି ସଂସାରରେ କର୍ମ କରିବା ସହିତ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାର କାମନା କରନ୍ତୁ। ଦଶ-ପଚାଶ ବର୍ଷ କ'ଣ- ଆପଣ ଶହେ ବର୍ଷ ବଞ୍ଚନ୍ତୁ। କିନ୍ତୁ ସେତେବେଳେ ଜୀବନ ବୋଝ ସଦୃଶ ହେବ ନାହିଁ ଯେତେବେଳେ ଆପଣ ଏହି ମାନ୍ୟତା ନେଇ ଚଳିବେ ଯେ ଈଶ୍ୱର ମୋତେ କର୍ମ କରିବାକୁ ଏଠାକୁ ପ୍ରେରଣ କରିଛନ୍ତି। ମୋତେ ଏକ ସୁଯୋଗ ପ୍ରଦାନ କରିଛନ୍ତି। କରାଇବା ଲୋକ ସିଏ। ମୁଁ ତ କେବଳ ତାଙ୍କର ଆଦେଶ ପାଳନ କରୁଛି। ମୁଁ କେବଳ ନିମିତ୍ତ ଅଟେ। ଏହିପରି ଭାବନା ରଖି ଆପଣ ଯଦି ନିମିତ୍ତଭାବରେ କର୍ମ କରିବେ ତେବେ କ'ଣ ହେବ ? ଆପଣ ଯାହା ସଂଗ୍ରହ କରିବେ ତା' ପ୍ରତି ଆପଣଙ୍କର ମମତ୍ୱବୁଦ୍ଧି ରହିବ ନାହିଁ। ଏହା ମୋର ଅଟେ- ଏହି ବୁଦ୍ଧି ରହିବ ନାହିଁ। ଏ ସବୁ ଭଗବାନଙ୍କର- ଏପରି ବୁଦ୍ଧି ହେବ। ଯଦି ଏପରି ବୁଦ୍ଧି ହୁଏ ତେବେ ସଂସାରର କୌଣସି ବସ୍ତୁରେ ଆପଣଙ୍କର ମୋହ ବା ମମତା ରହିବ ନାହିଁ।

ଆପଣ କେବେ ଚିନ୍ତା କରିଛନ୍ତି- ଆପଣ ଭଗବାନଙ୍କୁ ଯେଉଁ ପଇସା ଚଢ଼ାଇଥାଆନ୍ତି ତାହା ଆପଣ କ'ଣ ପୂଜାରୀକୁ କେବେ ମାଗିଥାଆନ୍ତି ? ନା, ମାଗନ୍ତି ନାହିଁ। କ'ଣ ସେଇ ପଇସା ଉପରେ ଆପଣଙ୍କର ମୋହ-ମମତା ଥାଏ ? ନା, ବିଲକୁଲ୍ ନଥାଏ। ବରଂ ଆପଣ କୁହନ୍ତି **"ତ୍ୱଦୀୟମ୍ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ"**- ହେ ଭଗବାନ ! ତୁମର ବସ୍ତୁ ତୁମକୁ ସମର୍ପଣ କରୁଛି। ଅର୍ପଣ କରନ୍ତି ଆପଣ କିନ୍ତୁ ସେହି ଅର୍ପିତ ବସ୍ତୁ ଉପରେ ଆଉ ଆପଣଙ୍କର ଅଧିକାର ନ ଥାଏ। ଅପିତୁ ପୂଜାରୀ ପ୍ରତିବଦଳରେ ଆପଣଙ୍କୁ ଯାହା ଦିଅନ୍ତି, ତାହା ଆପଣ ପ୍ରସାଦ ଭାବରେ ଗ୍ରହଣ କରିନିଅନ୍ତି। ପ୍ରସାଦକୁ ତ ଆମେ ସ୍ୱୟଂ

ଗ୍ରହଣ କରୁ ଏବଂ 'ତୁମେ ନିଅ, ତୁମେ ନିଅ' କହି ତାହା ଅନ୍ୟମାନଙ୍କୁ ମଧ୍ୟ ବାଣ୍ଟି ଦେଇଥାଉ। ଭଗବାନଙ୍କର ପ୍ରସାଦ ସମସ୍ତଙ୍କୁ ମିଳୁ- ସେ ସମୟରେ ଏହି ଭାବନା ଥାଏ। ଭକ୍ତ ଚାହେଁ ଭଗବାନଙ୍କର ପ୍ରସାଦ ଲାଭକରି ସମସ୍ତେ ସୁଖୀ ହୁଅନ୍ତୁ। ଏହି ଭାବନା କେବେ ଆସିବ ? ଯେତେବେଳେ ଆପଣଙ୍କୁ ବୋଧ ହେବ ଯେ ଈଶ୍ୱର ସର୍ବତ୍ର ବ୍ୟାପ୍ତ। ସେ ଆମକୁ ସବୁ ଦେଇଛନ୍ତି। ଏଣୁ ଏ ସବୁ ତାଙ୍କର। ଏବଂ ମୁଁ ମଧ୍ୟ ଈଶ୍ୱରଙ୍କର।

**ଈଶାବାସ୍ୟାମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୁଞ୍ଜୀଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍ ॥**

ଯଦି ଆମେ ଏହି ଭାବନା ରଖିବା, ତେବେ ଏହି ସମଗ୍ର ବିଶ୍ୱ ଆମର କୁଟୁମ୍ବ ହୋଇଯିବ। ଯେତେବେଳେ ଆମେ କହୁ- ମୁଁ ଏ ମାନଙ୍କର ଓ ଏମାନେ ମୋର, ସେତେବେଳେ ତାହା ଏକ ଛୋଟ ପରିବାରର କଥା ହୋଇଯାଏ। ଶାସ୍ତ୍ରରେ କୁହାଯାଇଅଛି-

**ଅୟଂ ନିଜଃ ପରୋବେତି ଗଣନା ଲଘୁଚେତସାମ୍ ।**
**ଉଦାର ଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍ ॥**

ଏହା ନିଜର, ଏହା ପରର- ଏପରି ଭାବନା ସଂକୀର୍ଣ୍ଣ ମନୋଭାବର ଲୋକେ କରିଥାନ୍ତି। ଉଦାର ଚରିତ୍ର, ହୃଦୟବାନ୍ ଲୋକଙ୍କ ପାଇଁ ସମଗ୍ର ବସୁଧା ହିଁ ସେମାନଙ୍କର କୁଟୁମ୍ବ ହୋଇଯାଏ।

ବନ୍ଧୁଗଣ ! ଆମେ ସମସ୍ତେ ଏହି ଭାବନା ନେଇ ବଞ୍ଚିବା ଉଚିତ ଓ ଆମକୁ ଏହି ଭାବନାର ବିକାଶ କରିବା ଉଚିତ। ଯେତେବେଳେ ଆପଣଙ୍କ ଭିତରେ ଏହିପରି ଭାବନା ବିକଶିତ ହେବ ସେତେବେଳେ ଆପଣ ସଂସାରରେ କର୍ମ କରି ମଧ୍ୟ କର୍ମର ଫଳ ସୁଖ-ଦୁଃଖରୁ ତଟସ୍ଥ ହୋଇ ରହିବେ। କାରଣ ଏପରି ବ୍ୟକ୍ତି-"**କୁର୍ବନ୍ନପି ନ ଲିପ୍ୟତେ**" କର୍ମ କରି ମଧ୍ୟ ଫଳରେ ଲିପ୍ତ ରହନ୍ତି ନାହିଁ।

ସୁତରାଂ ଆମକୁ ବର୍ତ୍ତମାନ ସଂସାରରେ ରହି କର୍ମକରିବା ପଦ୍ଧତିକୁ

ଶିଖିବାକୁ ପଡ଼ିବ, ଭକ୍ତି କରିବା ପଦ୍ଧତିକୁ ଶିଖିବାକୁ ହେବ, ବଞ୍ଚିବାର କଳାକୁ ମଧ୍ୟ ଜାଣିବାକୁ ହେବ । ପ୍ରଥମେ ଶିଖିବାକୁ ହୋଇଥାଏ । କେହି ଗୁରୁ କୌଣସି ଭକ୍ତକୁ ଭକ୍ତ କରିପାରେ ନାହିଁ। କେହି ଗୁରୁ କାହାକୁ ସିଦ୍ଧ କରିପାରନ୍ତି ନାହିଁ। ସେ ଭକ୍ତିର ସାଧନ କହି ଦେଇପାରନ୍ତି। ସାଧନାର ମାର୍ଗ ନିର୍ଦ୍ଦେଶ କରିପାରନ୍ତି କିନ୍ତୁ ଭକ୍ତ ଭାବରେ ନିଜେ ନିଜକୁ ଗଢ଼ିବାକୁ ପଡ଼େ, ସାଧନାର ମାର୍ଗରେ ନିଜକୁ ଚାଲିବାକୁ ପଡ଼େ। ସାଧନା କରି କରି ସ୍ୱୟଂ ସିଦ୍ଧ ହେବାକୁ ହୋଇଥାଏ। ଯେତେବେଳେ ଆପଣ ସ୍ୱୟଂ ସିଦ୍ଧ ହୋଇଯିବେ ସେତେବେଳେ ଆପଣ ସିଦ୍ଧଙ୍କ ଭାବନା, ସିଦ୍ଧଙ୍କ ଚେତନା, ସିଦ୍ଧଙ୍କ ସ୍ୱରୂପ କିପରି ହୋଇଥାଏ- ତାହା ଜାଣିପାରିବେ। ସିଦ୍ଧ ଅନନ୍ୟ ହୋଇଥାନ୍ତି। ତେଣୁ ତାଙ୍କ ଜୀବନରେ ଚମତ୍କାର ହିଁ ଚମତ୍କାର ଘଟିତ ହୋଇଥାଏ । ଆପଣ ମଧ୍ୟ ଅନନ୍ୟ ଭାବରେ ନିଜକୁ ପ୍ରଭୁଙ୍କ ପ୍ରତି ସମର୍ପିତ କରି ଦିଅନ୍ତୁ। ଦେଖିବେ, ଯେଉଁଦିନ ପ୍ରଭୁଙ୍କ ପ୍ରତି ଆପଣଙ୍କ ଜୀବନରେ ଅନନ୍ୟ ଭାବର, ସମର୍ପଣର ସୂତ୍ରପାତ ହେବ– ସେହି ଦିନ, ସେହି ସମୟରୁ ଆପଣଙ୍କ ଜୀବନରେ ମଧ୍ୟ ଚମତ୍କାର ଆରମ୍ଭ ହୋଇଯିବ। ଅସମ୍ଭବ କାର୍ଯ୍ୟ ମଧ୍ୟ ଆପଣଙ୍କ ଦ୍ୱାରା ସମ୍ଭବ ହୋଇଯିବ। "ମୁଁ କରୁଛି" କହିଲେ ହେବନାହିଁ, ଭଗବାନଙ୍କ ନାମରେ କରି ଦେଖନ୍ତୁ, ନିମିତ୍ତ ଭାବରେ କରନ୍ତୁ, ସବୁ ହୋଇଯିବ ।

ମୁଁ ଆଜି ଆପଣମାନଙ୍କୁ ମୋର ଅନୁଭବର କଥା କହୁଛି। ଏହା ମୁଁ ଜାଣିଛି, ପାଇଛି ଏବଂ ଅନୁଭବ କରିଛି। ସାଧାରଣତଃ ଆମେ ସଂକଳ୍ପ କରି ନ ଥାଉ । ସନ୍ନ୍ୟାସୀର ଭଲା ସଂକଳ୍ପ କ'ଣ ? ଗୀତାରେ କୁହାଯାଇଛି – "**କାମ୍ୟାନାଂ କର୍ମଣାଂ ନ୍ୟାସଂ ସନ୍ୟାସଂ କବୟୋଃ ବିଦୁଃ ।**" ସନ୍ନ୍ୟାସୀ ତ ସମସ୍ତ ସଂକଳ୍ପର ତ୍ୟାଗ କରନ୍ତି । ସମସ୍ତ ସଂକଳ୍ପ ତ୍ୟାଗ କଲାପରେ ହିଁ ବ୍ୟକ୍ତି ସନ୍ନ୍ୟାସୀ ହୋଇଯାଏ । ସଂକଳ୍ପବାନ ବ୍ୟକ୍ତି କେବେ ସନ୍ନ୍ୟାସୀ ହୋଇପାରେ ନାହିଁ। କିନ୍ତୁ ସେମାନେ ମଧ୍ୟ ସଂସାରରେ ରହିଥାନ୍ତି ଓ କର୍ମ କରିଥାନ୍ତି, କାରଣ ଈଶ୍ୱରଙ୍କର ସଂକଳ୍ପ କୌଣସି ସନ୍ନ୍ୟାସୀ, କୌଣସି ଭକ୍ତ କିମ୍ବା କୌଣସି ସତ୍‌ପୁରୁଷଙ୍କର ମାଧ୍ୟମରେ ହିଁ ପ୍ରକଟ

ହୋଇଥାଏ। ଯଦି ଈଶ୍ୱର କିଛି କରିବାକୁ ଚାହାଁନ୍ତି, ତାଙ୍କର ତ ହାତଗୋଡ଼ ନାହିଁ, ଏଥିପାଇଁ ସେ ନିମିତ୍ତ ଚାହାଁନ୍ତି।

ଯଦିଓ ଆପଣ କହିପାରନ୍ତି– ବେଦରେ ତ ଲେଖା ହୋଇଛି **"ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍"** – ସେ ହଜାର ମସ୍ତକ, ହଜାର ଆଖି, ହଜାର ହସ୍ତ–ପଦ ବିଶିଷ୍ଟ ପୁରୁଷ। ଯଥାର୍ଥରେ ଏହା ଏକ ପ୍ରତୀକ ଅଟେ। ଏହାର ତାତ୍ପର୍ଯ୍ୟ ଏହା ଯେ ସଂସାରରେ ଯେତେ ପ୍ରାଣୀ ଅଛନ୍ତି, ସମସ୍ତେ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଆମର ହାତ–ପାଦ–ଇନ୍ଦ୍ରିୟ  ପରମାତ୍ମା ଦେଇଛନ୍ତି। ଏଣୁ ଏସବୁ ପରମାତ୍ମାଙ୍କର ଅଟେ। ବାସ୍ତବରେ ତାଙ୍କର ହାତ ନାହିଁ କି ପାଦ ନାହିଁ। ବରଂ ସେ ଆମ ସମସ୍ତଙ୍କର ଅନ୍ତରରେ ବସି, ଆମ ମାଧ୍ୟମରେ ପାଦରେ ଚଲୁଛନ୍ତି, ଆଖିରେ ଦେଖୁଛନ୍ତି, ନାସିକା ଦ୍ୱାରା ଗନ୍ଧ ଗ୍ରହଣ କରୁଛନ୍ତି, କାନ ଦ୍ୱାରା ଶୁଣୁଛନ୍ତି ଓ ମୁହଁ ଦ୍ୱାରା କଥା କହୁଛନ୍ତି। ଏ ସବୁ ଯିଏ କରୁଛନ୍ତି ସେ କିଏ ? ସେ ହିଁ ସେହି ପରମାତ୍ମା।          ଯେତେବେଳେ ଆପଣଙ୍କୁ ଏହି ତତ୍ତ୍ୱର ଯଥାର୍ଥ ଜ୍ଞାନ ହୋଇଯାଏ  ସେତେବେଳେ ଗୁରୁ କହନ୍ତି **"ତତ୍ତ୍ୱମସି"**। ସେହି ଈଶ୍ୱର କେଉଁଠି ଆକାଶ ଉପରେ ନାହାନ୍ତି। ଯଥାର୍ଥରେ ସେ ତୁମ ଭିତରେ ଅଛନ୍ତି, ମୋ ଭିତରେ ଅଛନ୍ତି, ଆମ ସମସ୍ତଙ୍କର ଅନ୍ତରରେ ଅଛନ୍ତି। ଆମେ ସମସ୍ତେ ତାଙ୍କର ଏବଂ ସେ ମଧ୍ୟ ଆମ ସମସ୍ତଙ୍କର। ବାସ୍, ଏହି ଭାବନା ଯଦି ମନରେ ଦୃଢ଼ ହୋଇଯାଏ, ତେବେ ଜୀବନ ଧନ୍ୟ ହୋଇଯାଏ। ସେତେବେଳେ ଆଉ ଦୁଃଖ ହୁଏ ନାହିଁ, ଶୋକ ହୁଏ ନାହିଁ କିମ୍ବା କିଛି ଚିନ୍ତା ମଧ୍ୟ ହୋଇନଥାଏ।

ସେଇଥିପାଇଁ ବନ୍ଧୁଗଣ ! ମୁଁ ଆଜି ଆପଣମାନଙ୍କୁ ଏହି ପରାମର୍ଶ ଦେବି ଯେ ଜୀବନକୁ ତାଙ୍କ ଉପରେ ଛାଡ଼ି ଦିଅନ୍ତୁ। ଦିନ–ରାତି ଭଳି ସୁଖ–ଦୁଃଖ ତ ଚାଲିଥାଏ, ହାନି–ଲାଭ ମଧ୍ୟ ହେଉଥାଏ। ଆଜି ଯିଏ ପ୍ରିୟ, କାଲି ସେ ଅପ୍ରିୟ ହୋଇପାରେ। ଆଜି ଯିଏ ମିତ୍ର, କାଲି ସେ ଶତ୍ରୁ ହୋଇପାରେ। ସଂସାରରେ ତ ପରିବର୍ତ୍ତନ ସବୁବେଳେ ହେଉଥାଏ। ଏଣୁ ଏହି ପରିବର୍ତ୍ତନଶୀଳ ସଂସାରରେ ଆପଣ ସତତ ସେହି ଅପରିବର୍ତ୍ତନୀୟ ପରମ ସତ୍ତାକୁ ଜାଣିବାର ପ୍ରୟାସ କରନ୍ତୁ।

ନିଜକୁ ଅପରିବର୍ତ୍ତିତ ରଖନ୍ତୁ, ସମାନ ରଖନ୍ତୁ ଏବଂ ଏହା ସ୍ୱୀକାର କରନ୍ତୁ ଯେ ଯାହା ହେଉଛି, ଯାହା ହେବାକୁ ଅଛି– ସବୁ "ହରିଙ୍କ ଇଚ୍ଛା"। କାରଣ, ହରି ଇଚ୍ଛା ବଳବାନ ଅଟେ। ଏହି ଭାବନା ସହ ବଞ୍ଚନ୍ତୁ। ଏହି ଭାବନା କରନ୍ତୁ, ଏହି ଭାବନା ନେଇ ସମସ୍ତଙ୍କୁ ଆପଣାର କରନ୍ତୁ।

ଏବେ ବିଶ୍ୱାତ୍ମ ଚେତନା ପରିଷଦର କାର୍ଯ୍ୟାଳୟ ସ୍ଥାୟୀ ରୂପରେ ରାୟଗଢ଼ରେ ସ୍ଥାପିତ ହୋଇଯିବ। ଏହାର ଆନୁଷ୍ଠାନିକ ଘୋଷଣା ରାସପୂର୍ଣ୍ଣିମା (କାର୍ତ୍ତିକ ପୂର୍ଣ୍ଣିମା)ରେ ହେବ। ଏଥିରେ ମୁଁ ତ ଖୁସି ଅଛି, ମନେ ହେଉଛି ଆପଣ ସମସ୍ତେ ମଧ୍ୟ ଖୁସିରେ ଅଛନ୍ତି। ଏହା "ବୃନ୍ଦାବନ ରେସିଡେନ୍‌ସୀ" ପାଇଁ ମଧ୍ୟ ଏକ ଶୁଭ ଲକ୍ଷଣ ଅଟେ। ଏଠାରେ ଏବେ ମଧ୍ୟ ଘର ତିଆରି କାମ ଚାଲିଛି। ଲୋକ ବସବାସ କରି ନାହାନ୍ତି ଅଥଚ ଏଠାରେ ସତ୍‌ସଙ୍ଗ ଆରମ୍ଭ ହୋଇଯାଇଛି। ଏହା ଅତି ଉତ୍ତମ କଥା। ଆମେ ସମସ୍ତେ ଏଠାରେ ଆସନ୍ତା ଚାରିଦିନ ପର୍ଯ୍ୟନ୍ତ ସତ୍‌ସଙ୍ଗ କରିବା। ଏହି ଚାରିଦିନ ମଧ୍ୟରେ ମୋତେ ପ୍ରଭୁଙ୍କ ଠାରୁ ଯେଉଁ ପ୍ରେରଣା ପ୍ରାପ୍ତ ହେବ, ମୁଁ ଆପଣଙ୍କୁ ଶୁଣାଇବି। ଆଜି ଏତିକି ମାତ୍ର...।

ଆପଣ ସମସ୍ତଙ୍କର କଲ୍ୟାଣ ହେଉ। ପ୍ରଭୁ ସମସ୍ତଙ୍କର ମଙ୍ଗଳ କରନ୍ତୁ। ହରି ଓଁ ତତ୍‌ସତ୍।

୦୦୦

ବୃନ୍ଦାବନ ରେସିଡେନ୍ସୀ, ରାୟଗଢ଼(ଛ.ଗ.)
ତା. ୧.୧୧.୨୦୦୬

# ଯଥାର୍ଥ ଯୋଗ : ସର୍ବସ୍ୱ ସମର୍ପଣ

ପ୍ରିୟ ଦିବ୍ୟ ଆତ୍ମନ୍ !

ହରି ଓଁ।

ସଂସାରରେ ଆପଣ ରହୁଛନ୍ତି, ତେବେ ଯୋଗୀ ଭାବରେ ରହନ୍ତୁ, କାରଣ ଯୋଗୀର ଜୀବନରେ ସ୍ୱତନ୍ତ୍ରତା ଅଛି। ଯୋଗୀ ସ୍ୱତନ୍ତ୍ର ଅଟେ, ଶୁଦ୍ଧ ଅଟେ, ବୁଦ୍ଧ ଅଟେ ଏବଂ ମୁକ୍ତ ମଧ୍ୟ ଅଟେ କିନ୍ତୁ ଭୋଗୀ ବନ୍ଧନରେ ପଡ଼େ। ସଂସାରରେ ଆମେ ଭୋଗୀ ସେହିମାନଙ୍କୁ କହିଥାଉଁ, ଯେଉଁମାନେ କି ବିଷୟାସକ୍ତ ଅଟନ୍ତି, ବିଷୟର ଉପଭୋଗରେ ରୁଚି ରଖନ୍ତି। ଚକ୍ଷୁ ଦ୍ୱାରା ଉତ୍ତମ ରୂପ ଦେଖିବାର ଆକାଂକ୍ଷା, କର୍ଣ୍ଣ ଦ୍ୱାରା ଭଲ ଶବ୍ଦ ଶୁଣିବାର ଆକାଂକ୍ଷା। ଯାହାର ଆକାଂକ୍ଷା ଏହି ପଞ୍ଚଇନ୍ଦ୍ରିୟ ମଧ୍ୟରେ ଆବଦ୍ଧ, ଯିଏ ଦିନରାତି ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧର ଉପଭୋଗ କରିବାରେ ଆକାଂକ୍ଷା ରଖେ ତାହାକୁ ଆମେ ଭୋଗୀ କହିଥାଉଁ। ସାଧାରଣତଃ ଏହି ମାନ୍ୟତା ଅଛି ଯେ ଯୋଗୀର ଅର୍ଥ ହେଲା ସନ୍ନ୍ୟାସୀ ଓ ଭୋଗୀର ଅର୍ଥ ହେଲା ସଂସାରୀ।

ଭୋଗୀର ଅନ୍ୟ ଏକ ସ୍ୱରୂପ ମଧ୍ୟ ଅଛି। ଗୋଟିଏ ପ୍ରାଣୀର

ନାମ ମଧ୍ୟ ଭୋଗୀ। ଆପଣ ଜାଣନ୍ତି କି ସେ କିଏ ? ସର୍ପ। ସର୍ପକୁ ମଧ୍ୟ ଭୋଗୀ କହନ୍ତି। ସର୍ପ ମଧ୍ୟ ଭୋଗୀ ଅଟେ। ସର୍ପର ସ୍ଥିତି କିପରି ? ମହାକବି କାଳିଦାସ ନିଜର ରଘୁବଂଶ ମହାକାବ୍ୟରେ ଗୋଟିଏ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି- "ଭୋଗୀବ ମନ୍ତ୍ରୌଷଧି ରୁଦ୍ଧବୀର୍ଯ୍ୟଃ।" ଭୋଗୀ (ସର୍ପ)କୁ ମନ୍ତ୍ର ଅଥବା ଔଷଧି ଦ୍ୱାରା ବନ୍ଧନରେ ବାନ୍ଧି ଦିଆଯାଏ। ଭୋଗୀକୁ କେହି ପସନ୍ଦ କରନ୍ତି ନାହିଁ। ଭୋଗୀ ଭୟର କାରଣ ହୋଇଥାଏ। ଯଦି କାହାଘରେ ସର୍ପ ବାହାରେ ତେବେ ବ୍ୟକ୍ତି କ'ଣ ନିଶ୍ଚିନ୍ତ ହୋଇପାରିବ କି ? ଧରି ନିଅନ୍ତୁ ଆପଣଙ୍କ ଘରେ ସର୍ପ ବାହାରିଲା, ଥରେ ଦେଖାଗଲା, ତା'ପରେ ଆଉ ଦେଖାଗଲା ନାହିଁ ଆପଣଙ୍କୁ ନିଦ ଆସିବ ? ଭୋଜନ କରିବାକୁ ମନ ହେବ ? ପ୍ରତ୍ୟେକ କ୍ଷଣରେ ଆପଣଙ୍କ ମନରେ ଭାବନା ଆସିବ ସର୍ପ ତ ଦେଖାଯାଉ ନାହିଁ କେଜାଣି ସେ କେଉଁସ୍ଥାନରେ ଥିବ। ମନରେ ସର୍ବଦା ଏପରି ଭୟ ରହିବ।

ଭୋଗୀ ଭୟର କାରଣ ହୋଇଥାଏ- ସେ ସର୍ପ ହେଉ ବା ମନୁଷ୍ୟ। ଭୋଗୀ ମନୁଷ୍ୟ ମଧ୍ୟ ଭୟ ପ୍ରଦାନ କରିଥାଏ। କାହିଁକି ? କାରଣ, ଭୋଗୀ ବିଷାକ୍ତ ହୋଇଥାଏ। ତା' ମଧ୍ୟରେ ବିଷ ଥାଏ ଏବଂ ବିଷ ବ୍ୟକ୍ତିକୁ ମାରେ। ଯଦି ସର୍ପ କାହାକୁ ଦଂଶନ କରେ, ବ୍ୟକ୍ତି ମରିଯାଏ। ସେହିପରି ଭୋଗୀ ଭିତରେ ମଧ୍ୟ କାମ, କ୍ରୋଧ, ଲୋଭ, ମୋହ, ଛଳ-କପଟ, ପ୍ରପଞ୍ଚ ଆଦି ବହୁତ ପ୍ରକାରର ବିଷ ଭରି ରହିଥାଏ। ତେଣୁ ଏପରି ବ୍ୟକ୍ତି ମଧ୍ୟ ସର୍ପ ସଦୃଶ ଘାତକ ହୋଇଥାଏ।

ବିଭିନ୍ନ ପ୍ରକାରର ସର୍ପ ଅଛନ୍ତି। ସେହିଭଳି ବିଭିନ୍ନ ପ୍ରକାରର ଭୋଗୀ ବ୍ୟକ୍ତି ମଧ୍ୟ ଅଛନ୍ତି। କାହାର ବିଷ ଅଳ୍ପଶକ୍ତିଶାଳୀ ତ କାହାର ବିଷ ଅଧିକ ପ୍ରାଣଘାତକ। କଲେଟ୍ ସର୍ପ କାହାକୁ ଦଂଶନ କଲେ, ତାହାର ବଞ୍ଚିବାର ଆଶା ତ୍ୟାଗ କରି ଦିଅନ୍ତି। ନାଗସାପ କାହାକୁ ଦଂଶନ କଲେ ତାହାର ବଞ୍ଚିବା ଆଶାକ୍ଷୀଣ। ସେହିପରି କାମୀ, କ୍ରୋଧୀ, ଲୋଭୀ, ଏବଂ

ମୋହଗ୍ରସ୍ତ ମନୁଷ୍ୟ ମଧ୍ୟ କିଏ କମ୍ ବିଷାକ୍ତ ତ କିଏ ଅଧିକ ବିଷାକ୍ତ ହୋଇଥାଆନ୍ତି, କିନ୍ତୁ ସମସ୍ତେ ବିଷାକ୍ତ। ଯାହା ଜୀବନରେ କ୍ରୋଧର ପ୍ରଭାବ ଅଧିକ ଥାଏ ସେ ବଡ଼ ବିଷାକ୍ତ। ଯେଉଁ ବ୍ୟକ୍ତିର ଜୀବନରେ କାମର ପ୍ରଭାବ ଥାଏ ସେ ଅତ୍ୟଧିକ ବିଷାକ୍ତ। ସେହିପରି ଲୋଭୀ ବ୍ୟକ୍ତି ମଧ୍ୟ ବିଷାକ୍ତ, କିନ୍ତୁ ତାହାର ବିଷ ହାନିକାରକ ହୋଇଥାଏ। କାମ-କ୍ରୋଧ ରୂପୀ ବିଷ ବ୍ୟକ୍ତିର ତତ୍‌କ୍ଷଣାତ୍ କ୍ଷତି କରେ କିନ୍ତୁ ଲୋଭରୂପୀ ବିଷ ବ୍ୟକ୍ତିର ମନମସ୍ତିଷ୍କରେ ଧୀରେ ଧୀରେ ଅଥଚ ପ୍ରଭାବଶାଳୀ ଢଙ୍ଗରେ ପ୍ରସାରିତ ହୋଇଥାଏ। ସୁତରାଂ ଯେପରି ବିଷ ଭୟଙ୍କର, ସଙ୍କଟପୂର୍ଣ୍ଣ, ପ୍ରାଣଘାତକ ହୋଇଥାଏ, ସେହିପରି ଭୋଗ ମଧ୍ୟ ଜୀବନରେ ଭୟଙ୍କର, ସଙ୍କଟପୂର୍ଣ୍ଣ ଓ ପ୍ରାଣଘାତକ ହୋଇଥାଏ।

ଏହି କାରଣରୁ ସନ୍ଥମାନେ କହନ୍ତି- ଭୋଗୀ ନୁହେଁ ଯୋଗୀ ହୁଅ। କିନ୍ତୁ ଯୋଗୀ ହେବାର ତାତ୍ପର୍ଯ୍ୟ ଏହା ନୁହେଁ ଯେ ତୁମେ ଘର-ଦ୍ୱାର ଛାଡ଼ିଦିଅ ଓ ଖାଲି ନାକ-କାନ ଚିପୁଥାଅ। ଯୋଗୀ ହେବାର ଅର୍ଥ- କୁଶଳତାପୂର୍ବକ କର୍ମ କର-"**ଯୋଗଃ କର୍ମସୁ କୌଶଳମ୍**" ଏବଂ କର୍ମର ସମ୍ବନ୍ଧ ଭଗବାନଙ୍କ ସହିତ ଯୋଡ଼ିଦିଅ, କର୍ମଯୋଗୀ ହୋଇଯାଅ। କର୍ମ କର, କାରଣ "**ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍।**" କର୍ମ ନ କରି ତୁମେ-ଆମେ କେହି ହେଲେ କ୍ଷଣେ ମାତ୍ର ରହି ପାରିବା ନାହିଁ। କିନ୍ତୁ ସେହି କର୍ମର ସମ୍ବନ୍ଧ ଭଗବାନଙ୍କ ସହିତ ଯୋଡ଼ିଦିଅ। କର୍ମର ସମ୍ବନ୍ଧ ନିଜର ପିଲାପିଲି, ଘର-ପରିବାର, ଜ୍ଞାତି-କୁଟୁମ୍ବ ସହିତ ଯୋଡ଼ ନାହିଁ। ଏହା ସହିତ ଯଦି ଯୋଡ଼ିବ, ତା'ହେଲେ ଦୁଃଖ ହେବ। ଯଦି ଭଗବାନଙ୍କ ସହିତ ଯୋଡ଼ିବ, ତାଙ୍କୁ ସବୁ ସମର୍ପଣ କରି ଦେବ, ତା'ହେଲେ ତୁମେ ସୁଖୀ ହେବ।

ଆପଣମାନେ କହିପାରନ୍ତି- ସ୍ୱାମୀଜୀ! ଯଦି ଆମେ କର୍ମର ସମ୍ବନ୍ଧ ଭଗବାନଙ୍କ ସହିତ ଯୋଡ଼ିଦେବୁ, ତାଙ୍କୁ ସବୁ ସମର୍ପଣ କରିଦେବୁ,

ତେବେ ହୋଇପାରେ– ଆମର ପିଲାପିଲି ସମସ୍ତେ ଭୋକରେ ମରିଯିବେ ? ନା, ଏପରି କଦାପି ହେବ ନାହିଁ। ଯଦି ଆପଣ କର୍ମକୁ ଭଗବାନଙ୍କ ସହିତ ଯୋଡ଼ିଦେବେ ତେବେ ଭଗବାନ ସେହି କର୍ମର ଫଳକୁ ଆପଣଙ୍କର ଆବଶ୍ୟକତା ଅନୁଯାୟୀ ଆପଣଙ୍କୁ ଫେରସ୍ତ କରିବେ। ଏଥିରେ ଆପଣଙ୍କୁ କୌଣସି କଷ୍ଟ ହେବ ନାହିଁ ଏବଂ ଆପଣଙ୍କର ପିଲାପିଲି ମଧ୍ୟ ଭୋକରେ ମରିବେ ନାହିଁ। ବରଂ ଏହା ଦ୍ୱାରା ଅନ୍ୟମାନଙ୍କର ମଧ୍ୟ ଲାଭହେବ। ସଂସାର ସୁଖୀ ହେବ।

ଆପଣ ଦେଖନ୍ତୁ, ସାଗର ଠାରୁ ମେଘ ଜଳନେଇ ଯଦି ଗୋଟିଏ ସ୍ଥାନରେ ବର୍ଷା କରନ୍ତା ତା’ହେଲେ ପ୍ରଳୟ ହୋଇ ଯାଆନ୍ତା। ସମସ୍ତ ଜନସମାଜ ନଷ୍ଟ ହୋଇଯାଆନ୍ତେ, କିନ୍ତୁ ମେଘ ଏପରି କରେ ନାହିଁ। କ୍ଷେତ-ଖଳା, ପାହାଡ଼-ପର୍ବତ, ଯେଉଁ ସ୍ଥାନରେ ଯେତେ ଆବଶ୍ୟକ- ସେ ସେହି ଅନୁରୂପେ ବର୍ଷିଯାଏ। ଏହାଦ୍ୱାରା ଫସଲକୁ ମଧ୍ୟ ଜଳ ମିଳେ, କୂଅକୁ ମଧ୍ୟ ଜଳ ମିଳେ, ନଦୀ-ନାଳକୁ ମଧ୍ୟ ଜଳ ମିଳେ ଏବଂ ତା’ ସହିତ ଆପଣଙ୍କୁ ମଧ୍ୟ ଜଳ ମିଳେ। ସମସ୍ତଙ୍କୁ ଜଳ ମିଳିଯାଏ। ଜଳ ସମସ୍ତଙ୍କ ପାଇଁ ଜୀବନର କାରଣ ହୋଇଯାଏ। ଜଳର ଅନ୍ୟ ନାମ ଜୀବନ। ଏହିପରି ଲୋକେ ଯାହାକିଛି ଭଗବାନଙ୍କୁ ଅର୍ପଣ କରନ୍ତି, ଭଗବାନ ସେମାନଙ୍କ ମଧ୍ୟରେ ସମାନ ରୂପରେ ତାହା ବିତରଣ କରିଦିଅନ୍ତି।

ସମାନର ଅର୍ଥ ଏଠାରେ କାର୍ଲମାର୍କସ୍‌ଙ୍କର ସାମ୍ୟବାଦର ସିଦ୍ଧାନ୍ତ ନୁହେଁ। ସମାନ ଅର୍ଥ- ଯାହାର ଯେପରି ଆବଶ୍ୟକତା ରହିଛି ସେହି ଅନୁସାରେ ସେହି ଅନୁପାତରେ ତାହାକୁ ଦେବା ହେଉଛି ସମାନତା। ସମାନତାର ସିଦ୍ଧାନ୍ତ ଏଠାରେ ସମାନ-ସମାନ ନୁହେଁ। ଯଦି ସମାନତାର ସିଦ୍ଧାନ୍ତ ଏଠାରେ ଏପରି ଭାବରେ କାର୍ଯ୍ୟକାରୀ ହୁଏ, ତେବେ ସେହି ବିତରଣ କାହାପାଇଁ ସୁଖଦାୟୀ ହେବ ତ କାହାପାଇଁ ଦୁଃଖଦାୟୀ।

ଆମେ ଏଠାରେ ମାଁ’ଙ୍କର ବିତରଣ ପ୍ରଣାଳୀକୁ ଦେଖିବା।

ମାଁ ନିଜ ସନ୍ତାନମାନଙ୍କୁ ରୁଟି ବାଣ୍ଟିଥାଏ। ମାଁ'ଙ୍କର ବିତରଣକୁ ସମାନ ମାନିବାକୁ ହୁଏ କାରଣ ସମସ୍ତ ସନ୍ତାନ ପାଇଁ ମାଁ'ର ମମତା ସମାନ ଥାଏ। ସନ୍ଥଙ୍କର ବିତରଣ ପ୍ରଣାଳୀକୁ ମଧ୍ୟ ସମାନ ମାନିବାକୁ ହୋଇଥାଏ କାରଣ ସନ୍ଥମାନେ ମଧ୍ୟ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାନ୍ତି। ମାଁ ଜାଣେ ଯଦି ତାହାର ଚାରୋଟି ସନ୍ତାନ ଅଛନ୍ତି ତେବେ କାହାର ଚାରୋଟି ରୁଟି ଆବଶ୍ୟକ, କାହାର ଛଅଟି ଆବଶ୍ୟକ, କାହାକୁ ଦୁଇଟି ଦରକାର ତ କାହା ପାଇଁ ଗୋଟିଏ ରୁଟି ଆବଶ୍ୟକ। ଚାରି, ଛଅ, ଦୁଇ, ଏକ। ଏହି ବଣ୍ଟନ ଆବଶ୍ୟକତା ଅନୁରୂପ ଏବଂ ହିତକର ମଧ୍ୟ। ଯଦି ମାଁ ଭାବିବ ଯେ ତା'ପାଇଁ ତ ସମସ୍ତେ ସମାନ, ଏଣୁ ସମସ୍ତଙ୍କୁ ତିନି ତିନିଟି ରୁଟି ବାଣ୍ଟିଦେବ ତେବେ ପରିଣାମ ଖରାପ ହେବ। ସବୁଠାରୁ ଛୋଟ ଶିଶୁକୁ ଯଦି ତିନୋଟି ରୁଟି ଖାଇବାକୁ ଦିଆଯାଏ ତେବେ ତାହାର ଅବସ୍ଥା କ'ଣ ହେବ ? ଯାହାର ଗୋଟିଏ ମାତ୍ର ରୁଟି ଦରକାର ତା'ମୁହଁରେ ଯଦି ତିନୋଟି ରୁଟି ଗୋଞ୍ଜି ଦିଆଯାଏ ତେବେ ତାହାର ଅବସ୍ଥା କ'ଣ ହେବ ? ତାହାକୁ ଡାକ୍ତରଙ୍କ ପାଖକୁ ନେବାକୁ ପଡ଼ିବ। ଯାହାକୁ ଛଅଟି ରୁଟି ଆବଶ୍ୟକ ତାହାକୁ ଯଦି ତିନୋଟି ରୁଟି ମିଳିବ ତାହେଲେ ସେ ନିଶ୍ଚୟ ଭୋକରେ ରହିବ। ଏଣୁ ଏପରି ହେଲେ ଜଣକୁ ଅତି ଯୋଗୁଁ କଷ୍ଟ ହେବ ତ ଅନ୍ୟ ଜଣକ ଅଳ୍ପ ପାଇ ଦୁଃଖୀ ହେବ, ଭୋକରେ ରହିବ।

ସୁତରାଂ ଭାରତୀୟ ପରମ୍ପରାରେ ବିତରଣ-ପ୍ରଣାଳୀ ଆବଶ୍ୟକତା ଅନୁରୂପେ ହୋଇଥାଏ। ଆପଣ ମାନେ ଶ୍ରୀରାମଚରିତ ମାନସରେ ଏହି ପ୍ରଣାଳୀକୁ ଦେଖନ୍ତୁ। ଦଶରଥଙ୍କୁ ଚରୁ ମିଳିଲା। ତାଙ୍କର ତିନୋଟି ରାଣୀ ଥିଲେ- କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ଦଶରଥ କ'ଣ ସମାନ ଭାବରେ ତିନିରାଣୀ ମଧ୍ୟରେ ଚରୁ ବାଣ୍ଟି ଥିଲେ କି ? ନା। ଆବଶ୍ୟକତା, ଯୋଗ୍ୟତା ଏବଂ ସାମର୍ଥ୍ୟ- ଏଇ ତିନୋଟି ବିଷୟକୁ ଦୃଷ୍ଟିରେ ରଖି ରାଜା ଚରୁକୁ ଦୁଇହାତରେ ନେଲେ, ତାହାକୁ ଦୁଇଭାଗ କଲେ

ଗୋଟିଏ ଭାଗ (ଅର୍ଥାତ୍ ଅଧା) ଭାଗ କୌଶଲ୍ୟାଙ୍କୁ ଦେଲେ। ପୁରା ୫୦ ପ୍ରତିଶତ କୌଶଲ୍ୟାଙ୍କୁ ଦେଲେ, ବାକି ଅର୍ଧଭାଗକୁ ଦୁଇ ଭାଗରେ ବାଣ୍ଟିଲେ। କେତେ ହେଲା ? ଶତକଡ଼ା ୨୫-୨୫, ଚାରିଅଣା-ଚାରିଅଣା। ଚାରିଅଣା କୈକେୟୀଙ୍କୁ ଦେଲେ। ବାକି ରହିଲା ଚାରିଅଣା। ସେହି ଚାରିଅଣା ଅର୍ଥାତ୍ ୨୫ ପ୍ରତିଶତକୁ ସ୍ୱୟଂ ପୁଣି ଦୁଇଭାଗ କରି କୌଶଲ୍ୟା ଏବଂ କୈକେୟୀଙ୍କୁ ଦେଇ କହିଲେ- ତୁମେ ଦୁଇଜଣ ମିଶି ସୁମିତ୍ରାଙ୍କୁ ଦିଅ। ତାହା ନେଇ କୌଶଲ୍ୟା ଏବଂ କୈକେୟୀ- ଦୁଇଜଣ ମିଶି ସୁମିତ୍ରାଙ୍କୁ ଦେଲେ। ଏଠାରେ ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ଏହା ଯେ, ବିତରଣର ଏହି ପ୍ରଣାଳୀରେ କାହାରି ମନରେ କୌଣସି ପ୍ରକାର ବିଷାଦ, ବିଦ୍ରୋହ କିମ୍ବା ଦୁଃଖ ହୋଇନାହିଁ। ରାଜା ଦଶରଥ ପକ୍ଷପତୀ ଅଟନ୍ତି- ଏପରି ଭାବନା ମଧ୍ଯ କାହାରି ମନରେ ଆସିନାହିଁ ଏବଂ ବିତରଣ ମଧ୍ୟ ବଡ଼ ପ୍ରେମରେ ହୋଇଗଲା। କାରଣ, ଏହା ଆବଶ୍ୟକତା ଏବଂ ଯୋଗ୍ୟତା ଅନୁରୂପେ ହେଲା।

ଏହାର ଫଳ କ'ଣ ମିଳିଲା ? ଅର୍ଦ୍ଧଭାଗର ଅଧିକାରିଣୀ ମହାରାଣୀ କୌଶଲ୍ୟାଙ୍କ ଗର୍ଭରୁ ଜ୍ଞାନସ୍ୱରୂପ ଭଗବାନ ଶ୍ରୀରାମ ପ୍ରକଟ ହେଲେ। ଶତକଡ଼ା ପଚିଶ ଭାଗ ମାତା କୈକେୟୀଙ୍କୁ ଦିଆଯାଇଥିଲା। ସେଥିରୁ ଧର୍ମପାଳନକାରୀ ଧର୍ମସ୍ୱରୂପ ଭରତ ପ୍ରକଟ ହେଲେ। ଏବଂ ଯେଉଁ ଦୁଇ ଭାଗ ଦୁଇ ରାଣୀଙ୍କ ମାଧ୍ୟମରେ ସୁମିତ୍ରାଙ୍କୁ ଦିଆଯାଇଥିଲା- ସେଥିରୁ ଉଭୟଙ୍କ ଅନୁଗାମୀ, ଜ୍ଞାନସ୍ୱରୂପ ଭଗବାନ ଶ୍ରୀରାମଙ୍କ ଅନୁଗାମୀ ବୈରାଗ୍ୟ ସ୍ୱରୂପ ଶ୍ରୀ ଲକ୍ଷ୍ମଣ ଏବଂ ଧର୍ମସ୍ୱରୂପ ଭରତଙ୍କର ଅନୁଗାମୀ ନିରହଙ୍କାର ସ୍ୱରୂପ ଶ୍ରୀ ଶତ୍ରୁଘ୍ନ ପ୍ରକଟ ହେଲେ।

ବୈରାଗ୍ୟ ସର୍ବଦା ଜ୍ଞାନର ଅନୁକରଣ କରେ ଏବଂ ନିରହଙ୍କାର ସର୍ବଦା ଧର୍ମର। ଦୁଇଭାଇ- ଲକ୍ଷ୍ମଣ ଏବଂ ଶତ୍ରୁଘ୍ନ, ରାମ ଏବଂ ଭରତଙ୍କର ଅନୁଗାମୀ ହେଲେ। ବିତରଣ-ପ୍ରଣାଳୀ ଏପରି ହେଲା ଯେ ତଦ୍ଦ୍ୱାରା ସମସ୍ତଙ୍କୁ ସନ୍ତୋଷ ମିଳିଲା, ସମସ୍ତଙ୍କୁ ଆନନ୍ଦ ମିଳିଲା। ଭାରତୀୟ ସନାତନ

ଧର୍ମର ପରମ୍ପରାରେ ବିତରଣ ପ୍ରଣାଳୀର ସ୍ୱରୂପ ଏବଂ ପରିଣାମ କ'ଣ ହୋଇଥାଏ- ଏହା ହେଉଛି ତାହାର ଏକ ଉତ୍କୃଷ୍ଟ ଉଦାହରଣ। ପ୍ରେମରେ ବିତରଣ ହେଲେ, ଆବଶ୍ୟକତା ଅନୁରୂପେ ବିତରଣ ହେଲେ ଫଳ ଉତ୍କୃଷ୍ଟ ହୋଇଥାଏ। ସୁତରାଂ କର୍ମକୁ ଭଗବାନଙ୍କୁ ଅର୍ପଣ କରିଦିଅନ୍ତୁ। କର୍ମଫଳ ରୂପରେ ଭଗବାନ ଆବଶ୍ୟକତା ଅନୁସାରେ ଆପଣଙ୍କୁ ଯାହା ଦେଉଛନ୍ତି, ତାହା ପ୍ରସାଦ ରୂପରେ ଗ୍ରହଣ କରନ୍ତୁ ଏବଂ ତାକୁ ମଧ୍ୟ ଆପଣ ବିତରଣ କରନ୍ତୁ। ଦେଖିବେ- ତଦ୍‌ଦ୍ୱାରା ଆପଣଙ୍କୁ ତ ଆତ୍ମସନ୍ତୋଷ ନିଶ୍ଚୟ ମିଳିବ, ତା' ସହିତ ଅନ୍ୟମାନଙ୍କୁ ମଧ୍ୟ ଆନନ୍ଦ ମିଳିବ।

ଏହି ସଂସାର ପ୍ରଭୁଙ୍କର ଅଟେ। ଏହାକୁ ସେ ତିଆରି କରିଛନ୍ତି। ଏହାର ବ୍ୟବସ୍ଥା ମଧ୍ୟ ସେ ହିଁ କରନ୍ତି। ଏହି କାରଣରୁ ଏ ସଂସାରରେ କେବଳ ଧନୀ ନ ଥାନ୍ତି। ଧନୀ ଯଦି ଅଛନ୍ତି ତ ଗରିବ ମଧ୍ୟ ଅଛନ୍ତି। ଜ୍ଞାନୀ ଅଛନ୍ତି ତ ଅଜ୍ଞାନୀ ମଧ୍ୟ ଅଛନ୍ତି। ସଂସାରୀ ଅଛନ୍ତି ତ ସନ୍ନ୍ୟାସୀ ମଧ୍ୟ ଅଛନ୍ତି। ସଜ୍ଜନ ଅଛନ୍ତି ତ ଦୁର୍ଜ୍ଜନ ମଧ୍ୟ ଅଛନ୍ତି। କେବେ କେବେ ମୋତେ ଲୋକେ ପଚାରନ୍ତି- ସ୍ୱାମୀଜୀ ! ଆପଣଙ୍କର ପ୍ରବଚନରେ ପ୍ରଭାବିତ ହୋଇ ଯଦି ସମସ୍ତେ ସନ୍ନ୍ୟାସୀ ହୋଇଯିବେ ତେବେ ସଂସାରର କ'ଣ ହେବ ? ମୁଁ କହେ- ଯଦି ଏପରି ହୁଏ ତେବେ ବହୁତ ଭଲ ହେବ, କିନ୍ତୁ ଜାଣିରଖନ୍ତୁ- ଏପରି କଦାପି ହେବ ନାହିଁ। ମୁଁ ଜାଣେ, ଆପଣମାନେ ଶୁଣୁଥିବା ପର୍ଯ୍ୟନ୍ତ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥାନ୍ତି କିନ୍ତୁ ଗେଟ୍ ବାହାର ହେଲା କ୍ଷଣି- **"ତ୍ୱଦୀୟଂ ବସ୍ତୁ ସ୍ୱାମୀଜୀ ତୁଭ୍ୟମେବ ସମର୍ପୟେ"**- ହେ ସ୍ୱାମୀଜୀ ! ଆପଣ ଯାହାକିଛି ଆମ୍ଭମାନଙ୍କୁ ଶୁଣାଇଲେ ସେ ସବୁକୁ ଆମେ ଆପଣଙ୍କୁ ହିଁ ସମର୍ପଣ କରି ଯାଉଛୁ- ଏହା କରନ୍ତି ଏବଂ ଫାଟକରୁ ବାହାରିଗଲା ପରେ ପୁଣି ସେହି ଘର-ଦ୍ୱାର, ଚାଷ-ବାସ, ସଂସାରରେ ମାତିଯାଆନ୍ତି।

ଆପଣମାନେ ଯେତେବେଳ ପର୍ଯ୍ୟନ୍ତ ଏଠାରେ ବସିଥାଆନ୍ତି ସେତେବେଳ ପର୍ଯ୍ୟନ୍ତ ଆପଣଙ୍କୁ ଶତ୍ରୁ-ମିତ୍ର, ନିଜ-ପର କାହାର ଜ୍ଞାନ

ରହେ ନାହିଁ। କିନ୍ତୁ ଫାଟକ ପାରି ହେଲାପରେ ପୁଣି ସେ ସବୁ ଚାଲିଆସେ। ଏହା ହିଁ ତ ସଂସାର। ସଂସାରକୁ ଭଗବାନ ଏହିପରି ଭାବରେ ତିଆରି କରିଛନ୍ତି। ଏଣୁ ଏହି ସଂସାରରେ, ଏହି ଦ୍ୱନ୍ଦ୍ୱ ମଧ୍ୟରେ, ଏହି ପ୍ରପଞ୍ଚ ଭିତରେ ସେ ବ୍ୟକ୍ତି ହିଁ ସୁଖୀ ହୋଇପାରେ ଯିଏ ଯୋଗୀ ଅଟେ।

ଆପଣ ଯୋଗୀ ହୋଇ କର୍ମ କରନ୍ତୁ ଏବଂ କର୍ମ କରିବା ସମୟରେ ଏପରି ଭାବନା କରନ୍ତୁ ଯେ ଆପଣ ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇ କର୍ମ କରୁଛନ୍ତି। କର୍ମ ଆପଣଙ୍କର ସାଧନା ହେଉ, ଆପଣଙ୍କର ଆରାଧନା ହେଉ। **"ଯଦ୍ୟଦ୍ କର୍ମ କରୋମି ତତ୍ତଦଖିଳଂ ଶମ୍ଭୋ ତବାରାଧନମ୍।"** ଭାବନ୍ତୁ, "ହେ ପ୍ରଭୁ! ମୁଁ ଯାହାକିଛି ମଧ୍ୟ କରୁଅଛି- ସବୁ ତୁମର ଆରାଧନା ଅଟେ। ସବୁକିଛି ତୁମକୁ ହିଁ ସମର୍ପିତ ଅଟେ।" ଆପଣମାନେ ଏହି ଭାବନାର ଅଭ୍ୟାସ କରନ୍ତୁ। ସାରାଦିନ ଯେତେ କାମ କରନ୍ତି, ରାତିରେ ବିଛଣାକୁ ଯିବା ପୂର୍ବରୁ ଦିନସାରା କରିଥିବା ସମସ୍ତ କର୍ମକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦିଅନ୍ତୁ। ଦେଖିବେ, ଆପଣଙ୍କୁ ସୁଖନିଦ୍ରା ହେବ। ଆପଣ ଗଭୀର ନିଦ୍ରାରେ ଶୋଇପାରିବେ। ନ ହେଲେ ପଲଙ୍କରେ ଶୋଇ ଶୋଇ ପୁଅର କ'ଣ ହେବ, ଝିଅର କ'ଣ ହେବ, ବ୍ୟାପାର କିପରି ଚାଲିବ, ପଇସା କେଉଁଠାରୁ ଆସିବ- ଏହି ଚିନ୍ତାରେ କଡ଼ ଲେଉଟାଉ ଥିବେ। କେବଳ ନିଦ ବଟିକାର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିବ, କିନ୍ତୁ ନିଦ ହେବନାହିଁ। ଏଇଥିପାଇଁ ଆମର ଭାରତୀୟ ପରମ୍ପରାରେ ଶୋଇବା ସମୟରେ ଭଗବାନଙ୍କୁ ସ୍ମରଣ କରିବାର ନିୟମ ରହିଛି।

ସଂସାରକୁ ପ୍ରେମ କରନ୍ତୁ, କିନ୍ତୁ ଆତ୍ମଭାବରେ। ପ୍ରେମକୁ ପରମାତ୍ମାଙ୍କ ସହିତ ଯୋଡ଼ିଦିଅନ୍ତୁ। ଆପଣଙ୍କ ପ୍ରେମ ଯଦି ପରମାତ୍ମାଙ୍କ ସହିତ ଯୋଡ଼ିହୋଇଗଲା ତେବେ ତାହା ନିଃସ୍ୱାର୍ଥ ହୋଇଯିବ, ନିଷ୍କାମ ହୋଇଯିବ। ନିଷ୍କାମ ପ୍ରେମ ସମସ୍ତଙ୍କ ପ୍ରତି ସମାନ ହେବ। ଶତ୍ରୁ ହେଉ

ଅଥବା ମିତ୍ର- ଆପଣ କାହାରି ଅମଙ୍ଗଳ କାମନା କରିପାରିବେ ନାହିଁ। ଯଦି ଆପଣ କାହାରି ଅମଙ୍ଗଳ କାମନା କରନ୍ତି, ତେବେ ଏହା ନିଶ୍ଚିତ ଭାବରେ ଜାଣିରଖନ୍ତୁ ଯେ କେହି ଆପଣଙ୍କର ମଧ୍ୟ ଅମଙ୍ଗଳ କାମନା କରୁଥିବ। ଯଦି ଆପଣ କାହାପାଇଁ କୂଅ ଖୋଳିବେ, ତେବେ କେହି ଆପଣଙ୍କ ପାଇଁ ମଧ୍ୟ ଗାତ ଖୋଳିବ। ଏହି ସଂସାରରେ ଆପଣ ଯାହା ଦିଅନ୍ତି, ଠିକ୍ ତାହା ହିଁ ପାଇଥାଆନ୍ତି। ଯାହା ବୁଣିଥାନ୍ତି, ଠିକ୍ ତାହା ହିଁ ଅମଳ କରଥାନ୍ତି। ସଂସାରର ଏହାହିଁ କ୍ରମ, ଏହାହିଁ ନିୟମ ଅଟେ। ଏହା ପ୍ରକୃତିର ସ୍ୱଭାବ ଅଟେ। ତେଣୁ ସନ୍ଥଗଣ ସର୍ବଦା ଅନ୍ୟର ହିତ ଚିନ୍ତା କରନ୍ତି। ସେମାନେ ନିଜର ଚିନ୍ତା କରନ୍ତି ନାହିଁ। ମୁଁ କିପରି ଖାଇବି, କିପରି ରହିବି- ଏହାର ଚିନ୍ତା ସନ୍ଥ କରନ୍ତି ନାହିଁ। ଏହାର ଚିନ୍ତା ତ ସଂସାରୀମାନେ କରିଥାନ୍ତି। ଆପଣମାନେ ସବୁ ଚିନ୍ତା ଭଗବାନଙ୍କ ଉପରେ ଛାଡ଼ିଦିଅନ୍ତୁ। ସମସ୍ତଙ୍କୁ କେବଳ ପ୍ରେମ କରନ୍ତୁ। ସେହି ପ୍ରେମ ହିଁ ଆପଣଙ୍କୁ ପରମାତ୍ମାଙ୍କ ସହିତ ସଂଯୋଗ କରିଦେବ।

ସେହିପରି ଆପଣ ଯଦି ଜ୍ଞାନର ସଂଗ୍ରହ କରୁଛନ୍ତି ତେବେ ସେହି ଜ୍ଞାନକୁ ମଧ୍ୟ ପରମାତ୍ମାଙ୍କ ସହିତ ସଂଯୁକ୍ତ କରିଦିଅନ୍ତୁ। ମନେରଖନ୍ତୁ- ନିଜ ସହିତ ନୁହେଁ। ନିଜ ସହିତ ସଂଯୁକ୍ତ କଲେ ଜ୍ଞାନ ଅହଙ୍କାର ସୃଷ୍ଟି କରିବ। ମୁଁ ଏତେ ବଡ଼ ବିଦ୍ୱାନ, ମୁଁ ଏତେ ବଡ଼ ଜ୍ଞାନୀ ଅଟେ- ମନରେ ଏହି ଭାବ ଉତ୍ପନ୍ନ ହେବ। ଯେତେବେଳେ ବ୍ୟକ୍ତି ନିଜକୁ ନିଜେ ଜ୍ଞାନୀ ମନେ କରେ, ତେବେ ଏହିପରି ମୁଢ଼ପଣ କରେ ଏବଂ ସେ ଏପରି ଭୁଲ୍ କରିବସେ ଯେ ପରବର୍ତ୍ତୀ ସମୟରେ ପରିହାସର ପାତ୍ର ହୋଇଥାଏ। ଜ୍ଞାନ ହେଉ, ଭକ୍ତି ହେଉ, କର୍ମ ହେଉ, ସାଧନା ହେଉ ଅଥବା ସିଦ୍ଧି- ସବୁକିଛି ଭଗବାନଙ୍କୁ ସମର୍ପଣ କରନ୍ତୁ ଏବଂ ଆପଣ ନିଜେ ଖାଲି ହୋଇଯାଆନ୍ତୁ। ଭଗବାନଙ୍କ ସହିତ ଯୋଡ଼ି ହୋଇ ରହିଲେ, ଭଗବାନଙ୍କୁ ସବୁକିଛି ସମର୍ପଣ କରି ଦେଲେ ଭଗବାନ ମଧ୍ୟ ଭାବିବେ ଯେ ଆପଣଙ୍କର କ'ଣ ଆବଶ୍ୟକତା

ରହିଛି, କେତେ ଆବଶ୍ୟକତା ରହିଛି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

**ମତ୍‌କର୍ମ କୃନ୍‌ମତ୍ପରମୋ ମଦ୍‌ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥** (୧୧/୫୫)

**"ଯଃ ସ ମାମ୍ ଇତି"**- ଯିଏ ଏପରି ଅଟେ, ସେ ମୋର ଅଟେ। ଭଗବାନ କହୁଛନ୍ତି- "ମୋର ଅଟେ"। ବର୍ତ୍ତମାନ ଆମେ ଭଗବାନଙ୍କୁ "ମୋର ଅଟନ୍ତି" ବୋଲି କହିପାରୁନୁ। ଆମେ ଭଗବାନଙ୍କୁ ମୋର ବୋଲି ମାନି ନଥାଉଁ। ସେହି ଲକ୍ଷଣ ଗୁଡ଼ିକ ମଧ୍ୟ ଆମ ଭିତରେ ନାହିଁ। ଭଗବାନ କହୁଛନ୍ତି କିଏ ମୋର ? "ମତ୍‌କର୍ମ କୃତ୍"- ଯିଏ ମୋ' ପାଇଁ କର୍ମ କରେ, ନିଜ କର୍ମକୁ ମୋତେ ସମର୍ପିତ କରେ। "ମତ୍ପରମୋ"- ଯିଏ ମୋତେ ଶ୍ରେଷ୍ଠ ଭାବେ, ସେ ମୋର ଅଟେ। ଏଣୁ ଭଗବାନଙ୍କୁ ହିଁ ଶ୍ରେଷ୍ଠ ଭାବନ୍ତୁ। ଏପରି ନୁହେଁ ଯେ ଯଦି ଆଜି କେହି ମନ୍ତ୍ରୀ ହୋଇଗଲା, ଅଫିସର ହୋଇଗଲା, ତା'ଅର୍ଥ ସେ ଶ୍ରେଷ୍ଠ ହୋଇଗଲା। କାହା ପାଖରେ ବେଶୀ ଧନ ହୋଇଗଲା ତ ସେ ଶ୍ରେଷ୍ଠ ହୋଇଗଲା। ଏହି ପଦ, ପ୍ରତିଷ୍ଠା ଓ ବୈଭବ- ଏ ସବୁ ଶ୍ରେଷ୍ଠତାର ପ୍ରତିପାଦକ ନୁହେଁ। ଏମାନେ କେହି ଶ୍ରେଷ୍ଠ ନୁହନ୍ତି। ଅପିତୁ ଯିଏ ଏସବୁ ଦେଇଛନ୍ତି ସେ ହିଁ ଶ୍ରେଷ୍ଠ ଅଟନ୍ତି। ଆଉ ଦେବା ବ୍ୟକ୍ତି ସଂସାରରେ କେବଳ ଜଣେ ମାତ୍ର- **"ଦାତା ଏକ ରାମ। ଭିଖାରୀ ସାରୀ ଦୁନିଆଁ।"**

ଦାତା କେବଳ ରାମ ଅଟନ୍ତି। ଆମେ ସମସ୍ତେ କେବଳ ଭିକାରୀ ମାତ୍ର। କାରଣ ଆମେ ଦିନ-ରାତି କେବଳ ମାଗିଥାଉଁ। କିନ୍ତୁ ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ଯେ ଭଗବାନଙ୍କ ସମ୍ମୁଖରେ ମଧ୍ୟ ଆପଣ ହାତ ଖୋଲି କିଛି ମାଗନ୍ତୁ ନାହିଁ। ଗୁରୁ ହୁଅନ୍ତୁ ବା ଗୋବିନ୍ଦ- କାହା ସମ୍ମୁଖରେ ହସ୍ତ-ପ୍ରସାରିତ କରି କିଛିବି ମାଗିବାର ଆବଶ୍ୟକତା ନାହିଁ। ଯଦି ଆପଣ ତାଙ୍କୁ ସର୍ବଜ୍ଞ ବୋଲି ମାନୁଥାଆନ୍ତି ତେବେ ମାଗିବାର

ଆବଶ୍ୟକତା କ'ଣ ଅଛି ?

ଆରେ ଭାଇ ! ସେ ଗୁରୁ କି ଗୁରୁ ଯିଏ ଆପଣଙ୍କର ଅନ୍ତରାତ୍ମାକୁ ଚିହ୍ନିପାରେ ନାହିଁ ? ସେ କି ଗୁରୁ ଯିଏ ଆପଣଙ୍କର ସ୍ୱଭାବ, ସଂସ୍କାର ଏବଂ ଆବଶ୍ୟକତାକୁ ଜାଣେ ନାହିଁ ? ସେହିପରି ସେ ଭଗବାନ ମଧ୍ୟ ଭଗବାନ ନୁହେଁ ଯିଏ ଆପଣଙ୍କର ଆବଶ୍ୟକତାକୁ ଜାଣିପାରେ ନାହିଁ। ଗୁରୁ ଏବଂ ଗୋବିନ୍ଦ- ଏମାନଙ୍କ ପାଖରେ ଅଛପା କିଛି ନାହିଁ। ଆପଣ ତାଙ୍କ ଠାରୁ ନିଜକୁ ଲୁଚାଇ ମଧ୍ୟ ପାରିବେ ନାହିଁ। ସେଇଥି ପାଇଁ ତ ତାଙ୍କୁ ସର୍ବଜ୍ଞ କୁହାଯାଇଥାଏ। ସୁତରାଂ କିଛି ମାଗିବାର ଆବଶ୍ୟକତା ନାହିଁ। ହଁ, ତାହେଲେ ଆପଣ କ'ଣ କରିବେ ? ନିଜ ଭିତରେ ନିଜର ଯୋଗ୍ୟତାକୁ ବୃଦ୍ଧି କରିବେ। ଏଣୁ ଆପଣ ନିଜକୁ ଏପରି ଭାବରେ ପ୍ରସ୍ତୁତ କରନ୍ତୁ- ଯେପରି କି ଗୁରୁ ଆପଣଙ୍କ ଉପରେ ମୁଗ୍ଧ ହୋଇଯିବେ। ଗୋବିନ୍ଦ ଆପଣଙ୍କ ଉପରେ ମୁଗ୍ଧ ହୋଇଯିବେ।

ଫୁଲ କେବେହେଲେ ଭ୍ରମରକୁ ଚିଠି ଲେଖେ ନାହିଁ ଯେ ମୁଁ ପ୍ରସ୍ଫୁଟିତ ହୋଇଗଲିଣି, ମୋର ସୌରଭ ଚତୁର୍ଦ୍ଦିଗରେ ପ୍ରସାରିତ ହୋଇଯାଉଛି, ଏଣୁ ତୁମେ ଆସ ! ଫୁଲ ସ୍ୱଭାବତଃ ପ୍ରସ୍ଫୁଟିତ ହୁଏ। ପ୍ରସ୍ଫୁଟିତ ହୋଇ ସେ ନିଜର ସୁଗନ୍ଧି ଏବଂ ରସକୁ ନିଜ ପାଖରେ ସଂଗ୍ରହ କରି ରଖେ ନାହିଁ। ସେ ପ୍ରସ୍ଫୁଟିତ ହୁଏ, ପ୍ରଫୁଲ୍ଲ ହୋଇଯାଏ ଏବଂ ପ୍ରସନ୍ନତା ପୂର୍ବକ ନିଜ ପାଖରେ ଥିବା ସୁରଭିକୁ ଚତୁର୍ଦ୍ଦିଗରେ ପ୍ରସାରିତ କରିଦିଏ। ସେହି ସୁରଭି ହିଁ ଭ୍ରମର ପାଇଁ ସନ୍ଦେଶ ହୋଇଯାଏ ଏବଂ ଭ୍ରମର ଯେତେ ଦୂରରେ ଥିଲେ ମଧ୍ୟ ସୁରଭି ମିଳିବା କ୍ଷଣି ଆକର୍ଷିତ ହୋଇ ଫୁଲ ସମୀପକୁ ଚାଲି ଆସିଥାଏ।

ଶ୍ରୀରାମ ଚରିତମାନସରେ ଏଭଳି ବହୁତ ଦୃଷ୍ଟାନ୍ତ ଭରି ରହିଛି। ଭଗବାନ ଶ୍ରୀରାମ ନିଜେ ଖୋଜି ଖୋଜି ଋଷି-ମୁନି ଏବଂ ଭକ୍ତମାନଙ୍କ ପାଖକୁ ଯାଇଛନ୍ତି। କେହି ହେଲେ ଭକ୍ତ ଭଗବାନଙ୍କୁ ଖୋଜି ନାହାନ୍ତି।

ମାନସରେ ଆପଣ ଦେଖିବେ– କେହି ହେଲେ ଭକ୍ତ ଭଗବାନଙ୍କୁ ଖୋଜିବାକୁ ଯାଇନାହାନ୍ତି । ଭଗବାନ ଶ୍ରୀରାମ ଅଯୋଧ୍ୟାରେ ଏପରି ପରିସ୍ଥିତିରେ ପଡ଼ିଲେ ଯେ ତାଙ୍କୁ ଅଯୋଧ୍ୟାରୁ ଦୂର, ବନକୁ ଚଉଦବର୍ଷ ପାଇଁ ଯିବାକୁ ହେଲା । ଭଗବାନ ଭାବିଲେ, ଯାହା ହେଉ ମୁଁ ଯାହା ଚାହୁଁଥିଲି ତାହା ହେଲା । ମାତା କୈକେୟୀ ମୋର କଲ୍ୟାଣ କରିଦେଲେ । ସେ ଆନନ୍ଦରେ ବନକୁ ଗଲେ । କାହିଁକି ? କାରଣ ଗୋଟିଏ ପଟରେ ଭକ୍ତମାନେ ବଣରେ ରହି ନିଜ ନିଜ ଆଶ୍ରମରେ ବସି ଭଗବାନଙ୍କର ଧ୍ୟାନ କରୁଥିଲେ ଏବଂ ଅନ୍ୟ ପଟରେ ଭକ୍ତମାନଙ୍କର ସାକ୍ଷାତ୍ ପାଇଁ ସ୍ୱୟଂ ଭଗବାନ ମଧ୍ୟ ଛଟପଟ ହେଉଥିଲେ । ଭାବୁଥିଲେ– ତାଙ୍କ ପାଖକୁ କିପରି ଯିବି ? ଭକ୍ତମାନେ ନିଜ ନିଜ ଆଶ୍ରମରେ ବସି ରହିଥିଲେ ଏବଂ ପ୍ରଭୁ ଶ୍ରୀରାମ ଖୋଜି ଖୋଜି ତାଙ୍କ ନିକଟକୁ ପହଞ୍ଚିଯାଇଥିଲେ ।

ଏଣୁ ବନ୍ଧୁଗଣ ! ମୁଁ ମଧ୍ୟ ଆପଣଙ୍କୁ ପରାମର୍ଶ ଦେବି ଯେ ଭଗବାନଙ୍କୁ ଖୋଜିବାପାଇଁ ଆପଣଙ୍କୁ କାଶୀ–ବନାରସ, ହରିଦ୍ୱାର କିମ୍ବା ପୁରୀ ଯିବା ଜରୁରୀ ନୁହେଁ । ଅବଶ୍ୟ ଆଜିକାଲି କିଏ ଭଗବାନଙ୍କୁ ଖୋଜିବା ଅଥବା ଦର୍ଶନ କରିବାପାଇଁ ଯାଇଥାଏ ? ଲୋକେ ତ ଛୁଟି କଟାଇବା ପାଇଁ ପୁରୀ, ବନାରସ, ହରିଦ୍ୱାର ଯାଇଥାଆନ୍ତି । କେହି କ'ଣ ସେଠାରେ ପରମାତ୍ମାଙ୍କୁ ଖୋଜିଥାଏ କି ? ଯାଆନ୍ତି, ଫେରି ଆସନ୍ତି, ଭଗବାନ ମଧ୍ୟ ମିଳନ୍ତି ନାହିଁ । ହଁ, ଯଦି ଆପଣ ଶ୍ରଦ୍ଧାର ସହିତ ଯିବେ, ତେବେ ସେଠାରେ ସେ ଆପଣଙ୍କୁ ମିଳିଯିବେ ଏବଂ ଶ୍ରଦ୍ଧା ଥିଲେ ସେ ଏଠାରେ ମଧ୍ୟ ଆପଣଙ୍କୁ ମିଳିଯିବେ । ଭଗବାନ କେଉଁଠି ନାହାନ୍ତି ? ସେ ସର୍ବତ୍ର ଅଛନ୍ତି । ସବୁ ସମୟରେ ଅଛନ୍ତି । ସମସ୍ତଙ୍କ ଭିତରେ ଅଛନ୍ତି । ତେଣୁ ଯୋଗୀମାନେ ଗୋଟିଏ ସ୍ଥାନରେ ବସନ୍ତି । ସନ୍ଥମାନେ ଗୋଟିଏ ସ୍ଥାନରେ ବସନ୍ତି ଏବଂ ସେହିଠାରେ ପରମାତ୍ମାଙ୍କୁ ଡାକନ୍ତି । ତାଙ୍କର ଡାକିବାର ପ୍ରକ୍ରିୟା ଏପରି ହୁଏ ଯେ ତଦ୍ୱାରା ତାଙ୍କର ଅନ୍ତଃକରଣ ପବିତ୍ର ଏବଂ ପ୍ରଫୁଲ୍ଲିତ

ହୋଇଯାଏ। ସେଠାରୁ ସଦ୍‌ଭାବନାର ସୁଗନ୍ଧି ଏବଂ ପ୍ରେମରସର ଧାରା ଏପରି ଭାବରେ ପ୍ରବାହିତ ହୁଏ ଯେ ତାକୁ ପ୍ରାପ୍ତ କରିବା ପାଇଁ ସ୍ୱୟଂ ଭଗବାନ ହିଁ ଆକର୍ଷିତ ହୋଇ ଆସନ୍ତି।

ଭଗବାନଙ୍କୁ ଫୁଲ ଅର୍ପଣ କରାଯାଏ। ଏହାର ଅର୍ଥ କ'ଣ ? ଫୁଲ ପ୍ରସନ୍ନତାର ପ୍ରତୀକ ଅଟେ। ନିଜର ଅନ୍ତଃକରଣକୁ ପ୍ରସନ୍ନ କରିଦିଅନ୍ତୁ। ମନକୁ ପବିତ୍ର କରିଦିଅନ୍ତୁ। ହୃଦୟକୁ ପ୍ରେମପୂର୍ଣ୍ଣ କରିଦିଅନ୍ତୁ। ଦେଖିବେ– ସେହି ସ୍ଥାନରେ ଭଗବାନ ଆବିର୍ଭାବ ହୋଇଯିବେ। ଭଗବାନ ଆବିର୍ଭାବ ହୋଇଗଲେ ଆପଣ କ'ଣ ହୋଇଯିବେ ? **"ଜାନତ ତୁମହିଁ ତୁମହିଁ ହୋଇ ଜାଇ"** – ତାଙ୍କୁ ଜାଣିଗଲେ ଆପଣ ମଧ ଭଗବାନ ହୋଇଯିବେ।

ଆମେ ସନ୍ଥମାନଙ୍କୁ "ସନ୍ଥ ଭଗବାନ" କହିଥାଉଁ। ଗୁରୁଙ୍କୁ "ସଦ୍‌ଗୁରୁଦେବ ଭଗବାନ" କହିଥାଉଁ। ସନ୍ଥ ଏବଂ ଗୁରୁଙ୍କ ସହିତ ଭଗବାନ ଶବ୍ଦ ଯୋଡ଼ି ଦେଇଥାଉଁ। ଏହାର ଅର୍ଥ ଏହା ନୁହେଁ ଯେ ସେମାନେ ସପ୍ତଲୋକର ଊର୍ଦ୍ଧ୍ୱରୁ ଆସି ପ୍ରକଟ ହେଲେ ଓ ଭଗବାନ ହୋଇଗଲେ। ଭଗବାନ ଶବ୍ଦ ଏଠାରେ ସମ୍ମାନର, ଶକ୍ତିର, ଐଶ୍ୱର୍ଯ୍ୟ ଓ ଆଧ୍ୟାତ୍ମିକ ଉତ୍କର୍ଷର ପ୍ରତୀକ ଅଟେ। ଏହାର ଅର୍ଥ ଏହା ଯେ ଭଗବତ୍ ସାକ୍ଷାତ୍‌କାର କଲାପରେ ବ୍ୟକ୍ତି ସମ୍ମାନାସ୍ପଦ ହୋଇଯାଏ। ସାମର୍ଥ୍ୟବାନ୍ ଏବଂ ଐଶ୍ୱର୍ଯ୍ୟବାନ୍ ହୋଇଯାଏ। ଭଗବତ୍ ସ୍ୱରୂପ ହୋଇଯାଇଥାଏ।

ଏହି ସ୍ଥିତିକୁ ପ୍ରାପ୍ତ କରିବାକୁ ହେଲେ ଆପଣଙ୍କୁ ମଧ୍ୟ ଯୋଗୀ ହେବାକୁ ପଡ଼ିବ। କିନ୍ତୁ ଯୋଗୀ କିପରି ହେବେ ? ଯୋଗ କାହିଁକି କରିବେ ? ପେଟ କମ୍ କରିବାପାଇଁ ? ମୋଟାପଣ କମ୍ କରିବାପାଇଁ ? ଯୋଗ ସାଧନାର ଲକ୍ଷ୍ୟ କ'ଣ ଏଇୟା ? ଯୋଗ ସାଧନାର ଲକ୍ଷ୍ୟ ହେଉଛି ଆତ୍ମ-ସାକ୍ଷାତ୍କାର। ଯୋଗ ସାଧନାର ଲକ୍ଷ୍ୟ ହେଉଛି ନିର୍ବିକଳ୍ପ ସମାଧି। କିନ୍ତୁ ଆଜିକାଲି ଏଥିପାଇଁ ଯୋଗ କରାଯାଉନାହିଁ। ଯୋଗ ଏଇଥିପାଇଁ କରାଯାଉଛି ଯେ ଯୋଗ କଲେ ମୋଟାପଣ କମ୍ ହେବ। ଆରେ ଭାଇ !

ବହୁତ ପଇସା ଖର୍ଚ୍ଚ କରି ପେଟ କମାଇବା ପାଇଁ ହରିଦ୍ୱାର ଯିବାର କ'ଣ ଆବଶ୍ୟକତା ଅଛି ? ନିଜ ଘରେ ମଧ୍ୟ ଆପଣ ସଂଯମରେ ରୁହନ୍ତୁ, ପେଟ କମିଯିବ, ମୋଟାପଣ କମିଯିବ ଏବଂ ଶରୀର ମଧ୍ୟ ସୁସ୍ଥ ରହିବ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି–

**ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ॥** (୬/୧୭)

ଯେଉଁ ବ୍ୟକ୍ତି ଏହି ପ୍ରକାରେ ଜୀବନ ବ୍ୟତୀତ କରେ– ଯୋଗ ତା'ର ଦୁଃଖ ଦୂର କରେ, ସମସ୍ତଙ୍କର ନୁହେଁ। ଯୁକ୍ତ ଭୋଜନର ଅର୍ଥ ହେଲା– ଶରୀରର ଆବଶ୍ୟକତା ଅନୁସାରେ ଭୋଜନ। ଏପରି ନୁହେଁ ଯେ ଖାଇ ଖାଇ ରାତିଦିନ ଡାକ୍ତରଙ୍କ ପାଖକୁ ଦୌଡୁଥିବେ। ଭୋଜନ ଏତିକି କରନ୍ତୁ ଯେତିକି ଦେହ ପାଇଁ ଆବଶ୍ୟକ। ଚରକ କହିଛନ୍ତି– ବ୍ୟକ୍ତିକୁ ଋତଭୁକ୍, ମିତଭୁକ୍ ଏବଂ ହିତଭୁକ ହେବା ଉଚିତ। ଅତ୍ୟଧିକ ଭୋଜନ କରିବା ଦ୍ୱାରା କେହି ବଳବାନ ହୋଇନଥାଏ। ଯେଉଁ ବ୍ୟକ୍ତି ସନ୍ତୁଳିତ ଭୋଜନ କରେ, ଉଚିତ ମାତ୍ରାରେ ଭୋଜନ କରେ, ଶୁଦ୍ଧ ଭୋଜନ କରେ ଏବଂ ଠିକ୍ ସମୟରେ ଶୋଇଥାଏ, ଠିକ୍ ସମୟରେ ଜାଗ୍ରତ ହୋଇଥାଏ ସେ ହିଁ ଯୋଗୀ ଅଟେ। ଏପରି ହେବା ଆଦୌ ଉଚିତ ନୁହେଁ ଯେ ଆପଣ ରାତି ଦୁଇଟା ପର୍ଯ୍ୟନ୍ତ ଟି.ଭି. ସିରିଏଲ ଦେଖି ଚାଲିବେ ଏବଂ ଦିନ ଦଶଟା ପର୍ଯ୍ୟନ୍ତ ଶୋଇ ରହିବେ। ଏପରି ହେଲେ ସଂସାରର କୌଣସି ବୈଦ୍ୟ ଆପଣଙ୍କୁ ନିରୋଗ କରି ପାରିବ ନାହିଁ। ଏପରି ହେଲେ ଆପଣ ରୋଗୀ ହୋଇ ରହିବେ। ଠିକ୍ ସମୟରେ ଆପଣ ଯଦି ଶୁଅନ୍ତି ଏବଂ ଠିକ୍ ସମୟରେ ଉଠନ୍ତି ତେବେ ଆପଣଙ୍କୁ ଔଷଧର ଆବଶ୍ୟକତା ହେବ ନାହିଁ। ଠିକ୍ ଭୋଜନ କରିବା, ଠିକ୍ ସମୟରେ ଶୋଇବା, ଠିକ୍ ସମୟରେ ଉଠିବା, ଠିକ୍ ଭାବରେ କାମ କରିବା, ସାମର୍ଥ୍ୟ ଅନୁସାରେ କାମ କରିବା, ତେବେଯାଇ ସବୁ ଠିକ୍ ହେବ। ଯଦି ଆପଣଙ୍କ

ଦଶ କିଲୋ ଓଜନ ଉଠାଇବା ଶକ୍ତି ରହିଛି କିନ୍ତୁ ଆପଣ ନିଜର ବନ୍ଧୁମାନଙ୍କୁ ଦେଖାଇବା ପାଇଁ ପଚିଶ କିଲୋ ଓଜନ ଉଠାଇବେ- ତେବେ ଅଣ୍ଟା ନିଶ୍ଚୟ ଭାଙ୍ଗିବ । ଏଣୁ ନିଜର ସାମର୍ଥ୍ୟକୁ ଦେଖନ୍ତୁ ଏବଂ ନିଜପାଇଁ କର୍ମର ଚୟନ କରନ୍ତୁ କି କେଉଁ କର୍ମ ଆପଣଙ୍କ ପାଇଁ କରିବା ଯୋଗ୍ୟ ଅଟେ । ତେଣୁ ଯିଏ ସଠିକ୍ କର୍ମ କରେ, ଯୁକ୍ତ ଆହାର-ବିହାର କରେ, ଠିକ୍ ସମୟରେ ଶୋଇଥାଏ ଏବଂ ଉଠିଥାଏ- ଯୋଗ ସେହି ବ୍ୟକ୍ତି ପାଇଁ ଲାଭଦାୟକ ହୋଇଥାଏ, ଅନ୍ୟମାନଙ୍କ ପାଇଁ ନୁହେଁ ।

ଯୋଗର ଲକ୍ଷ୍ୟ ମୋଟାପଣ କମ୍ କରିବା ନୁହେଁ । ଯୋଗର ଲକ୍ଷ୍ୟ ଶରୀରକୁ ମଧ୍ୟ ଠିକ୍ ରଖିବା ନୁହେଁ । ଯୋଗୀର ଜୀବନରେ ଏହା ସ୍ୱତଃ ଆସିଥାଏ । **"ଯୋଗଂ ଆତ୍ମ ବିଶୁଦ୍ଧୟେ"** – ଅର୍ଥାତ୍ ଅନ୍ତଃକରଣକୁ ପବିତ୍ର କରିବାପାଇଁ, ଆତ୍ମଶୁଦ୍ଧି ପାଇଁ ଯୋଗ କରିବା ଉଚିତ । ଯଦି ଆପଣଙ୍କର ଅନ୍ତଃକରଣ ଶୁଦ୍ଧ ହୋଇଯିବ, ତେବେ ସେଇ ଶୁଦ୍ଧ ଅନ୍ତଃକରଣରେ ପରମାତ୍ମା ଆପଣା ଛାଏଁ ପ୍ରକଟ ହୋଇଯିବେ ।

ପରମାତ୍ମା ଆମ ନିଜ ଭିତରେ ଅଛନ୍ତି, ଆମ ହୃଦୟରେ ଅଛନ୍ତି କିନ୍ତୁ ଏଥିପାଇଁ ଆମକୁ ପ୍ରୟାସ କରିବାକୁ ହେବ । କିପରି ପ୍ରୟାସ ? ପ୍ରଥମେ ଆମକୁ ଶରୀରକୁ ନିୟନ୍ତ୍ରଣରେ ରଖିବାକୁ ହେବ । ତପ୍ରେ ଇନ୍ଦ୍ରିୟ ମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ହେବ । ତପ୍ରେ ମନକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଶେଷରେ ବୁଦ୍ଧିକୁ ମଧ ନିୟନ୍ତ୍ରଣରେ ରଖିବାକୁ ହେବ । ଶରୀର, ଇନ୍ଦ୍ରିୟ, ମନ ଏବଂ ବୁଦ୍ଧି- ଏହି ଚାରୋଟିକୁ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଏ ଚାରୋଟିକୁ ନିୟନ୍ତ୍ରଣରେ ରଖିବାକୁ ହେଲେ ଆପଣଙ୍କୁ ପ୍ରାଣ ସହିତ ମଧ୍ୟ ସମ୍ବନ୍ଧ ସ୍ଥାପନ କରିବାକୁ ହେବ ।

ଲୋକେ କହନ୍ତି- ସ୍ୱାମୀଜୀ, କ'ଣ କରିବୁ ? ମାଳା ତ ହାତରେ ନେଉଛୁ । ଜପ ମଧ୍ୟ କରୁଛୁ । ମାଳା ହାତରେ ଘୂରୁଛି କିନ୍ତୁ ମନରେ ଏପଟ ସେପଟ ବହୁ ପ୍ରକାର ବିଚାର ଆସୁଛି । ମନ ସ୍ଥିର ହେଉ ନାହିଁ ।

କ'ଣ କରିବୁ? ଆରେ ଭାଇ! ମନ କାହିଁକି ସ୍ଥିର ହେଉନାହିଁ? ସେ ନିଶ୍ଚୟ ସ୍ଥିର ହେବ, କିନ୍ତୁ ତା'ପାଇଁ ଆପଣଙ୍କୁ ମନର ସ୍ୱଭାବକୁ ମଧ୍ୟ ଜାଣିବାକୁ ହେବ। ସ୍ୱଭାବତଃ ମନ ଚଞ୍ଚଳ ଅଟେ। ଗୀତାରେ ଅଛି-

**ଚଞ୍ଚଳଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍‌ଦୃଢ଼ମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ॥**(୬/୩୪)

ଅର୍ଜ୍ଜୁନ କହୁଛନ୍ତି- ଭଗବନ୍! ଏହି ମନ ତ ଚଞ୍ଚଳ ଅଟେ। ଏହି ଚଞ୍ଚଳ ମନକୁ କିପରି ସ୍ଥିର କରିବାକୁ ହେବ ? କାରଣ ଆପଣ ଯେଉଁ ଯୋଗ ବିଷୟରେ କହୁଛନ୍ତି ତାହା ମନକୁ ସ୍ଥିର ନ କରି କରିବା ସମ୍ଭବ ନୁହେଁ। ମୋତେ ଏପରି ମନେ ହେଉଛି ଯେ ଚଞ୍ଚଳ ମନକୁ ନିୟନ୍ତ୍ରଣରେ ଆଣିବା ବାୟୁକୁ ନିୟନ୍ତ୍ରଣରେ ଆଣିବା ପରି କଠିନ ଅଟେ।

ଭଗବାନ ଶ୍ରୀକୃଷ୍ଣ କହିଲେ- ଅର୍ଜ୍ଜୁନ! ତୁମେ ଠିକ୍ କହୁଛ କିନ୍ତୁ ଏ କାର୍ଯ୍ୟ ଅସମ୍ଭବ ନୁହେଁ। ଅଭ୍ୟାସ ଏବଂ ବୈରାଗ୍ୟ ଦ୍ୱାରା ମନକୁ ନିୟନ୍ତ୍ରଣରେ ଆଣାଯାଇ ପାରେ।

ଗୀତାର ଷଷ୍ଠ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି- **"ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ।"** ଯୋଗୀ କ'ଣ କରେ ? ପ୍ରଥମେ ସେ ଏକାନ୍ତ ସ୍ଥାନ ଖୋଜେ, ଯୋଗ ସର୍ବଦା ଏକାନ୍ତ ସ୍ଥାନରେ ହେବା ଉଚିତ। ଯୋଗ କୌଣସି ପଡ଼ିଆରେ ହୋଇ ନଥାଏ। ଯୋଗ ହଜାର ହଜାର ସଂଖ୍ୟାରେ ବସିଥିବା ଲୋକଙ୍କ ମଧ୍ୟରେ ହୋଇ ନଥାଏ। ଆଜିକାଲି ଯେଉଁ ଯୋଗ ଚାଲୁଅଛି, ଏହା ତ ଯୋଗାସନ ଓ ପ୍ରାଣାୟାମର ଛୋଟ ଛୋଟ ଅଭ୍ୟାସ ଅଟେ। ଶରୀର ଏବଂ ଶ୍ୱାସର ବ୍ୟାୟାମ ଅଟେ। ଏହାର ମଧ୍ୟ ଆବଶ୍ୟକତା ଅଛି। କିନ୍ତୁ ଯଥାର୍ଥରେ ଯୋଗ ଚିତ୍ତବୃତ୍ତିର ନିରୋଧ ପରେ ହୋଇଥାଏ।

ଯୋଗ ସାଧନା ସର୍ବଦା ନିରୋଳାରେ ହେବା ଉଚିତ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

**ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।**
**ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନକୁଶୋତ୍ତରମ୍ ॥** (୬/୧୧)

ଯୋଗ ସାଧନା କରିବାକୁ ହେଲେ ସର୍ବପ୍ରଥମେ ପବିତ୍ର ଭୂମିର ଚୟନ କରନ୍ତୁ। ତତ୍‌ପଶ୍ଚାତ୍ ଏକ ଉତ୍ତମ ଆସନରେ ବସନ୍ତୁ। ଆସନରେ କୁଶ, ତା’ ଉପରେ ମୃଗଚର୍ମ ଏବଂ ତାହା ଉପରେ ବସ୍ତ୍ର ରଖି ବସନ୍ତୁ। ଏହାର ଅଭାବରେ କେବଳ କମ୍ବଳ ଆସନରେ ବସି ମଧ୍ୟ ଅଭ୍ୟାସ କରାଯାଇପାରେ। ଆସନ ଅତି ଉଚ୍ଚ ହେବ ନାହିଁ କିମ୍ବା ନୀଚ ମଧ୍ୟ ହେବ ନାହିଁ। କେବଳ ଭୂମି ଉପରେ ମଧ୍ୟ ବସିବା ଉଚିତ ନୁହେଁ। ବର୍ତ୍ତମାନ-

**ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଳଂ ସ୍ଥିରଃ ।**
**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ॥**(୬/୧୩)

ଏ ପ୍ରକାର ଆସନରେ ବସି ଶିର, ଗ୍ରୀବା ଏବଂ ଶରୀରକୁ ସିଧା- ଅର୍ଥାତ୍ ମେରୁଦଣ୍ଡକୁ ସିଧା ରଖନ୍ତୁ। ମନେରଖନ୍ତୁ ଯେପରି ମେରୁଦଣ୍ଡ ସିଧା ରହେ। ଯୋଗରେ ସର୍ବ ପ୍ରଥମ ଅଭ୍ୟାସ ଏହା ଅଟେ। ଯଦି ଆପଣ ମେରୁଦଣ୍ଡକୁ ସିଧା ରଖିବା ଶିଖିଗଲେ, ତେବେ ଆପଣଙ୍କର ଶତକଡ଼ା ପଚାଶ ରୋଗ ଆପେ ଆପେ ଠିକ୍ ହୋଇଯିବ। ମେରୁଦଣ୍ଡକୁ ସିଧା ରଖିବା ମାତ୍ରେ ହିଁ ମୂଳାଧାର ଉପରେ ଚାପ ପଡ଼ିବାକୁ ଲାଗେ।

ମୂଳାଧାର ଉପରେ ଚାପ ପଡ଼ିଲେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା- ଏହି ତିନି ନାଡ଼ୀ ସମ୍ପୂର୍ଣ୍ଣ ଠିକ୍ ହୋଇଯାଏ, ସମାନ ସ୍ଥିତିରେ ଆସିଯାଏ। ଏହା ମଧ୍ୟରେ ପ୍ରାଣର ପ୍ରବାହ ଠିକ୍ ହେବାକୁ ଲାଗେ ଏବଂ ଆପଣଙ୍କର ଶ୍ୱାସର ଗତି ମଧ୍ୟ ଠିକ୍ ହୋଇଯାଏ। ଶ୍ୱାସର ଗତି ଠିକ୍ ହେଲେ, ସ୍ୱଭାବିକ ହେଲେ ଧ୍ୟାନ ପାଇଁ ଆପେ ଆପେ ପରିବେଶ ପ୍ରସ୍ତୁତ ହୋଇଯାଏ।

ପୂର୍ବେ ଭାରତରେ ଲୋକେ ଏପରି ଅଭ୍ୟାସ କରୁଥିଲେ। ବର୍ତ୍ତମାନ କରାଯାଉ ନାହିଁ। ବର୍ତ୍ତମାନ ତ ଆମ୍ଭେମାନେ ମଧ୍ୟ ବିଦେଶୀ ପାଲଟି ଗଲେଣି। ଆମ୍ଭମାନଙ୍କର ବସା-ଉଠା, ଖିଆ-ପିଆ ଏପରି କି

ମଳ-ମୂତ୍ର ତ୍ୟାଗ କରିବାର ପଦ୍ଧତି ମଧ୍ୟ ବଦଳିଯାଇଛି। ଇଂରେଜମାନେ କିମ୍ବା ଫୁଲପ୍ୟାଣ୍ଟ ପିନ୍ଧୁଥିବା ଲୋକେ ଛିଡ଼ା ହୋଇ ଲଘୁଶଙ୍କା (ପରିସ୍ରା) କରୁଛନ୍ତି, ଏହା ଠିକ୍ ନୁହେଁ। ଆପଣ ଜାଣିଛନ୍ତି- ଠିଆ ହୋଇ ଲଘୁଶଙ୍କା କରିବା ଦ୍ୱାରା ମେରୁଦଣ୍ଡରେ ଅନେକ ପ୍ରକାରର ରୋଗ ହୋଇଥାଏ? ତେଣୁ ଠିଆହୋଇ କେବେହେଲେ ଲଘୁଶଙ୍କା କରିବା ଉଚିତ ନୁହେଁ।

ପଦ୍ମାସନ, ସିଦ୍ଧାସନ ଅଥବା ସୁଖାସନ- ଯାହା ଆପଣଙ୍କୁ ସହଜ ଲାଗିବ ସେ ଆସନରେ ବସି ମେରୁଦଣ୍ଡକୁ ଏକଦମ୍ ସିଧା କରି ନିଅନ୍ତୁ ଏବଂ ସ୍ଥିର ହୋଇଯାଆନ୍ତୁ। ଶ୍ୱାସ ଆପେ ଆପେ ସହଜ ହୋଇଯିବ। ଶ୍ୱାସ ସହଜ ହୋଇଯିବା ପରେ ମସ୍ତିଷ୍କ ମଧ୍ୟ ଆପେ ଆପେ ଶାନ୍ତ ହେବାକୁ ଲାଗିବ। ମସ୍ତିଷ୍କ ଶାନ୍ତ ହେଲେ ମନ ମଧ୍ୟ ଆପେ ଆପେ ସ୍ଥିର ହେବାକୁ ଲାଗିବ। ଜାଣିରଖନ୍ତୁ, ଶ୍ୱାସ ସହିତ ମନ ଏବଂ ମସ୍ତିଷ୍କର ଅତ୍ୟନ୍ତ ଘନିଷ୍ଠ ସମ୍ବନ୍ଧ ଅଛି। ଶ୍ୱାସ ସହିତ ସମଗ୍ର ଶରୀରର ସମ୍ବନ୍ଧ ରହିଛି। ଶ୍ୱାସ ବନ୍ଦ ହୋଇଗଲେ ଶରୀର 'ହରି ଓଁ ତତ୍‌ସତ୍' ହୋଇଯିବ।

ଏହି ଅଭ୍ୟାସ ସମସ୍ତଙ୍କୁ କରିବା ଉଚିତ। କାରଣ ଶ୍ୱାସର ଗତି ଯେତିକି ତୀବ୍ର ହେବ ଆମର ଜୀବନ ସେତେ ଛୋଟ ହେବ। ଶ୍ୱାସ ଯେତେ ଲମ୍ବା ହେବ, ଗଭୀର ହେବ, ସୂକ୍ଷ୍ମ ହେବ- ଜୀବନ ସେତେ ଲମ୍ବା ହେବ। ଶ୍ୱାସ ଦୀର୍ଘ ହେଲେ ଜୀବନ ଲଘୁ ହୋଇଯାଏ ଏବଂ ଶ୍ୱାସ ଲଘୁ ହେଲେ ଜୀବନ ଦୀର୍ଘ ହୋଇଯାଏ। ଗୋରଖନାଥଜୀ, ଯିଏ କି ହଠଯୋଗର ମହାନ ପ୍ରଣେତା ଅଟନ୍ତି, ସେ ସ୍ପଷ୍ଟ ଭାବରେ କହିଛନ୍ତି- **"ଚଲେ ବାତେ ଚଲଂ ଚିତ୍ତଂ ନିଶ୍ଚଲେ ନିଶ୍ଚଲଂ ଭବେତ୍।"** ଶ୍ୱାସ ଚଞ୍ଚଳ ହେଲେ ମନ ଚଞ୍ଚଳ ହେବ ଏବଂ ଶ୍ୱାସ ନିଶ୍ଚଳ ହେଲେ ମନ ମଧ୍ୟ ନିଶ୍ଚଳ ହୋଇଯିବ। ଦୌଡ଼ିକରି ଆସନ୍ତୁ, ଶ୍ୱାସ ବେଗରେ ଚାଲିବ ଏବଂ ମନ ମଧ୍ୟ ଚଞ୍ଚଳ ହେବ। ଭୋଜନ ସମୟରେ ଆମର ଶ୍ୱାସର ଗତି ଅଲଗା ପ୍ରକାର ହୋଇଥାଏ। ଶୋଇବା ସମୟରେ ଶ୍ୱାସର ଗତି ଭିନ୍ନ ଥାଏ। ଚାଲିବା

ବୁଲିବା ସମୟରେ ମଧ୍ୟ ଶ୍ୱାସର ଗତି ଭିନ୍ନ ହୋଇଥାଏ। ଏପରିକି ଯଦି ମନରେ ବିଷାଦ ଆସେ, ଶ୍ୱାସର ଗତି ବଦଳିଯାଏ। ମନରେ କ୍ରୋଧ ଆସେ, ତେବେ ମଧ୍ୟ ଶ୍ୱାସର ଗତି ବଦଳିଯାଏ ଏବଂ କାମର ଆବେଶରେ ମଧ ଶ୍ୱାସର ଗତି ତୀବ୍ର ହୋଇଯାଏ। ଏହା ଆପଣମାନେ ଅନୁଭବ କରିଥିବେ ? ତେଣୁ ଯିଏ ଯେତେ କାମୋପଭୋଗ କରେ, କ୍ରୋଧ କରେ, ତାହାର ଜୀବନ ମଧ୍ୟ ସେତେ ଲଘୁ ହୋଇଥାଏ। ସେଇଥିପାଇଁ ସନ୍ଥଗଣ ସର୍ବଦା କହିଥାନ୍ତି- ଶ୍ୱାସ ଉପରେ ନିୟନ୍ତ୍ରଣ ରଖ।

ଭଗବାନ ଶ୍ରୀକୃଷ୍ଣ ମଧ ଏଇୟା କହୁଛନ୍ତି। ପବିତ୍ର ଆସନରେ ସିଧା ହୋଇ ବସ ଏବଂ ସ୍ଥିର ହୋଇଯାଅ। ଶ୍ୱାସର ଗତି ସହଜ ହୋଇଯିବ। ଶ୍ୱାସ ସହଜ ହେଲାପରେ ମନ ଏବଂ ମସ୍ତିଷ୍କ ମଧ ସହଜ ହୋଇଯିବ। ସହଜ ଅର୍ଥାତ୍ ସ୍ୱାଭାବିକ, ନେଚୁରାଲ୍ ଏଣ୍ଡ୍ ନିଉଟ୍ରାଲ୍। ପୋଜିଟିଭ୍ ନୁହେଁ କିମ୍ବା ନେଗେଟିଭ୍ ମଧ୍ୟ ନୁହେଁ। କିନ୍ତୁ ଆମେ ଏହା କରୁ ନାହୁଁ, କାହିଁକି ନା ଆଜି ଆମ ପାଖରେ ସମୟ ନାହିଁ। ଠିଆ ଠିଆ ଆଜିକାଲି ସବୁ ଚାଲିଛି। ବ୍ୟସ୍ତତା ମଧରେ ଜୀବନ ଚାଲୁଛି। ଜୀବନ ଧାଁ-ଦୌଡ଼ର ପର୍ଯ୍ୟାୟବାଚୀ ହୋଇଗଲାଣି। ସବୁ କିଛି ଶୀଘ୍ର ଶୀଘ୍ର ଚାଲୁଛି।

ବନ୍ଧୁଗଣ ! ଜୀବନ ଦୌଡ଼ାଦୌଡ଼ି ପାଇଁ ନୁହେଁ। ଏହା ଆପଣଙ୍କୁ ସ୍ଥିର ହେବା ପାଇଁ ମିଳିଛି। ଆପଣ ଥରେ ସ୍ଥିର ହୋଇ ଦେଖନ୍ତୁ ତ। ବର୍ତ୍ତମାନ ଆପଣ ଯେତେ ବେଗରେ କାମ କରୁଛନ୍ତି, ସ୍ଥିର ମନରେ କଲେ ଆପଣଙ୍କର କାମ କରିବାର ଶକ୍ତି ଶହେ ଗୁଣ ବଢ଼ିଯିବ। ସେତେବେଳେ ଦେହ କିମ୍ବା ଶ୍ୱାସ ଅସ୍ଥିର ହେବନାହିଁ, କିନ୍ତୁ ମନର ଶକ୍ତି ବଢ଼ିଯିବ। ଏବଂ ଯେତେବେଳେ ଆପଣଙ୍କର ମନ ଶକ୍ତିଶାଳୀ ହୋଇଯିବ ତେବେ ଆପଣ ଯାହା ବି ସଂକଳ୍ପ କରିବେ ତାହା ତତ୍କାଳ ପୂର୍ଣ୍ଣ ହେବ। ଯେଉଁ ବସ୍ତୁର କାମନା କରିବେ ତାହା ତତ୍କ୍ଷଣାତ୍ ଆପଣଙ୍କ ପାଖକୁ ଚାଲିଆସିବ। ସେତେବେଳେ ଆପଣଙ୍କୁ ଆଉ ବସ୍ତୁ ପଛରେ ଦୌଡ଼ିବାର

ଆବଶ୍ୟକତା ପଡ଼ିବ ନାହିଁ। ବସ୍ତୁ ଆପଣଙ୍କ ନିକଟକୁ ସ୍ୱୟଂ ପହଞ୍ଚିଯିବ।

ବୋଧହୁଏ ଏହା ଆପଣ ନିଜେ କେବେ ପ୍ରୟୋଗ କରିନାହାନ୍ତି। ଥରେ ପ୍ରୟୋଗ କରି ଦେଖିନିଅନ୍ତୁ। ଏହା ଆମ୍ଭମାନଙ୍କର ଅନୁଭବ ଅଟେ। ମୁଁ ଖାଲିଟାରେ ଏମିତି କହୁନାହିଁ। ମୁଁ ଏହାକୁ ଅନୁଭବ କରୁଅଛି। ଟେଲିଫୋନ୍ ନ କରି, ଖବର ନ ଦେଇ ମଧ୍ୟ ଆବଶ୍ୟକତା ପୂର୍ଣ୍ଣ ହୋଇଯାଏ। ଯୋଗୀ ଏହି ଶକ୍ତିରେ ଚାଲିଥାଏ। ଏହି ବିଶ୍ୱାସରେ ବଞ୍ଚିଥାଏ। ଯୋଗୀ ରୋଜଗାର କରି ନଥାଏ, ତଥାପି ଉତ୍ତମ ଭୋଜନ କରିଥାଏ। କିଣେ ନାହିଁ କିନ୍ତୁ ଉତ୍ତମ ବସ୍ତ୍ର ପରିଧାନ କରିଥାଏ। ପେଟ୍ରୋଲ୍ ଏବଂ ଡିଜେଲ୍‌ର ମୂଲ୍ୟ ଜାଣେ ନାହିଁ କିନ୍ତୁ ଭଲ-ଭଲ ଗାଡ଼ିରେ ଭ୍ରମଣ କରିଥାଏ। ଏହା ସବୁ ଯୋଗନିଷ୍ଠାର ଫଳ ଏବଂ ଇଷ୍ଟନିଷ୍ଠାର ଉପଲବ୍ଧି ଅଟେ।

ଯୋଗ ସାଧନା ପ୍ରତି ଆପଣଙ୍କର ନିଷ୍ଠା ଯେତେ ଅଧିକ ପ୍ରବଳ ହେବ ଆପଣଙ୍କର ଆତ୍ମବିଶ୍ୱାସ ସେତେ ଅଧିକ ପ୍ରବଳ ହୋଇଚାଲିବ ଏବଂ ସେହି ଅନୁଯାୟୀ ଫଳ ମଧ୍ୟ ଶୀଘ୍ରତା ପୂର୍ବକ ଆପଣଙ୍କୁ ମିଳିବାକୁ ଲାଗିବ। ଭଗବାନଙ୍କ ପ୍ରତି ଆପଣଙ୍କ ନିଷ୍ଠା, ଆପଣଙ୍କ ପ୍ରେମ ଯେତେ ଅଧିକ ଦୃଢ଼ ହେବ, ସେତେ ପରିମାଣରେ ଆପଣ ନିଜେ ଦୃଢ଼ତାପୂର୍ବକ ପ୍ରେମପୂର୍ଣ୍ଣ ହେବାକୁ ଲାଗିବେ। ଆପଣଙ୍କର ହୃଦୟ ପ୍ରେମରେ ପରିପୂର୍ଣ୍ଣ ହୋଇଯିବ। ସେହି ସ୍ଥିତିରେ ଆପଣ ଅନ୍ୟମାନଙ୍କୁ ତ ନିଶ୍ଚୟ ପ୍ରେମ କରିବେ, ତା' ସହିତ ସ୍ୱୟଂକୁ ମଧ୍ୟ ପ୍ରେମ କରିବାକୁ ଲାଗିବେ। ସଂସାରକୁ ମଧ୍ୟ ପ୍ରେମ କରିବାକୁ ଲାଗିବେ। ସେତେବେଳେ କେହି ମଧ୍ୟ ଘୃଣାର ଯୋଗ୍ୟ ହେବେନାହିଁ- **"ତତୋ ନ ବିଜୁଗୁପ୍ସତେ।"** ଏପରି ବ୍ୟକ୍ତି କେବେହେଲେ କାହାକୁ ଘୃଣା କରନ୍ତି ନାହିଁ। ସୁତରାଂ ଜାଣିରଖନ୍ତୁ- ପ୍ରଥମେ ଭଗବାନଙ୍କ ପ୍ରତି ପ୍ରେମ ପ୍ରକଟ ହେଉ, ତାପରେ ତାହା ସମସ୍ତଙ୍କ ପ୍ରତି ପ୍ରକଟ ହେବ।

ବର୍ତ୍ତମାନ ଆପଣଙ୍କ ପ୍ରେମ ନଶ୍ୱର ପ୍ରତି ପ୍ରକଟ ହେଉଛି, ଈଶ୍ୱରଙ୍କ ପ୍ରତି ନୁହେଁ । ପ୍ରେମ ଭଗବାନଙ୍କୁ କରନ୍ତୁ । ଭଗବାନଙ୍କ ଉପରେ ଭରସା ରଖନ୍ତୁ । ଭଗବାନଙ୍କୁ ହିଁ ବିଶ୍ୱାସ କରନ୍ତୁ । ତା'ପରେ ଆପଣଙ୍କ ଭିତରେ ମଧ୍ୟ ଆତ୍ମବିଶ୍ୱାସ ପ୍ରକଟ ହେବ ଏବଂ ଆପଣ ସଂସାରରେ ଯେକୌଣସି କ୍ଷେତ୍ରରେ ଆଗକୁ ଅଗ୍ରସର ହେବାକୁ ଚାହିଁବେ- ଅଗ୍ରସର ହୋଇ ଚାଲିବେ । ତା'ସହିତ ଆପଣ ଆତ୍ମଜ୍ଞାନ ମଧ୍ୟ ପ୍ରାପ୍ତ କରିବେ । ଆମର ଶାସ୍ତ୍ରମାନଙ୍କରେ ଏହାର ବହୁବିଧ ଦୃଷ୍ଟାନ୍ତ ରହିଛି । ମହାଭାରତରେ ଏପରି କି ଜଣେ କସାଇକୁ ମଧ୍ୟ ଆତ୍ମଜ୍ଞାନୀ କୁହାଯାଇଛି ।

ବନ୍ଧୁଗଣ ! ସଂସାରର କୌଣସି କର୍ମ ଖରାପ ନୁହେଁ । କର୍ମ ସେତେବେଳେ ଖରାପ ହୁଏ ଯେତେବେଳେ ତା'ସହିତ ସ୍ୱାର୍ଥ, ଛନ୍ଦ ଏବଂ କପଟ ଆଦି ସଂଲଗ୍ନ ହୋଇଯାନ୍ତି । ଛନ୍ଦ କରି କର୍ମ କଲେ କର୍ମ ମଧ୍ୟ ମନ୍ଦ ହେବ ଏବଂ ସେହି କର୍ମର ଫଳ ଆପଣଙ୍କୁ ହିଁ ଭୋଗ କରିବାକୁ ହେବ । ଏହା ଭାବନ୍ତୁ ନାହିଁ ଯେ, ଆପଣଙ୍କୁ ତାହା ଭୋଗିବାକୁ ପଡ଼ିବନାହିଁ । ଆପଣଙ୍କୁ ତାହା ନିଶ୍ଚୟ ଭୋଗିବାକୁ ପଡ଼ିବ । ଯଦି ତାହା ଅନ୍ୟଜଣେ ଏକ ଗୁଣ ଭୋଗିବ, ତେବେ ଆପଣଙ୍କୁ ତାହା ଦଶଗୁଣ ଭୋଗିବାକୁ ପଡ଼ିପାରେ ।

ମନୁଷ୍ୟ ସ୍ୱାର୍ଥପାଇଁ ଅନ୍ଧ ହୋଇଯାଏ । ସେ ଭାବେ ମୁଁ ଅନ୍ୟ ମାନଙ୍କୁ ଠକି ଦେଉଛି । ମତେ କିଏ ଦେଖୁଛି ? କିଏ ଜାଣୁଛି ? କିନ୍ତୁ ବନ୍ଧୁଗଣ ! ଅନ୍ୟ କେହି ଦେଖୁ ନଦେଖୁ ଆପଣଙ୍କର ଦୁଇ ଆଖି ହିଁ ସମସ୍ତ କର୍ମକୁ ଦେଖୁଛନ୍ତି । ଯେତେବେଳେ ଆପଣ ଯମରାଜାଙ୍କ ଦ୍ୱାରକୁ ପହଞ୍ଚିବେ, ସେଠାରେ ଅନ୍ୟ କୌଣସି ଚିତ୍ରଗୁପ୍ତ ନ ଥିବେ । ସେତେବେଳେ ଆପଣଙ୍କର ଚିତ୍ତ ହିଁ ଚିତ୍ରଗୁପ୍ତ ରୂପରେ ସେଠାରେ ପ୍ରକଟ ହେବ ଏବଂ ଆପଣଙ୍କ ସମସ୍ତ କର୍ମର ବିବରଣୀ ଯମରାଜାଙ୍କ ସମ୍ମୁଖରେ ରଖିବ । ଯମ ଆଉ କେହି ନୁହନ୍ତି ସେ ଧର୍ମରାଜ । ଯମକୁ ଆମ୍ଭେମାନେ ଧର୍ମରାଜ କହିଥାଉଁ ।

ତାଙ୍କର ଅନ୍ୟ ଏକ ନାମ ହେଉଛି କାଳ। ଶାସ୍ତ୍ର କହେ- ସେହି କାଳ ମଧ୍ୟ ଭଗବାନ ହିଁ ଅଟନ୍ତି। ସେ ଆମ ସମସ୍ତଙ୍କର ସହିତ କାଳ ରୂପରେ ଅହରହ ରହୁଛନ୍ତି।

ଭଗବାନ ଶ୍ରୀକୃଷ୍ଣ ଗୀତାରେ ନିଜର କ'ଣ ପରିଚୟ ଦେଇଛନ୍ତି ? ଗୀତାର ଏକାଦଶ ଅଧ୍ୟାୟରେ ଏହାର ବିବରଣୀ ରହିଛି। ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ନିଜର ବିଶ୍ୱରୂପ ପ୍ରକଟ କଲେ, ସେତେବେଳେ ଅର୍ଜୁନ ବୁଝିପାରିଲା ନାହିଁ ଯେ ଏ କିଏ ଅଟନ୍ତି। ଭାବିଲା- ଏବେ ତ କିଛିକ୍ଷଣ ପୂର୍ବରୁ ମୋ' ସମ୍ମୁଖରେ ଶ୍ରୀକୃଷ୍ଣ ଥିଲେ। କିନ୍ତୁ ବର୍ତ୍ତମାନ ଏ କିଏ ଅଟନ୍ତି ? ସେ ପଚାରିଲା- ଭଗବନ୍ ! ଆପଣ କିଏ ଅଟନ୍ତି ? କ'ଣ ଆପଣ ମୋର ସଖା ଶ୍ରୀକୃଷ୍ଣ ଅଟନ୍ତି ଯିଏକି କି କିଛି ସମୟ ପୂର୍ବରୁ ଏଠାରେ ଥିଲେ, ଯାହାଙ୍କୁ ବିଶ୍ୱରୂପ ଦେଖାଇବା ପାଇଁ ମୁଁ ପ୍ରାର୍ଥନା କରିଥିଲି ? କ'ଣ ଆପଣ ସିଏ ଅଟନ୍ତି ନା ଅନ୍ୟ କେହି ?

ଆପଣମାନେ ଗୀତାର ଏକାଦଶ ଅଧ୍ୟାୟ ବିଶ୍ୱରୂପ-ଦର୍ଶନ-ଯୋଗରେ ପଢ଼ିବେ। ଏହି ପ୍ରଶ୍ନର ଉତ୍ତରରେ ଭଗବାନ ଏପରି କହିନାହାନ୍ତି ଯେ ମୁଁ କୃଷ୍ଣ ଅଟେ। ତାହେଲେ ସେ କ'ଣ କହିଛନ୍ତି ? **"କାଳୋଽସ୍ମି ଲୋକକ୍ଷୟକୃତ୍ ପ୍ରବୃଦ୍ଧୋ"**- ହେ ଅର୍ଜୁନ ! ମୁଁ କାଳ ଅଟେ। ତ, କାଳ କାହାର ନାମ ଅଟେ ? ଯମରାଜାଙ୍କର। ଯମରାଜା କିଏ ? ଧର୍ମରାଜ। ଧର୍ମରାଜ, ଯମରାଜ ଏବଂ କାଳ- ଏହି ତିନୋଟି ଯାକ ନାମ କାଳର। କାଳର ଅନ୍ୟ ଏକ ନାମ ମୃତ୍ୟୁ ମଧ୍ୟ ଅଟେ। ତାହେଲେ ଯଦି ଏହି ସମସ୍ତ ନାମ କାଳର ଏବଂ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି- ମୁଁ ସ୍ୱୟଂ କାଳ ଅଟେ, ତେବେ କାଳର ତାତ୍ପର୍ଯ୍ୟ କ'ଣ ହେଲା ? ଭଗବାନ। ଅର୍ଥାତ୍ ଧର୍ମରାଜ, ଯମରାଜ, କାଳ ଏବଂ ମୃତ୍ୟୁ- ଭଗବାନ ନିଜେ ହିଁ ଅଟନ୍ତି।

ବନ୍ଧୁଗଣ ! ଯେଉଁ ବ୍ୟକ୍ତି କାଳକୁ ଭଗବାନଙ୍କ ରୂପରେ ସ୍ୱୀକାର କରିନିଏ- ତାହାର କାଳ କେବେ ଆସେ ନାହିଁ। ସେ ମରେ ନାହିଁ, ଅମର

ହୋଇଯାଏ। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-"**କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି**"- ହେ ଅର୍ଜୁନ ! ମୋର ଭକ୍ତ କେବେହେଲେ ମରେ ନାହିଁ। ସେ ଅମର ହୋଇଯାଏ, ଅମୃତ ହୋଇଯାଏ, ଅକାଳ ହୋଇଯାଏ। ସୁତରାଂ ଆମକୁ ମଧ୍ୟ କାଳକୁ ଭଗବାନଙ୍କର ସ୍ୱରୂପ ଭାବରେ ସ୍ୱୀକାର କରିବା ଉଚିତ।

କିନ୍ତୁ ଏହି ବୋଧ ଆସିବ କିପରି ? କ'ଣ ବସି ବସି ଆସିଯିବ ? ନା, ଏପରି ବୋଧ ଆସେ ନାହିଁ। ତାହାର ଏକ ଉପାୟ ଅଛି- ଆପଣ ଯେ କୌଣସି କର୍ମ କରୁଛନ୍ତି ତାହାର ସମୀକ୍ଷା କରନ୍ତୁ। ଯେ କୌଣସି କାମ ମଧ୍ୟ ହେଉ ତାହାର ସମୀକ୍ଷା ହେବା ଉଚିତ। ମାଆମାନେ ଘରେ ରୋଷେଇ କରୁଛନ୍ତି। ତାହାର ମଧ୍ୟ ସମୀକ୍ଷା କରନ୍ତୁ ଯେ ରୋଷେଇ କରିବା ସମୟରେ ମନର ଅବସ୍ଥା କିପରି ଅଛି ? ଆପଣ ଦେଖିବେ, କୌଣସି କୌଣସି ଦିନ ଆପଣଙ୍କର ମାଆ ଅବା ପତ୍ନୀ ଯେଉଁ ଭୋଜନ ତିଆରି କରନ୍ତି ତାହା ଆପଣଙ୍କୁ ବହୁତ ସ୍ୱାଦିଷ୍ଟ ଲାଗେ। ଏହି ଅନୁଭବ ତ ଆପଣମାନେ କରିଥିବେ। ଏବଂ ସେହିଭୋଜନ କେବେ କେବେ ବେକାର ଲାଗେ। ଆପଣ ଏହାର ସମୀକ୍ଷା କଲେ ଜାଣିପାରିବେ, ଯେଉଁଦିନ ମାଆମାନେ ଭଲମନରେ ଭୋଜନ ତିଆରି କରିଥିବେ ସେହିଦିନ ଭୋଜନର ସ୍ୱାଦ ବଦଳିଯାଇଥାଏ। କାହିଁକି ? କାରଣ ତା' ଉପରେ ଆମ ବିଚାରର ପ୍ରଭାବ ପଡ଼ିଥାଏ। ଆମ ଦୃଷ୍ଟିର ପ୍ରଭାବ ପଡ଼ିଥାଏ।

ଆପଣମାନେ କହନ୍ତି- ଦୃଷ୍ଟି ପଡ଼ିଛି। ଏହାର ତାତ୍ପର୍ଯ୍ୟ- ଆଖି ମାଧ୍ୟମରେ ଆମେ ଆମର ଭାବନା, ଆମର ଶକ୍ତିକୁ ପ୍ରକ୍ଷେପଣ କରିଥାଉଁ। ଆମେ ଯଦି କାହାକୁ ଦେଖୁଁ, ତେବେ ଆମର ଭାବନା, ଆମର ପ୍ରାଣଶକ୍ତି, ଆମର ଉର୍ଜା ସେହି ବ୍ୟକ୍ତିର ଶରୀର ସହିତ ଧକ୍କା ଲାଗେ। ଆପଣ କେବେ ଦେଖିବେ- କୌଣସି ବ୍ୟକ୍ତି ଯଦି କେଉଁ ଆଡ଼କୁ ଦେଖୁଛି, ଏବଂ ତାହାକୁ ଏହା ଜଣାନାହିଁ ଯେ ଆପଣ ପାଖରେ ଅଛନ୍ତି, ତେବେ

କିଛି ସମୟ ବସି ତାକୁ ଏକ ଲୟରେ ଦେଖନ୍ତୁ, କିଛି ସମୟ ପରେ ସେ ବ୍ୟକ୍ତି ଜଣକ ଓଲଟି ଆପଣଙ୍କୁ ଦେଖିବାକୁ ଲାଗିବ। ଏହାର ଅର୍ଥ- ଏହି ଆଖି ମାଧ୍ୟମରେ ଆମର ଶକ୍ତି ବାହାରକୁ ଯାଉଛି। ଏହି ମନ ମାଧ୍ୟମରେ ମଧ୍ୟ ଆମର ଶକ୍ତି ବାହାରକୁ ଯାଉଅଛି। ଆଜିକାଲି ଆପଣମାନେ ବିଭିନ୍ନ ପ୍ରକାରର ତରଙ୍ଗ ମାନଙ୍କର ବିଷୟରେ ଜାଣୁଛନ୍ତି। ତରଙ୍ଗ ଅନେକ ପ୍ରକାରର ଅଛି। ମାଇକ୍ରୋୱେଭ୍ (ସୂକ୍ଷ୍ମତରଙ୍ଗ) ଆଦି ଅପେକ୍ଷା ମନର ତରଙ୍ଗ ଅଧିକ ଶକ୍ତିଶାଳୀ ଏବଂ ଅଧିକ ସୂକ୍ଷ୍ମ ଅଟେ। ସୁତରାଂ ଭୋଜନ ଉପରେ ମଧ୍ୟ ମନର ତରଙ୍ଗର ପ୍ରଭାବ ପଡ଼େ। ମନ ଯଦି ପ୍ରସନ୍ନ ଅଛି, ତେବେ ତାହାର ତରଙ୍ଗ ବସ୍ତୁ ସହିତ ସଂଲଗ୍ନ ହୋଇଯିବ ଏବଂ ସେହି ବସ୍ତୁକୁ ଯଦି ଆପଣ ଗ୍ରହଣ କରୁଛନ୍ତି, ଆପଣଙ୍କୁ ମଧ୍ୟ ପ୍ରସନ୍ନତା ମିଳିବ। ଏହା ପ୍ରସାଦ ଅଟେ।

ଭଗବାନଙ୍କୁ ଭୋଗ ଲଗାଇବା ପରେ ଯାହା ଆମକୁ ମିଳେ ତାହାକୁ ଆମେ ପ୍ରସାଦ କହିଥାଉଁ। ପ୍ରସାଦର ଅର୍ଥ ହେଲା ପ୍ରସନ୍ନତା। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

**ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନ ଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ ॥** (୨/୬୫)

ଏହା ହେଉଛି ଗୀତାର ସନ୍ଦେଶ। ପ୍ରସାଦ ଦ୍ୱାରା, ଅନ୍ତଃକରଣର ପ୍ରସନ୍ନତା ଦ୍ୱାରା ସମସ୍ତ ପ୍ରକାର ଦୁଃଖର ନିବୃତ୍ତି ହୋଇଯାଏ। ଅନ୍ୟ ଅର୍ଥରେ- ଭଗବାନଙ୍କର ପ୍ରସାଦରେ ଦୁଃଖ ମେଣ୍ଟିଯାଏ। ଆପଣ ଭଗବାନଙ୍କର ଚରଣାମୃତ ନେବା ସମୟରେ ପୂଜାରୀଙ୍କର ମୁଖରୁ ଶୁଣିଥିବେ-

**ଅକାଳ ମୃତ୍ୟୁହରଣଂ ସର୍ବବ୍ୟାଧିନିବାରଣମ୍ ।**
**ଶିବପାଦୋଦକଂ ପିତ୍ୱା ଶିରସା ଧାରୟମ୍ୟହମ୍ ॥**

ଭଗବାନ ଶିବଙ୍କର ଚରଣାମୃତ ପାନ କଲେ ଅକାଳ ମୃତ୍ୟୁ

ହୁଏ ନାହିଁ। ସମସ୍ତ ରୋଗ ଦୂର ହୋଇଯାଏ। ତୁଳସୀ ଅଥବା ବେଲପତ୍ର ମିଶ୍ରିତ ପାଦୋଦକ ବିଶ୍ୱାସର ସହିତ ପିଅନ୍ତୁ। ଏହାଦ୍ୱାରା ଅନେକ ପ୍ରକାରର ରୋଗ ଦୂର ହୋଇଥାଏ। କିନ୍ତୁ ଆମେ ଏହା ଉପରେ ବିଶ୍ୱାସ କରି ନଥାଉଁ। ତେଣୁକରି ରୋଗଗ୍ରସ୍ତ ହୋଇଥାଉଁ।

ବର୍ତ୍ତମାନ ବୈଜ୍ଞାନିକ ମାନେ ମଧ୍ୟ "ତୁଳସୀପତ୍ର" ଉପରେ ଅନୁସନ୍ଧାନ କରି ସାରିଲେଣି। "ବିଲ୍ୱପତ୍ର" ଉପରେ ଅନୁସନ୍ଧାନ କରି ସାରିଲେଣି। ଏହା ଭିତରେ ରୋଗ ଦୂର କରିବାର ଅପାର ଶକ୍ତି ରହିଛି। ବର୍ତ୍ତମାନ ପାଇଁ ମୁଁ ଏହି ଔଷଧି ବିଜ୍ଞାନ ଉପରେ କିଛି କହିବି ନାହିଁ। ମୁଁ ତ କେବଳ ଆପଣ ମାନଙ୍କୁ ଏତିକି ମାତ୍ର କହିବାକୁ ଚାହେଁ ଯେ ଯଦି ଆପଣ ଶୁଦ୍ଧ ମନରେ ଶିବ ପାଦୋଦକକୁ ପାନ କରିବେ ତେବେ ନିଶ୍ଚିତ ରୂପରେ ଆପଣଙ୍କର ଶରୀର ନିରୋଗ ହେବ। ବାହ୍ୟ ଜୀବାଣୁ ଆପଣଙ୍କୁ ପ୍ରଭାବିତ କରିପାରିବେ ନାହିଁ।

ସୁସ୍ଥ ରହିବାକୁ ହେଲେ ପ୍ରସାଦ ଆବଶ୍ୟକ ଅଟେ। ପ୍ରସାଦ ଦ୍ୱାରା ପ୍ରସନ୍ନତା ପ୍ରାପ୍ତ ହୋଇଥାଏ। ଯେତେବେଳେ ମନ ପ୍ରସନ୍ନ ହୁଏ, ସେତେବେଳେ ତାହାର ଚଞ୍ଚଳତା ଚାଲିଯାଏ, ବୁଦ୍ଧି ସ୍ଥିର ହୋଇଯାଏ ଏବଂ ବ୍ୟକ୍ତି ସ୍ଥିତପ୍ରଜ୍ଞ ହୋଇଯାଏ। ଆପଣ ଅନୁମାନ କରିବେ–ଯେତେବେଳେ ଆପଣଙ୍କର ମନ ଠିକ୍ ଅବସ୍ଥାରେ ନ ଥାଏ, ସେତେବେଳେ ସେ ଚଞ୍ଚଳ ଏବଂ ବିଷାଦଗ୍ରସ୍ତ ହୋଇଯାଏ। ବିଷାଦଗ୍ରସ୍ତ ବ୍ୟକ୍ତି ସର୍ବଦା ନିଜକୁ ରୋଗୀ ମନେକରେ। ନଚେତ୍ କିଏ ଏପରି ବ୍ୟକ୍ତି ଅଛି ଯାହା ଶରୀରରେ ରୋଗ ନାହିଁ? ଏହି ସଂସାରରେ ସମସ୍ତଙ୍କର ଶରୀରରେ ରୋଗ ଅଛି, କାରଣ–**"ଶରୀରଂ ରୋଗ ମନ୍ଦିରଂ"** ଏହି ଶରୀର ରୋଗର ବାସସ୍ଥଳୀ ଅଟେ। ଆହାର-ବିହାରରେ ଟିକିଏ ବି ଏପଟ ସେପଟ ହୋଇଗଲେ ରୋଗ ସୃଷ୍ଟି ହୋଇଥାଏ। ରୋଗ ଯେ କେବଳ ବାହାରୁ ଆସେ ଏଇୟା ନୁହେଁ। ରୋଗ ବାହାରୁ ମଧ୍ୟ ଆସେ, କିନ୍ତୁ ଅଧିକାଂଶ

ରୋଗର ଘର ହେଉଛି ଏହି ଶରୀର। ରୋଗ ସମସ୍ତଙ୍କର ଭିତରେ ଅଛି। କିନ୍ତୁ କେବେ କେବେ ପ୍ରଭାବଶାଳୀ ହୋଇଯାଏ। ଯାହାର ମନ ବିଷାଦଗ୍ରସ୍ତ ହୋଇଥାଏ, ତା'ଉପରେ ରୋଗ ଶୀଘ୍ର ପ୍ରଭାବଶାଳୀ ହୋଇଉଠେ। କିନ୍ତୁ କେବେ କେବେ ଥଣ୍ଡା ଦିନରେ ଥଣ୍ଡା-କାଶ ହେବା, ଗ୍ରୀଷ୍ମ ଋତୁରେ ଅଂଶୁଘାତ ହେବା- ଏସବୁ ବାହାରର ରୋଗ। କିନ୍ତୁ ଏହା ସାମୟିକ ଅଟେ। ଏହାର ତ ଚିକିତ୍ସା ଅଛି କିନ୍ତୁ ଭିତର ରୋଗର ଚିକିତ୍ସା କିପରି କରିବେ ? ତେଣୁ ଭଗବାନ ଶ୍ରୀକୃଷ୍ଣ କହନ୍ତି- ଯୋଗୀ ହୁଅ। ଯେତେବେଳ ପର୍ଯ୍ୟନ୍ତ ଆପଣ ଯୋଗୀ ହେବେ ନାହିଁ ସେତେବେଳ ପର୍ଯ୍ୟନ୍ତ ଆପଣ ସୁସ୍ଥ ହୋଇପାରିବେ ନାହିଁ ଏବଂ ସେତେବେଳ ପର୍ଯ୍ୟନ୍ତ ଆପଣ ଭୋଗକୁ ମଧ୍ୟ ହଜମ କରିପାରିବେ ନାହିଁ। ସୁତରାଂ ସଂସାରରେ ରୁହନ୍ତୁ, ମାତ୍ର ରୋଗୀ ଭାବରେ ନୁହେଁ, ଯୋଗୀ ଭାବରେ ରୁହନ୍ତୁ।

ଯୋଗୀର ଅର୍ଥ ଗେରୁଆ ବସ୍ତ୍ର ପିନ୍ଧି ହାତଗୋଡ଼ ହଲାଇବା କିମ୍ବା ନାକ-କାନ ଚିପିବାକୁ କୁହାଯାଇନଥାଏ। ପାର୍କକୁ ଯାଇ ଡିଆଁଡେଇଁ କରିବାକୁ ମଧ୍ୟ ଯୋଗ କୁହାଯାଏନାହିଁ। ଅବଶ୍ୟ ଆଜିକାଲି ଏହି ଯୋଗର ଖୁବ୍ ଜୋରସୋରରେ ପ୍ରଚାର ହେଉଛି। ପ୍ରତ୍ୟେକ ବ୍ୟକ୍ତି ଏହି ଯୋଗ କରୁଛନ୍ତି। ଆଜିକାଲି ଅନେକ ଟି.ଭି. ଚେନାଲ୍‌ରେ ଏହି ଯୋଗର କାର୍ଯ୍ୟକ୍ରମ ପ୍ରସାରିତ ହେଉଅଛି। କିନ୍ତୁ ଯଥାର୍ଥରେ କେହି କ'ଣ ଯୋଗୀ ହେଉଛନ୍ତି ? କ'ଣ ଯୋଗ କରୁଛନ୍ତି ? ହାତ ଗୋଡ଼ ହଲାଉଛନ୍ତି, ଆସନ କରୁଛନ୍ତି, ପ୍ରାଣାୟାମ କରୁଛନ୍ତି। କ'ଣ ଏହା ହିଁ ଯୋଗ ଅଟେ ? ନୁହେଁ। ଯୋଗ ଏହାର ବହୁତ ଊର୍ଦ୍ଧ୍ୱରେ ଅନ୍ୟ କିଛି ଅଟେ।

ଭଗବାନ ଶ୍ରୀକୃଷ୍ଣ ଗୀତାର ଷଷ୍ଠ ଅଧ୍ୟାୟରେ ଯୋଗ ଏବଂ ଯୋଗୀର ସ୍ୱରୂପର ବହୁତ ସୁନ୍ଦର ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି- ଯେତେବେଳ ପର୍ଯ୍ୟନ୍ତ ଚିତ୍ତ ଶାନ୍ତ ହୋଇ ନଥାଏ, ସେତେବେଳ ପର୍ଯ୍ୟନ୍ତ କର୍ମଫଳ ପ୍ରତି ଆସକ୍ତି ମଧ୍ୟ ଛିଣ୍ଡିନଥାଏ। ଯେତେବେଳ ପର୍ଯ୍ୟନ୍ତ ମୋ'

ଚରଣରେ ଜୀବନ ସମର୍ପିତ ହୋଇନଥାଏ, ସେତେବେଳ ପର୍ଯ୍ୟନ୍ତ ବ୍ୟକ୍ତି ଯୋଗୀ ହୋଇପାରେ ନାହିଁ। ହେ ଅର୍ଜ୍ଜୁନ ! ଯୋଗୀ ସର୍ବଶ୍ରେଷ୍ଠ ଅଟେ। ସୁତରାଂ ତୁମେ ମଧ୍ୟ ଯୋଗୀ ହୁଅ।

**ତପସ୍ୱୀଭ୍ୟୋଽଧିକୋ ଯୋଗୀ**
**ଜ୍ଞାନିଭ୍ୟୋଽପି ମତୋଽଧିକଃ ।**
**କର୍ମିଭ୍ୟଶ୍ଚାଧିକୋ ଯୋଗୀ**
**ତସ୍ମାତ୍ ଯୋଗୀ ଭବାର୍ଜ୍ଜୁନ ॥** (୬/୪୬)

ହେ ଅର୍ଜ୍ଜୁନ ! ତୁମେ ଯୋଗୀ ହୁଅ। କାରଣ ଯୋଗୀ ତପସ୍ୱୀ ମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ଅଟେ, ଜ୍ଞାନୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ଅଟେ ଏବଂ କର୍ମୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ଅଟେ। ଏହା ସହିତ ସେ ଆହୁରି ମଧ୍ୟ କହିଛନ୍ତି–

**ଯୋଗୀନାମପି ସର୍ବେଷାଂ**
**ମଦ୍ଗତେନାନ୍ତରାତ୍ମନା ।**
**ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ**
**ସ ମେ ଯୁକ୍ତତମୋ ମତଃ ॥** (୬/୪୭)

କିନ୍ତୁ ହେ ଅର୍ଜ୍ଜୁନ ! ଏହି ସମସ୍ତ ପ୍ରକାର ଯୋଗୀମାନଙ୍କ ମଧ୍ୟରେ ଯିଏ ମୋର ଶରଣରେ ଆସେ, ଯିଏ ମୋତେ ସର୍ବସ୍ୱ ସମର୍ପିତ କରିଦିଏ ଏବଂ ମୋର ଭଜନ କରି ଜୀବନ ଅତିବାହିତ କରିଥାଏ, ସେ ହିଁ ସର୍ବଶ୍ରେଷ୍ଠ ଯୋଗୀ ଅଟେ।

ଯେତେବେଳେ ପ୍ରଭୁଙ୍କ ଚରଣରେ ଆମର ସର୍ବସ୍ୱ ସମର୍ପିତ ହୋଇଯାଇଥାଏ ସେତେବେଳେ ହିଁ ଯୋଗର ପୂର୍ଣ୍ଣତା ଆସିଥାଏ ଏବଂ ସନ୍ନ୍ୟାସ ମଧ୍ୟ ପୂର୍ଣ୍ଣ ହୋଇଥାଏ। ସଂସାରରେ ସନ୍ନ୍ୟାସୀ ହୋଇ ରହିବାର ଅଛି, ଯୋଗୀ ଭାବରେ ବଞ୍ଚିବାର ଅଛି, କିନ୍ତୁ ଘରଦ୍ୱାର ଛାଡ଼ି ନୁହେଁ। ଘର ପରିବାରରେ ରହି ମଧ୍ୟ ଆପଣ ସନ୍ନ୍ୟାସୀ ଅଥବା ଯୋଗୀ ଭାବରେ

ଜୀବନ ଯାପନ କରି ପାରନ୍ତି–**"ପଦ୍ମପତ୍ର ମିବାମ୍ଭସା।"** ଭଗବାନ ଶ୍ରୀକୃଷ୍ଣଙ୍କ ଭାଷାରେ– ସେହି ବ୍ୟକ୍ତି ସନ୍ନ୍ୟାସୀ ଅଟେ, ଯୋଗୀ ଅଟେ, ଯିଏ ସଂସାରରେ ସମସ୍ତ ପ୍ରକାରର କର୍ମ କରି ମଧ କର୍ମଫଳର ଆଶା ରଖେ ନାହିଁ। ଯିଏ ଆପଣାର ସବୁକିଛି ପ୍ରଭୁଙ୍କୁ ଶ୍ରୀଚରଣରେ ସମର୍ପଣ କରିଦିଏ ଏବଂ ସଂସାରରେ ତଟସ୍ଥ ଭାବରେ ବଞ୍ଚେ, ସେ ହିଁ ଉତ୍ତମ ଯୋଗୀ ଅଟେ। ସେ ହିଁ ପରମ ଯୋଗୀ ଅଟେ।

ଏଣୁ ବନ୍ଧୁଗଣ ! ଆପଣମାନେ ମଧ୍ୟ ସଂସାରରେ ଯୋଗୀ ପରି ରହି ଜୀବନର ଦ୍ୱନ୍ଦରୁ ନିଜକୁ ମୁକ୍ତ ରଖିବା ପାଇଁ ପ୍ରୟାସ କରନ୍ତୁ। ଆତ୍ମୋଦ୍ଧାର ପାଇଁ ସତତ ଚେଷ୍ଟା କରନ୍ତୁ। କାରଣ, ଆପଣ ନିଜେ ହିଁ ନିଜର ମିତ୍ର ଏବଂ ନିଜେ ହିଁ ନିଜର ଶତ୍ରୁ ଅଟନ୍ତି। ଅତଏବ ଜୀବନରେ ତଟସ୍ଥତା ଆଣନ୍ତୁ, ନିଜ ଭୀତରେ ସାକ୍ଷୀଭାବକୁ ବିକଶିତ କରନ୍ତୁ ଏବଂ ଯୋଗୀ ହୁଅନ୍ତୁ।

ଆପଣ ସମସ୍ତଙ୍କର କଲ୍ୟାଣ ହେଉ। ହରି ଓଁ ତତ୍‌ସତ୍।

୦୦୦

ବୃନ୍ଦାବନ ରେସିଡେନ୍‌ସୀ, ରାୟଗଡ଼ (ଛ.ଗ.)

ତା. ୨.୧୧.୨୦୦୬

## ସୁଖ-ଦୁଃଖ, ବନ୍ଧନ ଓ ମୁକ୍ତିର କାରଣ ମନ

ପ୍ରିୟ ଦିବ୍ୟ ଆତ୍ମନ୍ !

ହରି ଓଁ ।

ମୁଁ ଶୁଣିଛି- ଜଣେ ସେଲ୍‌ଟେକ୍ସ ଅଫିସ୍‌ର ଥିଲେ । କୌଣସି ଏକ ବଡ଼ ସହରକୁ ତାଙ୍କର ଟ୍ରାନ୍‌ସଫର୍ ହେଲା । ସେ ସେଠାକୁ ଜଏନ୍ କରିବା ପାଇଁ ଟ୍ରେନ୍ ଯୋଗେ ଯାଉଥିଲେ । ଯେତେବେଳେ ନିର୍ଦ୍ଦିଷ୍ଟ ଷ୍ଟେସନ୍‌ରେ ସେ ଓହ୍ଲାଇଲେ, ଦେଖିଲେ ଯେ ଲୋକେ ଫୁଲମାଳ ଧରି ସେଠାରେ ଠିଆ ହୋଇଛନ୍ତି । ତାଙ୍କ ତଳେ କାମ କରୁଥିବା କର୍ମଚାରୀ ମାନଙ୍କ ସହିତ ସାଧାରଣ ଲୋକ ମଧ୍ୟ ଆସିଛନ୍ତି । ସମସ୍ତଙ୍କର ହାତରେ ଫୁଲମାଳ ଅଛି । ଏହା ଦେଖି ସେ ବଡ଼ ପ୍ରସନ୍ନ ହେଲେ ।

ମାଳା ପିନ୍ଧିବାପାଇଁ କାହାକୁ ଭଲ ନ ଲାଗେ ? ଫୁଲମାଳ, ବଡ଼ ଷ୍ଟେଜ୍, ଲୋକଙ୍କ ବାହାବା’ କରିବା- ଏହା ସମସ୍ତେ ଚାହାଁନ୍ତି । ପ୍ରଶଂସା କାହାକୁ ବା ଭଲ ନ ଲାଗେ ? ସମ୍ମାନ କାହାକୁ ବା ଭଲ ନ ଲାଗେ ? ଅନେକ ସମୟରେ, ଯେତେବେଳେ କେହି ହେଲେ ପ୍ରଶଂସା କରନ୍ତି ନାହିଁ, ବ୍ୟକ୍ତି ନିଜର ପ୍ରଶଂସା ନିଜେ କରିବସେ ଓ କହେ- “ମୁଁ

ଏପରି ଅଟେ, ମୁଁ ସେପରି ଅଟେ, ମୁଁ ଏହି ଷ୍ଟାଣ୍ଡାର୍ଡର ବ୍ୟକ୍ତି ଅଟେ” ଇତ୍ୟାଦି ଇତ୍ୟାଦି। ଆପଣମାନେ ରାମାୟଣରେ ଦେଖିବେ- ରାବଣ ଏହା ହିଁ ତ କରିଛି।

ଅଫିସର୍ ଜଣକ ଭାବିଲେ- ଏଠାକାର ଷ୍ଟାଫ୍ କେତେ ଭଲ ! ମୋର ଆଗମନର ଖବର ଶୁଣି ସମସ୍ତେ ସ୍ୱାଗତ ପାଇଁ ଷ୍ଟେସନ୍‌ରେ ଆସି ପହଞ୍ଚିଛନ୍ତି।

ବର୍ଷେ ଦେଢ଼ବର୍ଷ ସେ ବହୁତ ଭଲ କାମ କଲେ। ବଦଳି ତ ପୁଣି ହେବାର ଅଛି। ଯିଏ ଚାକିରୀ କରେ, ତାହାର ଟ୍ରାନ୍ସଫର୍ ହେବା କଥା। ଏହା ଏମିତି ସତ୍ୟ, ଯେମିତି କି ଜନ୍ମ ହୋଇଥିବା ବ୍ୟକ୍ତିର ମୃତ୍ୟୁ। ମୃତ୍ୟୁ ସୁନିଶ୍ଚିତ ଜାଣିବା ପରେ ଲୋକ କାନ୍ଦିଥାଏ। ଠିକ୍ ସେହିପରି ଭ୍ରଷ୍ଟ ଏବଂ ଲାଞ୍ଚଖୋର୍ ଅଫିସର୍ ମଧ୍ୟ ବଦଳି ସୁନିଶ୍ଚିତ ଜାଣିବା ପରେ କାନ୍ଦିବାକୁ ଲାଗନ୍ତି ଏବଂ ଉପରିସ୍ଥ ଅଫିସର୍ ମାନଙ୍କୁ ଅନୁରୋଧ କରି, ଲାଞ୍ଚ ଦେଇ, କିଛି ବର୍ଷ ଆଉ ସେଠାରେ ରହିଯିବା ପାଇଁ ପ୍ରୟାସ କରନ୍ତି। କିନ୍ତୁ ଏପରି ସର୍ବଦା ହୋଇନଥାଏ। କେବେ କେବେ ଯିବାକୁ ହିଁ ପଡ଼ିଥାଏ।

ସେ କିନ୍ତୁ ଏପରି ନ ଥିଲେ। ସେ ସଚ୍ଚୋଟ ଅଫିସର୍ ଥିଲେ। ତାଙ୍କର ମଧ୍ୟ ବଦଳି ହେଲା। ଯେଉଁଦିନ ସେ ସେହି ଷ୍ଟେସନ୍‌ରୁ ଯିବା ପାଇଁ ବାହାରିଲେ, ମନେ ମନେ ଭାବିଲେ- ଦେଖିବା, ଆଜି ଫୁଲମାଳ ଧରି କେଉଁ କେଉଁମାନେ ଆସୁଛନ୍ତି। ଏତେ ଦିନ ଧରି ସେ ସମ୍ପୂର୍ଣ୍ଣ ସାଧୁତାର ସହିତ କାମ କରିଥିଲେ। ଯେତେବେଳେ ସେ ଆସିଥିଲେ ଲୋକମାନେ ଉଚ୍ଛ୍ୱସିତ ସ୍ୱାଗତ କରିଥିଲେ। କିନ୍ତୁ ଦେଖିଲେ- ଆଜି ଯେତେବେଳେ ସେ ଯାଉଛନ୍ତି, କେହି ଜଣେ ହେଲେ ମଧ୍ୟ ଫୁଲମାଳ ଧରି ଷ୍ଟେସନ୍ ଆସି ନାହାନ୍ତି। ଏହା ମଧ୍ୟରେ ଟ୍ରେନ୍‌ଟି ଆସିଗଲା। ଯେତେବେଳେ ଟ୍ରେନ୍ ଛାଡ଼ିବାର ସମୟ ହେଲା, ସେ ଟ୍ରେନ୍ ଉପରକୁ

ଚଢ଼ିବାପାଇଁ ଉଦ୍ୟତ ହେଉଛନ୍ତି, ଠିକ୍ ସେତିକି ବେଳେ ପଛରୁ କେହି ଜଣେ ପାଟି କଲା– ସାହେବ୍, ସାହେବ୍, ଗୋଟିଏ ମିନିଟ୍।

ସେ ପଛକୁ ବୁଲି ଚାହିଁଲେ। ଦେଖିଲେ– ଜଣେ ପିଅନ ହାତରେ ଫୁଲମାଳା ଧରି ଦୌଡ଼ି ଦୌଡ଼ି ଆସୁଛି। ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଭାବିଲେ– ଅଫିସ୍‌ରେ ଏତେ ଲୋକ ଅଛନ୍ତି ଅଥଚ ମାତ୍ର ଜଣେ ପିଅନ ଆସିଛି ! ସେହି ପିଅନ ଜଣକ ତାଙ୍କୁ ମାଳା ପିନ୍ଧାଇ ଦେଇ ନମସ୍କାର କଲା। ଅଫିସର୍ ପଚାରିଲେ– ଆରେ, ବାକି ସମସ୍ତେ କୁଆଡ଼େ ଗଲେ ?

ପିଅନ୍ କହିଲା– ସାହେବ ! ସେମାନଙ୍କ କଥା ପଚାରନ୍ତୁ ନାହିଁ।

ଅଫିସର୍ କହିଲେ– କାହିଁକି, ଗତଥର ତ ସମସ୍ତେ ବଡ଼ ଉଚ୍ଛ୍ୱସିତ ସ୍ୱାଗତ ସଂବର୍ଦ୍ଧନା କରିଥିଲେ ?

ସେ କହିଲା– ସାହେବ ! ସେତେବେଳେ ଆପଣ ଆସୁଥିଲେ କିନ୍ତୁ ବର୍ତ୍ତମାନ ଯାଉଛନ୍ତି।

ଅଫିସର୍ କହିଲେ– ତେବେ କ'ଣ ହେଲା ? କୁଆଡ଼େ ଗଲେ ସମସ୍ତେ ? ଅଫିସର୍ ଜଣକ ପଚାରିଲେ।

ସେ କହିଲା– ସାହେବ ! ଯିଏ ନୂଆ ସାହେବ ଆସୁଛନ୍ତି, ସେମାନେ ସମସ୍ତେ ତାଙ୍କୁ ସ୍ୱାଗତ କରିବାପାଇଁ ଫୁଲମାଳ ନେଇ ଯାଇଛନ୍ତି।

ବର୍ତ୍ତମାନ ତାଙ୍କର ଜ୍ଞାନ ହେଲା, ଆରେ ! ଏ ତ ସ୍ୱାର୍ଥର ସଂସାର ! ଏଠାକୁ ଆସିବା ସମୟରେ ତ ସମସ୍ତେ ସ୍ୱାଗତ କରନ୍ତି କିନ୍ତୁ ଯିବା ସମୟରେ କେହି ଦେଖାଦିଅନ୍ତି ନାହିଁ। ସ୍ୱାର୍ଥ ସରିଗଲେ ସମ୍ବନ୍ଧ ମଧ ତୁଟିଯାଏ। ତା'ପରେ ସେ ଅଫିସ୍‌ର ପିଅନ୍‌କୁ କହିଲେ– ଆରେ, ଯେତେବେଳେ ସମସ୍ତେ ନୂଆ ଅଫିସରଙ୍କ ସ୍ୱାଗତପାଇଁ ସେଠାକୁ

ଯାଇଛନ୍ତି, ତୁମେ ଏକୁଟିଆ ଏଠାକୁ କାହିଁକି ଆସିଲ ?

ତା'ପରେ ସେ ଛୋଟ କର୍ମଚାରୀ ଜଣକ କହିଲା– ସାହେବ ! ମୁଁ ଆପଣଙ୍କୁ କିପରି ଭୁଲି ପାରିବି ? ଆପଣ ତ ଜଣେ ଆଦର୍ଶ ବ୍ୟକ୍ତି । ଆପଣଙ୍କ ନିଷ୍ଠା, ଆପଣଙ୍କ କାର୍ଯ୍ୟ କରିବା ପଦ୍ଧତି, ଆପଣଙ୍କ ସ୍ନେହ– ସେ ସବୁ ମୋ'ପାଇଁ ଆଦର୍ଶ ଅଟେ । ମୁଁ ତାହା କେବେହେଲେ ଭୁଲି ପାରିବି ନାହିଁ । ସେଇଥିପାଇଁ ମୁଁ ଆପଣଙ୍କୁ ବିଦାୟ ଦେବାପାଇଁ ଏଠାକୁ ଚାଲି ଆସିଛି ।

ଆଜିକାଲି ଆଦର୍ଶକୁ କିଏ ପସନ୍ଦ କରୁଛି ? ଆମ୍ଭେମାନେ ବହୁତ ବଡ଼ବଡ଼ କଥା ତ କହିଥାଉ, ଭଲ ହେବାପାଇଁ ଉପଦେଶ ମଧ୍ୟ ଦେଇଥାଉ କିନ୍ତୁ ଭଲ ନିଜେ ହେବାପାଇଁ କିଏ ଚାହେଁ ? ବ୍ୟକ୍ତି ଚାହେଁ ସେ ସଜ୍ଜନ ଭଳି ଦେଖାଯାଉ କିନ୍ତୁ ସେ ସଜ୍ଜନ ହେଉ– ଏହା କେହି ଚାହେଁ ନାହିଁ । ଯେତେବେଳେ ଆମ୍ଭେମାନେ ସଜ୍ଜନ ହେବାପାଇଁ ସ୍ୱୟଂ ପ୍ରସ୍ତୁତ ହେବା ନାହିଁ ଅଥଚ ଚାହିଁବା ଯେ ଲୋକେ ଆମକୁ ସଜ୍ଜନ ଭାବନ୍ତୁ– ତେବେ ଏହା କ'ଣ ସମ୍ଭବ କି ? ଲୋକମାନଙ୍କର ଭାବିବାରେ କେହି କେବେ ସଜ୍ଜନ ହୋଇଯାଏ କି ? ଲୋକେ କହିଦେଲେ କିମ୍ବା ଭାବିଦେଲେ କେହି ସଜ୍ଜନ ଅଥବା ଦୁର୍ଜ୍ଜନ ହୋଇନଥାଏ । ବ୍ୟକ୍ତି ନିଜର କର୍ମ ଅନୁସାରେ ହିଁ ସଜ୍ଜନ ଅଥବା ଦୁର୍ଜ୍ଜନ ହୋଇଥାଏ । ନିଜର ବାଣୀ ଦ୍ୱାରା, ବ୍ୟବହାର ଦ୍ୱାରା, ବିଚାର ଦ୍ୱାରା, ନିର୍ଣ୍ଣୟ ଦ୍ୱାରା ବ୍ୟକ୍ତି ସଜ୍ଜନ ବା ଦୁର୍ଜ୍ଜନ ହୋଇଥାଏ ।

ସେଇଥିପାଇଁ ଆମ ଏଠାରେ କୁହାଯାଇଛି ଯେ ନିଜର ମନ, ବାଣୀ ଓ କର୍ମ– ଏହି ତିନୋଟିକୁ ଠିକ୍ କର । ମନ ଯଦି ଠିକ୍ ହେବ ତ ବାଣୀ ମଧ୍ୟ ଠିକ୍ ହେବ । ମନ ଏବଂ ବାଣୀ ଯଦି ଠିକ୍ ହେବ, ତାହେଲେ କର୍ମ ମଧ୍ୟ ସ୍ୱତଃ ଠିକ୍ ହୋଇଯିବ । କର୍ମ ତ ପଛର କଥା । ପ୍ରଥମେ ଆପଣ ମନରେ ଚିନ୍ତା କରନ୍ତି, ତା'ପରେ କର୍ମ କରନ୍ତି । କରିବା ଏବଂ ଭାବିବା

ମଧ୍ୟରେ କହିବାର ଅବସ୍ଥା ଆସୁଛି। ବ୍ୟକ୍ତି ଯେଉଁଭଳି ବିଚାର କରେ, ସେହିଭଳି କହିଥାଏ ଏବଂ ସେହିଭଳି କରିଥାଏ। ଯଦି ବ୍ୟକ୍ତିର ମନରେ ଅସତ୍ ବିଚାର ଆସେ ତେବେ ତା'ର ବାଣୀରେ ମଧ୍ୟ ଆପେ ଆପେ ଅପଶବ୍ଦ ବାହାରି ପଡ଼େ ଏବଂ କାର୍ଯ୍ୟରେ ମଧ୍ୟ ଭୁଲ୍ ହୁଏ। ଯେଉଁ କାର୍ଯ୍ୟ ଦ୍ୱାରା, ଯେଉଁ ବାଣୀ କିମ୍ବା ଚିନ୍ତନ ଦ୍ୱାରା ଅନ୍ୟର ଅହିତ ହୁଏ ତାକୁହିଁ ଆମ ଏଠାରେ ଅଧର୍ମ କୁହାଯାଇଛି ଏବଂ ଯାହା ଦ୍ୱାରା ଆମେ ଅନ୍ୟର କଲ୍ୟାଣ କରିଥାଉ, ପରର ଉପକାର କରିଥାଉ, ତାକୁହିଁ ଆମ ଏଠାରେ ଧର୍ମ କୁହାଯାଇଛି। ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି-

**ପରହିତ ସରିସ ଧରମ ନହିଁ ଭାଇ ।**
**ପର ପୀଡ଼ା ସମ ନହିଁ ଅଧମାଇ ॥**

ଅନ୍ୟର ଉପକାର କରିବା ଠାରୁ ଧର୍ମ ଆଉକିଛି ନାହିଁ। ସେହିପରି ଅନ୍ୟକୁ ପୀଡ଼ା ଦେବା ଠାରୁ ଅଧର୍ମ ଆଉ କିଛି ନାହିଁ। ଧର୍ମ ଏବଂ ଅଧର୍ମ ଦୁଇଟି ପକ୍ଷ। ଏହି ଦୁଇ ମଧ୍ୟ ଦେଇ ମନୁଷ୍ୟକୁ ଯିବାକୁ ହୋଇଥାଏ। ଆପଣଙ୍କ ଜୀବନରେ ଧର୍ମର ଅବସର ମଧ୍ୟ ଆସେ ଏବଂ ଅଧର୍ମର ଅବସର ମଧ୍ୟ ଆସେ। ଯଦି ଆପଣ ଅଧର୍ମର ଆଶ୍ରୟ ନିଅନ୍ତି ତେବେ ଜୀବନ ଛାରଖାର ହୋଇଯାଏ। ଆପଣ ସ୍ୱୟଂ ଅଶାନ୍ତ ହୋଇଯାଆନ୍ତି ଏବଂ ଆପଣଙ୍କ ସଂପର୍କରେ ଆସୁଥିବା ଲୋକେ ମଧ୍ୟ ଅଶାନ୍ତ ହୋଇଯାଆନ୍ତି। କିନ୍ତୁ ଯଦି ଆପଣ ଧର୍ମର ପକ୍ଷ ନିଅନ୍ତି ତେବେ ଆପଣଙ୍କୁ ତ ଶାନ୍ତି ମିଳିଥାଏ, ଆପଣଙ୍କ ସଂପର୍କରେ ଆସିଥିବା ବ୍ୟକ୍ତିଙ୍କୁ ମଧ୍ୟ ଶାନ୍ତି ମିଳିଯାଏ।

ସଂସାରରେ କୌଣସି ବସ୍ତୁର ସୀମା ନାହିଁ। ଆପଣ ଏହା ଭାବନ୍ତୁ ନାହିଁ ଯେ ଆକାଶ କେବଳ ଅନନ୍ତ, ଏପରି ନୁହେଁ। ଏଠାରେ ଦୁଃଖ ମଧ୍ୟ ଅନନ୍ତ ଏବଂ ସୁଖ ମଧ୍ୟ ଅନନ୍ତ। ଏଠାରେ ହାନି ଏବଂ ଲାଭ- ଉଭୟେ ଅନନ୍ତ, କାରଣ ଉଭୟେ କ୍ରମରେ ଆସିଥାନ୍ତି ଏବଂ ଯାଇଥାନ୍ତି।

ସୁତରାଂ ଜୀବନରେ ଯଦି ସୁଖ, ଶାନ୍ତି ଓ ସମୃଦ୍ଧିର କାମନା ଅଛି ତେବେ ଆପଣଙ୍କୁ ନିଜ ଭିତରେ ବୁଡ଼ିବାକୁ ହେବ। ବଜାରରେ ଶାନ୍ତି କିଣିବାକୁ ଗଲେ ତାହା କେଉଁଠି ହେଲେ ମିଳିନଥାଏ। ଆପଣଙ୍କୁ କେହି ହେଲେ କହିପାରିବେ ନାହିଁ ଯେ ବଜାରରେ କେଉଁଠାରେ ଶାନ୍ତି ମିଳେ ଏବଂ ତାହାର ମୂଲ୍ୟ କ'ଣ। ଶାନ୍ତି ଏବଂ ଅଶାନ୍ତି– ଉଭୟେ ଆମ ଭିତରେ ହିଁ ଅଛନ୍ତି।

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି–**"ଉଦ୍ଧରେତ୍ ଆତ୍ମନା ଆତ୍ମାନମ୍"**– ଅର୍ଥାତ୍ ନିଜ ଦ୍ୱାରା ନିଜର ଉଦ୍ଧାର କରନ୍ତୁ। ଏଣୁ ନିଜକୁ ଅବନତି ଆଡ଼କୁ ନିଅନ୍ତୁ ନାହିଁ। ନିଜକୁ ନଷ୍ଟ କରନ୍ତୁ ନାହିଁ। ଆପଣ ନିଜେ ହିଁ ନିଜର ମିତ୍ର ଏବଂ ନିଜେ ହିଁ ନିଜର ଶତ୍ରୁ ଅଟନ୍ତି। ତେଣୁ ଆପଣ କେଉଁଠିକି ମିତ୍ର ଖୋଜିବାକୁ ଯାଆନ୍ତୁ ନାହିଁ। ମିତ୍ର ଆପଣଙ୍କ ଭିତରେ ଅଛି। ଏବଂ ସେ କିଏ ? ତାହା ଆପଣ ସ୍ୱୟଂ ଅଟନ୍ତି। ସେହିପରି ଶତ୍ରୁ ମଧ୍ୟ କେଉଁଠି ବାହାରେ ନାହିଁ। ଶତ୍ରୁ ମଧ୍ୟ ଆପଣଙ୍କର ଭିତରେ ବସିଛି। ତାହା ମଧ୍ୟ ଆପଣ ସ୍ୱୟଂ ଅଟନ୍ତି।

ମନେକରନ୍ତୁ ଆପଣଙ୍କ ପେଟର ସାମର୍ଥ୍ୟ ଅଛି ଚାରୋଟି ରୁଟି ଖାଇପାରିବାର ଏବଂ ଆପଣ ଲୋଭର ବଶବର୍ତ୍ତୀ ହୋଇ ଦଶଟି ରୁଟି ଖାଇଦେଇଛନ୍ତି। ତାହେଲେ ଆପଣଙ୍କ ପେଟରେ ଯନ୍ତ୍ରଣା ହେବ ଏବଂ ଆପଣଙ୍କୁ ଡାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ। ଏତଦ୍ ଦ୍ୱାରା ଆପଣ ସ୍ୱୟଂ କଷ୍ଟ ପାଇବେ। ତେବେ କଷ୍ଟର କାରଣ କିଏ ହେଲା ? ସ୍ୱୟଂ ଆପଣ। ଶତ୍ରୁ କ'ଣ କରେ ? କଷ୍ଟ ଦିଏ। ଯିଏ କଷ୍ଟ ଦିଏ ସିଏ ହିଁ ତ ଶତ୍ରୁ ? ଆପଣ ଲୋଭବଶତଃ ଅଧିକ ଖାଇଦେଲେ ଏବଂ ଦୁଃଖ ପାଇଲେ। କିଏ ଦୁଃଖ ଦେଉଛି ? ରୁଟି ଗୁଡ଼ିକ ? ନା ଆଜ୍ଞା, ତାହା ନୁହେଁ। ରୁଟି ତ ଏକ ସାମାନ୍ୟ କାରଣ। ଯଥାର୍ଥରେ ଆପଣଙ୍କ ମନରେ ଭୋଜନ ପ୍ରତି ଯେଉଁ ଲୋଭ ସୃଷ୍ଟି ହେଲା, ସେ ହିଁ ଆପଣଙ୍କର ଶତ୍ରୁ

ହେଲା। କାମ, କ୍ରୋଧ ଏବଂ ଲୋଭ ରୂପରେ ଶତ୍ରୁ ଆପଣଙ୍କ ଭିତରେ ଅଛନ୍ତି। ଏମାନେ ହିଁ ଆପଣଙ୍କୁ ନରକକୁ ନେଇଯାଆନ୍ତି। ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି-

**ତ୍ରିବିଧଂ ନରକସ୍ୟେଦଂ**
**ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭ-**
**ସ୍ତସ୍ମାଦେତତ୍ରୟଂ ତ୍ୟଜେତ୍ ॥**

(୧୬/୨୧)

କାମ, କ୍ରୋଧ ଏବଂ ଲୋଭ- ଏହି ତିନିକୁ ନରକର ଦ୍ୱାର କୁହାଯାଇଛି। ଦ୍ୱାର ଅର୍ଥାତ୍- ଏହିଠାରୁ ବ୍ୟକ୍ତି ନରକରେ ପ୍ରବେଶ କରେ। ଏହାର ଅର୍ଥ ଏହା ନୁହେଁ ଯେ ଆକାଶରେ କୌଣସି ସ୍ଥାନରେ ନର୍କର କୁଣ୍ଡ ରଖାଯାଇଛି। ମୁଁ ପିଲାଦିନରେ ଦେଖିଛି। ଆଗେ ସ୍ୱର୍ଗ ଏବଂ ନରକର ଚିତ୍ର ମିଳୁଥିଲା। ସେଥିରେ ଏହା ଦେଖାଯାଉଥିଲା ଯେ କେଉଁଠାରେ କିଏ କାହାକୁ ହାଣୁଥିଲା, କିଏ କାହାକୁ ଚିରି ଦେଉଥିଲା, କିଏ କାହାକୁ ଗରମ ତେଲର କଢ଼େଇରେ ପକାଉଥିଲା। ଯଥାର୍ଥରେ ଆକାଶରେ ଏପରି କୌଣସି ସ୍ଥାନ ନାହିଁ। ନର୍କର ଅର୍ଥ ହେଲା ନ + ଅର୍କ = ନର୍କ। ଅର୍କ ଅର୍ଥାତ୍ ସୂର୍ଯ୍ୟ। ସୂର୍ଯ୍ୟଙ୍କ ଠାରୁ ଆଲୋକ ମିଳେ। ନ ଅର୍କ ଅର୍ଥାତ୍ ଯେଉଁଠାରେ ସୂର୍ଯ୍ୟ ନ ଥାନ୍ତି। ଯେଉଠାରେ ସୂର୍ଯ୍ୟ ନ ଥାଆନ୍ତି ସେଠାରେ ଆଲୋକ ମଧ୍ୟ ନ ଥାଏ ଏବଂ ଯେଉଁ ସ୍ଥାନରେ ଆଲୋକ ନ ଥାଏ ସେଠାରେ ଅନ୍ଧକାର ହିଁ ଅନ୍ଧକାର ଥାଏ। ତେଣୁ ଅନ୍ଧକାର ଦ୍ୱାରା ପରିପୂର୍ଣ୍ଣ ସ୍ଥାନ ହିଁ ନର୍କ ଅଟେ।

ଅନ୍ଧକାର ବ୍ୟକ୍ତିକୁ ଭୟଭୀତ କରିଥାଏ ଏବଂ ଭୟ ବ୍ୟକ୍ତିକୁ କଷ୍ଟ ଦେଇଥାଏ। ଯାହା ଭୟ ଦିଏ, କଷ୍ଟ ଦିଏ, ତାହା ହିଁ ନର୍କ। ଅନ୍ଧକାର ଆମକୁ ଭୟଯୁକ୍ତ କରେ। ଆଲୋକ ଆମକୁ ଭୟମୁକ୍ତ କରେ।

ତେଣୁ ଆମେ ଲାଇଟ୍ ଜଳାଇ, ଲଣ୍ଠନ କିମ୍ବା ଦୀପ ଜଳାଇ ଘରକୁ ଆଲୋକିତ କରିଥାଉଁ। ଅନ୍ଧକାରକୁ ଦୂର କରିବାର ପ୍ରୟାସ କରିଥାଉଁ। ଆମେ ସମଗ୍ର ସଂସାରର ଅନ୍ଧକାରକୁ ତ ଦୂର କରିପାରିବା ନାହିଁ, କିନ୍ତୁ କିଛି ପରିମାଣରେ ଆମର ଚଳିପାରିବା ଭଳି ଆଲୁଅ ତ ଆମେ ନିଶ୍ଚୟ ସୃଷ୍ଟି କରିପାରିବା। ଗୋଟିଏ ଦୀପ ମଧ୍ୟ ଘରେ ଜଳିଲେ ଅନ୍ଧକାର ଦୂର ହୋଇଯାଏ। ସୁତରାଂ  ଭୟ ମଧ୍ୟ ଦୂର ହୋଇଯାଏ। ଏହିପରି ଭାବରେ ମନୁଷ୍ୟକୁ ନିଜ ଭିତରେ ଜ୍ଞାନର ପ୍ରଦୀପ ଜଳାଇବାର ପ୍ରୟାସ କରିବା ଉଚିତ। ଯେତେବେଳ ପର୍ଯ୍ୟନ୍ତ ଜ୍ଞାନର ପ୍ରଦୀପ ଆପଣଙ୍କ ଭିତରେ ଜଳିବ ନାହିଁ ସେତେବେଳ ପର୍ଯ୍ୟନ୍ତ ଏହି ଘରେ (ଶରୀରରେ) ରହୁଥିବା ଗୃହସ୍ଥ (ଜୀବ) ମଧ ନିର୍ଭୟ ହୋଇପାରିବ ନାହିଁ। ତା'ଭିତରେ ଭୟ ରହିଥିବ। ସୁତରାଂ ଆପଣ ନିଜ ଭିତରେ ଜ୍ଞାନର ପ୍ରଦୀପ ଜଳାନ୍ତୁ ଏବଂ ନିର୍ଭୟ ହୋଇଯାଆନ୍ତୁ। କାମ, କ୍ରୋଧ ଏବଂ ଲୋଭର ମାୟାଜାଲରୁ ମୁକ୍ତ ହୋଇ ଏହି ସଂସାରରେ ଏବଂ ଏହି ଶରୀରରେ ଅଖଣ୍ଡ ଆନନ୍ଦକୁ ପ୍ରାପ୍ତ କରିବାପାଇଁ ପ୍ରୟାସ କରନ୍ତୁ। ଦେଖିବେ- ତେବେ ନା ମୃତ୍ୟୁର ଭୟ ହେବ ଏବଂ ନା ନରକର ପୀଡ଼ା।

ଜୀବନରେ ସବୁଠାରୁ ବଡ଼ ଭୟ ହେଉଛି ମୃତ୍ୟୁର ଭୟ। ବ୍ୟକ୍ତି ମରଣକୁ ଡରେ ଏବଂ ତା'ର ଏହି ଡର ତାକୁ ଯେ କୌଣସି ଠାରେ, ଯେ କୌଣସି ସମୟରେ ବିବ୍ରତ କରିଦିଏ। ଆପଣ ଅନ୍ଧାରରେ କୌଣସି ସ୍ଥାନକୁ ଯାଉଛନ୍ତି, ରାସ୍ତା ନିଛାଟିଆ ଅଛି, ସେଠାରେ ଆପଣ ଭୟଗ୍ରସ୍ତ ହୋଇଯାଆନ୍ତି। ଆପଣଙ୍କୁ ଲାଗେ, କାଳେ କୌଣସି ଭୂତ-ପ୍ରେତ ବାହାରିଯିବେ କି ? ଚୋର ତସ୍କର ଆସିଯିବେ କି ? କାଳେ କେହି ମାରି ପକାଇବେ କି ? ଅନେକ ଥର ଜହ୍ନ ଆଲୁଅରେ ମଧ ଏପରି କିଛି ଭ୍ରମ ହୋଇଯାଏ ଏବଂ ଆପଣ ଭୟଭୀତ ହୋଇଯାଆନ୍ତି। ସେତେବେଳେ ଯେ କୌଣସି ବୁଦା ମଧ ଆପଣଙ୍କୁ ଭୂତ-ପ୍ରେତ ପରି

ମନେହୁଏ ଓ ଆପଣ ବିବ୍ରତ ହୋଇଯାଆନ୍ତି।

ଏହିପରି ଅନୁଭୂତି ଆପଣ ସହରରେ ରହୁଥିବା ଲୋକଙ୍କୁ ହୋଇଛି କି ନାହିଁ ମତେ ଜଣାନାହିଁ କିନ୍ତୁ ଆମେମାନେ ଜଙ୍ଗଲରେ ଅନେକ ସମୟ ରହିଛୁ, ତେଣୁ ଆମ୍ଭମାନଙ୍କୁ ଏହାର ଅନୁଭବ ଅଛି। କିଏ ଯଦି କହିଦିଏ ଯେ ସେ ଗଛରେ ଭୂତର ଅଛି, ତା'ପାଖକୁ ଯିବ ନାହିଁ, ସେ ମାରିଦେବ, ତେବେ ଲୋକେ ଡରିଯାଆନ୍ତି ଏବଂ ସେହି ସ୍ଥାନକୁ ଯାଆନ୍ତି ନାହିଁ। ଭଲା କିଏ ମରିବାକୁ ଚାହେଁ ? କିନ୍ତୁ ଏହା ସତ୍ୟ ନୁହେଁ। କୌଣସି ଭୂତ-ପ୍ରେତ କେବେହେଲେ କାହାକୁ ମାରିପାରନ୍ତି ନାହିଁ। ପ୍ରକୃତ କଥା ହେଲା- ଭୂତ ମଧ୍ୟ ଭୟ ଏବଂ ଭ୍ରମ ଦ୍ୱାରା ସୃଷ୍ଟି ହୋଇଥାଏ, ଯାହାର କାରଣ ମଧ୍ୟ ଆପଣ ନିଜେ ହୋଇଥାଆନ୍ତି।

ଆଜି ଏକବିଂଶ ଶତାବ୍ଦୀରେ ମଧ୍ୟ ଲୋକେ ଭୂତ-ପ୍ରେତ ଭୟରୁ ମୁକ୍ତ ହୋଇନାହାନ୍ତି। ଆଗେ ଅଶିକ୍ଷିତ ଲୋକଙ୍କର ଭୂତପ୍ରେତର ଭୟ ରହୁଥିଲା କିନ୍ତୁ ଆଜିକାଲି ତ ତଥାକଥିତ ଏହି ସହରୀ ଲୋକେ ଅଧିକ ଭୟଭୀତ ରହୁଛନ୍ତି। ମୁଁ ତଥାକଥିତ ଶିକ୍ଷିତ କହୁଅଛି କାହିଁକି ନା ଯେ ସ୍ୱୟଂକୁ ଜାଣେ ନାହିଁ- ସେ ଶିକ୍ଷିତ ନୁହେଁ। ଶିକ୍ଷାର ଅନ୍ତିମ ଲକ୍ଷ୍ୟ ହେଉଛି ଆତ୍ମଜ୍ଞାନ। କେବଳ ପେଟ ବିଷୟରେ ଜାଣିବା, ନିଜର ଘରଦ୍ୱାର-ପରିବାର ବିଷୟରେ ଜାଣିବା- ଏହାତ ପଶୁପକ୍ଷୀ ମଧ୍ୟ ଜାଣନ୍ତି। ଯଦି ଅନ୍ନ, ବସ୍ତ୍ର ଏବଂ ବାସଗୃହ- ଏହା ହିଁ ଜୀବନର ଲକ୍ଷ୍ୟ ହୁଏ ତେବେ ସେମାନଙ୍କ ଓ ମନୁଷ୍ୟ ମଧ୍ୟରେ ପ୍ରଭେଦ କ'ଣ ? ମନୁଷ୍ୟ ଏବଂ ସେମାନଙ୍କର ମଧ୍ୟରେ ଏଥିପାଇଁ ପ୍ରଭେଦ ସ୍ୱୀକାର କରାଯାଏ ଯେ ମନୁଷ୍ୟ ଦୁନିଆଁର ଉର୍ଦ୍ଧ୍ୱରେ କ'ଣ ଅଛି- ତାକୁ ଜାଣିବାର ପ୍ରୟାସ କରିଥାଏ। ଜୀବନର ଆରମ୍ଭରେ କ'ଣ ଓ ଜୀବନର ପରେ କ'ଣ ଅଛି- ଏହି ସମସ୍ତ କଥା କେବଳ ମନୁଷ୍ୟ ହିଁ ଜାଣିବାର ପ୍ରୟାସ କରିଥାଏ। ଏଣୁ ପ୍ରକୃତ ଶିକ୍ଷିତ ସେହି ବ୍ୟକ୍ତି ଅଟେ ଯିଏ ଜଗତ ଓ

ଜୀବନ ବିଷୟରେ ଜାଣିବାର ପ୍ରୟାସ କରିଥାଏ ଏବଂ ଜାଣିଥାଏ। ଯିଏ ଜଗତକୁ ମଧ୍ୟ ଜାଣିଥାଏ ଏବଂ ଜୀବନକୁ ମଧ୍ଧ ଜାଣିଥାଏ- ଯଥାର୍ଥରେ ସେ ହିଁ ଜ୍ଞାନୀ ଅଟେ।

ବହୁ ପୁରାଣ ଶାସ୍ତ୍ର ପଢ଼ି ବହୁତ ଭଲ ଭାଷଣ ଦେଇଦେଲେ କେହି ଜ୍ଞାନୀ ହୋଇଯାଏ ନାହିଁ। ଯିଏ ନା 'ସ୍ୱୟଂ' ବିଷୟରେ ଜାଣେ ନା 'ପର' ବିଷୟରେ ଜାଣେ ସେହି ଜ୍ଞାନୀ ଯଥାର୍ଥଜ୍ଞାନୀ ନୁହେଁ। ସଂସାରର ଜ୍ଞାନ ଦ୍ୱାରା ଆପଣଙ୍କୁ ପ୍ରକୃତ ସୁଖ ଓ ଶାନ୍ତି ମିଳିବ ନାହିଁ। ହଁ, ସୁଖ ଓ ଶାନ୍ତିର ଭ୍ରମ ନିଶ୍ଚୟ ସୃଷ୍ଟି ହୋଇ ପାରେ। ତେଣୁ ଭଗବାନ ଶ୍ରୀକୃଷ୍ଣ ଏହି ସୂତ୍ର-**"ଉଦ୍ଧରେଦାତ୍ମନାତ୍ମାନମ୍"**ର ମାଧ୍ୟମରେ କହିବାକୁ ଚାହୁଁଛନ୍ତି ଯେ ନିଜର ଉଦ୍ଧାର ନିଜେ କରନ୍ତୁ। କିପରି କରିବେ ନିଜର ଉଦ୍ଧାର? ଏଥିପାଇଁ ପ୍ରଥମେ ସ୍ୱୟଂକୁ ଜାଣନ୍ତୁ। ଯେ ପର୍ଯ୍ୟନ୍ତ ଆମେ ନିଜକୁ ଜାଣିବା ନାହିଁ ସେତେବେଳ ପର୍ଯ୍ୟନ୍ତ ଆମେ ଯାହା କିଛି କଲେ ମଧ୍ଧ ଯଥାର୍ଥକୁ ଜାଣିପାରିବା ନାହିଁ ଏବଂ ଯଥାର୍ଥକୁ ନ ଜାଣିଲେ ଆମେ ସଂସାରରୁ କିଛି ହେଲେ ଲାଭାନ୍ୱିତ ହୋଇପାରିବା ନାହିଁ।

ବ୍ୟକ୍ତି ଯଥାର୍ଥକୁ ଜାଣିବା ପାଇଁ ହିଁ ସଂସାରକୁ ଆସିଛି। ସଂସାରର ପ୍ରକୃତ ସତ୍ୟ କ'ଣ? ଏହା କ୍ଷଣଭଙ୍ଗୁର ଅଟେ। ଆଜି ଅଛି, କାଲି ରହିବ ନାହିଁ। ଆଜି ଦୃଶ୍ୟମାନ ଅଛି, କାଲି ଲୁପ୍ତ ହୋଇଯିବ। ଆଜି ଆପଣ ଅଛନ୍ତି, ତେଣୁ ଜଗତ ଦେଖାଯାଉଛି। ଆପଣ ଅଛନ୍ତି, ଏଣୁ କରି ଆପଣଙ୍କୁ ଏହି ଜଗତର ଅସ୍ତିତ୍ୱର ଜ୍ଞାନ ହେଉଛି। ଯେତେବେଳେ ଆପଣ ନ ରହିବେ ସେତେବେଳେ ଏହି ଜଗତ ଅଛି ନା ନାହିଁ, କିଏ ପଚାରିବାକୁ ଯିବ? ଆମେ ଏହି ଜଗତକୁ ଆସିଛୁ। ଏଠାରେ ଆମକୁ କିପରି ରହିବା ଉଚିତ? ଭଗବାନ କୃଷ୍ଣ କହନ୍ତି- ଜଗତରେ ରୁହନ୍ତୁ କିନ୍ତୁ କିପରି? **"ପଦ୍ମପତ୍ରମିବାମ୍ଭସା"**- ଯେପରିକି ଜଳରେ ପଦ୍ମର ପତ୍ର ରହିଥାଏ।

ଜଳ ନ ଥିଲେ ପଦ୍ମପତ୍ର ମଧ୍ୟ ସୃଷ୍ଟି ହେବ ନାହିଁ। ଜଳ ନ ଥିଲେ ପଦ୍ମଫୁଲ ଫୁଟି ପାରିବ ନାହିଁ। ପଦ୍ମଫୁଲର ଅସ୍ତିତ୍ୱ ପାଇଁ ଜଳର ଆବଶ୍ୟକତା ଅଛି। ଜଳ ବିନା ତାହାର ଅସ୍ତିତ୍ୱ ହିଁ ନାହିଁ। କିନ୍ତୁ ତାହା ଜଳ ଉପରେ ରହିଥିଲେ ମଧ୍ୟ, ତା'ଉପରେ ଜଳ ସିଞ୍ଚିଲେ ସେ ତାହା ଶୋଷେନାହିଁ। ଆମେ ମଧ୍ୟ ସଂସାରରେ ଏହି ପରି ରହିବା ଉଚିତ। ସଂସାରକୁ ଆମେ ଅସ୍ୱୀକାର କରିପାରିବା ନାହିଁ।

ସଂସାର ଅଛି, ତେଣୁ ଆମେ ଅଛୁ। ଆମେ ଅଛୁ, ତେଣୁ ସଂସାର ଅଛି। ଆମର ଏବଂ ସଂସାରର ସମ୍ବନ୍ଧ ଅଭିନ୍ନ, ଅନ୍ୟୋନ୍ୟାଶ୍ରିତ ଅଟେ। କିନ୍ତୁ ଆମକୁ ଏହି ସଂସାରରେ **"ପଦ୍ମପତ୍ରମିବାମ୍ଭସା"** ଜଳରେ ପଦ୍ମପତ୍ର ସଦୃଶ ରହିବା ଉଚିତ। ଏଠାରେ, ଏହି ସଂସାରରେ ଆପଣଙ୍କର ସମ୍ପୂର୍ଣ୍ଣ ପରିବାର, ବନ୍ଧୁ-ବାନ୍ଧବ, କୁଟୁମ୍ବ, ସମସ୍ତେ ଅଛନ୍ତି। ତେବେ କ'ଣ ନିଜକୁ ଜାଣିବାପାଇଁ ଆପଣଙ୍କୁ ନିଜର ଘର-ଦ୍ୱାର ସବୁ ଛାଡ଼ିବା ଆବଶ୍ୟକ କି ? ପରିବାର ଛାଡ଼ିବା ଆବଶ୍ୟକ କି ? ବ୍ୟବସାୟ, ନୌକରୀ-ଚାକିରୀ ସବୁକିଛି ଛାଡ଼ିଦେବା ଆବଶ୍ୟକ କି ? ନା, ନୁହେଁ। ସମସ୍ତଙ୍କ ସହିତ ରହି ମଧ୍ୟ ଆପଣ ନିଜକୁ ଜାଣିପାରିବେ, ଆତ୍ମ-ସାକ୍ଷାତ୍କାର କରିପାରିବେ। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି-

**ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ।**
**ସ ସନ୍ନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନଚାକ୍ରିୟଃ ॥** (୬/୧)

ଏଠାରେ ଭଗବାନ ଶ୍ରୀକୃଷ୍ଣ ସନ୍ନ୍ୟାସର ଏକ ଅଦ୍ଭୁତ ପରିଭାଷା ଦେଇଛନ୍ତି। ସନ୍ନ୍ୟାସୀ କିଏ ? ଆପଣ ଭାବୁଥିବେ ମୁଁ ସନ୍ନ୍ୟାସୀ ଅଟେ ଏବଂ ଆପଣ ସଂସାରୀ ଅଟନ୍ତି। ଲୋକେ ଭାବନ୍ତି ଗେରୁଆ ବସ୍ତ୍ର ପିନ୍ଧିଦେଲେ, ଜଟା ରଖିଦେଲେ, ଲଣ୍ଡିତ ମୁଣ୍ଡ ହେଲେ ବ୍ୟକ୍ତି ସନ୍ନ୍ୟାସୀ ହୋଇଯାଏ। କିନ୍ତୁ ସନ୍ନ୍ୟାସୀର ପ୍ରକୃତ ପରିଚୟ ଏହା ନୁହେଁ। ଏହି ବେଶରେ ତ ଆଜିକାଲି ଭିକାରୀମାନେ ମଧ୍ୟ ବୁଲୁଛନ୍ତି। ଏଣୁକରି ଏହା

କେବଳ ବାହ୍ୟ ବ୍ୟବସ୍ଥା ଅଟେ। ଏହା କେବଳ ଦେଖିବା ଏବଂ ଜାଣିବା ପାଇଁ ଅଟେ। ଯଥାର୍ଥରେ ସନ୍ନ୍ୟାସ କୌଣସି ବାହ୍ୟ ଆବରଣ ନୁହେଁ। ବାହ୍ୟ ସ୍ୱରୂପର ନାମ ସନ୍ନ୍ୟାସ ନୁହେଁ। ସନ୍ନ୍ୟାସ ତ ଚେତନାର ଏକ ସ୍ଥିତି ଅଟେ। ସମ୍ୟକ୍ ରୂପରେ ସଂସାରାସକ୍ତିକୁ ତ୍ୟାଗ କରିଦେବା ହିଁ ଯଥାର୍ଥରେ ସନ୍ନ୍ୟାସ ଅଟେ।

ଭଗବାନ କହୁଛନ୍ତି- **"ଅନାଶ୍ରିତଃ କର୍ମଫଳଂ"** ଅର୍ଥାତ୍ ଏଠାରେ କର୍ମ ତ କରନ୍ତୁ କିନ୍ତୁ କର୍ମର ଫଳ ଉପରେ ଆସକ୍ତି ରଖନ୍ତୁ ନାହିଁ। ଆପଣ କହିପାରିବେ- ସ୍ୱାମୀଜୀ ! ଏହା ତ ବଡ଼ ବିଚିତ୍ର କଥା ? ଆମ୍ଭେ କର୍ମ କରିବୁ ଏବଂ ଫଳର ଆଶା କରିବୁ ନାହିଁ, ଆସକ୍ତି ରଖିବୁ ନାହିଁ- ଏହା କିପରି ସମ୍ଭବ ? ମୁଁ ଆପଣଙ୍କୁ କହୁଛି- ଆପଣ ଆଶା କରନ୍ତୁ ଅଥବା ନ କରନ୍ତୁ ଫଳ ତ ନିଶ୍ଚୟ ମିଳିବ। ଦିଆସିଲି ଡବାରେ ଆପଣ ଦିଆସିଲି କାଠି ଘଷିଲେ ନିଆଁ ବାହାରିବ ନା ନାହିଁ ? ବାହାରିବ ନା ? ଏଠାରେ ଘର୍ଷଣ ହେଉଛି କର୍ମ ଏବଂ ସେହି କର୍ମର ପରିଣାମ ହେଉଛି ଅଗ୍ନିର ପ୍ରାକଟ୍ୟ। ଆପଣ ଘର୍ଷଣ କଲେ ଏବଂ ଆପଣଙ୍କୁ ଫଳ ମିଳିଗଲା। ତ, କର୍ମର ଫଳ ନିଶ୍ଚୟ ହେବ, ନିଶ୍ଚୟ ମିଳିବ।

ଏଠାରେ ଭଗବାନ ଶ୍ରୀକୃଷ୍ଣଙ୍କର କହିବାର ତାତ୍ପର୍ଯ୍ୟ ଏହା ଯେ- ହେ ଅର୍ଜୁନ ! ତୁମେ କର୍ମ ଫଳରେ ଆଶାରଖ ନାହିଁ। ବାସ୍, କର୍ମ କରିଚାଲ। ତୁମକୁ କର୍ମ କରିବାର ଅଧିକାର ଦିଆଯାଇଛି- **"କର୍ମଣ୍ୟେବାଧିକାରସ୍ତେ"**। ଭଗବାନ ଆମକୁ କର୍ମ କରିବାପାଇଁ ଅଧିକାର ଦେଇଛନ୍ତି। ତେଣୁ ଆମେ ଅବଶ୍ୟ କର୍ମ କରିବା ଉଚିତ। ତାହା ପୁଣି ଅନାସକ୍ତ ଭାବରେ। ଆପଣ ଫଳର ଆଶା ରଖନ୍ତୁ ବା ନ ରଖନ୍ତୁ, ଆପଣଙ୍କୁ ଯେତିକି ମିଳିବା କଥା ସେତିକି ଅବଶ୍ୟ ମିଳିବ। ତେଣୁ ଯେଉଁ ବ୍ୟକ୍ତି ଅନାସକ୍ତ ଭାବରେ କର୍ମ କରି ଏହି ସଂସାରରେ ରହନ୍ତି- ଏହିପରି କର୍ମଯୋଗୀ ପୁରୁଷମାନେ ମଧ୍ୟ ସନ୍ନ୍ୟାସୀ ଅଟନ୍ତି।

## ତୁମ ପ୍ରଭୁ ତୁମ ଅନ୍ତରେ

ଆଜିକାଲି ଇନ୍ସ୍ୟୁରେନ୍ସ କମ୍ପାନୀ ଗୁଡ଼ିକ ଆପଣା ଆପଣା ଏଜେଣ୍ଟ୍ ରଖିଛନ୍ତି। ଫାଇନାନ୍ସ କମ୍ପାନୀ ମଧ୍ୟ ଆପଣା ଆପଣା ଏଜେଣ୍ଟ୍ ରଖିଛନ୍ତି। ବିଭିନ୍ନ ପ୍ରକାରର ବ୍ୟବସାୟୀ ମଧ୍ୟ ନିଜ ନିଜର ଏଜେଣ୍ଟ୍, ମାର୍କେଟିଂ ମ୍ୟାନେଜର୍ ଆଦି ରଖିଛନ୍ତି। ଏଜେଣ୍ଟ୍‌ମାନେ ପଇସା କଲେକ୍‌ସନ୍ କରନ୍ତି, ସେମାନଙ୍କୁ କମ୍ପାନୀ ତରଫରୁ ତାହାର ଅଧିକାର ମିଳିଥାଏ। ଧରିନିଅନ୍ତୁ କୌଣସି ଏକ ଏଜେଣ୍ଟ୍ ମାସକୁ ଦୁଇଲକ୍ଷ ଟଙ୍କା କଲେକ୍‌ସନ୍ କରେ, ତେବେ କ'ଣ ତାହାକୁ ସେହି ଦୁଇଲକ୍ଷ ଟଙ୍କା ମିଳିଯାଇଥାଏ ? ନା, ତାହା ମିଳେ ନାହିଁ। ତା'କୁ ସେତିକି ହିଁ ମିଳେ ଯେତିକି କମ୍ପାନୀ ତା'ପାଇଁ ନିର୍ଦ୍ଧାରିତ କରିଥାଏ। କଲେକ୍‌ସନ୍ (କର୍ମ) କରିବାର ଅଧିକାର ତାକୁ ଦିଆଯାଇଛି। ଏଇଥିପାଇଁ ଦିଆଯାଇଛି ଯେ ସେ ନିଶ୍ଚିନ୍ତ ହୋଇ କାମ କରିପାରିବ। ସେ କଲେକ୍‌ସନ୍ କରେ, ଡିପୋଜିଟ୍ କରେ, ତା'ପରେ ତା'ର ଯେପରି ଯୋଗ୍ୟତା ଥାଏ ସେହି ଅନୁସାରେ ତାକୁ କମିଶନ୍ ବା ଦରମା ରୂପରେ କମ୍ପାନୀ ଟଙ୍କା ଦେଇଥାଏ।

ଠିକ୍ ଏପରି ବ୍ୟବସ୍ଥା ଭଗବାନଙ୍କର ରାଜ୍ୟରେ ମଧ୍ୟ ଅଛି। ଆପଣ ଏଠାରେ କର୍ମ କରନ୍ତୁ, କରିଚାଲନ୍ତୁ, ଆପଣଙ୍କର ଯୋଗ୍ୟତା ଅନୁଯାୟୀ ଭଗବାନ ନିଶ୍ଚିତ ରୂପରେ ଆପଣଙ୍କୁ ଫଳ ପ୍ରଦାନ କରିବେ। ଆପଣ ଏପରି କେବେ ବି ଭାବିବେ ନାହିଁ ଯେ ଭଗବାନ ଆପଣଙ୍କ ସାଥିରେ ନ୍ୟାୟ କରୁନାହାନ୍ତି ଏବଂ ପଡ଼ୋଶୀ ସହିତ ନ୍ୟାୟ କରୁଛନ୍ତି। ନା, ଏପରି ନୁହେଁ। ଭଗବାନ ଯାହା କରନ୍ତି ଅଥବା ଏଠାରେ ଯାହା ସହିତ ଯାହା କିଛି ବି ଘଟୁଛି– ତା'ପଛରେ ତାଙ୍କର ମଙ୍ଗଳ କାମନା ହିଁ ରହିଛି। ସେ ଯାହା ବି କରନ୍ତି ତଦ୍‌ଦ୍ୱାରା ପ୍ରାଣୀଙ୍କର ମଙ୍ଗଳ ହିଁ ହୋଇଥାଏ। କିନ୍ତୁ ବେଳେ ବେଳେ ଆମେ ଅଜ୍ଞାନୀମାନେ ନିଜର ବୁଦ୍ଧି, ନିଜର ଯୁକ୍ତି ଲଗାଇ କହିଦେଉ ଯେ ଭଗବାନ ଆମ ସହିତ ଅନ୍ୟାୟ କରୁଛନ୍ତି।

# ତୁମ ପ୍ରଭୁ ତୁମ ଅନ୍ତରେ

ମୁଁ ଶୁଣିଛି- ଥରେ ଖରାଦିନରେ ରାତିରେ କିଛି ଲୋକ ଗୋଟିଏ ପିପ୍ପଳ ଗଛ ତଳେ ଶୋଇଥିଲେ। ପୂର୍ବେ ଗାଁ'ର ଲୋକମାନେ ଖରାଦିନରେ ଗଛତଳେ ଶୋଉଥିଲେ। ଆଜିକାଲି ତ ଏ.ସି. ଅଛି, କୁଲର୍ ଅଛି, ବାହାରେ ଶୋଇଲେ ମଧ ଭୟ ଲାଗୁଛି, ତେଣୁ ଶୋଉନାହାନ୍ତି। କିନ୍ତୁ ଆଗ କାଳରେ ଏପରି ନ ଥିଲା। ଲୋକେ ନିର୍ଭୟ ହୋଇ ବାହାରେ ମଧ୍ୟ ଶୋଉଥିଲେ। ମୋର ମଧ ଏହାର ଅନୁଭବ ଅଛି। ମୋର ଜନ୍ମସ୍ଥଳୀରେ ଆଜି ମଧ ଘରକୁ ଲାଗି ଏକ ବହୁତ ବଡ଼ ପିପ୍ପଳ ଗଛ ଅଛି, ଯାହାର ତଳେ ଆମେ ମଧ୍ୟ ଖରାଦିରେ ଶୋଉଥିଲୁ।

ତ, ସେହି ପିପ୍ପଳ ଗଛ ତଳେ ଅନେକ ବ୍ୟକ୍ତି ଶୋଇଥିଲ୍। ତାଙ୍କ ଭିତରୁ ଜଣେ ବ୍ୟକ୍ତି ଶୋଇ ଶୋଇ ଗଛକୁ ଦେଖୁଛି ଏବଂ ପାଖରେ ଶୋଇଥିବା ବ୍ୟକ୍ତିକୁ କହୁଛି- ଆରେ ଭାଇ ! ତୁମେ ସବୁ କହ- ଏହି ସଂସାରକୁ ଭଗବାନ ତିଆରି କରିଛି। ଟିକେ ତାଙ୍କର ବୁଦ୍ଧିକୁ ତ ଦେଖ ! ସେ ଏତେ ବଡ଼ ଗଛ ସୃଷ୍ଟି କରିଛି କିନ୍ତୁ ଏହାର ଫଳକୁ କେତେ ଛୋଟ ଛୋଟ ଛୋଟ କରିଛି ? ତୁମର ଏ ଭଗବାନ କିପରି ଅଟେ ? ଟିକେ ଚିନ୍ତାକର- କଖାରୁ ଡଙ୍କ କେତେ ସରୁ, କିନ୍ତୁ ସେ ତାହାର ଫଳ କେତେ ବଡ଼ ବଡ଼ କରିଛି। ହେଲେ ଏଇ ପିପ୍ପଳ ଗଛ କେତେ ବଡ଼, କିନ୍ତୁ ଏହାର ଫଳକୁ କେତେ ଛୋଟ ଛୋଟ ? ଏଣୁ ବର୍ତ୍ତମାନ କୁହ- ତୁମର ଭଗବାନ ସତରେ କ'ଣ ବୁଦ୍ଧିମାନ କି ? ଲତା ଦେହରେ ଏତେ ବଡ଼ କଖାରୁ ଫଳ, ଆଉ ଏହି ବିରାଟ ପିପ୍ପଳ ଗଛରେ ଏତେ ଛୋଟ ଛୋଟ ଫଳ ? ଯଦି ସେହି ଭଗବାନଙ୍କ ସ୍ଥାନରେ ମୁଁ ଥାଆନ୍ତି, ତେବେ କେବେହେଲେ ଏପରି କରିନଥାନ୍ତି। ମୁଁ ଛୋଟ ଗଛରେ ଛୋଟ ଏବଂ ବଡ଼ ଗଛରେ ବଡ଼ ବଡ଼ ଫଳ ଫଳାଇଥାନ୍ତି।

ସେ ଏପରି କହୁଛି- ଠିକ୍ ସେତିକି ବେଳେ ଗୋଟିଏ ପିପ୍ପଳର ଫଳ ସିଧା ତାହାର ନାକ ଉପରେ ଆସି ପଡ଼ିଲା। ତାହା

ଦେଖି ପାଖରେ ଶୋଇଥିବା ବ୍ୟକ୍ତି କହିଲା- କ'ଣ ଭାଇ! ବର୍ତ୍ତମାନ କୁହ ଭଗବାନ ବୁଦ୍ଧିମାନ ଅଟନ୍ତି ନା ମୂର୍ଖ ? ମନେକର, ଯଦି ଏହି ଫଳ କଖାରୁ ପରି ବଡ଼ ହୋଇଥାଆନ୍ତା ତାହେଲେ ଏବେ ତୁମର ଦଶା କ'ଣ ହୋଇଥାଆନ୍ତା ?

ଏବେ ପ୍ରଥମ ବ୍ୟକ୍ତି ବୁଝିଗଲା ଆଉ କହିଲା- ହଁ ଭାଇ! ତୁମେ ଠିକ୍ କହୁଛ। ବର୍ତ୍ତମାନ ମୁଁ ବୁଝିପାରିଲି ଯେ ଭଗବାନ ଯାହା କରନ୍ତି ଠିକ୍ କରନ୍ତି ଏବଂ ଯାହା କରିଛନ୍ତି ତାହା ମଧ୍ୟ ଠିକ୍ କରିଛନ୍ତି।

ମୁଁ ଦେଖିଛି, ବେଲଗଛ ତଳେ ବସିବାକୁ ଲୋକେ ଡରନ୍ତି। ନଡ଼ିଆ ଗଛ ତଳେ ମଧ୍ୟ ବସିବାକୁ ଲୋକେ ଡରନ୍ତି। କାରଣ, କିଏ ଜାଣେ କେତେବେଳେ ବେଲଟିଏ ଯଦି ମୁଣ୍ଡ ଉପରେ ପଡ଼ିଯିବ... ? କିନ୍ତୁ ଏପରି କେବେ ହୁଏ ନାହିଁ। ବେଲଟିଏ ପଡ଼ି କେହି କେବେ ମରିଛନ୍ତି- ଏ କଥା ମୁଁ ଶୁଣିନାହିଁ। ଏହା ବିଷୟରେ ମୁଁ ଆପଣ ମାନଙ୍କୁ ଏକ ସତ୍ୟ ଘଟଣା କହୁଛି-

ବଲାଙ୍ଗିରର ଠିକାଦାରପଡ଼ା ଠାରେ "ବିଶ୍ୱାତ୍ମ କୁଟୀର" ଅଛି। ସେଠାରେ ପ୍ରତ୍ୟେକ ରବିବାରରେ ସତ୍‌ସଙ୍ଗ ହେଉଥିଲା। ସେହି କୁଟୀରର ଅଗଣାରେ ଗୋଟିଏ ବଡ଼ ବେଲ ଗଛ ଅଛି। ସମ୍ବଲପୁରର ଝାଡ଼ୁଆପଡ଼ା ସ୍ଥିତ "ସମନ୍ୱୟ କୁଟୀର"ରେ ମଧ୍ୟ ସେହିଭଳି ଏକ ବେଲଗଛ ଅଛି। ତେବେ ବିଶ୍ୱାତ୍ମ କୁଟୀରର ଅଗଣାରେ ନିୟମିତ ସତ୍‌ସଙ୍ଗ ହୋଇଥାଏ। ସେତେବେଳେ ପ୍ରତ୍ୟେକ ରବିବାରରେ ଗୀତାକ୍ଲାସ୍ ହେଉଥିଲା। ଖରା ଦିନ, ବେଲପତ୍ର ସବୁ ଝଡ଼ି ଯାଇଥିଲା। କେବଳ ବଡ଼ ବଡ଼ ବେଲଫଳ ଗଛରେ ଓହଳି ଥିଲା। ସମସ୍ତେ ତାହାରି ତଳେ ବସନ୍ତି। ଆଉ କୌଣସି ଉପାୟ ମଧ୍ୟ ନଥିଲା। ଏଣୁ ଫଳ ଗୁଡ଼ିକୁ ଦେଖି ଅଧେ ଲୋକଙ୍କର ମନ ଗୀତା ପ୍ରବଚନରେ ଥିଲେ, ଅଧେ ଲୋକଙ୍କର ମନ ପ୍ରବଚନରେ ଲାଗୁନଥିଲା। ସେମାନେ ଆଶଙ୍କିତ ରହୁଥିଲେ ଏବଂ

ମଝିମଝିରେ ଗଛ ଉପରକୁ ଦେଖୁଥିଲେ, କାରଣ ଗଛରେ ବଡ଼ ବଡ଼ ଫଳ ଯଥେଷ୍ଟ ଥିଲା। ସେଠାରେ କେତେ ଜଣ ତ ପ୍ରଥମରୁ ହିଁ ଆସି ଏପରି ଭାବରେ ସତର୍କରେ ବସିଯାଆନ୍ତି ଯେପରି କି ବେଲ ପଡ଼ିଲେ ମଧ ତାଙ୍କ ମୁଣ୍ଡ ଉପରେ ନ ପଡୁ। ଏଣୁ ସେମାନଙ୍କ ମନ ସତ୍‌ସଙ୍ଗରେ ଲାଗୁ ନ ଥିଲା।

ଦିନେ ମୁଁ ସମସ୍ତଙ୍କୁ କହିଲି- ଆପଣମାନେ ଚିନ୍ତା କରନ୍ତୁ ନାହିଁ। ଏହା ହେଉଛି ଶିବବୃକ୍ଷ, ଭଗବାନ ଶଙ୍କରଙ୍କ ବୃକ୍ଷ। ମୋର ବିଶ୍ୱାସ- ଭଗବାନ ଶିବ କାହା ଉପରେ ଏତେ ବଡ଼ ବେଲଫଳ ପକାଇ ସତ୍‌ସଙ୍ଗରେ ବିଘ୍ନ ସୃଷ୍ଟି କରିବେ ନାହିଁ। ମୁଁ ଏପରି କହିଛି ଏବଂ ସଂଯୋଗବଶତଃ ସେହି ଦିନ ଏପରି ଘଟଣା ହେଲା ଯେ ଆମେ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଗଲୁ।

ଏହା ମୁଁ ସେହି ଦିନର ଘଟଣା କହୁଛି। ଗୀତାପାଠ ସମାପ୍ତ ହେଲା। ପ୍ରବଚନ ଚାଲୁଛି। ସମସ୍ତେ ଶାନ୍ତିପୂର୍ବକ ବସି ଶୁଣୁଛନ୍ତି। ସମସ୍ତେ ଆଶ୍ୱସ୍ତ ଅଛନ୍ତି। ସେଦିନ ସମସ୍ତଙ୍କର ମନରେ ଭରସା ହେଲା ଯେ ସ୍ୱାମୀଜୀ ଯଦି କହିଛନ୍ତି କାହା ଉପରେ ବେଲ ପଡ଼ିବ ନାହିଁ, ତେବେ ନିଶ୍ଚୟ ପଡ଼ିବ ନାହିଁ। ଏଣୁ ସମସ୍ତେ ତନ୍ମୟ ହୋଇ ଶୁଣୁଥାନ୍ତି। କିନ୍ତୁ ସଂଯୋଗର କଥା- ସେହିଦିନ ଗୋଟିଏ ବଡ଼ ପାଚିଲା ବେଲଫଳ ଧମ୍ କରି ତଳେ ପଡ଼ିଲା। କିନ୍ତୁ ଏହା ମଧ୍ୟ ଏକ ଆଶ୍ଚର୍ଯ୍ୟର କଥା ଯେ ତାହା ପୁରୁଷମାନଙ୍କ ସାଇଡ୍‌ରେ ପଡ଼ିଲା ନାହିଁ, ପଡ଼ିଲା ମହିଳା ମାନଙ୍କ ସାଇଡ୍‌ରେ। ଆଉ ଏପରି ପଡ଼ିଲା ଯେ କାହାରି କିଛି କ୍ଷତି ହେଲାନାହିଁ। ତାହା ଜଣେ ମହିଳା (ମାଁ ସେବାମୂର୍ତ୍ତି) ଙ୍କର ଆଣ୍ଠୁରୁ ଅଧଇଞ୍ଚ ଛାଡ଼ି ତାଙ୍କ ଆଗରେ ପଡ଼ିଲା। ଏହା ଦେଖି କିଛି ସମୟ ପାଇଁ ସମସ୍ତେ ଚକିତ ଏବଂ ସ୍ତବ୍ଧ ହୋଇଗଲେ। କିନ୍ତୁ ପର ମୁହୂର୍ତ୍ତରେ ସମସ୍ତେ ଆନନ୍ଦର ସହ ଜୋରରେ ହସିବାକୁ ଲାଗିଲେ, କାରଣ ଫଳଟି କାହାରି ମୁଣ୍ଡ କିମ୍ବା

ଦେହ ଉପରେ ପଡ଼ିନଥିଲା। ଏବେ ସମସ୍ତଙ୍କୁ ବିଶ୍ୱାସ ହୋଇଗଲା ଯେ ସ୍ୱାମୀଜୀ ଯାହା କହିଛନ୍ତି ତାହା ଠିକ୍ ଅଟେ। ଏହି ବୃକ୍ଷ ଶିବବୃକ୍ଷ ଅଟେ। ଏଠାରେ ଯେତେବେଳ ପର୍ଯ୍ୟନ୍ତ ସତ୍ସଙ୍ଗ ଅବ୍ୟାହତ ରହିବ- କାହାରି ମୁଣ୍ଡ ଫାଟିବ ନାହିଁ।

ବନ୍ଧୁଗଣ ! ଭଗବାନ ଯାହା କିଛି ବି କରିଛନ୍ତି ବା କରୁଛନ୍ତି- ଯେଉଁ ବ୍ୟକ୍ତି ସେଥିପ୍ରତି ପୋଜିଟିଭ୍ (ସକାରାତ୍ମକ) ଦୃଷ୍ଟିକୋଣ ରଖେ, ସେ ହିଁ ସଂସାରରେ ସୁଖୀ ହୋଇପାରେ। ନେଗେଟିଭ୍ (ନକାରାତ୍ମକ) ଭାବନାର ବ୍ୟକ୍ତି ଏଠାରେ କେବେ ବି ସୁଖୀ ହୋଇପାରନ୍ତି ନାହିଁ। ତେଣୁକରି ମୁଁ ସର୍ବଦା ଆପଣମାନଙ୍କୁ କହେ- ଏଇ ଜୀବନ ଏବଂ ଜଗତ, ଉଭୟ ପ୍ରତି ସକାରାତ୍ମକ ଦୃଷ୍ଟିକୋଣ ରଖନ୍ତୁ, ନକାରାତ୍ମକ ନୁହେଁ। ସ୍ୱୀକାରାତ୍ମକ ଭାବ ରଖନ୍ତୁ, ବିରୋଧାତ୍ମକ ନୁହେଁ। ଦୃଷ୍ଟିକୋଣ ଠିକ୍ ରହିଲେ ଜୀବନରେ ସୁଖ ଆସୁ ବା ଦୁଃଖ- ଆପଣ ବିବ୍ରତ ହେବେ ନାହିଁ। ସେତେବେଳେ ଯେକୌଣସି ପରିସ୍ଥିତିରେ ଆପଣ ସ୍ଥିର ରହି ପାରିବେ, ଶାନ୍ତ ରହି ପାରିବେ, ଆନନ୍ଦିତ ହୋଇ ରହିପାରିବେ।

ଭଗବାନ ଯଦି ଆପଣଙ୍କୁ ସୁଖ ଦେଇଛନ୍ତି ତେବେ ତା' ପଛରେ ତାଙ୍କର କିଛି ଉଦ୍ଦେଶ୍ୟ ନିଶ୍ଚିତ ରହିଛି ଏବଂ ଆପଣ ଯଦି ଦୁଃଖ ଭୋଗ କରୁଛନ୍ତି, ଆପଣଙ୍କର ଜୀବନରେ ସମସ୍ୟା ଦେଖାଦେଇଛି- ତେବେ ମଧ୍ୟ ତାହା ପଛରେ ତାଙ୍କର କିଛି ନିଶ୍ଚିତ ଉଦ୍ଦେଶ୍ୟ ରହିଛି। ତେଣୁ କରି ଭାବନ୍ତୁ, ଆପଣଙ୍କ ସହିତ ଯାହାକିଛି ବି ହେଉଛି ତା'ପଛରେ ଭଗବତ୍ ଇଚ୍ଛା ରହିଛି। ଏହା ଦ୍ୱାରା ଆପଣଙ୍କର କଲ୍ୟାଣ ହିଁ ହେବ।

ସଜ୍ଜନ ବ୍ୟକ୍ତିମାନେ ସୁଖରେ ଉତ୍ଫୁଲ୍ଲିତ ହୋଇନଥାନ୍ତି କି ଦୁଃଖରେ ମଧ୍ୟ ମ୍ରିୟମାଣ ହୋଇନଥାନ୍ତି। ସୁଖ-ଦୁଃଖ ଉଭୟ ଅବସ୍ଥାରେ ଯିଏ ସମାନ ଭାବରେ ରହେ ସେ ହିଁ ଯଥାର୍ଥରେ ସୁଖୀ ଅଟେ। ଯିଏ ହାନିଲାଭ- ଉଭୟ ଅବସ୍ଥାରେ ସମାନ ରହିପାରେ, ଜନ୍ମ ଓ ମୃତ୍ୟୁ-

ଉଭୟ ଅବସ୍ଥାରେ ସମାନ ରହିପାରେ, ଧନୀ ଅଥବା ଗରିବ- ଉଭୟ ଅବସ୍ଥାରେ ସମାନ ରହିପାରେ ଏବଂ ଭାବେ ଯେ ସବୁ ଭଗବାନଙ୍କର ଇଚ୍ଛା ଅଟେ- ସେ ହିଁ ଏହି ସଂସାରରେ ସୁଖପୂର୍ବକ ଆନନ୍ଦମୟ ଜୀବନ ଯାପନ କରିଥାଏ। ଆଉ ଏହା ମଧ୍ୟ ସତ୍ୟ ଅଟେ ଯେ ଏସବୁ ମାଧ୍ୟମରେ ହିଁ ଭଗବାନ ସମସ୍ତଙ୍କର କଲ୍ୟାଣ କରିଥାନ୍ତି। ଯେତେବେଳେ ଆପଣ ସୁଖ ସୁବିଧାରେ ରହିଥାନ୍ତି, ସେତେବେଳେ ଭଗବାନଙ୍କର ଦୃଷ୍ଟି ଆପଣଙ୍କ ଉପରେ ପଡ଼େ କି ନାହିଁ ମୋତେ ଜଣା ନାହିଁ, କିନ୍ତୁ ଯେତେବେଳେ ଆପଣଙ୍କର ଅସୁବିଧା ହୁଏ, ତାଙ୍କ ଦୃଷ୍ଟି ଆପଣଙ୍କ ଉପରେ ନିଶ୍ଚୟ ପଡ଼ିଥାଏ। କାରଣ ଆପଣ ମଧ୍ୟ ଯେତେବେଳେ ଅସୁବିଧାରେ ପଡ଼ନ୍ତି ସେତେବେଳେ ହିଁ ଭଗବାନଙ୍କୁ ଡାକିଥାଆନ୍ତି। ଏଇ କିଛି ସମୟ ପୂର୍ବରୁ ମୁଁ ଶୁଣୁଥିଲି, ଆପଣମାନେ ଗାଉଥିଲେ-**"ନଜର ଭର ଦେଖଲେ ମୁଝକୋ,ଶରଣ ମେଁ ଆ ପଡ଼ା ତେରୀ** " ଅର୍ଥାତ୍ ହେ ପ୍ରଭୁ ! ଆପଣ ଆମକୁ ଆଖି ପୁରେଇ ଦେଖନ୍ତୁ, କାରଣ ଆମେ ଆପଣଙ୍କ ଶରଣାଗତ ଅଟୁ।

ବ୍ୟକ୍ତି କେତେବେଳେ ଭଗବାନଙ୍କ ଶରଣ ନିଏ ? ଯେତେବେଳେ ସେ ଅସୁବିଧାରେ ପଡ଼େ। ତେଣୁ ଯେତେବେଳେ ଜୀବନରେ ଅସୁବିଧା ଆସିବ, ସମସ୍ୟା ଆସିବ, ଦୁଃଖ ଆସିବ ସେତେବେଳେ ଆପଣ ବିବ୍ରତ ହେବେ ନାହିଁ, ଭରସା ରଖିବେ ନିଜ ପ୍ରଭୁଙ୍କ ଉପରେ ଯାହାଙ୍କୁ ଆପଣ ଭଗବାନ କହୁଛନ୍ତି। ହୁଏତ ଆପଣ ତାଙ୍କୁ ଦେଖିନାହାନ୍ତିଁ, କିନ୍ତୁ ତାଙ୍କୁ ମାନୁଛନ୍ତି ତ ? ମାନିବା ଉଚିତ। କାରଣ ଶାସ୍ତ୍ର କହନ୍ତି, ପୁରାଣ କହନ୍ତି, ଗୁରୁ କହନ୍ତି ଯେ ଭଗବାନ ଅଛନ୍ତି। ଆପଣମାନେ ଭଗବାନଙ୍କର ଅସ୍ତିତ୍ୱକୁ ନେଇ ଅଯଥା ସନ୍ଦେହ ଓ ନିରର୍ଥକ ଯୁକ୍ତି-ତର୍କ କରନ୍ତୁ ନାହିଁ। ସେ ଆମର ଏହି ସଂସାରୀ ଆଖି ଦ୍ୱାରା ଦୃଷ୍ଟିଗୋଚର ହେବାର ବସ୍ତୁ ଆଦୌ ନୁହଁନ୍ତି। କିନ୍ତୁ ଯେଉଁମାନେ

ତାଙ୍କୁ ଦିବ୍ୟଦୃଷ୍ଟି ଦ୍ୱାରା ଦେଖିଛନ୍ତି, ଦିବ୍ୟାନୁଭୂତି ଦ୍ୱାରା ଅନୁଭବ କରିଛନ୍ତି, ସେମାନେ ପ୍ରମାଣିତ କରିଛନ୍ତି ଯେ ଭଗବାନ ଅଛନ୍ତି। ଏବଂ ମୁଁ ମଧ୍ୟ କହୁଛି- ଭଗବାନ ଅଛନ୍ତି। ତାଙ୍କ ଉପରେ ଆପଣ ଭରସା ରଖନ୍ତୁ।

ଆପଣ ଭଗବାନଙ୍କ ଉପରେ ଯେତେ ମାତ୍ରାରେ ଭରସା କରିବେ, ଦେଖିବେ- ସେତେ ମାତ୍ରାରେ ଆପଣଙ୍କ ନିଜ ଉପରେ ମଧ୍ୟ ବିଶ୍ୱାସ ବଢ଼ିବାକୁ ଲାଗିବ। କିନ୍ତୁ ଯଦି ଭଗବାନଙ୍କ ଉପରେ ଅବିଶ୍ୱାସ ଏବଂ ନିଜ ଉପରେ ବିଶ୍ୱାସ କରିବେ ତେବେ ଜୀବନର ପ୍ରତି ମୁହୂର୍ତ୍ତରେ ଆପଣଙ୍କୁ ପ୍ରବଞ୍ଚନାର ସାମ୍ମୁଖୀନ ହେବାକୁ ପଡ଼ିବ। ଏଣୁ ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ। ଏହା ଦ୍ୱାରା ଆପଣଙ୍କର ଆତ୍ମବିଶ୍ୱାସ ମଧ୍ୟ ଦୃଢ଼ ହେବ ଏବଂ ଆପଣ ଆପଣଙ୍କ ଲକ୍ଷ୍ୟକୁ ପ୍ରାପ୍ତ କରିବାରେ ମଧ୍ୟ ସଫଳ ହେବେ, ଯେପରି କି ଅଙ୍ଗଦ।

ଅଙ୍ଗଦର ବିଶ୍ୱାସକୁ ଦେଖନ୍ତୁ, ତାହାର ନିଷ୍ଠାକୁ ଦେଖନ୍ତୁ। ନିଜର ପ୍ରଭୁ ଶ୍ରୀରାମଙ୍କ ଉପରେ ତାହାର କେତେ ଦୃଢ଼ ବିଶ୍ୱାସ ! ଅଙ୍ଗଦ ରାବଣର ଦରବାରରେ ପାଦ ସ୍ଥାପନ କରି କହୁଛି- ହେ ରାବଣ ! ତୁ ମୋ’ ପ୍ରଭୁଙ୍କ କଥା କ’ଣ କହୁଛୁ। ଆଉ ନିଜ ବଡ଼ିମା କ’ଣ ବଖାଣୁଛୁ ? ମୁଁ ମୋ’ପ୍ରଭୁ ଶ୍ରୀରାମଙ୍କ ପ୍ରତିନିଧି ଭାବରେ ଏଠାକୁ ଆସିଛି। ମୋର ତାଙ୍କ ଉପରେ ଭରସା ଅଛି। ଏବେ ଦେଖ୍, ମୁଁ ଆଜି ତୋର ଦରବାରରେ ମୋର ପାଦ ସ୍ଥାପନ କରୁଛି। ଯଦି ତୋର ସୈନିକ ମାନଙ୍କର ଶକ୍ତି ଅଛି, ତେବେ ସେମାନେ ମୋର ଏହି ପାଦକୁ ଭୂମିରୁ ଉପରକୁ ଉଠାଇ ଦିଅନ୍ତୁ। ମୁଁ ମୋର ପ୍ରଭୁଙ୍କ ନାମରେ ପ୍ରତିଜ୍ଞା କରି କହୁଛି- ଯଦି ତୋର ଏହି ବୀରମାନେ ମୋର ପାଦ ଉପରକୁ ଉଠାଇଦେବେ, ତେବେ ମୁଁ ମୋର ମାତା ଜାନକୀଙ୍କୁ ହାରି ଏଠାରୁ ଚାଲିଯିବି।

ଆପଣମାନେ ସମସ୍ତେ ଏହି କାହାଣୀ ପଢ଼ିଥିବେ। ଲଙ୍କାରେ

## ତୁମ ପ୍ରଭୁ ତୁମ ଅନ୍ତରେ

ରାବଣର ଦରବାରରେ କେହି ହେଲେ ଅଙ୍ଗଦର ପାଦକୁ ଟିକିଏ ବି ଏପଟ-ସେପଟ କରି ପାରିଲେ ନାହିଁ। ଏପରି କି କେହି ସାମାନ୍ୟ ହଲାଇ ମଧ୍ୟ ପାରିଲେ ନାହିଁ। ଏହା ହିଁ ହେଉଛି ବିଶ୍ୱାସର ଫଳ। କିନ୍ତୁ ଆମ୍ଭମାନଙ୍କ ଭିତରେ ଏହାର ଅଭାବ ଅଛି। ସେଇଥିପାଇଁ ଆମେ ଦୁଃଖୀ, ଅଶାନ୍ତ ଏବଂ ଅତୃପ୍ତ ହୋଇଥାଉଁ। ଆମର ନା ନିଜ ଉପରେ ନିୟନ୍ତ୍ରଣ ଅଛି, ନା ନିଜ ଇନ୍ଦ୍ରିୟ ମାନଙ୍କ ଉପରେ ନିୟନ୍ତ୍ରଣ ଅଛି। ଭୋଗ ହିଁ ଆମ ପାଇଁ ପରମ ଏବଂ ଚରମ ଲକ୍ଷ୍ୟ ହୋଇଯାଉଛି। ଆମ୍ଭେମାନେ ଯେତେ ଉପାର୍ଜ୍ଜନ କରୁଁ ତା'ଠୁ ଅଧିକ ଉପଭୋଗରେ ଖର୍ଚ୍ଚ କରିଥାଉଁ। ଆମେ ଯୋଗକୁ ନୁହେଁ, ଭୋଗକୁ ମହତ୍ତ୍ୱ ଦେଇଥାଉଁ। ଏପରି ସ୍ଥଳେ ଆତ୍ମବିଶ୍ୱାସ ଆସିବ କେଉଁଠାରୁ ? ଆମର ଭଗବତ୍ ବିଶ୍ୱାସ ବଢ଼ିବ କିପରି ? ଏହାକୁ ପାଇବାକୁ ହେଲେ ଆପଣଙ୍କୁ ଯୋଗର ଆଶ୍ରୟ ନେବାକୁ ପଡ଼ିବ। ମନକୁ ସ୍ଥିର ଏବଂ ଶାନ୍ତ କରି ପ୍ରଭୁଙ୍କ ଶ୍ରୀଚରଣରେ ଲଗାଇବାକୁ ହେବ।

ବନ୍ଧୁଗଣ ! ଆପଣ ସଂସାରରେ ଯୋଗୀ ଭାବରେ ବଞ୍ଚନ୍ତୁ। ଯୋଗର ଛୋଟ-ଛୋଟ ସାଧନା କରନ୍ତୁ। ଆସନରେ ବସିଯାଆନ୍ତୁ। ମେରୁଦଣ୍ଡକୁ ସିଧା କରି ସ୍ଥିର ଭାବରେ ବସନ୍ତୁ। ଶ୍ୱାସର ଗତିକୁ ନିରୀକ୍ଷଣ କରନ୍ତୁ ଏବଂ ନିଜର ମନକୁ ଦେଖନ୍ତୁ। ଆଉ କିଛି କରିବାର ନାହିଁ। କେବଳ ନିଜର ମନ ଉପରେ ଦୃଷ୍ଟି ରଖନ୍ତୁ, କାରଣ ଏହି ମନ ହିଁ ମନୁଷ୍ୟର ସୁଖ-ଦୁଃଖ ଏବଂ ବନ୍ଧନ ଓ ମୋକ୍ଷର କାରଣ ଅଟେ। ମନ ହିଁ ବ୍ୟକ୍ତିକୁ ସୁଖ ଦିଏ ଏବଂ ଦୁଃଖ ମଧ୍ୟ। ସୁତରାଂ ଏହି ମନକୁ ଦେଖନ୍ତୁ। ଏହି ମନ କେତେବେଳେ ଏ ଦିଗକୁ ଦୌଡ଼ିଥାଏ ତ କେତେବେଳେ ସେ ଦିଗକୁ, କେତେବେଳେ ୟା'ପଛରେ ତ କେତେବେଳେ ତା'ପଛରେ। ଏଣୁ ଏହାକୁ ଦେଖନ୍ତୁ କିନ୍ତୁ ୟା'ସହିତ ଦୌଡ଼ନ୍ତୁ ନାହିଁ। ଏହାର ସାକ୍ଷୀ ହୁଅନ୍ତୁ, ସାଥୀ ନୁହେଁ। ଏପରି ନୁହେଁ ଯେ ମନରେ

ରସଗୋଲା ଖାଇବାକୁ ଇଚ୍ଛା ହେଲା ମାତ୍ରକେ ଆପଣ ତତ୍କାଳ ହୋଟେଲ୍‌ରେ ପହଞ୍ଚିଯିବେ। ଆପଣ ହୋଟେଲ୍‌କୁ ଯାଆନ୍ତୁ ନାହିଁ, ମନକୁ ଯିବାକୁ ଦିଅନ୍ତୁ। ବର୍ତ୍ତମାନ ଧୀରେ ଧୀରେ ମନକୁ ବିଷୟର ଅସାରତା, ଅନାତ୍ମ (ଜଡ଼) ବସ୍ତୁମାନଙ୍କର ନଶ୍ୱରତା ବିଷୟରେ କହି ଅଧ୍ୟାତ୍ମ-ତତ୍ତ୍ୱ ଦିଗକୁ ମୋଡ଼ିବାର ପ୍ରୟାସ କରନ୍ତୁ। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି-

**ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥**

(୬।୨୬)

ଏହି ମନ ଯେଉଁ ଯେଉଁ ସ୍ଥାନକୁ ଯାଏ, ସେହି-ସେହି ସ୍ଥାନରୁ ତାହାକୁ ନିୟନ୍ତ୍ରିତ କରି ଆଣନ୍ତୁ ଏବଂ ଆତ୍ମାଭିମୁଖୀ କରନ୍ତୁ। ଏହାର ପ୍ରକ୍ରିୟା ଏହା ନୁହେଁ ଯେ ଆପଣ ବସିଛନ୍ତି ଏବଂ ମନ ଦୌଡ଼ିଗଲା ଦୋକାନ ଆଡ଼କୁ। ଆଉ ସେଠାରୁ ତାକୁ ବଳପୂର୍ବକ ଆପଣ ହଟାଇ ଆଣି କହୁଛନ୍ତି କି- ଆରେ ମନ, ତୁ ଏବେ ଆତ୍ମାରେ ଲାଗିଯା। ଏପରି କରିବା ଦ୍ୱାରା ମନ କେବେହେଲେ ଆତ୍ମାରେ ଲାଗିବ ନାହିଁ ବରଂ ସେ ଅଧିକ ବିଦ୍ରୋହ କରିବ। ମୁଁ ଆପଣଙ୍କୁ ଏହାର ଏକ ବହୁତ ସରଳ ଉପାୟ କହି ଦେଉଛି। ଆପଣ ଏହାର ଅଭ୍ୟାସ କରିବେ। ଦେଖିବେ, ମନ ସ୍ୱତଃ ଶାନ୍ତ ଭାବରେ ଫେରି ଆସିବ ଆତ୍ମା ନିକଟକୁ।

ମନ ଦୌଡ଼ୁଛି। ଆପଣ କେବଳ ଦେଖି ଚାଲନ୍ତୁ ଯେ ସେ କେଉଁ କେଉଁ ଆଡକୁ ଦୌଡ଼ୁଛି। କୌଣସି କ୍ରିୟା ନାହିଁ। କୌଣସି ପ୍ରତିକ୍ରିୟା ନାହିଁ। ଆପଣ କେବଳ ଦେଖିଚାଲନ୍ତୁ। ଏହି ପ୍ରକାର କିଛି ଦିନର ଅଭ୍ୟାସ ଦ୍ୱାରା ଆପଣଙ୍କୁ ଜଣାପଡ଼ିଯିବ ଯେ "ମନ ମୋର ଅଟେ, ମୁଁ ମନର ନୁହେଁ। ମନ ଦୌଡ଼ୁଛି, ମୁଁ ତାକୁ ଦେଖୁଛି। ମୁଁ ତା'ର ଦ୍ରଷ୍ଟା ଅଟେ, ସାକ୍ଷୀ ଅଟେ। ମୁଁ ମନ ନୁହେ, ମୁଁ ଆତ୍ମସ୍ୱରୂପ

ଅଟେ।” ଏହି ବୋଧ ମନକୁ ନିୟନ୍ତ୍ରିତ ଏବଂ ଆତ୍ମକୈନ୍ଦ୍ରିକ କରିବା ପାଇଁ ଆପଣଙ୍କୁ ଅତ୍ୟନ୍ତ ସହାୟକ ହେବ। ସୁତରାଂ ମନକୁ କେବଳ ଦେଖିଚାଲନ୍ତୁ। ତା’ସହିତ ଜବରଦସ୍ତୀ କରନ୍ତୁ ନାହିଁ।

ମନର ସ୍ୱଭାବ ଠିକ୍ ଶିଶୁଙ୍କ ଭଳି ଅଟେ। ଆପଣ ତାକୁ ଯାହା ନ କରିବା ପାଇଁ କହିବେ, ସେ ବାରମ୍ବାର ତାହା ହିଁ କରିବାକୁ ପ୍ରୟାସ କରିବ। ଯେପରି କି ଶିଶୁ ଚଞ୍ଚଳ ହୋଇଥାଏ। ତାକୁ ଯଦି ଆପଣ କହିବେ- ଏହା କର ନାହିଁ, ତେବେ ସେ ସେହି କାମକୁ ନିଶ୍ଚୟ କରିବ। ଯଦି କୌଣସି ଶିଶୁକୁ କୁହାଯାଏ- ଏହାକୁ ଛୁଇଁବ ନାହିଁ, ଏହା ଭାଙ୍ଗିଯିବ, ତେବେ ସେ ନିଶ୍ଚୟ ସେହି ବସ୍ତୁକୁ ଛୁଇଁବ ଏବଂ ତାକୁ ଭାଙ୍ଗିବ। ଯଦି କହିବ- ସେଠାକୁ ଯିବ ନାହିଁ, ତା’ହେଲେ ସେ ସେହି ସ୍ଥାନକୁ ନିଶ୍ଚୟ ଯିବ। ସେହିପରି ଯଦି ଆପଣ ମନକୁ କହିବେ- ଭଗବାନଙ୍କର ଭଜନ କର, ସେ ଭଗବାନଙ୍କର ଭଜନ ନ କରି ସଇତାନର ଭଜନ କରିବା ଆରମ୍ଭ କରିଦେବ। ଆଉ ଆପଣ ଯଦି ତାକୁ ବାଧା ଦେବେ, ତାହେଲେ ସେ ବିଦ୍ରୋହ କରିବ। ସେ ଆଉ ଆପଣଙ୍କ ନିୟନ୍ତ୍ରଣକୁ ଆସିବ ନାହିଁ। ଏପରି ସ୍ଥିତିରେ ମନ କୁଣ୍ଠିତ ହୋଇଯାଏ, ବିଷାଦଗ୍ରସ୍ତ ହୋଇଯାଏ। ବିଷାଦଗ୍ରସ୍ତ ମନକୁ କେଉଁଠାରେ ହେଲେ ଭଲ ଲାଗେ ନାହିଁ, କିଛି ହେଲେ ଭଲ ଲାଗେ ନାହିଁ। ତେଣୁ ସେ ଯାହା କରିବାକୁ ଚାହୁଁଛି, ଯେଉଁଠି ଯିବାକୁ ଚାହୁଁଛି, ପ୍ରଥମେ ତାକୁ କରିବାକୁ ଦିଅନ୍ତୁ, ଯିବାକୁ ଦିଅନ୍ତୁ। ତା’ସହିତ ସଙ୍ଘର୍ଷ କରନ୍ତୁ ନାହିଁ। ଆପଣ ତାକୁ କେବଳ ଦେଖିଚାଲନ୍ତୁ। ଏହା ଦ୍ୱାରା କିଛିଦିନ ତ ମନ ଦୌଡ଼ିବ, କିନ୍ତୁ ଶେଷରେ ଥକିପଡ଼ି ସେ ନିଜେ ଫେରିଆସିବ ଏବଂ ଆତ୍ମକେନ୍ଦ୍ରିତ ହୋଇଯିବ।

ଆପଣ ସୂର୍ଯ୍ୟବଂଶର ମହାରାଜା ଦିଲୀପଙ୍କର ନାମ ଶୁଣିଥିବେ। ତାଙ୍କର ପୁତ୍ର ନ ଥିଲା। ମହାରାଜା ଦିଲୀପ ଯେତେବେଳେ

ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚିଲେ ତାଙ୍କୁ ମହର୍ଷି କହିଲେ- ରାଜନ୍ ! ଗୋଟିଏ କାମ କର । ମୋ' ଆଶ୍ରମରେ କାମଧେନୁଙ୍କର ପୁତ୍ରୀ ନନ୍ଦିନୀ ଅଛି । କାମଧେନୁ ପାଖରେ ଯେଉଁ ସାମର୍ଥ୍ୟ, ନନ୍ଦିନୀ ପାଖରେ ମଧ୍ୟ ସେହି ସାମର୍ଥ୍ୟ ଅଛି । ଏଣୁ ତୁମେ ନନ୍ଦିନୀର ସେବାରେ ଲାଗିଯାଅ ।

ସେ ପଚାରିଲେ- ଗୁରୁଦେବ ! କିପରି ସେବା କରିବି ?

ବଶିଷ୍ଠ କହିଲେ- ତୁମେ କେବଳ ତାହାର ଅନୁକରଣ କର, ଅନୁସରଣ କର, ତା' ପଛରେ ଲାଗି ରୁହ, ଆଉ କିଛି କରିବାର ନାହିଁ ।

ଏହାର ବର୍ଣ୍ଣନା ମହାକବି କାଳିଦାସ ନିଜର ରଘୁବଂଶ ମହାକାବ୍ୟରେ ଅତ୍ୟନ୍ତ ମାର୍ମିକ ଢଙ୍ଗରେ କରିଛନ୍ତି । ସେ ଲେଖିଛନ୍ତି- **"ଛାୟେବ ତାଂ ଭୂପତିରନ୍ୱଗଚ୍ଛତ୍"**- ଅର୍ଥାତ୍ ମହାରାଜ ଦିଲୀପ ଛାୟା ସଦୃଶ ନନ୍ଦିନୀର ଅନୁକରଣ ଓ ଅନୁସରଣ କଲେ । ଯେପରି ଆମର ଛାୟା ଆମ ଅନୁରୂପ କାର୍ଯ୍ୟକରେ, ଠିକ୍ ସେହିପରି ମହାରାଜ ଦିଲୀପ ମଧ୍ୟ ନନ୍ଦିନୀର ପଛରେ ଲାଗି ରହିଲେ । ନନ୍ଦିନୀ ଯେଉଁ ଆଡ଼କୁ ଯାଏ, ସେ ମଧ୍ୟ ସେହି ଆଡ଼କୁ ଯାଆନ୍ତି । ନନ୍ଦିନୀ ଜଳ ପାନକଲେ ଦିଲୀପ ମଧ୍ୟ ଜଳପାନ କରନ୍ତି । ନନ୍ଦିନୀ ବସିପଡ଼ିଲେ, ଦିଲୀପ ମଧ୍ୟ ବସିପଡ଼ନ୍ତି । ସେ ଭୋଜନ କଲେ ଦିଲୀପ ମଧ୍ୟ ଭୋଜନ କରନ୍ତି । ଠିକ୍ ଛାୟା ସଦୃଶ । ଏହାର ପରିଣାମ ଏପରି ହେଲା ଯେ ନନ୍ଦିନୀ ପ୍ରସନ୍ନ ହୋଇଗଲା । ସେହି ନନ୍ଦିନୀ ଯିଏ କି ଏ ପର୍ଯ୍ୟନ୍ତ ଏପଟ-ସେପଟ ଘୂରିବୁଲୁଥିଲା, ରାଜାଙ୍କୁ ହଇରାଣ କରୁଥିଲା- ସ୍ଥିର ହୋଇଗଲା ଏବଂ ରାଜାଙ୍କୁ କହିଲା- ରାଜନ୍ ! ତୁମେ ଛାୟା ସଦୃଶ ମୋର ସେବା କଲ । ବର୍ତ୍ତମାନ କୁହ, ମୁଁ ତୁମକୁ କେଉଁ ବରଦାନ ଦେବି ?

ରାଜା କହିଲେ- ଆପଣ ଯଦି ବରଦାନ ଦେବାକୁ ଚାହୁଁଛନ୍ତି, ତେବେ ନିଶ୍ଚୟ ଜାଣିଥିବେ ଯେ ମୋର ଆବଶ୍ୟକତା କ'ଣ ଅଛି ?

ନନ୍ଦିନୀ କହିଲେ- ରାଜନ୍ ! ମୋତେ ସବୁ ଜଣା ଅଛି ।

ତୁମେ ପତ୍ର ତୋଳି ଆଣ ଏବଂ ତାକୁ ନେଇ ଦନା ତିଆରି କର। ସେଥିରେ ମୋର କ୍ଷୀର ଦୁହିଁ ପିଇଯାଅ, ତୁମର ମନୋକାମନା ପୂର୍ଣ୍ଣ ହୋଇଯିବ- **"ଦୁଗ୍‌ଧ୍ୱା ପୟଃ ପତ୍ରପୁଟେ ମଦୀୟଂ ପୁତ୍ରୋପଭୁଂକ୍ଷେତି ତମାଦିଦେଶ।"**

ମହାରାଜ ଦିଲୀପ କହିଲେ- ଦେବୀ ! ଆଶ୍ରମରେ ଆପଣଙ୍କ ବାଛୁରି ଏପର୍ଯ୍ୟନ୍ତ ଭୋକିଲା ଅଛି। ପ୍ରଥମେ ସେ କ୍ଷୀରପାନ କରି ସାରିଲା ପରେ ଯାହା ଅବଶିଷ୍ଟ ରହିବ, ତାହା ମୁଁ ଗ୍ରହଣ କରିବି। ଏବଂ ରାଜା ପରେ ତାହା ହିଁ କଲେ। ତାହାର ପରିଣାମ ସ୍ୱରୂପ ତାଙ୍କ ବଂଶରେ "ରଘୁ'' ନାମକ ଏକ ମହାନ ପୁତ୍ରର ଜନ୍ମ ହେଲା ଯାହାର ନାମ ଅନୁସାରେ ସୂର୍ଯ୍ୟବଂଶ ରଘୁବଂଶ ନାମରେ ନାମିତ ହେଲା। ସେହି ବଂଶରେ କାଳାନ୍ତରରେ ଭଗବାନ ଶ୍ରୀରାମ ଜନ୍ମ ଗ୍ରହଣ କଲେ।

ତେବେ ଯେଉଁ ପରି ମହାରାଜ ଦିଲୀପ ନନ୍ଦିନୀର ଅନୁସରଣ କରି ଆପଣା ମନୋକାମନା ପୂର୍ଣ୍ଣ କରିଥିଲେ, ସେହିପରି ଏହି ମନ ମଧ୍ୟ ଅଟେ। ଏହି ମନ କାମଧେନୁ ସଦୃଶ, କଳ୍ପବୃକ୍ଷ ସଦୃଶ ଅଟେ। ସୁତରାଂ ଏହି ମନକୁ ଆପଣ ମାରନ୍ତୁ ନାହିଁ। ଏହାକୁ କେବଳ ନିରୀକ୍ଷଣ କରନ୍ତୁ। କେବଳ ଦେଖନ୍ତୁ, ସେ କେଉଁ କେଉଁ ସ୍ଥାନକୁ ଯାଉଛି। ଆପଣ ଏବଂ ମନ ମଧ୍ୟରେ ଯଦି ଗଣ୍ଡଗୋଳ ହେବ, ଆପଣ ବିଷାଦଗ୍ରସ୍ତ ହୋଇଯିବେ। ତେବେ ଆପଣଙ୍କୁ ଏହି ସଂସାର ଆଉ ଭଲ ଲାଗିବ ନାହିଁ କିନ୍ତୁ ଏହି ମନ ଯେତେବେଳେ ସ୍ଥିର ହୋଇଯିବ, ପ୍ରସନ୍ନ ହୋଇଯିବ, ତେବେ ଆପଣଙ୍କୁ ଏଠାରେ ହିଁ ସବୁକିଛି ମିଳିଯିବ। ଆପଣଙ୍କ ଜୀବନ ଆନନ୍ଦମୟ ହୋଇଯିବ।

ଯୋଗରେ ମନକୁ ହିଁ ଅଧିକ ମହତ୍ତ୍ୱ ଦିଆଯାଇଛି, କାରଣ ଏହି ମନ ହିଁ ମନୁଷ୍ୟର ବନ୍ଧନ ଏବଂ ମୋକ୍ଷର କାରଣ ଅଟେ। **"ମନ ଏବଂ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ।"** ଏହି ମନ ହିଁ

ଆପଣଙ୍କୁ ମଦିରାଳୟକୁ ନେଇଯାଏ। ଏହି ମନ ହିଁ ଆପଣଙ୍କୁ ଦେବାଳୟକୁ ନେଇଯାଏ। ଏଥିରେ ଆପଣଙ୍କର କିଛି ଦୋଷ ନାହିଁ। ମନ ସହିତ ଆପଣଙ୍କର ଠିକ୍ ବୁଝାମଣା ନ ହେବା କାରଣରୁ ସେ ଆପଣଙ୍କୁ ହଇରାଣ କରେ। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି– ହେ ଅର୍ଜୁନ! ମୁଁ ହିଁ ସମସ୍ତଙ୍କ ଭିତରେ ଆତ୍ମା ରୂପରେ ବିଦ୍ୟମାନ ଅଟେ–**"ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ।"** ଏଣୁ ଯେଉଁ ବ୍ୟକ୍ତି ମନକୁ ମୋ' ଭିତରେ– ଅର୍ଥାତ୍ ଆତ୍ମାରେ ଲଗାଇ ଦିଏ, ସେ ମୋର ହୋଇଯାଏ। କିନ୍ତୁ ଏହା ଏତେ ସହଜ ନୁହେଁ। ଏଠାରେ ପ୍ରତି ପଦକ୍ଷେପରେ ବାଧା ଆସେ। ଆପଣ ସଂସାରରେ ଯେତେବେଳେ କିଛି ଭଲ କରିବାକୁ ଯାଆନ୍ତି, ତହିଁରେ ବାଧା ଆସିଥାଏ। କୁହାଯାଇଛି– **"ଶ୍ରେୟାଂସି ବହୁ ବିଘ୍ନାନି।"** ଆପଣ ଦେଖିବେ– ମନ୍ଦିର ତିଆରି କରିବାର ସଂକଳ୍ପ ନେଲେ ବାଧାଗୁଡ଼ିକ ଆରମ୍ଭ ହୋଇଯାଏ। ରାମଜନ୍ମଭୂମି ମନ୍ଦିର ପାଇଁ କେତେ ବାଦ-ବିବାଦ ଚାଲିଛି। କିନ୍ତୁ ମଧୁଶାଳା ତିଆରି କରିବାର ସଂକଳ୍ପ ନେଲେ ସେଥିରେ ଝାମେଲା କମ୍ ହୋଇଯାଏ। ଆପଣ ଯଦି ରାମକଥା, ଶ୍ରୀମଦ୍‌ଭାଗବତ କଥା କରିବା ପାଇଁ ଯିବେ ଅଧିକ ପରିଶ୍ରମ କରିବାକୁ ପଡ଼ିବ। କିନ୍ତୁ ପପ୍ ଡ୍ୟାନ୍ସ, ରକ୍ ଡ୍ୟାନ୍ସ କିମ୍ବା କୌଣସି ମ୍ୟୁଜିକ୍ ଶୋ କରିବାକୁ ଯିବେ, ରାତାରାତି ଲକ୍ଷ ଲକ୍ଷ ଟଙ୍କା ଜମା ହୋଇଯିବ। କୌଣସି ମହାନ୍ ସନ୍ଥ ଆସୁଛନ୍ତି, କୌଣସି ଶଙ୍କରାଚାର୍ଯ୍ୟ ଆସୁଛନ୍ତି ଓ ଆପଣ ଯଦି ସେଥିପାଇଁ ଚାନ୍ଦାମାଗିବା ପାଇଁ ଯାଉଛନ୍ତି ତା'ହେଲେ ଲୋକେ କହିବେ– ଏ ସବୁ ବେକାର। କାହିଁକି ତାଙ୍କୁ ଡାକୁଛନ୍ତି ? କିନ୍ତୁ କୌଣସି ଫିଲ୍ମଷ୍ଟାର ଆସୁଥିଲେ ଆପଣଙ୍କୁ ମାଗିବା ପାଇଁ ଯିବାକୁ ପଡ଼ିବ ନାହିଁ। ନିଜେ ଆସି ଲୋକେ ଚାନ୍ଦା ଦେଇଯିବେ।

ଆଧ୍ୟାତ୍ମିକ କାର୍ଯ୍ୟରେ, ସାଧନା ମାର୍ଗରେ ବହୁତ ବିଘ୍ନ

ଆସିଥାଏ। ଆପଣ ଯଦି ଯୋଗ କରିବେ, ଆପଣଙ୍କ ମିତ୍ରମାନେ କହିବେ- ବନ୍ଧୁ! ତୁ କେଉଁ ଗୋଲକ ଧନ୍ଧାରେ ପଡ଼ିଯାଇଛୁ ? ଏ ବୟସରେ କ'ଣ ଏସବୁ କରନ୍ତି ? ଆରେ ଭାଇ ! ବର୍ତ୍ତମାନ ରୋଜଗାର କର, ଖାଅ-ପିଅ ମଉଜ କର। ଏତେ ସୁନ୍ଦର ଜୀବନ ମିଳିଛି- ଏହାର ମଜା ନିଅ। ଆପଣ ସଭିଙ୍କର ଏହି ଅନୁଭବ ଥିବ ଯେ ଖାଇବା-ପିଇବା ଏବଂ ମଉଜମସ୍ତି କରିବାରେ କେତେ ଆନନ୍ଦ ମିଳେ ? ଆନନ୍ଦ ଏଥିରେ ନାହିଁ। ପ୍ରଥମେ ଭୋଜନ ଆପଣ କରନ୍ତି କିନ୍ତୁ ପରେ ସେହି ଭୋଜନ ଆପଣଙ୍କୁ ଖାଇବାକୁ ଲାଗେ। ପ୍ରଥମେ ଆପଣ ପିଅନ୍ତି, ପରେ ସେହି ପେୟ ଆପଣଙ୍କୁ ପିଇବାକୁ ଲାଗେ। ନୁହେଁ କି ? ଏଣୁ ଭର୍ତ୍ତୃହରି କହିଛନ୍ତି- **"ଭୋଗାଃ ନ ଭୁକ୍ତା ସ୍ୱୟମେବ ଭୁକ୍ତା"**- ଭୋଗ ଆମେ ଭୋଗି ନ ଥାଉଁ, ବରଂ ଭୋଗ ହିଁ ଆମକୁ ଭୋଗୁଛି।

ଆମେ ଏହା କଦାପି ଭାବିବା ଉଚିତ ନୁହେଁ ଯେ କାଳ ଅତିବାହିତ ହେଉଛି, ବରଂ ଆମେ ସ୍ୱୟଂ ଅତିବାହିତ ହୋଇଯାଉଛୁ- **"କାଳୋ ନ ଯାତୋ ବୟମେବ ଯାମଃ।"** ସମୟ ଅତିବାହିତ ହେଉନାହିଁ। ସେ ଯେପରି ଥିଲା ସେପରି ଅଛି। ଯେପରି କାଲି ସୂର୍ଯ୍ୟୋଦୟ ହୋଇଥିଲା, ଆଜି ମଧ୍ୟ ଠିକ୍ ସେପରି ହୋଇଅଛି ଓ ଆଜି ଠାରୁ ହଜାରେ ବର୍ଷ ପରେ ମଧ୍ୟ ଠିକ୍ ସେହିପରି ହେବ। କିନ୍ତୁ ଆମେ କାଲି ନ ଥିଲେ, ଆଜି ଅଛୁ ଏବଂ କାଲି ରହିବା ନାହିଁ। ସମୟ ଯେପରି ଥିଲା, ସେପରି ଅଛି। **"କାଳୋ ନ ଯାତଃ"**- ସମୟ ଯାଉ ନାହିଁ। ସେ ସ୍ଥିର ଅଟେ- ଏହି ସିଦ୍ଧାନ୍ତକୁ ଆମକୁ ବୁଝିବାକୁ ହେବ। ସମୟର କୌଣସି ଗତି ନାହିଁ। ଗତି ଅସମୟର ଥାଏ। ପୃଥିବୀ ଘୂରୁଛି। ସୂର୍ଯ୍ୟ ଘୂରୁ ନାହିଁ। ଜୀବନ ଘୂରୁଛି, କାଳ ଘୂରୁ ନାହିଁ। ସମୟ ଯେଉଁଠି ଥିଲା, ସେଇଠି ଅଛି କିନ୍ତୁ ଆମେ ଅତିବାହିତ ହୋଇଚାଲିଛୁ। ଆମ ଭିତରର ତୃଷ୍ଣା- ଏହା କେବେହେଲେ ବୃଦ୍ଧା ହୋଇ ନ ଥାଏ। ମନୁଷ୍ୟ ବୃଦ୍ଧ

ହୋଇଯାଏ, ତୃଷ୍ଣା ସବବେଳେ ଯୁବାବସ୍ଥାରେ ରହିଥାଏ- **"ତୃଷ୍ଣା ନ ଜୀର୍ଣ୍ଣା ବୟମେବ ଜୀର୍ଣ୍ଣାଃ।"** ସୁତରାଂ ଆମକୁ ଜୀବନର ଲକ୍ଷ୍ୟ ବୁଝି ସତର୍କ ହେବା ଉଚିତ।

ବନ୍ଧୁଗଣ! ଜାଣି ରଖନ୍ତୁ- ସଂସାରରେ ପ୍ରଲୋଭନ ହିଁ ପ୍ରଲୋଭନ ରହିଛି। ଏହା ସନ୍ଥମାନେ କହିଛନ୍ତି। ଏହା ସମସ୍ତଙ୍କର ପାଇଁ ରହିଛି, କେବଳ ସାଧକମାନଙ୍କ ପାଇଁ ନୁହେଁ। ସୁରା, ସୁନ୍ଦରୀ ଏବଂ ସୁବର୍ଣ୍ଣ- ଏହି ତିନିବସ୍ତୁର ପ୍ରଲୋଭନରୁ ସମସ୍ତଙ୍କୁ ଦୂରେଇ ରହିବା ଉଚିତ। ଆଧ୍ୟାତ୍ମିକ ଉନ୍ନତିର ମାର୍ଗରେ ଏ ସବୁ ବଡ଼ ବାଧା ଅଟନ୍ତି। ପ୍ରଥମ ବାଧା ହେଉଛି ସୁରା, ତା'ପରେ ସୁନ୍ଦରୀ ଏବଂ ତା'ପରେ ସୁବର୍ଣ୍ଣ। ଏହାକୁ ଆପଣମାନେ ଆଗପଛ କରି ମଧ୍ୟ ବୁଝିପାରନ୍ତି। ସୁରାର ଅର୍ଥ ମଦ। ମଦର ସେବନରେ ବ୍ୟକ୍ତି ଉନ୍ମତ୍ତ ହୋଇଥାଏ, ପ୍ରମତ୍ତ ହୋଇଯାଏ। ମଦ ବ୍ୟକ୍ତିର ବୁଦ୍ଧିକୁ ବିକୃତ କରିଦେଇଥାଏ, ମସ୍ତିଷ୍କର କ୍ଷମତାକୁ ଦୁର୍ବଳ କରିଦେଇଥାଏ, ବିବେଚନା ଶକ୍ତିକୁ ଦୁର୍ବଳ କରିଦେଇଥାଏ ଏବଂ ଚାଲି-ଚଳନକୁ ମଧ୍ୟ ଅସ୍ଥିର କରିଦେଇଥାଏ। ତେଣୁକରି ମଦ୍ୟପ ଯେକୌଣସି ଠାରେ ବି ପଡ଼ିଯାଇଥାଏ। ରାସ୍ତା ଉପରେ, ଗଳିରେ, ନର୍ଦ୍ଦମାରେ- ମଦ୍ୟପ ମାନଙ୍କୁ ଏପରି ପଡ଼ିବାର ଆପଣମାନେ ଦେଖିଥିବେ।

ଥରେ ଜଣେ ବ୍ୟକ୍ତି ମୋତେ ବଡ଼ ସୁନ୍ଦର ଭାବରେ ବୁଝାଇଲା। କହିଲା- ସ୍ୱାମୀଜୀ! ଏହି ମଦ୍ୟପମାନେ ତ ଭଗବାନ ଶିବଙ୍କ ଠାରୁ ମଧ୍ୟ ବଡ଼ ଅଟନ୍ତି।

ମୁଁ ପଚାରିଲି- କିପରି ?

ସେ କହିଲା- ସ୍ୱାମୀଜୀ! ଶିବଙ୍କୁ ତ କେବଳ ମଣିଷମାନେ ଜଳ ଚଢ଼ାଇଥାଆନ୍ତି, କିନ୍ତୁ ମଦ୍ୟପ ଏତେ ମହାନ୍ ଯେ ଏହାଙ୍କ ଉପରେ କୁକୁରମାନେ ମଧ୍ୟ ଜଳ ଚଢ଼ାଇଥାନ୍ତି।

ବ୍ୟକ୍ତି ମଦ୍ୟପ ହୋଇଗଲେ, ତାହାର ଚେତନା ରହେ ନାହିଁ ଯେ ସେ କେଉଁଠି ଅଛି, କ'ଣ କରୁଛି ଅଥବା କ'ଣ କହୁଛି। କାରଣ ମଦ ମସ୍ତିଷ୍କକୁ ବିକୃତ କରିଦିଏ।

ରାମାୟଣରେ ଆପଣ ପଢ଼ିବେ– ରାବଣ ପାଖରେ ବଡ଼-ବଡ଼ ମହାବଳି ଏବଂ ଧୁରନ୍ଧର ଯୋଦ୍ଧାମାନେ ଥିଲେ। କିନ୍ତୁ ପରିଣାମ କ'ଣ ହେଲା? ପରାଜୟ, ବିନାଶ, ବିପର୍ଯ୍ୟୟ। କାରଣ ସମସ୍ତେ ନିଶାଖୋର୍ ଥିଲେ। ମଦ ପିଇ ବେହୋସ୍ ରହୁଥିଲେ।

ହନୁମାନଜୀ ଲଙ୍କାକୁ ଯାଇ କ'ଣ ଦେଖିଲେ? ସବୁଠାରେ ବଡ଼ ବଡ଼ ମଲ୍ଲ ମାନେ ଅଛନ୍ତି। ବଡ଼ ବଡ଼ ଆଖଡ଼ା ମାନଙ୍କରେ ମଲ୍ଲଯୁଦ୍ଧ ହେଉଛି। ସେଠାରେ ବଡ଼ ବଡ଼ ପାତ୍ରରେ ମଦିରା ଭର୍ତ୍ତି ହୋଇରହିଛି। ଲୋକେ ତାହା ପିଇ ଉନ୍ମତ୍ତ ହେଉଛନ୍ତି। ପରସ୍ପର ମଧ୍ୟରେ ଯୁଦ୍ଧ କରୁଛନ୍ତି। କେହିହେଲେ ହୋସ୍‌ରେ ନାହାନ୍ତି। ସବୁଠାରେ ସମସ୍ତେ କେବଳ ଗଣ୍ଡଗୋଳ କରୁଛନ୍ତି।

ଆଜି ମୁଁ ଖବର କାଗଜରେ ପଢୁଥିଲି। ଜଣେ ବନ୍ଧୁ ମଦ ପିଉଥିଲା। ତା'ର ଅନ୍ୟ ଜଣେ ବନ୍ଧୁ ତାକୁ ବାରଣ କଲା। ଏତିକିରେ ସେହି ପ୍ରଥମ ମଦ୍ୟପ ବନ୍ଧୁଜଣକ ଛୁରୀ ନେଲା ଏବଂ ତା'ଉପରେ ଆକ୍ରମଣ କରିଦେଲା। ବନ୍ଧୁ ଜଣକ ଦୌଡ଼ିଲା ଏବଂ ନିଜ କୋଠରୀରେ ପଶିଗଲା। କିନ୍ତୁ ସେହି ମଦ୍ୟପ ବନ୍ଧୁ ଜଣକ ତା'ର କୋଠରୀକୁ ଯାଇ ତାକୁ ଛୁରୀ ଭୁସିଦେଲା ଏବଂ ତା'ର ମୋଟର୍ ସାଇକେଲ୍‌କୁ ମଧ୍ୟ ଭାଙ୍ଗିରୁଜି ଦେଲା। ଭଲା, ମୋଟର୍ ସାଇକେଲ୍‌ଟି କ'ଣ ଦୋଷ କରିଥିଲା? କିନ୍ତୁ ମଦ୍ୟପକୁ କ'ଣ କେବେ ହୋସ୍ ଥାଏ କି? ମଦ ବ୍ୟକ୍ତିର ହୋସ୍‌କୁ ବିଗାଡ଼ି ଦିଏ। ଏବଂ ଯାହାର ହୋସ୍ ବିଗିଡ଼ିଯାଏ ତା'ର ଜୀବନଯାତ୍ରା କେବେ ପୂର୍ଣ୍ଣ ହୋଇପାରେ ନାହିଁ। କାରଣ ସେ ଦିଗ୍‌ଭ୍ରଷ୍ଟ ହୋଇଥାଏ, ପଥଭ୍ରଷ୍ଟ ହୋଇଥାଏ, ଦୁର୍ଘଟଣାଗ୍ରସ୍ତ ହୋଇଯାଏ।

# ତୁମ ପ୍ରଭୁ ତୁମ ଅନ୍ତରେ

ଆଜିକାଲି ରାସ୍ତାରେ ଯେତେ ଏକ୍‌ସିଡେଣ୍ଟ୍ ହେଉଛି– କ'ଣ ତାହା ହୋସ୍‌ରେ ଥିବା ଲୋକେ କରୁଛନ୍ତି ? ନା, ଏହା ବେହୋସ୍ ଲୋକେ କରୁଛନ୍ତି, ମଦ୍ୟପ ଲୋକେ କରୁଛନ୍ତି, ଅନିୟନ୍ତ୍ରିତ ଲୋକେ କରୁଛନ୍ତି । ଏଣୁ ସୁରା ଜୀବନରେ ବହୁତ ବଡ଼ ବାଧା ଅଟେ । କିନ୍ତୁ ଆମ ଭାରତୀୟ ମାନଙ୍କର ଦୁର୍ଭାଗ୍ୟ ଯେ ଆଜି ଆମର ସରକାରମାନେ– ତାହା ରାଜ୍ୟ ସରକାର ହୁଅନ୍ତୁ ଅଥବା କେନ୍ଦ୍ର ସରକାର– ସୁରାର ନଦୀ ବୁହାଉଛନ୍ତି । ସୁରା ପାଇଁ ଲୋକଙ୍କୁ ଉତ୍ସାହିତ କରାଯାଉଛି । ଲାଇସେନ୍ସ ବଣ୍ଟା ଯାଉଛି । ରାଜସ୍ୱ ସଂଗ୍ରହ କରିବା ନାଆରେ ସରକାର ମାନେ ମଦିରାଳୟର ସଂଖ୍ୟା ବୃଦ୍ଧି କରୁଛନ୍ତି ।

ଆଜିକାଲି ଭାରତରେ ଦେବାଳୟ ପାଇଁ ପ୍ରୋତ୍ସାହନ ମିଳୁନାହିଁ, କିନ୍ତୁ ମଦିରାଳୟ ପାଇଁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ମିଳୁଛି । ଏମାନେ କହୁଛନ୍ତି ଯେ ଭାରତ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଏଣୁ ଧର୍ମନିରପେକ୍ଷ ରାଷ୍ଟ୍ରରେ ଧର୍ମର ଆବଶ୍ୟକତା କ'ଣ ଅଛି ? ଦେବାଳୟର ଆବଶ୍ୟକତା କ'ଣ ଅଛି ? ଏଠାରେ ଦେବାଳୟର ଆବଶ୍ୟକତା ନାହିଁ, ମଦିରାଳୟର ସଂଖ୍ୟା ବୃଦ୍ଧି କର, କାରଣ ଏହା ଧର୍ମନିରପେକ୍ଷ ରଷ୍ଟ୍ର । କି ଆଶ୍ଚର୍ଯ୍ୟ କଥା ! ଏହା କିପରି ବିଡ଼ମ୍ବନା ଅଟେ ? ଆପଣମାନେ ସମସ୍ତେ ବୁଦ୍ଧିଜୀବୀ ଅଟନ୍ତି । ଆପଣ ନିଶ୍ଚିତ ଭାବରେ ଜାଣୁଛନ୍ତି ଯେ ମଦିରାଳୟର ସଂଖ୍ୟା ବଢ଼ିବା ଯୋଗୁଁ ଦେଶ ଏବଂ ସମାଜ କେଉଁ ଦିଗକୁ ଗତି କରୁଛି । ମଦ ସମାଜ ପାଇଁ ସର୍ବଦା ଘାତକ ଥିଲା, ଅଛି ଏବଂ ରହିବ ମଧ୍ୟ । ଏଣୁ ସଜ୍ଜନ ବ୍ୟକ୍ତିଙ୍କୁ, ସାଧକ ମାନଙ୍କୁ ଏହାଠାରୁ ସର୍ବଦା ଦୂରରେ ରହିବା ଉଚିତ ।

ଠିକ୍ ଏହିପରି ସ୍ୱର୍ଣ୍ଣର ମୋହ ମଧ୍ୟ ବ୍ୟକ୍ତି ପାଇଁ ଘାତକ ହୋଇଥାଏ । ଆପଣ ଯଦି ଭକ୍ତି ପ୍ରାପ୍ତ କରିବାକୁ ଚାହାଁନ୍ତି, ଜ୍ଞାନପ୍ରାପ୍ତ କରିବାକୁ ଚାହାଁନ୍ତି, ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେବାକୁ ଚାହାଁନ୍ତି ଏବଂ

ଏହି ମାର୍ଗରେ ଅଗ୍ରସର ହେବା ପାଇଁ ସ୍ୱର୍ଣ୍ଣକୁ ମହତ୍ତ୍ୱପୂର୍ଣ୍ଣ ବୋଲି ଭାବୁଥାନ୍ତି ତା'ହେଲେ ଜାଣିରଖନ୍ତୁ- ପଥଭ୍ରଷ୍ଟ ହୋଇଯିବେ।

ରାବଣ ଆଉ କ'ଣ କଲା କି ? ସେ ସମଗ୍ର ପୃଥିବୀର ସବୁ ସୁନାକୁ ନିଜ ଠାରେ, ଲଙ୍କାରେ ଏକତ୍ରିତ କଲା। ତା ପାଖରେ ଏତେ ପରିମାଣରେ ସୁନା ହୋଇଗଲା ଯେ ତା'ର ମହଲ ମଧ୍ୟ ସୁନାରେ ତିଆରି ହୋଇଗଲା। ତା'ର ଲଙ୍କାର ଘର-ଦ୍ୱାର, କାନ୍ଥ-ବାଡ଼ ମଧ୍ୟ ସୁନାରେ ତିଆରି ହୋଇଗଲା।

ବନ୍ଧୁଗଣ ! ସୁନାର ପରିମାଣ ବଢ଼ିଗଲେ, ଧନ ବଢ଼ିଗଲେ, ସୁଖ ମିଳିଯିବ- ଏହାର କିଛି ଗ୍ୟାରେଣ୍ଟି ଅଛି କି ? ଯଦି ଏପରି ହେଉଥାନ୍ତା ତାହେଲେ ସଂସାରରେ ଯେତେ ଧନୀ ବ୍ୟକ୍ତି ଅଛନ୍ତି, ସେମାନେ ସମସ୍ତେ ସୁଖୀ ହୋଇଥାନ୍ତେ। କିନ୍ତୁ ଏପରି ହୁଏ ନାହିଁ। ଧନ ଦ୍ୱାରା ଆପଣ ସୁଖର ସାଧନ ଜୁଟାଇ ପାରିବେ, କିନ୍ତୁ ସୁଖ ନୁହେଁ। ସୁଖ ଓ ଦୁଃଖ- ଉଭୟେ ଆପଣଙ୍କର ମାନସିକ ସ୍ଥିତି ଉପରେ ନିର୍ଭର କରନ୍ତି। ତେଣୁକରି ସୁଖର କାରଣ ଧନ ନୁହେଁ। ଜଣେ ବ୍ୟକ୍ତି ନିର୍ଦ୍ଧନ ହୋଇ ମଧ୍ୟ ସୁଖୀ ହୋଇପାରେ ଓ ଅନ୍ୟ ଜଣେ ଧନବାନ ହୋଇ ମଧ୍ୟ ଦୁଃଖୀ ହୋଇପାରେ।

ଆପଣ ପୃଥିବୀର ଏକନମ୍ବର ଧନୀ ବିଲ୍‌ଗେଟ୍‌କୁ ଯାଇ ପଚାରନ୍ତୁ। ଲକ୍ଷ୍ମୀ ବିଳାସ ମିତ୍ତଲଙ୍କୁ ଯାଇ ପଚାରନ୍ତୁ। ସେମାନେ ବହୁତ ବଡ଼ ଲୋକ। ବହୁତ ଧନ ଅଛି ତାଙ୍କ ପାଖରେ। ଅମ୍ବାନୀ ଭାଇମାନଙ୍କୁ ପଚାରନ୍ତୁ- ଯେଉଁମାନେ ଭାରତରେ ସର୍ବାଧିକ ଧନଶାଳୀ ଅଟନ୍ତି। ଏ ସମସ୍ତଙ୍କୁ ଯାଇ ପଚାରନ୍ତୁ- କ'ଣ ଆପଣଙ୍କର ଧନ ଲିପ୍‌ସା, ଧନ ଉପାର୍ଜ୍ଜନର ଇଚ୍ଛା ପୂର୍ଣ୍ଣ ହୋଇଗଲା କି ? କ'ଣ ଏହା ଦ୍ୱାରା ଆପଣ ତୃପ୍ତ ହୋଇଗଲେ କି ? ମୋତେ ଲାଗୁଛି, ତାଙ୍କର ଉତ୍ତର ନାହିଁରେ ହେବ। କାହିଁକି ନା ରେ ହେବ ? କାରଣ କାମନାର କୌଣସି ନିର୍ଦ୍ଦିଷ୍ଟ

ସୀମା ନାହିଁ। ତେଣୁକରି ସୁନା ବଢ଼ିଗଲେ କିମ୍ବା ବିତ୍ତଶାଳୀ ହୋଇଗଲେ ଆପଣଙ୍କୁ ସୁଖ ମିଳିଯିବ, ଆରାମ ମିଳିଯିବ, ତୃପ୍ତି ମିଳିଯିବ- ଏହା ଆପଣ ଭାବନ୍ତୁ ନାହିଁ। ଯାହା ପାଖରେ ଯେତେ ମାତ୍ରାରେ 'ସୋନା' (ସୁନା) ଥାଏ, ତାହାର 'ସୋନା' (ଶୋଇବା) ସେତେ ମାତ୍ରାରେ କମ୍ ହୋଇଥାଏ। ଅର୍ଥାତ୍ 'ସୋନା' ବଢ଼ିଗଲେ 'ସୋନା' (ଶୋଇବା) କମ୍ ହୋଇଯାଏ।

ଲଙ୍କାରେ ରାବଣ କେବେହେଲେ ନିଶ୍ଚିନ୍ତ ହୋଇ ଶୋଇ ପାରିନଥିଲା, ଯେତେବେଳେ କି ତା'ପାଖରେ କେବଳ ସୁନା ହିଁ ସୁନା ଥିଲା। ତା'ର ପଲଙ୍କ ସୁନାର, ମହଲ ସୁନାର, ଏପରିକି ଲଙ୍କା ମଧ୍ୟ ସୁନାର। ତଥାପି ତା'ର ଶାନ୍ତି ନଥିଲା, ତୃପ୍ତି ନ ଥିଲା। ସୁନା ବ୍ୟକ୍ତିକୁ ଅଶାନ୍ତ କରିଦିଏ, ଅତୃପ୍ତ କରିଦିଏ। ଏଣୁ ଯିଏ ସୁନାର ମୋହକୁ ଜୟକରି ଥାଏ, ସେ ହିଁ ସ୍ୱର୍ଣ୍ଣମୟୀ ଲଙ୍କାକୁ ମଧ୍ୟ ଜୟ କରିବାରେ ସମର୍ଥ ହୋଇଥାଏ।

ହନୁମାନଜୀ ଯେତେବେଳେ ଲଙ୍କା ଦିଗରେ ଅଗ୍ରସର ହେଲେ ସେତେବେଳେ ସମୁଦ୍ରରେ ମୈନାକ ନାମକ ପର୍ବତ, ଯାହା ସ୍ୱର୍ଣ୍ଣମୟ ଥିଲା, ମାର୍ଗରେ ପ୍ରକଟ ହେଲା।

ଯେଉଁଠାରେ ସୁନା ଥାଏ, ସେଠାରେ ଅନେକ ସୁବିଧାମଧ୍ୟ ଥାଏ। ଧନ ଦ୍ୱାରା ସାଂସାରିକ ସୁବିଧା ମିଳିଥାଏ। କିନ୍ତୁ ସେହି ସୁବିଧାର ଉପଯୋଗ ସମସ୍ତେ କରନ୍ତି ନାହିଁ, କାରଣ ତାହା ସ୍ୱଳ୍ପକାଳ ପାଇଁ ହୋଇଥାଏ, ମାୟାଯୁକ୍ତ ହୋଇଥାଏ। ସେହି ସୁଖ, ସେହି ସୁବିଧା ବ୍ୟକ୍ତିକୁ ଦିଗଭ୍ରଷ୍ଟ କରିପାରେ। ବ୍ୟକ୍ତିକୁ ଲକ୍ଷ୍ୟଭ୍ରଷ୍ଟ କରିପାରେ। ସୁତରାଂ ଏପରି ସମୟରେ ସଜ୍ଜନ ବ୍ୟକ୍ତି ଅଧିକ ସତର୍କ ହୋଇଥାଆନ୍ତି।

ହନୁମାନଜୀଙ୍କର ମାର୍ଗରେ ସ୍ୱର୍ଣ୍ଣର ମୈନାକ ପର୍ବତ ଆସିଲା। ସେ ହନୁମାନଜୀଙ୍କୁ କହିଲା- ମହାରାଜ ! ମୋତେ ଜଣାଅଛି ଯେ ଆପଣ

ସ୍ୱର୍ଣ୍ଣମୟୀ ଲଙ୍କା ଦିଗରେ ଯାଉଛନ୍ତି। ଆପଣ ବଡ଼ ଦୀର୍ଘ ଲମ୍ଫ ପ୍ରଦାନ କରିଛନ୍ତି। ବହୁତ ସମୟ ଧରି ଉଡ଼ିଲେଣି। ଆପଣ ବହୁତ ଅଧିକ ପରିଶ୍ରମ କଲେଣି। ଥକି ପଡ଼ିଥିବେ। ଏଣୁ ଆସନ୍ତୁ, କିଛି ସମୟ ଏଠାରେ ବିଶ୍ରାମ ନିଅନ୍ତୁ। ଏହା ଶୁଣି ହନୁମାନଜୀ ମୈନାକକୁ କ'ଣ କହିଲେ ଜାଣନ୍ତି ?

**ହନୁମାନ ତେହି ପରସା କର ପୁନି କିହ୍ନ ପ୍ରଣାମ।**
**ରାମକାଜ କୀହ୍ନେ ବିନା ମୋହି କହାଁ ବିଶ୍ରାମ ॥** (ମାନସ)

ସେ ମୈନାକକୁ ସ୍ପର୍ଶ କରି ହାତଯୋଡ଼ି ବିନମ୍ରତା ପୂର୍ବକ କହିଲେ- ମୈନାକ ମହାଶୟ, ଆପଣ ମୋର ବିଶ୍ରାମ ପାଇଁ ଏତେ ସୁନ୍ଦର ବ୍ୟବସ୍ଥା କରିଛନ୍ତି। ଏଥିପାଇଁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ। କିନ୍ତୁ ମୁଁ ବିଶ୍ରାମ କରି ପାରିବି ନାହିଁ, ସେଥିପାଇଁ କ୍ଷମା ଚାହୁଁଛି।

ମୈନାକ ପଚାରିଲା- କାହିଁକି ?

ହନୁମାନଜୀ କହିଲେ- ଯେତେବେଳ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମଙ୍କର କାର୍ଯ୍ୟ ବାକି ଅଛି, ମୁଁ ବିଶ୍ରାମ କରିପାରିବି ନାହିଁ।

ବନ୍ଧୁଗଣ ! ହନୁମାନଜୀ ନିଜର ସର୍ବସ୍ୱ ପ୍ରଭୁ ଶ୍ରୀରାମଙ୍କୁ ସମର୍ପିତ କରିଦେଇଛନ୍ତି। ସେ ନିଜର କର୍ମ, ଜ୍ଞାନ, ଭକ୍ତି- ଏ ସବୁକୁ ପ୍ରଭୁ ଶ୍ରୀରାମଙ୍କ ସାଙ୍ଗରେ ଯୋଡ଼ି ଦେଇଛନ୍ତି। ସେଇଥିପାଇଁ ଆମ୍ଭେମାନେ ହନୁମାନଜୀଙ୍କୁ ଜଣେ ମହାନ କର୍ମଯୋଗୀ କହିଥାଉଁ। ମହାଜ୍ଞାନୀ ଏବଂ ମହାନ ଭକ୍ତ ମାନିଥାଉଁ। ସେ ମୈନାକକୁ ସ୍ପର୍ଶ କଲେ। ଅର୍ଥାତ୍ ତାଙ୍କର ଆତିଥ୍ୟକୁ ସମ୍ମାନ ଦେଲେ, କିନ୍ତୁ ଉପଭୋଗ କଲେ ନାହିଁ। କାହିଁକି ? କାହିଁକିନା ତାହା ସବୁ ସ୍ୱର୍ଣ୍ଣମୟ ଥିଲା।

ସ୍ୱର୍ଣ୍ଣ ଲକ୍ଷପଥର ସବୁଠାରୁ ବଡ଼ ବାଧା ଅଟେ। ସେ ସ୍ୱର୍ଣ୍ଣଦ୍ୱାରା ପ୍ରଭାବିତ ହେଲେ ନାହିଁ। ତେଣୁ କରି ସ୍ୱର୍ଣ୍ଣମୟୀ ଲଙ୍କା ମଧ୍ୟ ହନୁମାନଜୀଙ୍କୁ ପ୍ରଭାବିତ କରି ପାରିଲା ନାହିଁ। କିନ୍ତୁ ଏହି ଲଙ୍କାଯାତ୍ରାର

ପ୍ରସ୍ତାବ ଯେତେବେଳେ ଅଙ୍ଗଦଙ୍କ ପାଖକୁ ଆସିଥିଲା, ସେ କହିଲା-

**ଅଙ୍ଗଦ କହଇ ଯାଉଁ ମୈଁ ପାରା ।**
**ଜିୟଁ ସଂଶୟ କଛୁ ଫିରତି ବାରା ।।**

ହେ ଜାମ୍ବବାନ ! ମୁଁ ଲଙ୍କା ଯାଇପାରିବି । ମୋ' ଭିତରେ ସାମର୍ଥ୍ୟ ମଧ୍ୟ ଅଛି । କିନ୍ତୁ ମନରେ ସନ୍ଦେହ ହେଉଛି- ହୁଏତ ମୁଁ ଫେରି ଆସି ନ ପାରେ । ଏହାର ତାତ୍ପର୍ଯ୍ୟ- ଅଙ୍ଗଦ ଭିତରେ ଏବେ ବି ଆତ୍ମବିଶ୍ୱାସର ଅଭାବ ଅଛି । ଲଙ୍କାରେ ସୁରା ମଧ ଅଛି, ସୁନ୍ଦରୀ ନାରୀମାନେ ମଧ ଅଛନ୍ତି ଏବଂ ସ୍ୱର୍ଣ୍ଣ ମଧ ଅଛି । କେଜାଣି କେତେବେଳେ ମନ ଚହଲି ଯିବ ? ଏଣୁ ସେ ସ୍ପଷ୍ଟ ଭାଷାରେ ନିଜର ଦୁର୍ବଳତାକୁ, ଅପରିପକ୍ୱତାକୁ ସ୍ୱୀକାର କରି ନେଇଛି । ଏବଂ ଏହା ଠିକ୍ ମଧ । କାରଣ, ହୁଏତ ଆପଣଙ୍କ ଭିତରେ ସାମର୍ଥ୍ୟ ଥାଇପାରେ କିନ୍ତୁ ଯଦି ମନ ପରିପକ୍ୱ ନୁହେଁ, ଅନାସକ୍ତ ନୁହେଁ, ତେବେ ଆପଣଙ୍କର ଜୀବନ ଯାତ୍ରାରେ ସମସ୍ୟା ଦେଖା ଦେଇପାରେ ।

ଆମର ଏହି ଭାରତବର୍ଷରୁ ବଡ଼-ବଡ଼ ବିଦ୍ୱାନ ଏବଂ ବଡ଼ ବଡ଼ ପ୍ରତିଭାଶାଳୀ ବ୍ୟକ୍ତିମାନେ ଆମେରିକା ଯାଆନ୍ତି ଏବଂ ସେଠାରେ ସେମାନେ ରହିଯାଆନ୍ତି । ଫେରି ଆସି ପାରନ୍ତି ନାହିଁ । କାହିଁକି ଭାଇ ? କହନ୍ତି- ସେଠାରେ ସବୁ ପ୍ରକାରର ସୁଖ-ସୁବିଧା ଅଛି । ସେଠାରେ କ'ଣ ସୁଖ ଅଛି ? କିଛି ସୁଖ ନାହିଁ । ସୁଖର କେବଳ ଭ୍ରମ ଅଛି । ଯଦି ପ୍ରକୃତରେ ସେଠାରେ ସୁଖ ଥାଆନ୍ତା ତେବେ ସେଠାରେ ବିକ୍ଷିପ୍ତ ମାନଙ୍କର ସଂଖ୍ୟା ବଢ଼ନ୍ତା ନାହିଁ । ମୁଁ ଶୁଣିଛି- ଆପଣଙ୍କ ଏଠାରେ ଯେପରି ପାନ ଦୋକାନ ରହିଛି, ସେପରି ସେଠାରେ ମନୋଚିକିତ୍ସା କେନ୍ଦ୍ରମାନ ଅଛି । ଯେହେତୁ ସେଠାରେ ଧନ ଅଧିକ ଅଛି, ତେଣୁକରି ଲୋକଙ୍କର ମନ ମଧ ଅସ୍ଥିର ଅଛି । ସେଠାରେ ସୁରା ମଧ ବେଷ୍ଟ୍ କ୍ୱାଲିଟିର ମିଳେ, ସୁନ୍ଦରୀ ମଧ ଉତ୍ତମ କ୍ୱାଲିଟିର ମିଳେ ଏବଂ ସୁନା ମଧ ଭଲ କ୍ୱାଲିଟିର

ମିଳେ। ଏ ସମ୍ବନ୍ଧରେ ତ ମୋତେ ବିଶେଷ କିଛି ଜଣାନାହିଁ, କିନ୍ତୁ ଲୋକମାନେ କହନ୍ତି ଯେ ଆମେରିକାର ମଦ ବଡ଼ଉଚ୍ଚ କ୍ୱାଲିଟିର ହୋଇଥାଏ ଏବଂ ତାହାକୁ ବଡ଼ ବଡ଼ ହାଇ-ଫାଇ ବ୍ୟକ୍ତିମାନେ ପାନ କରନ୍ତି ଏବଂ ହାଇଫାଇ ଜୀବନ ଯାପନ କରନ୍ତି। ସେମାନେ ଗୋଟିଏ ମୁହୂର୍ତ୍ତ ମଧ୍ୟ ସ୍ଥିର ରହନ୍ତି ନାହିଁ। ରୋଜଗାର କରନ୍ତି, ଖାଆନ୍ତି, ପିଅନ୍ତି ଏବଂ ବୁଲନ୍ତି। ଏହି ପରି ଭାବରେ ତାଙ୍କର ସଂସାର ମଧ୍ୟ ବୁଲୁଥାଏ, ଘର-ସଂସାର ମଧ୍ୟ ଘୂରୁଥାଏ। ତଥାପି ଲୋକେ ସେଠାକୁ ଯାଆନ୍ତି, ସୁଖର ଆଶାରେ। କିନ୍ତୁ କ'ଣ ସେମାନଙ୍କୁ ସେଠାରେ ସେହି ସୁଖ ମିଳେ ଯାହାକି ସେମାନେ କଳ୍ପନା କରିଥାନ୍ତି ? ନା, ତାହା ମିଳେ ନାହିଁ। ସେଠାରେ ମଧ୍ୟ ଦୁଃଖ ଅଛି। ସେଠାରେ ମଧ୍ୟ ଅଶାନ୍ତି ଅଛି। ସେଠାରେ ମଧ୍ୟ ଅଭାବ ଅଛି।

ବନ୍ଧୁଗଣ ! ସୁଖ ଧନରୁ ମିଳିନଥାଏ। ସୁଖ ମିଳିଥାଏ ମନରୁ। ଆପଣଙ୍କ ମନ ଦ୍ରବ୍ୟ ସଂଗ୍ରହ ଏବଂ ଉପଭୋଗରୁ ଯେତେ ତଟସ୍ଥ ରହିବ, ଆପଣଙ୍କ ସାକ୍ଷୀଭାବ ଯେତେ ଦୃଢ଼ ହେବ, ଆପଣ ସଂସାରକୁ ଯେତେ ଠିକ୍ ଭାବରେ ବୁଝିବେ, ସୁରା-ସୁନ୍ଦରୀ-ସୁବର୍ଣ୍ଣ ଠାରୁ ଯେତେ ଦୂରରେ ରହିବେ- ଆପଣ ସେତେ ସୁଖୀ ହୋଇ ପାରିବେ। ତେରୁ କରି ଯିଏ ଈଶ୍ୱରଙ୍କ ଉପରେ ଭରସା ରଖନ୍ତି, ଯଥାର୍ଥରେ ସେ ହିଁ ସୁଖୀ ରହନ୍ତି। ଏଣୁ ସଜ୍ଜନ ମାନଙ୍କୁ, ସାଧକ ମାନଙ୍କୁ ସ୍ୱର୍ଣ୍ଣର ମୋହରୁ ସର୍ବଦା ନିଜକୁ ଦୂରରେ ରଖିବା ଉଚିତ। ସୁରା ବାଧା ଅଟେ। ସ୍ୱର୍ଣ୍ଣ ବାଧା ଅଟେ। ସେହିପରି ସୁନ୍ଦରୀ ମଧ୍ୟ ବାଧା ଅଟେ। ସୁନ୍ଦରୀ ନାରୀର ମୋହ ବ୍ୟକ୍ତିକୁ ରସାତଳଗାମୀ କରିଦିଏ।

ସୁନ୍ଦରୀ ହେବା ପାଇଁ ନାରୀମାନେ ଆଜିକାଲି କେଜାଣି କେତେ ଉପାୟ କରୁଛନ୍ତି। ଆଜିକାଲି ନାରୀମାନେ ନଖ ବଢ଼ାଇବା ଦୁର୍ଗୁଣ କ'ଣ, ସେକଥା ଭାବନ୍ତି ନାହିଁ, ବରଂ ନଖ ବଢ଼ାଇ ସେଥିରେ

ନେଲପଲିସ୍ ଲଗାଇ ସୁନ୍ଦରୀ ସୁର୍ପଣଖା ହେବାକୁ ଚାହାଁନ୍ତି। ବଢ଼ିଥିବା ନଖ ସୌନ୍ଦର୍ଯ୍ୟର ନୁହେଁ, କାମୁକତାର ପ୍ରତୀକ ଅଟେ। ଭୋଗୀ ମାନସିକତାର ପ୍ରତୀକ ଅଟେ। ବୈରାଗ୍ୟ ସମ୍ମୁଖରେ, ଜ୍ଞାନ ସମ୍ମୁଖରେ, ଯୋଗ ସମ୍ମୁଖରେ, ସୂର୍ପଣଖା ମଧ୍ୟ ପ୍ରକଟ ହୁଏ। କିନ୍ତୁ ସେ ସୁର୍ପଣଖା ରୂପରେ ନୁହେଁ, ସୁନ୍ଦରୀ ରୂପରେ ଆସେ। ଏଣୁ ସୁନ୍ଦରୀ ମଧ୍ୟ ସାଧନା ମାର୍ଗରେ ବାଧା ଅଟେ।

ସୂର୍ପଣଖା ସୁନ୍ଦରୀ ରୂପରେ ଶ୍ରୀରାମ, ଲକ୍ଷ୍ମଣ ଏବଂ ଜାନକୀଙ୍କ ସମୀପକୁ ଆସିଲା। ଶ୍ରୀରାମ ଏବଂ ସୀତାଙ୍କ ଠାରୁ ଲକ୍ଷ୍ମଣ କିଛି ଦୂରରେ ଥିଲେ। ଶ୍ରୀରାମଙ୍କ ରୂପକୁ ଦେଖି ସେ ମୋହିତ ହୋଇଗଲା। କାରଣ ଶ୍ରୀରାମ ସର୍ବଦା ସୁନ୍ଦର ଦେଖାଯା'ନ୍ତି, ମଧୁର ମନେହୁଅନ୍ତି। ତାଙ୍କୁ ଯେ କେହି ମଧ୍ୟ ଦେଖେ ମୁଗ୍ଧ ହୋଇଯାଏ। ତେଣୁକରି କୁହାଯାଇଛି-
**"ମଧୁରାଧିପତେରଖିଳମ୍ ମଧୁରମ୍।"**

ଭଗବାନ ଶ୍ରୀରାମଙ୍କ ରୂପକୁ ଦେଖି ସୂର୍ପଣଖା ମୁଗ୍ଧ ହୋଇଯାଇଥିଲା। ମାତ୍ର ସେ ଜାଣିଗଲା, ଏପରି ଭାବରେ ତ ସେ ତାଙ୍କୁ ପାଇ ପାରିବ ନାହିଁ କାହିଁକିନା ସେ ରାକ୍ଷସୀ ଥିଲା, କୁରୂପା ଥିଲା, ବିକଟାଳ ଥିଲା। ଏଣୁ ସେ ନିଜକୁ ବାହ୍ୟତଃ ସୁନ୍ଦର କଲା ଏବଂ ପହଞ୍ଚିଗଲା ପ୍ରଭୁ ଶ୍ରୀରାମଙ୍କ ସମ୍ମୁଖରେ।

ବନ୍ଧୁଗଣ ! ନିଜକୁ ବାହ୍ୟତଃ ସୁନ୍ଦର କରି କେହି ଭଗବାନଙ୍କୁ ପ୍ରାପ୍ତ ହୋଇ ପାରିବେ ନାହିଁ। ଯାହାର ଅନ୍ତଃକରଣ ସୁନ୍ଦର, ସେ ହିଁ ଭଗବାନଙ୍କୁ ପ୍ରାପ୍ତ ହୋଇପାରେ। ଯାହାର ଅନ୍ତର କଳୁଷିତ, ମନ ମଳିନ, ସେ ଭଗବାନଙ୍କର ସମୀପବର୍ତ୍ତୀ ହୋଇପାରେ ନାହିଁ। ଲୋକେ ବାହ୍ୟତଃ ସୁଟ-ବୁଟ ପିନ୍ଧି ବଡ଼ ସୁନ୍ଦର ହୋଇଯାଆନ୍ତି, ମାତ୍ର ତାଙ୍କ ଭିତରେ ଏତେ ଦୁର୍ଗନ୍ଧ ଏବଂ କଳୁଷ ଥାଏ ଯେ ଭଗବାନ କଣ, ଭୂତ ମଧ୍ୟ ଆସୁଥିଲେ ତାଙ୍କୁ ଦେଖି ପଳାଇଯିବ। ସେଥିପାଇଁ ବାହାରକୁ ନୁହେଁ,

ଅନ୍ତରକୁ ସୁନ୍ଦର କରିବା ଉଚିତ।

ସୂର୍ପଣଖା ନିଜର ବାହାରକୁ ସୁନ୍ଦର କରି ଭଗବାନ ଶ୍ରୀରାମଙ୍କ ପାଖକୁ ଗଲା ଏବଂ କହିଲା– ହେ ରାମ ! ତୁମେ ତ ଦିବ୍ୟ ଅଟ, ସୁନ୍ଦର ଅଟ, ଅଦ୍ଭୁତ ଅଟ, ଅନୁପମ, ଅପ୍ରମେୟ ଅଟ ଏବଂ ମୁଁ ମଧ୍ୟ ତଦ୍ରୂପ ଅଟେ। ମୁଁ ମଧ୍ୟ ତୁମ ପରି ସୁନ୍ଦର, ଅଦ୍ଭୁତ ଓ ଅନୁପମ ଅଟେ।

**ତୁମ୍ହ ସମ ପୁରୁଷ ନ ମୋ ସମ ନାରୀ ।**
**ୟହ ସଂଯୋଗ ବିଧି ରଚା ବିଚାରି ॥** (ମାନସ)

ହେ ରାମ ! ମୁଁ ତୁମକୁ ଦେଖି ଜାଣିଗଲି ଯେ, ସଂସାରରେ ତୁମ ସମକକ୍ଷ କୌଣସି ପୁରୁଷ ନାହାନ୍ତି। ଏ କଥା ତ ସେ ବହୁତ ଭଲ କହିଛି। ପ୍ରକୃତରେ ପ୍ରଭୁ ଶ୍ରୀରାମଙ୍କ ସମକକ୍ଷ ପୁରୁଷ ସଂସାରରେ କିଏ ହୋଇପାରିବ ? ମାତ୍ର ଏହା ସହିତ ସେ କହୁଛି ଯେ ମୁଁ ମଧ୍ୟ ଅନୁପମ ସୁନ୍ଦରୀ ଅଟେ।

ଶ୍ରୀ ଲକ୍ଷ୍ମଣଜୀ ଦୂରରେ ଥାଇ ଏହା ଶୁଣୁଥିଲେ। ସେ ତ ବୈରାଗୀ ଅଟନ୍ତି। ସେ ଭାବିଲେ– ବୋଧହୁଏ କେହିଜଣେ ବୈରାଗିଣୀ, ବା ସାଧ୍ୱୀ ହୋଇଥିବ। ପ୍ରଭୁଙ୍କୁ ସାକ୍ଷାତ୍ କରିବାପାଇଁ ଆସିଥିବ।

ସାଧ୍ୱୀ ମଧ୍ୟ ସୁନ୍ଦର ହୋଇଥାଆନ୍ତି ଏବଂ ସାଧୁ ମଧ୍ୟ ସୁନ୍ଦର ହୋଇଥାଆନ୍ତି। ମାତ୍ର ସେମାନଙ୍କର ସୌନ୍ଦର୍ଯ୍ୟର ଆକଳନ ବାହାରକୁ ଦେଖି କରିବା ଉଚିତ ନୁହେ। ସେମାନଙ୍କର ସୌନ୍ଦର୍ଯ୍ୟ ଆନ୍ତରିକ ହୋଇଥାଏ, ଆଧ୍ୟାତ୍ମିକ ହୋଇଥାଏ, ନିର୍ବିକାର ହୋଇଥାଏ।

ଲକ୍ଷ୍ମଣ ସୂର୍ପଣଖାକୁ ଦେଖି ପ୍ରଥମେ ଭ୍ରମିତ ହୋଇଗଲେ। ଭାବିଲେ, ବୋଧହୁଏ କୌଣସି ବଡ଼ ଜ୍ଞାନୀ ମହିଳା ଅଟନ୍ତି। କିନ୍ତୁ ଯେତେବେଳେ ସୂର୍ପଣଖା କହିଲା–**"ନ ମୋ ସମ ନାରୀ"** ସଂସାରରେ ମୋ'ସଦୃଶ କୌଣସି ନାରୀ ନାହିଁ– ଲକ୍ଷ୍ମଣ ସତର୍କ ହୋଇଗଲେ। ଭାବିଲେ– ଆରେ, ଇୟେ କିପରି ନାରୀ ଯିଏକି ନିଜକୁ ପ୍ରଭୁ ଶ୍ରୀରାମଙ୍କ

ସହିତ ତୁଳନା କରୁଛି। ଆଉ ଯେତେବେଳେ ଆଗକୁ ବଢ଼ି ପ୍ରଭୁଙ୍କୁ କହୁଛି- ହେ ରାମ! **"ଯହ ସଂଯୋଗ ବିଧି ରଚା ବିଚାରୀ"**- ତୁମର ଓ ମୋର ଏହି ଯେଉଁ ସଂଯୋଗ ହୋଇଛି, ଏହାକୁ ବିଧାତା ବଡ଼ ବୁଝି ବିଚାରି କରିଛି- ଲକ୍ଷ୍ମଣ ବୁଝିଗଲେ ଯେ ଇଏ କୌଣସି ସତୀ-ସାଧ୍ୱୀ ଭକ୍ତ ନୁହେଁ, ବରଂ ଇଏ କୌଣସି ଏକ ଧୂର୍ତ୍ତ ମହିଳା ଅଟେ। ଲକ୍ଷ୍ମଣ ଦେଖିଲେ- ତା'ର
ସବୁ କଥା ଶୁଣି ମଧ୍ୟ ପ୍ରଭୁ ଶ୍ରୀରାମଙ୍କର ମୁଖମଣ୍ଡଳରେ କୌଣସି ପରିବର୍ତ୍ତନ ହେଲା ନାହିଁ। ଏଣୁ ତାଙ୍କୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ଭାବିଲେ- ତା'ହେଲେ ଇଏ କିଏ ଅଟେ ?

ସୂର୍ପଣଖା ଆହୁରି କହୁଛି- ହେ ରାମ! ମୁଁ ଆଜିପର୍ଯ୍ୟନ୍ତ ଏଇଥିପାଇଁ କୁମାରୀ ଅଛି, କାରଣ ମୋତେ ଆଜି ପର୍ଯ୍ୟନ୍ତ ମୋ'ଅନୁରୂପ କୌଣସି ପୁରୁଷ ମିଳିନଥିଲା। ଆଜି ମୋ'ମନ ବଡ଼ ଖୁସି ଅଛି। ମୋ' ଅନୁରୂପ ପୁରୁଷ ଆଜି ମୋତେ ମିଳିଯାଇଛି। ଏବଂ ସେ ତୁମେ ଅଟ। ଏଣୁକରି ହେ ରାମ! ଆଜି ମୁଁ ସ୍ୱୟଂକୁ ତୁମ ଚରଣରେ ସମର୍ପିତ କରି ଦେଉଛି। ତୁମେ ମୋତେ ପତ୍ନୀରୂପରେ ସ୍ୱୀକାର କର!

ବନ୍ଧୁଗଣ! ଏହା କୌଣସି ଭକ୍ତିଭାବ ପୂର୍ଣ୍ଣ ସମର୍ପଣ ନୁହେଁ। ଏହା ତ ତଥାକଥିତ ସୁନ୍ଦରୀ କାମିନୀ ସୂର୍ପଣଖାର ସ୍ୱାର୍ଥପୂର୍ଣ୍ଣ କାମ ନିବେଦନ ଅଟେ। ସେଥିପାଇଁ ସେ ମିଥ୍ୟାର ସହାୟ୍ୟ ନେଉଛି। ଲୋକେ ଆଜିକାଲି ମଧ୍ୟ ଏପରି ସ୍ୱାର୍ଥପୂର୍ଣ୍ଣ କାମ-ନିବେଦନକୁ ପ୍ରେମ-ନିବେଦନ ବୋଲି ମନେ କରୁଛନ୍ତି ଏବଂ ପ୍ରବଞ୍ଚନାରେ ପଡୁଛନ୍ତି।

ଭଗବାନ ଶ୍ରୀରାମ ସୂର୍ପଣଖାର କଥା ଶୁଣି ଗମ୍ଭୀର ସ୍ୱରରେ କହିଲେ- ହଁ, ହଁ ସୁନ୍ଦରୀ! ମୁଁ ଭଲ ଭାବରେ ଜାଣିଛି ଯେ ତୁମେ ଆଜି ପର୍ଯ୍ୟନ୍ତ କୁମାରୀ ଅଛ!

ଦେଖନ୍ତୁ! ସୂର୍ପଣଖା କୌଣସି କୁମାରୀ କନ୍ୟା ନୁହେଁ।

ଯଦି ତାହାର ବୟସକୁ ହିସାବ କରାଯାଏ, ତେବେ ସେ ଭଗବାନ ଶ୍ରୀରାମଙ୍କର ଆଈ-ପଣଆଈ ହେବ। ସେ ରାବଣର ଭଉଣୀ ଅଟେ। କିନ୍ତୁ ଆଜି ସେ ଷୋଡଶୀ କନ୍ୟା ରୂପରେ ସଜାଇ ହୋଇ ନିଜକୁ ପ୍ରସ୍ତୁତ କରୁଛି ଏବଂ କହୁଛି- ମୁଁ ଏପର୍ଯ୍ୟନ୍ତ କୁମାରୀ ଅଛି, ଯେତେବେଳେ କି ସେ ଜଣେ ବିଧବା ଅଟେ। ରାବଣ ତା'ର ସ୍ୱାମୀ ବିଦ୍ୟୁତ୍‌ଜିହ୍ୱକୁ ହତ୍ୟା କରିଥିଲା। ଏଣୁ ସେ ଜଣେ ବିଧବା, କିନ୍ତୁ କହୁଛି- ମୁଁ କୁମାରୀ ଅଟେ।

ଭଗବାନ ଶ୍ରୀରାମ କହୁଛନ୍ତି- ସୁନ୍ଦରୀ। ତୁ କହୁଅଛୁ ମୁଁ କୁମାରୀ ଅଟେ ଏବଂ ମୋ' ସମୀପକୁ ଆସିଛୁ। କିନ୍ତୁ ମୋ'ଠାରେ ତୋର କାର୍ଯ୍ୟସିଦ୍ଧି ହେବ ନାହିଁ, କାରଣ ମୁଁ କୁମାର ନୁହେଁ। ମୁଁ ବିବାହିତ ଅଟେ। ଏହି ଦେଖ, ମୋର ପତ୍ନୀ ସୀତା ମୋ'ସାଙ୍ଗରେ ଅଛି। ହଁ, ଯଦି ତୁ ଇଚ୍ଛାକରୁ ତେବେ ମୋର ସାନଭାଇ ପାଖକୁ ଯାଇପାରୁ। ସେ କୁମାର ଅଟେ- **"ଅହଇ କୁମାର ମୋର ଲଘୁ ଭ୍ରାତା।"**

ଏବେ କୁହନ୍ତୁ, ଭଗବାନ ରାମ କ'ଣ ସତ କହୁଛନ୍ତି ? ଆରେ ଭାଇ ! ସେ ସତ ମଧ କହୁଛନ୍ତି ଏବଂ ମିଛ ମଧ। ମିଛ ଏଇଥିପାଇଁ ଯେ ଲକ୍ଷ୍ମଣ ମଧ୍ୟ କୁମାର ନୁହନ୍ତି, ସେ ବିବାହିତ। ତାଙ୍କର ମଧ ପତ୍ନୀ ଅଛି। ଅଯୋଧ୍ୟାରେ ଅଛି ଉର୍ମିଳା କିନ୍ତୁ ସୂର୍ପଣଖା ଛଳ କରୁଛି, ମିଛ କହୁଛି। ଏଣୁ ଭଗବାନ ଶ୍ରୀରାମ ମଧ ମନ ଭିତରେ ଭାବୁଛନ୍ତି ଏବଂ କହୁଛନ୍ତି- ଯେପରି ତୁ ବିଧବା ହୋଇ କୁମାରୀ ଅଟୁ, ସେହିପରି ସେ ମଧ୍ୟ ବିବାହିତ ହୋଇ କୁମାର ଅଟେ- "ଅହଇ କୁମାର ମୋର ଲଘୁ ଭ୍ରାତା।" ଏବଂ ସତ୍ୟ ମଧ କହୁଛନ୍ତି କାରଣ ଲକ୍ଷ୍ମଣଙ୍କୁ ସମସ୍ତେ "କୁମାର" ବୋଲି ଡାକନ୍ତି। ତାଙ୍କୁ "ଲକ୍ଷ୍ମଣ କୁମାର" କୁହାଯାଏ।

ସୂର୍ପଣଖା ଭାବିଲା- ଏ ମଧ ଠିକ୍ କହୁଛନ୍ତି। ଯଦି ଇଏ ବିବାହିତ ତେବେ ଏହାଙ୍କ ସହିତ ରହିବା ସମ୍ଭବ କିପରି ହେବ ? ଲକ୍ଷ୍ମଣ ହିଁ ମୋ'ପାଇଁ ଠିକ୍ ହେବ- ଏପରି ଭାବି ସେ ତତ୍‌କ୍ଷଣାତ୍ ଲକ୍ଷ୍ମଣଙ୍କ

ସମୀପକୁ ଚାଲିଗଲା।

କାମିନୀ ସର୍ବଦା ଚଞ୍ଚଳ ହୋଇଥାଏ। ତା ପାଖରେ ଧୈର୍ଯ୍ୟ ଓ ବିବେକର ଅଭାବ ଥାଏ। ଯଦି ସେ ସ୍ଥିର ହୋଇଥାନ୍ତା। ତାହାର ବିବେକ ଥାଆନ୍ତା, ତେବେ ଅନ୍ୟ କିଛି ମଧ୍ୟ ହୋଇପାରିଥାନ୍ତା। ପ୍ରଭୁ ଶ୍ରୀରାମ ତା'କୁ ନିଜର କରିପାରିଥାନ୍ତେ। ପ୍ରେମୀ ଭକ୍ତ ରୂପରେ ତାହାକୁ ସ୍ୱୀକାର କରିପାରିଥାନ୍ତେ, କିନ୍ତୁ ଏପରି ହେଲା ନାହିଁ।

ସୂର୍ପଣଖା ଲକ୍ଷ୍ମଣଙ୍କ ପାଖକୁ ଗଲା। ଲକ୍ଷ୍ମଣ ପଚାରିଲେ- ମାତାଜୀ, ଏଠାକୁ କାହିଁକି ଆସିଛ ?

ଏହାଶୁଣି ସୂର୍ପଣଖା ବିରକ୍ତ ହେଲା। କହିଲା, ମୋତେ ମାତାଜୀ କହୁଛ ? ମୁଁ କ'ଣ ତୁମକୁ ମାଆ ଭଳି ଦିଶୁଛି ?

ଲକ୍ଷ୍ମଣ କହିଲେ- ମୋ'ପାଇଁ ପ୍ରତ୍ୟେକ ନାରୀ ମାଆ ସମାନ। ଆଚ୍ଛା ଛାଡ଼, କଥା କ'ଣ ? ତୁମେ ମୋ'ଠାରୁ କ'ଣ ଚାହୁଁଛ ?

ସୂର୍ପଣଖା କହିଲା- ତୁମର ଭ୍ରାତା ମୋତେ ତୁମ ପାଖକୁ ପ୍ରେରଣ କରିଛନ୍ତି। ମୁଁ କୁମାରୀ ଅଟେ ଏବଂ ତୁମେ ମଧ କୁମାର। ମୁଁ ତୁମ ସହିତ ବିବାହ କରିବାକୁ ଇଚ୍ଛୁକ।

ଲକ୍ଷ୍ମଣ କହିଲେ- ହେ ସୁନ୍ଦରୀ ! ବୋଧହୁଏ ତୁମକୁ ଜଣାନାହିଁ। ମୁଁ କୁମାର ନୁହେଁ, ମୁଁ ବିବାହିତ। ମୋର ପତ୍ନୀ ଅଛି। ଏଣୁ ମୋ'ସହିତ ତୁମର ବିବାହ କିପରି ସମ୍ଭବ ?

ତେବେ ତୁମର ଭାଇ ଏପରି କାହିଁକି କହିଲେ ? ବିଗିଡ଼ିଯାଇ ସୂର୍ପଣଖା ପଚାରିଲା।

ଲକ୍ଷ୍ମଣ କହିଲେ- ତାହା ତ ସେ କହିପାରିବେ। ତୁମ ଦୁହିଁଙ୍କ ମଧ୍ୟରେ କ'ଣ ବାର୍ତ୍ତାଳାପ ହେଲା, ସେ ତୁମକୁ କ'ଣ କହିଲେ- ଏହା ମୁଁ ଜାଣେ ନାହିଁ। କିନ୍ତୁ ଏକଥା ମୁଁ କହିଦେବାକୁ ଚାହେଁ ଯେ ମୁଁ କୁମାର ନୁହେଁ। ଏଣୁ ତୁମେ ସେଠାକୁ, ତାଙ୍କ ପାଖକୁ ଯାଅ।

ସୂର୍ପଣଖା କହିଲା- ସେ ମଧ୍ୟ କହୁଛନ୍ତି ବିବାହିତ ବୋଲି। ତା'ହେଲେ କ'ଣ ହେବ ?

ଲକ୍ଷ୍ମଣ ବୁଝାଇଲେ- ହେ ସୁନ୍ଦରୀ ! ସେ ରାଜା ଅଟନ୍ତି, ସମର୍ଥ ଅଟନ୍ତି। ସେ ଯେକୌଣସି କଥା କରିପାରନ୍ତି। **"ପ୍ରଭୁ ସମର୍ଥ କୋଶଲପୁର ରାଜା"**- ସେ କୋଶଲାଧୀଶ ଅଟନ୍ତି, ରାଜା ଅଟନ୍ତି। ଆମର ନିୟମ ଅଛି- ରାଜା ବହୁବିବାହ କରି ପାରନ୍ତି। ଜଣେ କ'ଣ, ସେ ଚାହିଁଲେ ତିନିଶହ ପଇଁଷଠି ଜଣଙ୍କୁ ମଧ୍ୟ ବିବାହ କରିପାରନ୍ତି। ତାଙ୍କୁ କେହି କିଛି କହିପାରିବେ ନାହିଁ। କିନ୍ତୁ ମୁଁ ଜଣେ ବ୍ୟତୀତ ଆଉ ଜଣକୁ ବିବାହ କରିପାରିବି ନାହିଁ। ମୁଁ ତାଙ୍କର ସେବକ ଅଟେ। ସେବକ ସ୍ୱାମୀଙ୍କ ଭଳି ସମର୍ଥ ହୋଇନଥାଏ। ଏଣୁ ତୁମେ ତାଙ୍କ ପାଖକୁ ଯାଅ। ମୋତେ ଯାହା ଲାଗୁଛି- ତୁମେ କାହାର ଦାସୀ ହୋଇପାରିବ ନାହିଁ।

ସୂର୍ପଣଖା କହିଲା- ଠିକ୍ କହୁଛ, ମୁଁ କାହାର ଦାସୀ ହୋଇପାରିବି ନାହିଁ। ଏପରି କହି ପୁଣି ସେ ଶ୍ରୀରାମଙ୍କ ପାଖକୁ ଗଲା। ଭଗବାନ ଶ୍ରୀରାମ ପୁଣି ତାକୁ ଲକ୍ଷ୍ମଣଙ୍କ ସମୀପକୁ ପ୍ରେରଣ କଲେ। ଏହି ପ୍ରକାରେ ବାରମ୍ବାର ଏପଟ-ସେପଟ ହେବା ଯୋଗୁଁ ସେ ଖୁବ୍ ରାଗିଗଲା। ନିଜର ଅସଲି ରୂପରେ ଆସିଗଲା। ତାହାର ରାକ୍ଷସୀ ସ୍ୱରୂପ ପ୍ରକଟ ହୋଇଗଲା ଏବଂ ସେ ସୀତାଙ୍କୁ ମାରିବା ପାଇଁ ଦୌଡ଼ିଲା। ସେ ଭାବିଲା ଏହାରି ଯୋଗୁଁ ମୋର ସମସ୍ତ କାମ ବିଗିଡ଼ି ଯାଉଛି। ସେହି ସମୟରେ ଭଗବାନ ଶ୍ରୀରାମ ଲକ୍ଷ୍ମଣଙ୍କୁ ସଙ୍କେତରେ ସବୁ ବୁଝାଇଦେଲେ ଏବଂ ଲକ୍ଷ୍ମଣ ମଧ୍ୟ ସଙ୍କେତ ମିଳିଯିବା ପରେ ସୂର୍ପଣଖାର ନାକ ଏବଂ କାନ କାଟିଦେଲେ। ନାକ ଏବଂ କାନ ଏଠାରେ ଇଜ୍ଜତ ଓ ମର୍ଯ୍ୟାଦାର ପ୍ରତୀକ ଅଟେ। ଇଜ୍ଜତ ଓ ମର୍ଯ୍ୟାଦା ଲଙ୍ଘନ କଲେ ବ୍ୟକ୍ତିର ଏହିପରି ଦୁର୍ଦ୍ଦଶା ହୋଇଥାଏ।

ବେଳେ ବେଳେ ସୁରା, ସୁନ୍ଦରୀ ଓ ସୁବର୍ଣ୍ଣ ସାଧକଙ୍କ ମାର୍ଗରେ

ପ୍ରଚୁର ମାତ୍ରାରେ ଆସେ। ସାଧକର ମନ ଯଦି ନିଜର ନିୟନ୍ତ୍ରଣରେ ନାହିଁ, ଯଦି ସେ ସତର୍କ ନୁହେଁ, ତେବେ ଏପରି ସ୍ଥିତିରେ ସେ ଭଟକି ଯାଇପାରେ। ପଥଭ୍ରଷ୍ଟ ହୋଇ ଯାଇପାରେ। ଏଠାରେ ସାଧକ କହିବାର ଅର୍ଥ କେବଳ ସାଧୁ-ସନ୍ଥ ଅଥବା ଯୋଗୀ ନୁହେଁ, ଆପଣ ସମସ୍ତେ ମଧ୍ୟ ସାଧକ ଅଟନ୍ତି। ଆପଣମାନେ ସମସ୍ତେ ସଂସାର ମାର୍ଗର ସାଧକ ଓ ସନ୍ୟାସୀ ଗଣ ଅଧ୍ୟାତ୍ମ ମାର୍ଗର ସାଧକ ଅଟନ୍ତି। ସନ୍ୟାସୀ ଶ୍ରେୟ ମାର୍ଗର ତ ଆପଣମାନେ ପ୍ରେୟ ମାର୍ଗର ଯାତ୍ରୀ ଅଟନ୍ତି। ଆପଣ ମଧ୍ୟ ପ୍ରଲୋଭନରେ ପଡ଼ିଲେ ଲକ୍ଷଭ୍ରଷ୍ଟ ହୋଇଯିବେ। ତେଣୁ ସଂସାରୀ ହେଉ ଅଥବା ସନ୍ୟାସୀ- ଏଠାରେ ସମସ୍ତଙ୍କୁ ମାପି ଚୁପି ସତର୍କ ଭାବରେ ଚାଲିବାକୁ ହୋଇଥାଏ।

କୌଣସି ଏକ ଲକ୍ଷ୍ୟ ଦିଗରେ ଦୃଢ଼ତାପୂର୍ବକ ଅଗ୍ରସର ହେଉଥିବା ବ୍ୟକ୍ତି ହିଁ ଏଠାରେ ସଫଳ ହୋଇଥାଏ। ତେଣୁ ସ୍ଥିରତା ଜରୁରୀ ଅଟେ। ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଆବଶ୍ୟକ ଅଟେ। ଏଣୁ ମନକୁ ସ୍ଥିର କରନ୍ତୁ, ଦୃଢ଼ କରନ୍ତୁ, ସେ ଶକ୍ତିଶାଳୀ ହୋଇଯିବ, ସମର୍ଥ ହୋଇଯିବ। ମନ ସମର୍ଥ ହୋଇଗଲେ, ଆପଣ ଯାହା କିଛି କରିବେ, ସବୁ ଭଲ ହେବ। ସେତେବେଳେ କେହି ଆପଣଙ୍କର ଦୋଷ ଦେଖିବେ ନାହିଁ। ଯେପରି ସୂର୍ଯ୍ୟ ପାଖରେ କେହି ଦୋଷ ଦେଖେ ନାହିଁ। ଅଗ୍ନିରେ କେହି ଦୋଷ ଦେଖେ ନାହିଁ।

ସୂର୍ଯ୍ୟଙ୍କର କିରଣ କେଉଁଆଡ଼େ ପଡ଼େ ନାହିଁ? ବିଷ୍ଠାରେ ମଧ୍ୟ ପଡ଼େ ଏବଂ ଚନ୍ଦନରେ ମଧ୍ୟ ପଡ଼େ। ଆପଣଙ୍କ ଉପରେ ପଡ଼େ ଏବଂ ଶବ ଉପରେ ମଧ୍ୟ ପଡ଼େ। କିନ୍ତୁ ସୂର୍ଯ୍ୟ କେବେହେଲେ ଦୂଷିତ ହୋଇନଥାଏ। ସେହିପରି ଅଗ୍ନିରେ ଆପଣ ଆହୁତି ମଧ୍ୟ ଦିଅନ୍ତି ଏବଂ ଶବଦାହ ମଧ୍ୟ କରନ୍ତି। ତଥାପି ତାହା ଅପବିତ୍ର ହୁଏ ନାହଁ। ଅଗ୍ନିରେ

ଆପଣ କିଛି ବି ପକାଇ ଦିଅନ୍ତୁ ସେ ସବୁକୁ ସେ ପାଉଁଶ କରିଦିଏ, ଶୁଦ୍ଧ କରିଦିଏ। ଚନ୍ଦନର କାଠ ହେଉ ଗୋବରର ଘଷି ହେଉ କିମ୍ବା ନଗର ନିଗମର ଆବର୍ଜନା- ପାଉଁଶ ହେବାପରେ ସବୁ ଶୁଦ୍ଧ ହୋଇଯାଏ। ତେଣୁ ଅଗ୍ନି ସ୍ୱୟଂ ଅଶୁଦ୍ଧ ହୋଇ ନଥାଏ, ବିକୃତ ହୋଇ ନଥାଏ, ବରଂ ସମସ୍ତ ବସ୍ତୁର ବିକୃତିକୁ ଦୂର କରିଦେଇଥାଏ। ସେହିପରି ଯିଏ ସମର୍ଥ ହୋଇଥାଆନ୍ତି, ନିର୍ଦ୍ଦୋଷ ହୋଇଯାଆନ୍ତି କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ଅସମର୍ଥ ଥାଆନ୍ତି ସତର୍କତା ଜରୁରୀ ଅଟେ। ତେଣୁକରି ଜୀବନରେ ସତର୍କତା ପରମ ଆବଶ୍ୟକ ଅଟେ। କାରଣ ସତର୍କ ବ୍ୟକ୍ତି ହିଁ ଏଠାରେ ଆଗକୁ ବଢ଼ିଥାଏ। ବାସ୍! ଆଜି ଏତିକି...। ହରି ଓଁ ତତ୍‌ସତ୍।

୦୦୦

ବୃନ୍ଦାବନ ରେସିଡେନ୍‌ସୀ, ରାୟଗଡ଼ (ଛ.ଗ.)

ତା. ୩.୧୧.୨୦୦୬

# ଯୋଗ କର, ଯୋଗୀ ହୁଅ

ପ୍ରିୟ ଦିବ୍ୟ ଆତ୍ମନ୍ !

ହରି ଓଁ !

ସଂସାରରେ ରହିବାକୁ ହେଲେ ଯୋଗୀ ଭାବରେ ରହନ୍ତୁ। ଶ୍ରେୟମାର୍ଗ ହେଉ ଅଥବା ପ୍ରେୟମାର୍ଗ, ଜଗତର ମାର୍ଗ ହେଉ ବା ଅଧ୍ୟାତ୍ମର ମାର୍ଗ- ସର୍ବତ୍ର ବାଧା ଅଛି। ସେହି ବାଧା ମାନଙ୍କୁ ଅତିକ୍ରମ କରିବା ପାଇଁ ସାହସ ଦରକାର। ଯୋଗ ବ୍ୟକ୍ତିକୁ ସାହସୀ କରାଏ। ଜୀବନରେ ଯଦି ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ଦରକାର ତେବେ ଭଗବାନ କହନ୍ତି- ଯୋଗୀ ହୁଅ। ଗୀତାରେ ଭଗବାନ ମୁଖ୍ୟ ରୂପରେ ଧ୍ୟାନ ଯୋଗ ଉପରେ ଚର୍ଚ୍ଚା କରିଛନ୍ତି। ଏହାର କାରଣ ହେଉଛି- ଯେତେବେଳ ପର୍ଯ୍ୟନ୍ତ ଚିତ୍ତ ଚଞ୍ଚଳ ଅଛି, ମନ ଚଞ୍ଚଳ ଅଛି, ସେତେବେଳ ପର୍ଯ୍ୟନ୍ତ ଜୀବନରେ ମଧ୍ୟ ଚଞ୍ଚଳତା ରହିବ। ଜୀବନ ଅସ୍ଥିର ରହିବ। ସେଥିପାଇଁ ଧ୍ୟାନ ପରମ ଆବଶ୍ୟକ ଅଟେ। ଧ୍ୟାନ ଦ୍ୱାରା ମନର ବିକ୍ଷେପ ଦୂର ହୁଏ, ମନରେ ଏକାଗ୍ରତା ଆସେ। ଚିତ୍ତ ଶାନ୍ତ ହୁଏ।

## ତୁମ ପ୍ରଭୁ ତୁମ ଅନ୍ତରେ

ମହର୍ଷି ପତଞ୍ଜଳି ଯୋଗର ପରିଭାଷା ଦେଇଛନ୍ତି– **"ଯୋଗଶ୍ଚିତ୍ତ ବୃତ୍ତି ନିରୋଧଃ"** ଯୋଗର ଅର୍ଥ ଚିତ୍ତର ବୃତ୍ତିମାନଙ୍କର, ମନର ଗତିବିଧି ମାନଙ୍କର ନିରୋଧ। ଏହି ବୃତ୍ତିମାନେ ସର୍ବଦା ଏପଟ ସେପଟ ଦୌଡୁଥାଆନ୍ତି। ଏମାନେ ହିଁ ମନକୁ ଚଞ୍ଚଳ କରିଥାଆନ୍ତି। ଆପଣ ଏହା ଭାବନ୍ତୁ ନାହିଁ ଯେ ଯେତେବେଳ ପର୍ଯ୍ୟନ୍ତ ଆପଣ ଜାଗ୍ରତ ଅବସ୍ଥାରେ ଅଛନ୍ତି ସେତେବେଳ ପର୍ଯ୍ୟନ୍ତ ମନ ଚଞ୍ଚଳ ଥାଏ, ମନ ତ ସ୍ୱପ୍ନ ଅବସ୍ଥାରେ ମଧ୍ୟ ଚଞ୍ଚଳ ରହିଥାଏ। ସୁତରାଂ ଯେତେବେଳେ ଆପଣ ସ୍ୱପ୍ନ ଦେଖୁଥାଆନ୍ତି ସେତେବେଳେ ଯଦିଓ ଆପଣ ବାହ୍ୟ ଜଗତ ସହିତ ସଂପର୍କରେ ନ ଥାଆନ୍ତି, ତଥାପି ଅନ୍ତର୍ଜଗତ(ମାନସିକ ସ୍ତର)ରେ ଆପଣ ସେ ସବୁ କରୁଥାଆନ୍ତି, ଯାହା ଜାଗ୍ରତ ଅବସ୍ଥାରେ ଆପଣ ବାହ୍ୟ ଜଗତରେ କରିଥାଆନ୍ତି। ଜାଗ୍ରତ ସଦୃଶ ସ୍ୱପ୍ନରେ ମଧ୍ୟ ବ୍ୟକ୍ତିକୁ ଭୟ ଲାଗିଥାଏ, ସ୍ୱପ୍ନରେ ମଧ୍ୟ ବ୍ୟକ୍ତିକୁ ପ୍ରେମ ହୋଇଯାଏ। ସ୍ୱପ୍ନରେ ମଧ୍ୟ ବ୍ୟକ୍ତିକୁ ଭୋକ ହୋଇଥାଏ। ସ୍ୱପ୍ନରେ ମଧ୍ୟ ବ୍ୟକ୍ତି ଜନ୍ମ ନେଇଥାଏ ଏବଂ ମୃତ୍ୟୁମୁଖରେ ପଡ଼ିଥାଏ। କିନ୍ତୁ ତାହା ସବୁ ଅବାସ୍ତବିକ ଅଟେ, କାଳ୍ପନିକ ଅଟେ। ଯଥାର୍ଥରେ ଏହା ହୋଇନଥାଏ। ସ୍ୱପ୍ନ ମନର ଏକ ଭ୍ରମ ଅଟେ। ବୃତ୍ତିମାନଙ୍କର ବିକାର ଅଟେ। କୁଣ୍ଠିତ ଭାବନା ଏବଂ ବାଧାପ୍ରାପ୍ତ ବାସନା ସମୂହର ଏକ କାଳ୍ପନିକ ବିସ୍ତାର ଅଟେ। ତେଣୁ ସ୍ୱପ୍ନକୁ ମିଥ୍ୟା କୁହାଯାଇଥାଏ। ଏହା ମନର ଏକ ଅବସ୍ଥା ଅଟେ।

ସେହିପରି ଜାଗ୍ରତ ଅବସ୍ଥାରେ ଆପଣ ଯେଉଁ ସଂସାରକୁ ଦେଖୁଛନ୍ତି। ତାହା ମଧ୍ୟ ବାସ୍ତବିକ ଲାଗେ। ଏପରି ଲାଗିଥାଏ ନା ? କିନ୍ତୁ ଏହା ମଧ୍ୟ ସତ୍ୟ ନୁହେଁ, ବାସ୍ତବିକ ନୁହେଁ। ଏହା ମଧ୍ୟ ମନର ଏକ ଅବସ୍ଥା ଅଟେ। ଏହି ଅନୁଭବ ଜାଗ୍ରତ ଅବସ୍ଥାର ପରିଣାମ ଅଟେ। ବେଦାନ୍ତ ଏହି ଉଭୟ ଅବସ୍ଥାର ଅନୁଭୂତିକୁ ମିଥ୍ୟା ମନେକରେ, କାରଣ ଜାଗ୍ରତ ଅବସ୍ଥାର ଅନୁଭବ ସ୍ୱପ୍ନରେ ହୋଇନଥାଏ ଏବଂ ସ୍ୱପ୍ନରେ ଆପଣଙ୍କର ଯାହା ଅନୁଭବ

ହୁଏ ଜାଗ୍ରତ ହେବା ପରେ ତାହା ଖଣ୍ଡିତ ହୋଇଯାଏ।

ଯେତେବେଳେ ଆପଣ ସ୍ୱପ୍ନ ଦେଖୁଥାଆନ୍ତି, ସେହି ସମୟରେ ଆପଣଙ୍କୁ ଯେଉଁ ଜଗତ ଦେଖାଯାଏ ତାହା ସତ୍ୟ ମନେ ହୁଏ ନା? ସ୍ୱପ୍ନରେ ବାଘ ଗୋଡ଼େଇଛି ଏବଂ ଆପଣ ତାହା ଠାରୁ ରକ୍ଷା ପାଇବା ପାଇଁ ଦୌଡୁଛନ୍ତି- ସେହି ସମୟରେ ସ୍ୱପ୍ନ ସତ୍ୟ ଭଳି ମନେ ହୁଏନା? ଯେଉଁ ଅନୁଭବ ଗୋଟିଏ ଅବସ୍ଥାରେ ଥିବ, କିନ୍ତୁ ଅନ୍ୟ ଅବସ୍ଥାରେ ନଥିବ- ତାହା ସତ୍ୟ ନୁହେଁ। ସତ୍ୟର ଅର୍ଥ ହେଲା ଯାହା ସର୍ବଦା ରହିଥାଏ- ସ୍ୱପ୍ନରେ ମଧ୍ୟ, ଜାଗ୍ରତରେ ମଧ୍ୟ ଏବଂ ସୁଷୁପ୍ତିରେ ମଧ୍ୟ।

ତେବେ ବାସ୍ତବିକତା କ'ଣ? ସତ୍ୟ କ'ଣ? "ଆତ୍ମୈବ ସତ୍ୟଂ"- ଆତ୍ମା ହିଁ ସତ୍ୟ ଅଟେ। ଶ୍ରୀରାମ ଚରିତ ମାନସରେ ଶଙ୍କରଜୀ ପାର୍ବତୀଙ୍କୁ କହିଲେ-

**ଉମା କହଉଁ ମୈଁ ଅନୁଭବ ଅପନା ।**
**ସତ ହରି ଭଜନ ଜଗତ ସବ ସପନା ॥**

ଯଦି ଏହି ଦୁନିଆଁରେ କୌଣସି ସତ୍ୟ ରହିଛି ତେବେ ତାହା ଏକମାତ୍ର ଭଗବାନ ଅଟନ୍ତି। ତେଣୁ କରି "ହେ ପାର୍ବତୀ! ଜୀବକୁ ଏକାଗ୍ର ଚିତ୍ତରେ ତାଙ୍କର ଭଜନ, ତାଙ୍କର ପୂଜନ ଏବଂ ତାଙ୍କର ହିଁ ଧ୍ୟାନ କରିବା ଉଚିତ।" ଏଠାରେ ଭଗବାନ ଏବଂ ତାଙ୍କର ଭଜନ ହିଁ ସତ୍ୟ ଅଟେ। ବାକି ସବୁ ସ୍ୱପ୍ନ ଅଟେ। ଏହି ସଂସାର ସ୍ୱପ୍ନଠାରୁ ଅଧିକ ଆଉ କିଛି ନୁହେଁ। ଯେପରି ସ୍ୱପ୍ନ ସ୍ଥିର ହୋଇନଥାଏ ସେହିପରି ଏହି ସଂସାର ମଧ୍ୟ ସ୍ଥିର ନୁହେଁ। ଏହା ଆଜି ଅଛି, କାଲିକି ରହିବ ନାହିଁ। ଏଠାରେ ଆଜି ଯାହା ହେଉଛି, କାଲି ତାହା ହେବ ନାହିଁ। କ୍ଷଣକ୍ଷଣକେ ଏଠାରେ ସବୁକିଛି ବଦଳି ଚାଲିଥାଏ। ଏପରି ହିଁ ଚାଲିଥାଏ ଏହି ସଂସାର ଏବଂ ଏହା ଆବହମାନ କାଳରୁ ଏହିପରି ଭାବରେ ଚାଲିଆସୁଛି। ଏହା ହିଁ ଏହାର

ସ୍ୱଭାବ ଅଟେ, ସ୍ୱରୂପ ଅଟେ।

ଏଠାରେ ଆମେ ମଧ୍ୟ ଏହିପରି ଚାଲୁଛୁ, ଏହିପରି ବଞ୍ଚୁଛୁ- ମନ ଯୋଗୁଁ। ଯାହାର ମନ ଯେତେ ଚଞ୍ଚଳ ହୋଇଥାଏ, ତାହାର ସଂସାର ମଧ୍ୟ ସେତେ ଚଞ୍ଚଳ ହୋଇଥାଏ। ଆପଣ କେବେ ଲକ୍ଷ୍ୟ କରିଛନ୍ତି- ଯେତେବେଳେ ଆପଣ ଦ୍ରୁତଗତିରେ ଗୋଟିଏ ସ୍ଥାନରେ ଘୂରନ୍ତି, ସେତେବେଳେ ଆପଣଙ୍କୁ ଲାଗେ ଦୁନିଆ ମଧ୍ୟ ଦ୍ରୁତବେଗରେ ଘୂରୁଛି ? ମୁଣ୍ଡ ବୁଲାଇବା ସମୟରେ ଏହା ଅନୁଭବ କରିଥିବେ। ମୁଣ୍ଡ ବୁଲାଇଲେ ଲାଗେ ପୃଥିବୀ ଘୂରୁଛି। ତାହେଲେ ବାସ୍ତବିକତା କ'ଣ ? ଆପଣଙ୍କର ମନ ଘୂରୁଥାଏ, ଆପଣଙ୍କର ମସ୍ତିଷ୍କ ଘୂରୁଥାଏ। ତେଣୁକରି ଯେତେବେଳେ ଆମ ମନରେ ଭ୍ରମ ହୁଏ, ସେତେବେଳେ ଆମକୁ ସଂସାର ମଧ୍ୟ କିଛି ଭିନ୍ନ ପ୍ରକାରର ଲାଗେ। ଏହି ଭ୍ରମ ହିଁ ଯୋଗୁଁ ଆମେ ସଂସାରରେ ଭ୍ରମିତ ହୋଇଥାଉଁ। ମାତ୍ର ଯୋଗୀ ଭ୍ରମିତ ହୋଇନଥାଏ। ସେ ଯେତେବେଳେ ଚିତ୍ତକୁ ଏକାଗ୍ର କରିଦିଏ ସେତେବେଳେ ତାହାର ଜୀବନରୁ ଭ୍ରମ ଦୂରକୁ ଚାଲିଯାଇଥାଏ। ସେତେବେଳେ ଯୋଗୀ ଆପଣାକୁ ମଧ୍ୟ ସ୍ଥିର ମାନିନିଏ ଏବଂ ଜଗତକୁ ମଧ୍ୟ ସ୍ଥିର ମାନିନିଏ। କାହିଁକିନା ଏହି ଜଗତ ମଧ୍ୟ ସେହି ପରମାତ୍ମାଙ୍କର ବିସ୍ତାର ଅଟେ। ଏଣୁ ଯୋଗୀ ପାଇଁ ଏହା ମଧ୍ୟ ସ୍ଥିର, ଶାଶ୍ୱତ ଏବଂ ସନାତନ ଅଟେ- **"ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍।"**

ଭଗବାନ ଶ୍ରୀକୃଷ୍ଣ ଗୀତାରେ ଯୋଗ ଉପରେ ବହୁତ ଗୁରୁତ୍ୱ ଦେଇଛନ୍ତି। ବର୍ତ୍ତମାନ ଏହି ଯୋଗକୁ ଆମେ କେଉଁ ରୂପରେ ଜାଣିବା ? ମୁଁ ଆପଣମାନଙ୍କୁ କାଲି କହିଥିଲି- ଯେକୌଣସି କର୍ମକୁ, ଯେକୌଣସି ଭାବକୁ, ଯେକୌଣସି ଜ୍ଞାନକୁ ଯଦି ଆପଣ ଭଗବାନଙ୍କ ସହିତ ସଂଯୁକ୍ତ କରିଦିଅନ୍ତି, ତେବେ ତାହା ଯୋଗ ହୋଇଯାଇଥାଏ। ଯୋଗର ଅର୍ଥ ହେଲା ଯୁକ୍ତ କରିବା। କର୍ମ ଭଗବାନଙ୍କ ସହିତ ଯୁକ୍ତ ହୋଇଗଲେ ତାହା

କର୍ମଯୋଗ ହୋଇଯାଏ। ଭାବ ଭଗବାନଙ୍କ ସହିତ ସଂଯୁକ୍ତ ହୋଇଗଲେ ଭକ୍ତିଯୋଗ ହୋଇଯାଏ। ଜ୍ଞାନ ଭଗବାନଙ୍କ ସହିତ ସଂଯୁକ୍ତ ହୋଇଗଲେ ଜ୍ଞାନଯୋଗ ହୋଇଯାଏ। କିନ୍ତୁ ଏସବୁ ସାଧନ ଅଟେ। ସାଧନର ଅର୍ଥ- ଏକ ମାଧ୍ୟମ, ଯାହାର ସହଯୋଗରେ ଆପଣ ଭଗବାନଙ୍କୁ ପ୍ରାପ୍ତ କରିପାରନ୍ତି। ତେଣୁକରି ଭଗବାନ ଶ୍ରୀକୃଷ୍ଣ ଅର୍ଜୁନକୁ କହିଛନ୍ତି ଯେ ତୁମେ ଯୋଗୀହୁଅ- **"ତସ୍ମାତ୍ ଯୋଗୀ ଭବାର୍ଜୁନ!"**

ଅର୍ଜୁନ କହୁଅଛି- ହେ ଭଗବନ୍! ଯଦି କେହି ବ୍ୟକ୍ତି ଯୋଗ ସାଧନାରେ ମଗ୍ନ ଅଛି ଏବଂ କୌଣସି କାରଣ ବଶତଃ ତାହାର ସାଧନା ଖଣ୍ଡିତ ହୋଇଯାଇଛି, ଏପରି ସ୍ଥିତିରେ ତାହାର କେଉଁ ଗତି ହେବ?

**ଅୟତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଲିତମାନସଃ ।**
**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ॥**
**କଚ୍ଚିନ୍ନୋଭୟବିଭ୍ରଷ୍ଟ ଛିନ୍ନାଭ୍ରମିବ ନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ବିମୂଢ଼ୋ ବ୍ରହ୍ମଣଃପଥି ॥**

(ଗୀତା-୬-୩୭/୩୮)

ଏହା ଅର୍ଜୁନର ପ୍ରଶ୍ନ। ସେ ଜାଣିବାକୁ ଚାହୁଁଛି ଯେ ଯଦି କେହି ବ୍ୟକ୍ତି ଯୋଗସାଧନା କରୁଛି ଏବଂ ମଝିରେ ତାହାର ସାଧନା ଭଙ୍ଗ ହୋଇଯାଏ, ଦେହତ୍ୟାଗ ହୋଇଯାଏ, ସେ ସିଦ୍ଧି ପର୍ଯ୍ୟନ୍ତ ପହଞ୍ଚି ପାରି ନଥାଏ ଓ ତା'ର ପରମାୟୁ ସରିଯାଇଥାଏ- ଏପରି ସ୍ଥିତିରେ ତାହାର କେଉଁ ଦଶା ହୋଇଥାଏ?

ଆପଣ ଏହା ଜାଣିଥାନ୍ତୁ ଯେ ସାଧନା ମାର୍ଗରେ ସାଧ୍ୟ ପର୍ଯ୍ୟନ୍ତ ଯିବାକୁ ହେଲେ ଶରୀର ହେଉଛି ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ସାଧନ। ସେଇଥିପାଇଁ ଆମର ଏଠାରେ କୁହାଯାଇଛି-**"ଶରୀରମାଦ୍ୟଂ ଖଳୁ ଧର୍ମସାଧନମ୍।"** ଆପଣ ଏହା କେବେହେଲେ ମନେ କରିବେ ନାହିଁ ଏ ଯେ ଶରୀରର କୌଣସି ମୂଲ୍ୟ ନାହିଁ। ଏହି ଶରୀର ଅତ୍ୟନ୍ତ ମୂଲ୍ୟବାନ ଅଟେ। ସୁତରାଂ

ସମସ୍ତ ଯୋଗୀ, ସିଦ୍ଧ, ସନ୍ଥ ଓ ମହାପୁରୁଷଗଣ ସାଧକମାନଙ୍କୁ ସର୍ବପ୍ରଥମେ ଶରୀରର ସାଧନା ଶିଖାଇଥାଆନ୍ତି। ଶରୀରର ସାଧନା ଅର୍ଥାତ୍ ଦେହ-ଇନ୍ଦ୍ରିୟ-ମନ-ପ୍ରାଣ-ବୁଦ୍ଧି ଇତ୍ୟାଦିର ସାଧନା, କି ତାଙ୍କ ଦ୍ୱାରା କ'ଣ କରିବାର ଅଛି ଏବଂ କ'ଣ କରେଇବାର ଅଛି।

ସାଧନା ମାର୍ଗରେ ଶରୀର ପ୍ରଥମ ସୋପାନ ଅଟେ। ଆପଣ କଦାପି ଏହା ଭାବିବେ ନାହିଁ ଯେ ଶରୀର ଏକ ସାଧାରଣ ବସ୍ତୁ। ଶରୀର ଥିଲେ ହିଁ ସାଧନା ହୋଇପାରିବ। ନ ଥିଲେ ହୋଇପାରିବ ନାହିଁ। ତେଣୁ କରି ଏହାକୁ ଦେବ-ଦୁର୍ଲ୍ଲଭ ମନେ କରାଯାଇଥାଏ। ଜୀବାତ୍ମାକୁ ଏହି ସଂସାର ସାଗର ପାର ହେବାକୁ ହେଲେ ଏକ ଶରୀର ଦରକାର। ଯଦି ଆପଣ ଏହା ଭାବୁଛନ୍ତି ଯେ ମୁଁ ଭଲ କର୍ମ କରି ପ୍ରଥମେ ସ୍ୱର୍ଗ ଚାଲିଯିବି ଓ ସେଠାରୁ ହିଁ ବୈକୁଣ୍ଠକୁ ପହଞ୍ଚିଯିବି ତେବେ ଏହା ସମ୍ଭବ ନୁହେଁ। ସ୍ୱର୍ଗଠାରୁ ବୈକୁଣ୍ଠ ପାଇଁ କୌଣସି ସିଧାସଳଖ ରାସ୍ତା ନାହିଁ। ଆମେ ସମସ୍ତେ ଏହା ମାନିଥାଉଁ ଯେ ମନୁଷ୍ୟ ଉତ୍ତମ କାର୍ଯ୍ୟ କରି ସ୍ୱର୍ଗଲୋକ ପର୍ଯ୍ୟନ୍ତ ପହଞ୍ଚିଯାଏ। ଭୂ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍- ଏ ସାତଟି ଉର୍ଦ୍ଧ୍ୱଲୋକ ରହିଛି। ଆମେ ଏହି ସାତ ଲୋକର କଥା କହିଥାଉଁ ଯେଉଁଠିକି କର୍ମର ଆଧାରରେ ବ୍ୟକ୍ତି ଯାଇଥାଏ। ମାତ୍ର ଏଠାରୁ ଆପଣ ଡାଇରେକ୍ଟ ଭଗବାନଙ୍କ ପାଖକୁ, ବୈକୁଣ୍ଠକୁ ପହଞ୍ଚିଯିବେ- ଏହା ସମ୍ଭବ ନୁହେଁ। ସେଠାରୁ କୌଣସି ରାସ୍ତା ଡାଇରେକ୍ଟ ବିଷ୍ଣୁଲୋକକୁ ଯାଇନଥାଏ। ତେଣୁ ଦେବତାମାନଙ୍କୁ ମଧ୍ୟ ପୁନଃ ଏହି ସଂସାରକୁ ଆସିବାକୁ ହୋଇଥାଏ ଏବଂ ଭଗବାନ ଙ୍କ ଭକ୍ତି କରି, ଭଗବତ୍ କୃପା ପ୍ରାପ୍ତ କରି ତାଙ୍କ ଧାମ ପର୍ଯ୍ୟନ୍ତ ଯିବାକୁ ହୋଇଥାଏ।

ହଁ, ଆପଣ ଭଲକାମ କରୁଛନ୍ତି, ଯଜ୍ଞ କରୁଛନ୍ତି, ପରୋପକାର କରୁଛନ୍ତି, ଧର୍ମାଚରଣ କରୁଛନ୍ତି, ତେବେ ଆପଣଙ୍କୁ ସ୍ୱର୍ଗ ମିଳିଯିବ। କିନ୍ତୁ କେତେବେଳ ପର୍ଯ୍ୟନ୍ତ ? ଯେତେବେଳ ପର୍ଯ୍ୟନ୍ତ ଆପଣଙ୍କର ପୁଣ୍ୟ

ଆପଣଙ୍କ ପାଖରେ ଅଛି। ଯେତେ ପୁଣ୍ୟ ଆପଣ ଡିପୋଜିଟ୍ କରିଛନ୍ତି ସେହି ଆଧାରରେ ଆପଣଙ୍କୁ ସ୍ୱର୍ଗଲୋକରେ ରହିବାକୁ ମିଳିବ। ସେଠାରେ ସେତେଦିନ ପର୍ଯ୍ୟନ୍ତ ଆପଣଙ୍କର ରହିବାର ବ୍ୟବସ୍ଥା ହୋଇଯିବ। କିନ୍ତୁ ପୁଣ୍ୟକ୍ଷୟ ହେବାପରେ ?

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।**
**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ॥**

(ଗୀତା-୬/୪୧)

ପୁନଃ ଆପଣଙ୍କୁ ସଂସାରକୁ ଆସିବାକୁ ହେବ। ସ୍ୱର୍ଗରେ ରହି ଆପଣ ନିଜର ହିଁ ପୁଣ୍ୟର ଫଳ ଭୋଗିଥାନ୍ତି। ମନେ ରଖିବେ- ସ୍ୱର୍ଗରେ ଚାଷ ହୁଏ ନାହିଁ, ନା ଧାନର, ନା ଗହମର, ନା ବାଜରାର। ସେଠାରେ ଖାଇବା ପିଇବାର କିଛି ସାଧନ ନାହିଁ। ସେଠାରେ ଆପଣ କେବଳ ନିଜର ପୁଣ୍ୟକୁ ନିଜ ସାଙ୍ଗରେ ରଖନ୍ତି ଏବଂ ସେହି ପୁଣ୍ୟର ପ୍ରତାପରେ ହବନ ମାଧ୍ୟମରେ- "ଦେବେଭ୍ୟଃ ସ୍ୱାହା, ପିତୃଭ୍ୟଃ ସ୍ୱଧା"- କହି ଯାହା ଏଠାରୁ ପ୍ରେରଣ କରିଥାନ୍ତି- ସୂକ୍ଷ୍ମ ରୂପରେ ତାହାହିଁ ପାଆନ୍ତି। କିନ୍ତୁ କେତେବେଳ ପର୍ଯ୍ୟନ୍ତ ? ଯେତେବେଳ ପର୍ଯ୍ୟନ୍ତ ପୁଣ୍ୟ ଥାଏ। ପୁଣ୍ୟ କ୍ଷୟ ହେଲେ- "ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଳଂ କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟ ଲୋକଂ ବିଶନ୍ତି"- ପୁଣିଥରେ ଏହି ମର୍ତ୍ତ୍ୟଲୋକକୁ ଆସିବାକୁ ହୋଇଥାଏ।

ଏଠାକୁ ଆସିବା ନିହାତି ଆବଶ୍ୟକ ଅଟେ। ଏଠାକୁ ଆସି ଯଦି ପୁଣି ଥରେ ମନୁଷ୍ୟ ଶରୀର ମିଳିବ ତେବେଯାଇ ସାଧନା ହୋଇପାରିବ। କେବେ କୁକୁରକୁ ସାଧନା କରିବା ଦେଖିଛନ୍ତି କି ? କେବେ କୌଣସି ବିରାଡ଼ିକୁ, ମାଙ୍କଡ଼କୁ, କୁଆକୁ ଯୋଗାସନ-ପ୍ରାଣାୟାମ କରିବା, ସତ୍‌ସଙ୍ଗ କରିବା ଦେଖିଛନ୍ତି କି ? ସଂସାରରେ ଯେତେ ମନୁଷ୍ୟେତର ପ୍ରାଣୀ, ପଶୁ-ପକ୍ଷୀ ଆଦି ଅଛନ୍ତି- କେହି ସାଧନା କରନ୍ତି ନାହିଁ। ସେମାନେ ପ୍ରକୃତିର ବଶରେ ରହିଥାନ୍ତି। ପ୍ରକୃତି ଦ୍ୱାରା ତାଙ୍କୁ ଯେତିକି ବୁଦ୍ଧି ପ୍ରାପ୍ତ

ହୋଇଛି, ସେମାନେ ସେତିକିରେ ବଞ୍ଚନ୍ତି, ସେତିକି କରନ୍ତି। ସେମାନେ କ'ଣ କରନ୍ତି ? ଭୋଜନ, ଶୟନ, ମୈଥୁନ ଏବଂ ଯୁଦ୍ଧ। କେହି ନିଜର ରହିବା ପାଇଁ ନୀଡ଼ ତିଆରି କରେ, କେହି ଗାତ ଖୋଳିଥାଏ, ତ କେହି ଅନ୍ୟ କୌଣସି ଉପାୟରେ ଅନ୍ୟ ସ୍ଥାନରେ ରହେ। ଖାଇବା, ପିଇବା, ଶୋଇବା ଓ ସନ୍ତାନ ଉତ୍ପନ୍ନ କରିବା- ଏ ସବୁ ପ୍ରାଣୀମାନଙ୍କର ସାଧାରଣ ଧର୍ମ ଅଟେ।

**ଆହାର-ନିଦ୍ରା-ଭୟ-ମୈଥୁନଂ ଚ**
**ସାମାନ୍ୟମେତତ୍ ପଶୁଭିର୍ନରାଣମ୍ ।**
**ଧର୍ମୋହି ତେଷାମଧିକୋ ବିଶେଷୋ**
**ଧର୍ମେଣହୀନାଃ ପଶୁଭିଃ ସମାନାଃ ॥**

କେବଳ ମନୁଷ୍ୟ ହିଁ ଏକମାତ୍ର ଏପରି ପ୍ରାଣୀ, ଯିଏ ଧର୍ମକୁ ଜାଣେ, ସାଧନା କରେ, ସତ୍‌ସଙ୍ଗ କରେ। ତେଣୁକରି ଏହି ମନୁଷ୍ୟ ଶରୀରକୁ ଦେବଦୁର୍ଲ୍ଲଭ କୁହାଯାଇଛି। ମୁଁ ଏହା ବାରମ୍ବାର ଏଥିପାଇଁ କହୁଅଛି ଯେ ଲୋକେ ଶରୀରକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଆପଣ ସର୍ବ ପ୍ରଥମେ ଶରୀର ପ୍ରତି ଲକ୍ଷ୍ୟ ରଖନ୍ତୁ- କାରଣ ଏହି ଶରୀର ହିଁ ଆପଣଙ୍କୁ ପରମାତ୍ମାଙ୍କ ସହିତ ସଂଯୁକ୍ତ କରାଇଥାଏ। ମାଧ୍ୟମ ହେଉଛି ଏହି ଶରୀର। ଏଣୁ ଏହାକୁ ଦେବଦୁର୍ଲ୍ଲଭ କୁହାଯାଇଛି। ଏପରି ଶରୀର ଦେବତାଗଣଙ୍କୁ ମିଳିନଥାଏ। ତେଣୁକରି ସେମାନେ ଏଠାକୁ ଆସିଥାଆନ୍ତି ଏବଂ ପୁଣି ଥରେ ଜନ୍ମ ନିଅନ୍ତି।

ଆପଣ ଦେଖିଥିବେ- କେହି କେହି ଜନ୍ମରୁ ହିଁ ସାଧକ ହୋଇଯା'ନ୍ତି। ଅନେକେ ପାଠ ପଢ଼ିନଥାନ୍ତି ତଥାପି ସେମାନେ ଜ୍ଞାନୀ ହୋଇ ଯାଆନ୍ତି- ଯେପରିକି ପରମହଂସ ଶ୍ରୀରାମକୃଷ୍ଣ ଦେବ। ଆପଣଙ୍କର ଏହି ରାୟଗଡ଼ରେ ଗତକିଛି ବର୍ଷ ହେଲା ଏକ ବାଳକ ଗୋଟିଏ ସ୍ଥାନରେ ବସି ସାଧନା କରୁଛି। ବୋଧହୁଏ ସାତ-ଆଠ ବର୍ଷରୁ ଅଧିକ ହୋଇଗଲାଣି। କିଏ ତାହାକୁ ଶିକ୍ଷା ଦେଇଛି ? ଏତେ ଦିନ ଧରି ସେ କିପରି ବସି ରହିଛି ?

ସେ କ'ଣ କରୁଛି ? କାହାକୁ ସ୍ମରଣ କରୁଛି ? ନ ଖାଇ ନ ପିଇ ଗୋଟିଏ ସ୍ଥିତିରେ ବସି ରହିଛି ? ଆପଣଙ୍କୁ ମୁଁ ପାଞ୍ଚମିନିଟ ଧ୍ୟାନର ଅଭ୍ୟାସ କରାଉଛି, ଆପଣମାନେ ପନ୍ଦରଥର ହାତ-ଗୋଡ଼ ଏପଟ ସେପଟ କରୁଛନ୍ତି । ଖାଇବା କିଛି ବିଳମ୍ବ ହୋଇଗଲେ ଆପଣଙ୍କର ବ୍ଲଡ଼ପ୍ରେସର ହାଇ ହୋଇଯାଇଥାଏ । କିନ୍ତୁ କିଛି ବ୍ୟକ୍ତି ଏପରି ଅଛନ୍ତି ଯେଉଁମାନଙ୍କର ସାଧନା ପୂର୍ବଜନ୍ମରେ କିଛି ଛାଡ଼ି ହୋଇଯାଇଥାଏ । ସେମାନେ ଏଠାକୁ ଆସିବା କ୍ଷଣି ସେହି ପଥ ବାଛି ନିଅନ୍ତି । ଏପରି ମଧ୍ୟ ହୋଇଥାଏ- କିଛି ବ୍ୟକ୍ତି ସାଧନାରେ ଦୀକ୍ଷିତ ତ ହୋଇଯାଆନ୍ତି ମାତ୍ର ମଝିରେ ତାହାକୁ ଛାଡ଼ି ଦେଇଥାଆନ୍ତି ।

ବର୍ତ୍ତମାନ ଜଣେ ସାଧ୍ୱୀଙ୍କ ବିଷୟରେ ପଢ଼ିଥିବେ କିମ୍ବା ଶୁଣିଥିବେ । ସେ ଜଣେ ଜୈନ ସାଧ୍ୱୀ ଥିଲେ । ନିଜର ଚିତା ଜଳାଇ ସେ ଏପରି ଭାବରେ ଅନ୍ତର୍ଦ୍ଧାନ ହୋଇଗଲେ ଯେ ଲୋକେ ଭାବିଲେ- ଚମତ୍କାର ହୋଇଗଲା । କିନ୍ତୁ ପରେ ଜଣାପଡ଼ିଲା ଯେ ସେ ସାଧ୍ୱୀ ଜଣକ ନାଟକ କରିଥିଲେ । ସବୁ କିଛି ତ୍ୟାଗ କରି ମଧ୍ୟ ଅନ୍ତତଃ ସେ ସାଂସାରିକ ପ୍ରେମରେ ପଡ଼ିଗଲେ । ବର୍ତ୍ତମାନ ତ ତାଙ୍କର ବିବାହ ମଧ୍ୟ ହୋଇଗଲାଣି । ମୁଁ ଏହା ଖବର କାଗଜରେ ପଢ଼ିଛି । ଏହା କିଛି ନୂତନ କିମ୍ବା ନ ହେବା ଘଟଣା ନୁହେଁ । ସଂସାରରେ ଏପରି ଘଟଣାମାନ ବାରମ୍ବାର ଘଟିଥାଏ ।

ଯେତେବେଳ ପର୍ଯ୍ୟନ୍ତ ଉତ୍ତମ ସଂସ୍କାର ରହିଥାଏ, ଯେତେବେଳ ପର୍ଯ୍ୟନ୍ତ ଭିତରେ ସଦ୍‌ଗୁଣର ପ୍ରଭାବ ରହିଥାଏ, ସେତେବେଳ ପର୍ଯ୍ୟନ୍ତ ସେ ଭଗବାନଙ୍କୁ ଭଲ ପାଇଥାଏ, ଭଲ କର୍ମ କରିଥାଏ, ଅଧ୍ୟାତ୍ମ-ମାର୍ଗରେ ଅଗ୍ରସର ହୋଇଥାଏ ଏବଂ ଯେତେବେଳେ ସଦ୍‌ଗୁଣର ପ୍ରଭାବ କମ ହୋଇଯାଇ ରଜୋଗୁଣ-ତମୋଗୁଣର ପ୍ରଭାବ ବୃଦ୍ଧି ହେବାକୁ ଲାଗେ ସେତେବେଳେ ବ୍ୟକ୍ତି ଭଗବତ୍ ଭାବରୁ, ସତ୍‌କର୍ମରୁ, ଅଧ୍ୟାତ୍ମ-ମାର୍ଗରୁ ବିଚ୍ୟୁତ ହୋଇ ଭୋଗବିଳାସ ଅଥବା ଅନ୍ୟାୟ, ଅପକର୍ମରେ ଲିପ୍ତ ହୋଇଯାଏ । ତମୋଗୁଣୀ ବ୍ୟକ୍ତି କାହାର ସୁଖ ଦେଖିଲେ କେବେ ସୁଖୀ

ହୋଇନଥାଏ। କାରଣ ତା'ମଧ୍ୟରେ ମାତ୍ସର୍ଯ୍ୟ ଭରି ରହିଥାଏ। ମାତ୍ସର୍ଯ୍ୟର ଅର୍ଥ ହେଲା- "ମତ୍ତଃ ସରତି"- ଇଏ ମୋ'ଠାରୁ ଆଗକୁ ବଢ଼ି ଯାଉଛି। ଏଣୁ ଏହାର ଗୋଡ଼ ଟାଣିଦିଅ ଯେପରି କି ସେ ତଳେ ପଡ଼ିଯିବ। ଏହା ହେଉଛି ମାତ୍ସର୍ଯ୍ୟର ସ୍ୱଭାବ। ତମୋଗୁଣୀ ବ୍ୟକ୍ତି କେବେ ମଧ୍ୟ କାହାକୁ ସୁଖୀ ଦେଖିପାରେ ନାହିଁ। ରଜୋଗୁଣୀ ଅନ୍ୟର ସୁଖ ପ୍ରତି ବିଶେଷ ଲକ୍ଷ୍ୟ ରଖେ ନାହିଁ। ନିଜର ସୁଖସୁବିଧାର ଅଧିକ କାମନା କରିଥାଏ। କିନ୍ତୁ ଯିଏ ସତୋଗୁଣୀ, ସେ ନିଜର ସୁଖ-ଦୁଃଖର ଚିନ୍ତା କେବେ କରିନଥାଏ। ସେ ସର୍ବଦା ଜଗତର କଲ୍ୟାଣର କାମନା କରିଥାଏ।

**ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ।**
**ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମାକଶ୍ଚିତ୍ ଦୁଃଖ ଭାଗ୍‌ଭବେତ୍ ॥**

ଏହା ଏକ ସଦ୍‌ଗୁଣ ସଂପନ୍ନ ସଜ୍ଜନ ବ୍ୟକ୍ତିର କାମନା। ସେ ଚାହେଁ- ସଂସାରରେ କୌଣସି ପ୍ରାଣୀ ଦୁଃଖୀ ନ ରହନ୍ତୁ, ସମସ୍ତେ ସୁଖରେ ଥା'ନ୍ତୁ। ଯେଉଁ ବ୍ୟକ୍ତି କେବଳ ନିଜ ସୁଖ-ଭୋଗର ଚିନ୍ତାକରେ ତାକୁ ହିଁ ଆମେ ରାକ୍ଷସ କହିଥାଉଁ ଏବଂ ଯିଏ ସମସ୍ତଙ୍କର ସୁଖ ପାଇଁ କାର୍ଯ୍ୟକରେ ତାକୁ ଆମେ ଦେବତା କହିଥାଉଁ।

ସାଧାରଣ ମନୁଷ୍ୟ କିଛି କିଛି ନିଜପାଇଁ ମଧ୍ୟ କରିଥାଏ ଏବଂ କିଛି କିଛି ଅନ୍ୟପାଇଁ ମଧ୍ୟ କରିଥାଏ। ସେ ପୁଣ୍ୟ କାର୍ଯ୍ୟ ମଧ୍ୟ କରିଥାଏ ଏବଂ ଅବସର ମିଳିଲେ ପାପକର୍ମ ମଧ୍ୟ କରିପକାଏ। ବର୍ତ୍ତମାନ ହେଉଛି କାର୍ତ୍ତିକ ମାସ। ପଅରଦିନ(ପୂର୍ଣ୍ଣିମା ପରେ)କୁ ଆମ ଓଡ଼ିଶାରେ ଛାଡ଼ଖାଇ କୁହାଯାଏ। ଲୋକେ କାର୍ତ୍ତିକ ମାସରେ ମାଛ-ମାଂସ ଖାଇବା ଛାଡ଼ି ଦେଇଥାଆନ୍ତି। କିନ୍ତୁ ଯେମିତି କାର୍ତ୍ତିକ ମାସ ସମାପ୍ତ ହୋଇଯାଏ, ଛାଡ଼ଖାଇ ଦିନ କଂସେଇଖାନାରେ ଲାଇନ ଲଗିଯାଏ। ବଜାରରେ ମାଛ-ମାଂସର ମୂଲ୍ୟ ବଢ଼ିଯାଏ। ଲୋକେ ଏକ ମାସ ପର୍ଯ୍ୟନ୍ତ ଯେଉଁ ସଂଯମ କରିଥାନ୍ତି ତାହା ଗୋଟିଏ ଦିନରେ ଭଙ୍ଗ କରିଦିଅନ୍ତି। ଏହା ଜଣେ ସାଧାରଣ

ମନୁଷ୍ୟର ପ୍ରକୃତି ଅଟେ, ପ୍ରବୃତ୍ତି ଅଟେ। ସେ କିଛି କିଛି ପୁଣ୍ୟ ମଧ୍ୟ କରିଥାଏ ଏବଂ କିଛି କିଛି ପାପ ମଧ୍ୟ କରେ।

ମନୁଷ୍ୟ ରଜୋଗୁଣ ପ୍ରଧାନ ହୋଇଥାଏ। ଦେବତା ସତୋଗୁଣ ପ୍ରଧାନ ହୋଇଥାଆନ୍ତି। ଅସୁର ତମୋଗୁଣ ପ୍ରଧାନ ହୋଇଥାଆନ୍ତି। ଆପଣ ଏହା ଭାବନ୍ତୁ ନାହିଁ ଯେ ଏ ତିନିହେଁ ଭିନ୍ନ-ଭିନ୍ନ ପ୍ରକାର ପ୍ରାଣୀ ଅଟନ୍ତି। ଏ ସମସ୍ତେ ଏକା ପ୍ରକାର ଅଟନ୍ତି। ଦେବତା, ମନୁଷ୍ୟ ଓ ଅସୁର- ଏ ସବୁ ଗୁଣବାଚକ ଶବ୍ଦ ଅଟେ। ମୋର କହିବାର ତାତ୍ପର୍ଯ୍ୟ ହେଉଛି ଯେ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁ ସତୋଗୁଣ ପ୍ରବୃତ୍ତିର ଲୋକେ ରହିଛନ୍ତି- ସେମାନେ ହିଁ ଦେବତା ଅଟନ୍ତି, ରଜୋଗୁଣ ପ୍ରବୃତ୍ତିର ବ୍ୟକ୍ତି ମନୁଷ୍ୟ ଅଟନ୍ତି ଏବଂ ଯେଉଁମାନେ ତମୋଗୁଣ ପ୍ରଧାନ ହୋଇଥାନ୍ତି- ସେମାନଙ୍କୁ ହିଁ ଅସୁର କୁହାଯାଇଥାଏ, ରାକ୍ଷସ କୁହାଯାଇଥାଏ। ଆପଣ ଭାବିବେ ନାହିଁ ଯେ ରାବଣର ପ୍ରକୃତରେ ଦଶଗୋଟି ମୁଣ୍ଡ ଥିଲା। ଦଶଟି ମୁଣ୍ଡ ଯଦି ଥାଆନ୍ତା ତେବେ ତା'ର ମାଆ ତାକୁ ଜନ୍ମ ଦେଇଥାନ୍ତା କିପରି ? ଗୋଟିଏ ମୁଣ୍ଡଥିବା ଶିଶୁକୁ ଜନ୍ମଦେଲା ବେଳକୁ ମାଆର ଝାଳ ବହି ପଡ଼େ। ତେଣୁ ଯଥାର୍ଥରେ ଦଶମୁଣ୍ଡ ଥିବା ମନୁଷ୍ୟ ସଂସାରରେ କେବେ ଜନ୍ମନେଇ ନାହିଁ। ଏହା ମାତ୍ର ଏକ ରୂପକ ଅଟେ। ପ୍ରତୀକାତ୍ମକ କଥା ଅଟେ। ଦଶମୁଣ୍ଡ ଦଶ ପ୍ରବୃତ୍ତିର ପ୍ରତୀକ ଅଟେ। ଦଶ ଇନ୍ଦ୍ରିୟ ଦ୍ୱାରା ଯିଏ ଦିନରାତି ବିଷୟର ଭୋଗ କରେ- ଏପରି ଭୋଗୀ ବ୍ୟକ୍ତିର ନାମ ଦଶାନନ ଅଟେ।

ଆନନ ଅର୍ଥ ମୁହଁ। ଯେପରି କି ମୁହଁ ଦ୍ୱାରା ଆମେ ଭୋଜନ ଗ୍ରହଣ କରିଥାଉଁ, ଶବ୍ଦ ଉଚ୍ଚାରଣ କରିଥାଉଁ- ସେହିପରି ଆଖି ଦ୍ୱାରା ରୂପଦର୍ଶନ, ଜିହ୍ୱା ଦ୍ୱାରା ରସାସ୍ୱାଦନ, କର୍ଣ୍ଣ ଦ୍ୱାରା ଧ୍ୱନିଶ୍ରବଣ ଓ ତ୍ୱଚା ଦ୍ୱାରା ସ୍ପର୍ଶ ସୁଖର ଆନନ୍ଦ ଗ୍ରହଣ କରିଥାଉଁ। ଏହି ସବୁ ପ୍ରବୃତ୍ତି ହେଉଛି ଭୋଗ। ଯେଉଁମାନେ ଭୋଗକୁ ହିଁ ଜୀବନର ଲକ୍ଷ୍ୟ ମାନିନେଇଥାଆନ୍ତି- ତାଙ୍କୁ ରାକ୍ଷସ କୁହାଯାଇଥାଏ। ତେଣୁକରି ଦେବତା ମଧ୍ୟ ଆପଣମାନଙ୍କ

ମଧ୍ୟରେ ଅଛନ୍ତି ଏବଂ ଅସୁର ମଧ୍ୟ। ଏହି ଅସୁର ଓ ଦେବତା- ଆପଣଙ୍କ ଭିତରେ ଅଛନ୍ତି, ଆପଣଙ୍କ ସମୁଦାୟରେ ଅଛନ୍ତି ଏବଂ ଏମାନେ ବାହାରେ ମଧ୍ୟ ଦେଖାଯାଇଥାନ୍ତି। ଗୀତାର ଷୋଡଶ ଅଧ୍ୟାୟକୁ ଯଦି ଆପଣ ଅଧ୍ୟୟନ କରିଥିବେ ତେବେ ଆପଣ ମୋ'କଥାକୁ ବହୁତ ଭଲ ଭାବରେ ବୁଝୁଥିବେ। ଯଦି ପଢ଼ି ନାହାନ୍ତି ତେବେ ପଢ଼ିବେ। ସେଥିରେ ଦୈବୀ ସମ୍ପଦ ଏବଂ ଆସୁରୀ ସମ୍ପଦର ବିସ୍ତାର ପୂର୍ବକ ବର୍ଣ୍ଣନା ଅଛି।

ଦେବତାମାନେ କିପରି ହୋଇଥାଆନ୍ତି ? ଅସୁରମାନେ କିପରି ହୋଇଥାଆନ୍ତି ? ଯାହାପାଖରେ ଦମ୍ଭ, ଦର୍ପ, ଅହଂକାର, କ୍ରୋଧ ଏବଂ ନିର୍ଦ୍ଦୟତା ଆଦି ଗୁଣ ଥାଏ- ସେ ସମସ୍ତଙ୍କୁ ଅସୁର କୁହାଯାଇଥାଏ ଏବଂ ଯାହାଙ୍କ ମଧ୍ୟରେ ସତ୍ୟର, ଧର୍ମର, ଶାନ୍ତିର, ପ୍ରେମର, ନ୍ୟାୟର, ଉଦାରତାର ପାରସ୍ପରିକ ସହଯୋଗ ଏବଂ ସଦ୍‌ଭାବର ଗୁଣ ଥାଏ ସେ ମାନଙ୍କୁ ଦେବତା କୁହାଯାଇଥାଏ। ଏ ସମସ୍ତ ଗୁଣ ଆମ ଭିତରେ ଅଛି। ଆମ ଭିତରେ ଦେବତା ମଧ୍ୟ ଅଛନ୍ତି ଏବଂ ରାକ୍ଷସ ମଧ୍ୟ ଅଛନ୍ତି। ଯେତେବେଳେ ଆମ ଭିତରେ ଏହି ରାକ୍ଷସୀ ଗୁଣ ପ୍ରକଟ ହୋଇଥାଏ ଆମେ ରାକ୍ଷସ ପାଲଟି ଯାଇଥାଉଁ ଏବଂ ଯେତେବେଳେ ଦୈବୀଗୁଣ ପ୍ରକଟ ହୋଇଥାଏ ଆମେ ଦେବତା ବୋଲାଇଥାଉଁ। ଏଣୁ ଦେବତା ମଧ୍ୟ ଆମେ ଏବଂ ରାକ୍ଷସ ମଧ୍ୟ ଆମେ। ସୁତରାଂ ଏହାକୁ ଆପଣମାନେ ବାହାରେ ଖୋଜନ୍ତୁ ନାହିଁ। ଏ ସମସ୍ତ ଗୁଣ ଆମ ଭିତରେ ହିଁ ଅଛି।

ଯୋଗ ମାଧ୍ୟମରେ ଆସୁରୀ ପ୍ରବୃତ୍ତି ମାନଙ୍କୁ ଦୂରେଇ ଦିଆଯାଇଥାଏ। ଅନ୍ତଃକରଣକୁ ପରିଷ୍କାର କରାଯାଇଥାଏ। କୁହାଯାଇଛି **"ଯୋଗଂ ଆତ୍ମ-ବିଶୁଦ୍ଧୟେ"** ଅର୍ଥାତ୍ ଆତ୍ମଶୁଦ୍ଧି ପାଇଁ ଯୋଗର ଉପଯୋଗ ହେବା ଉଚିତ। ଆତ୍ମଶୁଦ୍ଧି ଅର୍ଥାତ୍ ଦେହ, ଇନ୍ଦ୍ରିୟ, ମନ ଏବଂ ପ୍ରାଣର ଶୁଦ୍ଧି। କାରଣ ଆମେ ଶରୀର ମଧ୍ୟ, ମନ ମଧ୍ୟ ଏବଂ ଏହାର ଉର୍ଦ୍ଧ୍ୱରେ ଆତ୍ମା ମଧ୍ୟ। ଅତଃ ଶାରୀରିକ ରୂପରେ ମଧ୍ୟ ଆମେ ଶୁଦ୍ଧ ହେବା ଉଚିତ,

ମାନସିକ ରୂପରେ ମଧ୍ୟ ଶୁଦ୍ଧ ହେବା ଉଚିତ ଏବଂ ଆତ୍ମିକ ରୂପରେ ମଧ୍ୟ ଶୁଦ୍ଧ ହେବା ଉଚିତ। ଶରୀର ଏବଂ ମନ ଯଦି ଶୁଦ୍ଧ ହୋଇଯାଏ ତେବେ ଆତ୍ମାକୁ ଶୁଦ୍ଧ କରିବା ଆବଶ୍ୟକ ହୁଏ ନାହିଁ। କାରଣ ଆତ୍ମା ନିଜେ ହିଁ ଶୁଦ୍ଧ ଅଟେ। ତେଣୁ ପ୍ରଥମେ ଶରୀରକୁ ଶୁଦ୍ଧ କରନ୍ତୁ। ଏହାର ଦୁଇଟି ଲାଭ- ଯଦି ଆପଣ ସଂସାରୀ, ତେବେ ସଂସାରର କାମ ଦୃଢ଼ତାପୂର୍ବକ କରିପାରିବେ ଓ ଯଦି ସନ୍ନ୍ୟାସୀ ଅଟନ୍ତି ତେବେ ସନ୍ନ୍ୟାସ ଧର୍ମର ପାଳନ ମଧ୍ୟ ଦୃଢ଼ତା ପୂର୍ବକ କରିପାରିବେ।

ଏବେ ପ୍ରଶ୍ନହେଲା ଶରୀରକୁ କିପରି ଶୁଦ୍ଧ କରିବେ ? ଏ ବିଷୟରେ ମହର୍ଷି ପତଞ୍ଜଳି କହିଛନ୍ତି। ଗୀତାରେ ଅଷ୍ଟାଙ୍ଗ ଯୋଗର ବ୍ୟାପକ ବର୍ଣ୍ଣନା ନାହିଁ, ସାଙ୍କେତିକ ବର୍ଣ୍ଣନା ଅଛି। ଆସନ-ପ୍ରାଣାୟାମ ଏବଂ ଧ୍ୟାନର ଚର୍ଚ୍ଚା ଅଛି, କିନ୍ତୁ ଏହାର କିପରି ଅଭ୍ୟାସ କରାଯିବ- ବିସ୍ତାର ପୂର୍ବକ ବର୍ଣ୍ଣନା ନାହିଁ। ଏଣୁ ଅଷ୍ଟାଙ୍ଗ ଯୋଗସାଧନା କରିବା ପାଇଁ ଆମକୁ ମହର୍ଷି ପତଞ୍ଜଳିଙ୍କର ଆଶ୍ରୟ ନେବାକୁ ହେବ।

ମହର୍ଷି ପତଞ୍ଜଳି କହିଛନ୍ତି- ଯଦି ସଂସାରରେ ସୁଖ ପୂର୍ବକ ରହିବାକୁ ଚାହୁଁଛନ୍ତି ତେବେ ଯୋଗ କର ଏବଂ ସଂସାରରୁ ବାହାରକୁ ଯିବାକୁ ହେଲେ, ମୁକ୍ତ ହେବାକୁ ହେଲେ, ଈଶ୍ୱର-ସାକ୍ଷାତ୍କାର କରିବାକୁ ହେଲେ ମଧ୍ୟ ଯୋଗ କର। ମୁଁ ଆପଣମାନଙ୍କୁ କହୁଥିଲି- ଆଜିକାଲି ଯୋଗର ବହୁତ ପ୍ରଚାର-ପ୍ରସାର ହେଉଛି। ସମସ୍ତେ ଯୋଗ ଆଡ଼କୁ ଆକର୍ଷିତ ହେଉଛନ୍ତି। ଆପଣ ମଧ୍ୟ କରନ୍ତୁ, ଭଲ ହେବ। କିନ୍ତୁ ମନେ ରଖନ୍ତୁ- କେବଳ ହାତ ଗୋଡ଼ର ସଞ୍ଚାଳନ ହିଁ ଯୋଗ ନୁହେଁ। ଯୋଗର ଆଠ ଗୋଟି ଅଙ୍ଗ ଅଛି। ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଏବଂ ସମାଧି। ଏଗୁଡ଼ିକ ଯୋଗର ଆଠଟି ଅଙ୍ଗ। ତେଣୁକରି ଏହାକୁ ଅଷ୍ଟାଙ୍ଗ ଯୋଗ କୁହାଯାଇଥାଏ। ଆହୁରି ମଧ୍ୟ ଯୋଗର ଅନେକ ସଂଜ୍ଞା ରହିଛି। ଯେପରିକି ନାଦଯୋଗ, ରାଜଯୋଗ, କ୍ରିୟାଯୋଗ,

କୁଣ୍ଡଳିନୀ ଯୋଗ, ମନ୍ତ୍ରଯୋଗ, ଲୟଯୋଗ, ଧ୍ୟାନଯୋଗ ଇତ୍ୟାଦି। କିନ୍ତୁ ଏ ସମସ୍ତେ କୌଣସି ନା କୌଣସି ରୂପରେ ଅଷ୍ଟାଙ୍ଗ ଯୋଗ ସହିତ ସଂଲଗ୍ନ ଅଟନ୍ତି।

ଏହି ସମସ୍ତ ଯୋଗର ଅନ୍ତିମ ଲକ୍ଷ୍ୟ ହେଉଛି ନିର୍ବିକଳ୍ପ ସମାଧି, ଆତ୍ମା-ପରମାତ୍ମାଙ୍କର ମିଳନ। କିନ୍ତୁ ଏହି ସାଧନାର ଆରମ୍ଭ କେଉଁଠାରୁ ହୋଇଥାଏ ? ମହର୍ଷି ପତଞ୍ଜଳି କହିଛନ୍ତି- 'ଯମ'ଠାରୁ। ଯମର ଅର୍ଥ ହେଲା ମାନସିକ ରୂପରେ ନିଜକୁ ସଂଯମିତ କରିବା। ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ- ଏ ସବୁ ଯମ ଅଟେ। ଏଣୁ ସତ୍ୟର ଆଶ୍ରୟ ନିଅନ୍ତୁ। ସତ୍ୟ କୁହନ୍ତୁ, ସତ୍-ଆଚରଣ କରନ୍ତୁ, ସତ୍ୟବ୍ରତୀ ହୁଅନ୍ତୁ। କାରଣ ସତ୍ୟ ହିଁ ଧର୍ମ ଅଟେ। ମନ, ବାଣୀ ଓ କର୍ମ ଦ୍ୱାରା ଯିଏ ସତ୍ୟର ପାଳନ କରେ ସେ ସତ୍ୟବ୍ରତ ବୋଲାଇଥାଏ। ଏହି ପ୍ରକାରେ ଅହିଂସାର ପାଳନ କରନ୍ତୁ। ମନ, ବାଣୀ, ଅଥବା କ୍ରିୟା ଦ୍ୱାରା କାହାରି ହିଂସା କରନ୍ତୁ ନାହିଁ। ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରନ୍ତୁ। ଅସ୍ତେୟ- ଅର୍ଥାତ୍ କାହାରି କିଛି ଚୋରୀ କରନ୍ତୁ ନାହିଁ। ଅପରିଗ୍ରହୀ ହୁଅନ୍ତୁ- ଅର୍ଥାତ୍ ଅନାବଶ୍ୟକ ରୂପରେ କାହା ଠାରୁ କିଛି ନିଅନ୍ତୁ ନାହିଁ।

କେହି ଯଦି ଧନ ଦେଇଦିଏ ଲୋକେ ବହୁତ ଖୁସି ହୋଇଯା'ନ୍ତି। ଭାବନ୍ତି, ଯାହା ହେଉ ଏତେ ତ ମିଳିଗଲା। କିନ୍ତୁ ଆପଣ ଏହା ଜାଣି ରଖନ୍ତୁ ଯେ ଯଦି ଅକାରଣ ଭାବରେ ଆପଣ କାହାଠାରୁ କିଛି ନେଉଛନ୍ତି ତା'ହେଲେ ଯେକୌଣସି ରୂପରେ ହେଲେ ମଧ୍ୟ ଆପଣଙ୍କୁ ତାହା ଶୁଝିବାକୁ ପଡ଼ିବ। ଏହି ଜନ୍ମରେ ତାହା ପରିଶୋଧ କରି ନ ପାରିଲେ ପରଜନ୍ମରେ ଆପଣଙ୍କୁ ବଳଦ, ଗଧ, କୁକୁର କିମ୍ବା ଅନ୍ୟ କିଛି ହୋଇ ପରିଶୋଧ କରିବାକୁ ପଡ଼ିବ। ଆଜି ଆପଣ ଯେଉଁ କୁକୁରକୁ ପାଳନ କରିଛନ୍ତି- ଏହା ଭାବନ୍ତୁ ନାହିଁ ଯେ ଆପଣଙ୍କ ସହିତ ତା'ର କିଛି ସମ୍ବନ୍ଧ ନାହିଁ। ଆପଣଙ୍କ ସହିତ ତା'ର ପୂର୍ବଜନ୍ମର ସମ୍ବନ୍ଧ ଅଛି। କେବେ କେବେ

ତ କୁକୁର ପୂର୍ବଜ ମଧ ହୋଇଥାଆନ୍ତି। ଘରର ଧନ-ସମ୍ପତ୍ତି ଉପରେ ତାଙ୍କର ଏତେ ଆସକ୍ତି ଥାଏ ଯେ ପରଜନ୍ମରେ ସେମାନେ କୁକୁର ରୂପରେ ଆସିଥାଆନ୍ତି ଏବଂ ଘରର ଜଗୁଆଳୀ ହୋଇ ରହିଥାଆନ୍ତି। ସେଥିପାଇଁ ଅକାରଣରେ ଆପଣ କାହାଠାରୁ କିଛି ପରିଗ୍ରହ କରନ୍ତୁ ନାହିଁ।

ମୁଁ ମୋର ଶିଷ୍ୟମାନଙ୍କୁ ବାରମ୍ବାର କୁହେ- ମୋତେ ଅକାରଣରେ ଅନ୍ୟ କାହାରି ଭୋଜନ କରାଇବ ନାହିଁ। ପବ୍ଲିକ୍ ଠାରୁ ଚାନ୍ଦା ନେଇ ମୋ'ପାଇଁ ବାସସ୍ଥାନ ତିଆରି କରିବ ନାହିଁ। ମୁଁ ଯେଉଁ ବସ୍ତ୍ର ପରିଧାନ କରେ, ତାହା ମଧ୍ୟ ଅନ୍ୟ କାହାଠାରୁ ଅନୁଦାନ ଭାବରେ ଆଣିବନାହିଁ। ତୁମେମାନେ ଶିଷ୍ୟ ଅଟ। ଦେଇ ପାରୁଛ ତ ଠିକ୍ ଅଛି, ଅନ୍ୟଥା କିଛି ଅନିବାର୍ଯ୍ୟ ନୁହେଁ। ତୁମ ସହିତ ମୋର ଆତ୍ମିକ ସମ୍ବନ୍ଧ ଅଛି। ଅତଃ ମୋ'ପାଇଁ ତୁମର ଅନୁଦାନ ସ୍ୱୀକାର୍ଯ୍ୟ ଅଟେ, ଅନ୍ୟର ନୁହେଁ। ନଚେତ ମୁଁ ମଧ ଋଣୀ ହୋଇଯିବି।

ଗୁରୁ ରୋଜଗାର କରନ୍ତି ନାହିଁ। ଶିଷ୍ୟମାନେ ରୋଜଗାର କରନ୍ତି ଏବଂ ଗୁରୁଙ୍କ ଶରୀର ରକ୍ଷାପାଇଁ ବ୍ୟବସ୍ଥା ମଧ୍ୟ କରନ୍ତି। ଗୁରୁ ଏବଂ ଶିଷ୍ୟଙ୍କ ମଧରେ ଆତ୍ମିକ ସମ୍ପନ୍ଧ ରହିଥାଏ। ତେଣୁ ଗୁରୁଙ୍କର ଭୋଜନ, ବସ୍ତ୍ର ଏବଂ ଆବାସର ଚିନ୍ତା ଶିଷ୍ୟଗଣଙ୍କୁ କରିବା ଉଚିତ। ଏହା ଶିଷ୍ୟର ଧର୍ମ ଅଟେ। ଯଦି ଅକାରଣରେ ଆପଣ କାହାଠାରୁ କିଛି ନିଅନ୍ତି, ତେବେ ଋଣୀ ହୋଇଯିବେ। ଋଣର ଅନୁବନ୍ଧ ଜାରିରହେ। ତାହାର ଫଳ ମଧ୍ୟ ଭୋଗିବାକୁ ପଡ଼ିଥାଏ।

ସଂସାରରେ ପିତା-ପୁତ୍ର ସଂମ୍ବନ୍ଧ ମଧ୍ୟ ଏହିପରି ହୋଇଥାଏ। ସେଇଥିପାଇଁ କେତେକ ପୁତ୍ର ଋଣାନୁବନ୍ଧୀ ହୋଇଥାଆନ୍ତି। କେତେକ ପୁତ୍ର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସାରା ଜୀବନ ପିତା-ମାତାଙ୍କୁ କନ୍ଦାଇଥାଆନ୍ତି। ଏପରି ପୁତ୍ରର ହେବା ନ ହେବାର କିଛି ଅର୍ଥ ନାହିଁ। ପୁତ୍ର ତ ସିଏ ଯିଏ ପୁଂ ନାମକ ନର୍କରୁ ପିତାଙ୍କର ଉଦ୍ଧାର କରିପାରେ। ଯେଉଁ ପୁତ୍ର ପିତାଙ୍କୁ

ପ୍ରସନ୍ନତା ଦେଇପାରେ ନାହିଁ ସେପରି ପୁତ୍ର କେଉଁ କାମର ? କିନ୍ତୁ ଆଜିକାଲି ଏ ଭଳି ପୁତ୍ରମାନଙ୍କର ସଂଖ୍ୟା ଅଧିକ ଦେଖାଯାଉଛି। ପ୍ରାୟଃ ଖବର କାଗଜରେ ପଢ଼ିବାକୁ ମିଳୁଛି ଯେ ଯଦି କୋଣସି ପୁତ୍ର ପିତାକୁ କିଛି ଟଙ୍କା ମାଗିଲା ଏବଂ ତାହା ନ ମିଳିବାରୁ ଠେଙ୍ଗା ଉଠାଇ ମୁଣ୍ଡ ଉପରେ ପାହାରେ ଦେଲା, ଯଦ୍‌ଦ୍ୱାରା କି ପିତାଙ୍କର "ହରି ଓଁ ତତ୍‌ସତ୍" ହୋଇଗଲା। କେତେକ ପୁତ୍ର ଏପରି ମଧ୍ୟ ହୋଇଥାନ୍ତି, ଯାହାଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନସାରା ଆପଣ ସେବା ହିଁ କରିଥାଆନ୍ତି। ବହୁତ କମ୍ ପୁତ୍ର ଏପରି ହୋଇଥାନ୍ତି ଯେଉଁମାନେ କି ପ୍ରଭୁ ଶ୍ରୀରାମଙ୍କ ଭଳି ଆଜ୍ଞାକାରୀ ହୋଇଥାଆନ୍ତି।

ଆମ ସମସ୍ତଙ୍କ ସମ୍ବନ୍ଧ ପୂର୍ବଜନ୍ମର। କିନ୍ତୁ ସେହି ସମ୍ବନ୍ଧ ଏତେ ସୂକ୍ଷ୍ମ ହୋଇଥାଏ ଯେ ଆମେ ତାହା ଜାଣି ପାରିନଥାଉଁ। କିନ୍ତୁ ସମ୍ବନ୍ଧ ରହିଛି। ଯଦି ମୋ' ସହିତ ଆପଣଙ୍କ ସମ୍ବନ୍ଧ ନ ଥାଆନ୍ତା ତେବେ ଆପଣ ଏଠାରେ ଉପସ୍ଥିତ ହୋଇନଥାନ୍ତେ। ସେହି ସମ୍ବନ୍ଧକୁ ଆପଣ ଯୋଗ ମାଧ୍ୟମରେ ଜାଣିପାରିବେ। ଧ୍ୟାନ ଅବସ୍ଥାରେ ଯୋଗୀ ଯେତେ ବେଳେ ମନକୁ ଅତୀତକୁ ନେଇଯାଏ, ତେବେ ସେ ସବୁକିଛି ଜାଣି ପାରିଥାଏ। ଭୂତ, ଭବିଷ୍ୟତ ଓ ବର୍ତ୍ତମାନ– କାଳ ତିନି ଭାଗରେ ବିଭକ୍ତ। ଆମେ ଏବେ ବର୍ତ୍ତମାନରେ ଅଛୁ। ଇଏ ମୋର ପିତା, ଇଏ ମୋର ପୁତ୍ର, ଏମାନେ ମୋର ସମ୍ପର୍କୀୟ ଇତ୍ୟାଦିର ଜ୍ଞାନ ଆମକୁ ବର୍ତ୍ତମାନରେ ହେଉଅଛି। କିନ୍ତୁ ପୂର୍ବଜନ୍ମରେ ଆମର ଏବଂ ଆପଣଙ୍କର ମଧ୍ୟରେ କ'ଣ ସମ୍ବନ୍ଧ ଥିଲା– ଏହାର ଜ୍ଞାନ ହୁଏ ଯେତେବେଳେ ଧ୍ୟାନରେ ଆମେ ଅତୀତକୁ ଯାଇଥାଉଁ। ସେତେବେଳେ ଜଣାପଡ଼ିଯାଏ ଯେ ଆପଣ କିଏ ଅଟନ୍ତି ଏବଂ ଆମେ କିଏ ଅଟୁ।

ଯେ ଭବିଷ୍ୟତକୁ ନିଜର ନିୟନ୍ତ୍ରଣରେ ଆଣିପାରେ ସେ ଏହା ମଧ୍ୟ ଜାଣିପାରେ ଯେ ଆଗାମୀ କାଲି ଆପଣ କେଉଁଠି ଥିବେ ଏବଂ ମୁଁ

କେଉଁଠାରେ ଥିବି। ଧ୍ୟାନର ଗଭୀରତାରେ ବୁଡ଼ିଗଲେ ଆପଣ ନିଜର ସ୍ୱରୂପକୁ ମଧ୍ୟ ଜାଣିପାରିବେ। ଯେତେବେଳେ ଆପଣ ନିଜର ସ୍ୱରୂପରେ ସ୍ଥିତ ହୋଇଯିବେ, ସୂକ୍ଷ୍ମ ହୋଇଯିବେ, ସେତେବେଳେ କାଳ ବିଲୀନ ହୋଇଯିବ। ଆପଣଙ୍କର ସମ୍ମୁଖରେ ସେତେବେଳେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରହିବ ନାହିଁ। ଆପଣ ତ୍ରିକାଳାତୀତ ହୋଇଯିବେ। ତିନିକାଳ ଆପଣଙ୍କ ସମ୍ମୁଖରେ ଏକରୂପ ହୋଇଯିବେ ଏବଂ ଆପଣ କାଳର ସାକ୍ଷୀ ହୋଇଯିବେ। ସେତେବେଳେ ଆପଣ ଅତି ସହଜରେ ଜାଣି ଯିବେ ଯେ ଅତୀତରେ ଆପଣଙ୍କର ସ୍ଥିତି କ'ଣ ଥିଲା ଏବଂ ଭବିଷ୍ୟତରେ କ'ଣ ହେବାର ଅଛି।

ଭୀଷ୍ମ ଶରଶଯ୍ୟାରେ ପଡ଼ିଥିଲେ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କର ସର୍ବଶ୍ରେଷ୍ଠ ଭକ୍ତ ଭାବରେ ପରିଚିତ ଥିଲେ ପିତାମହ ଭୀଷ୍ମ। ସେ ଏପରି ଭକ୍ତ ଥିଲେ ଯେ ତାଙ୍କ ପ୍ରତିଜ୍ଞାର ରକ୍ଷାପାଇଁ ଭଗବାନ ଶ୍ରୀକୃଷ୍ଣଙ୍କୁ ମଧ୍ୟ ନିଜର ପ୍ରତିଜ୍ଞାକୁ ଭାଙ୍ଗିବାକୁ ପଡ଼ିଥିଲା। ଭଗବାନ ଶ୍ରୀକୃଷ୍ଣ କହିଥିଲେ- ମୁଁ ଯେଉଁ ପକ୍ଷରେ ବି ରହିବି ଏକାକୀ ରହିବି। ଗୋଟିଏ ପକ୍ଷରେ ମୋର ନାରାୟଣୀ ସେନା ରହିବ, ଯିଏ ଯୁଦ୍ଧ କରିବ। ଅନ୍ୟ ପକ୍ଷରେ ମୁଁ ଏକୁଟିଆ ରହିବି ଏବଂ ଯୁଦ୍ଧ ମଧ୍ୟ କରିବି ନାହିଁ। ଏପରିକି ମୁଁ ଶସ୍ତ୍ର ମଧ୍ୟ ଉଠାଇବି ନାହିଁ।

ଏହା ଜାଣି ପିତାମହ ଭୀଷ୍ମ ମନକୁ ମନ କହିଲେ- ଠିକ୍ ଅଛି, ମୁଁ ତୁମର ପ୍ରତିଜ୍ଞା ଭଗ୍ନ କରି ଦେଖାଇଦେବି। ଏହା ଭାବି ସେ ଅର୍ଜୁନ ଉପରକୁ ଶସ୍ତ୍ରଦ୍ୱାରା ଏପରି ପ୍ରହାର କଲେ ଯେ ଭଗବାନ ଶ୍ରୀକୃଷ୍ଣ ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ସେ ସେତେବେଳେ କ୍ରୋଧର ଆବେଶରେ ନିଜର ପ୍ରତିଜ୍ଞା ଭୁଲିଗଲେ, ନିଜର ସୁଦର୍ଶନ ଚକ୍ର ଉଠାଇଲେ ଏବଂ ପିତାମହ ଭୀଷ୍ମଙ୍କ ଆଡ଼କୁ ଦୌଡ଼ିଗଲେ। ତାଙ୍କର ପ୍ରତିଜ୍ଞା ଭଙ୍ଗ ହୋଇଗଲା।

ଭଗବାନ ଶ୍ରୀମଦ୍ ଭାଗବତରେ କହିଛନ୍ତି- **"ଅହଂ ଭକ୍ତ**

**ପରାଧିନଃ ।"** ମୁଁ ପରାଧୀନ ଅଟେ, ଭକ୍ତମାନଙ୍କର ଅଧୀନ ଅଟେ । ମୋର ପ୍ରତିଜ୍ଞାକୁ ଭକ୍ତମାନେ ଗୋଟିଏ ମୁହୂର୍ତ୍ତରେ ଭାଙ୍ଗି ଦେଇପାରନ୍ତି କିନ୍ତୁ ମୁଁ ଭକ୍ତମାନଙ୍କର ପ୍ରତିଜ୍ଞାକୁ ଭଙ୍ଗ କରିପାରେ ନାହିଁ । ଏପରି ମହାନ ଭକ୍ତ ପିତାମହ ଭୀଷ୍ମଙ୍କୁ ମଧ୍ୟ ଶରଶଯ୍ୟାରେ ଶୋଇବାକୁ ପଡ଼ିଥିଲା । ଶରଶଯ୍ୟାରେ ହିଁ ଧ୍ୟାନ କରି ସେ ଜାଣିଲେ ଯେ ଏହା ତାଙ୍କର ପୂର୍ବଜନ୍ମର ଅଭୁକ୍ତ କର୍ମଫଳ ଅଟେ, ଯାହାକୁ ବର୍ତ୍ତମାନ ସେ ଭୋଗ କରୁଛନ୍ତି । ଏଣୁ ଜାଣି ରଖନ୍ତୁ- କର୍ମଫଳ ସମସ୍ତଙ୍କୁ ଭୋଗିବାକୁ ହିଁ ପଡ଼ିଥାଏ ।

ଯଦି ଆପଣଙ୍କର ରୁଚି ଭକ୍ତିଯୋଗରେ ଅଛି, ତେବେ ଆପଣ ସେହି ମାର୍ଗରେ ଯାଆନ୍ତୁ । ସେଠାରେ ମଧ୍ୟ ଏହି ଉପଲବ୍ଧି ହେବ । କିନ୍ତୁ ସମୟ ସାପେକ୍ଷ । ସେଥିପାଇଁ ଆପଣଙ୍କ ଭିତରେ ଧୈର୍ଯ୍ୟ ଥିବା ଦରକାର । ଭୂତ-ପ୍ରେତ, ଦେବୀ-ଦେବତାମାନେ ଶୀଘ୍ର ପ୍ରସନ୍ନ ହୋଇଯାଆନ୍ତି । ସେଥିପାଇଁ ଲୋକେ ଭଗବାନଙ୍କୁ ଛାଡ଼ି ସେମାନଙ୍କ ସାଧନା କରନ୍ତି । ଏହା ଉଚିତ ସାଧନା ନୁହେଁ । ଏହାଦ୍ୱାରା କାହାରି କଲ୍ୟାଣ ହୋଇନଥାଏ । ଆଜିକାଲି ଏହିଭଳି ତଥାକଥିତ ତାନ୍ତ୍ରିକ ମାନଙ୍କର ଆଧିକ୍ୟ ବହୁତ ବେଶି । କେହି ଭୂତର ସାଧନ କରୁଛି, କେହି ପ୍ରେତର ସାଧନ କରୁଛି, କେହି କର୍ଣ୍ଣପିଶାଚିନୀର ତ କେହି ଯକ୍ଷିଣୀର ସାଧନାରେ ମଗ୍ନ ଅଛି । ଆଉ କେହି କେହି ତ ଝଡ଼ାଫୁଙ୍କା କରୁଥିବା ଗୁଣିଆଁ ହୋଇ ବସିଛି । ଆଜିକାଲି କିଛି ଲୋକ ବଡ଼ ବଡ଼ ଶିବିର ଆୟୋଜନ କରି ମଧ୍ୟ କେଜାଣି କ'ଣ କ'ଣ ସାଧନା କରାଇ ଲୋକଙ୍କୁ ମୂର୍ଖ କରିଦେଉଛନ୍ତି ! ଏହିପରି ଶିବିର ମାନଙ୍କରେ କେବଳ ନିମ୍ନବର୍ଗର ନୁହେଁ, ବଡ଼ ବଡ଼ ବୁଦ୍ଧିଜୀବୀ ମାନେ ମଧ୍ୟ ଯୋଗଦାନ କରିଥାଆନ୍ତି । ସେଠାରେ ଓକିଲ ଥାଆନ୍ତି, ଡାକ୍ତର ଥାଆନ୍ତି, ଲେକ୍‌ଚରର-ପ୍ରଫେସର ମାନେ ମଧ୍ୟ ଥାଆନ୍ତି ।

ଦେଖନ୍ତୁ ଭାଇମାନେ, ଏହା ଦ୍ୱାରା କିଛି ହୋଇନଥାଏ । ଏହା ଦ୍ୱାରା ଆପଣ ନିଜେ ତ ନଷ୍ଟ ହୁଅନ୍ତି, ସେମାନେ ମଧ୍ୟ ନଷ୍ଟ

ହୋଇଯାଆନ୍ତି । ସାଧନାର ମାର୍ଗରେ ଅଗ୍ରସର ହେଲେ, ପ୍ରେମ ଓ ଭକ୍ତିର ମାର୍ଗରେ ଅଗ୍ରସର ହେଲେ ସିଦ୍ଧି ଶୀଘ୍ର ମିଳିନଥାଏ । ଏହି ମାର୍ଗରେ ସାହସ ଆବଶ୍ୟକ, ନିଷ୍ଠା ଆବଶ୍ୟକ, ଧୈର୍ଯ୍ୟ ଆବଶ୍ୟକ । ଯାହା ପାଖରେ ସାହସ, ନିଷ୍ଠା ଓ ଧୈର୍ଯ୍ୟ ନାହିଁ ସେ ଏ ମାର୍ଗରେ ଅଗ୍ରସର ହୋଇପାରିବ ନାହିଁ । ସେ ମଝିରେ ହିଁ ଅଟକି ଯିବ ।

ମୁଁ ଶୁଣିଛି– ଥରେ ମାଙ୍କଡ଼ ମାନେ ସଭା କଲେ । ସେମାନଙ୍କର ମୁଖିଆ କହିଲା– ଭାଇମାନେ ! ଏ ମନୁଷ୍ୟମାନେ ବଡ଼ ଅଯୋଗ୍ୟ ଅଟନ୍ତି । ଅସୁର ଅଟନ୍ତି, ଦୁଷ୍ଟ ଅଟନ୍ତି । ସେ କହିଲା– ଦେଖ, ଗଛରେ ତ ଆମ୍ବ ଫଳିଛି କିନ୍ତୁ ଏ ମନୁଷ୍ୟମାନେ ଆମ୍ଭମାନଙ୍କୁ ଖାଇବାପାଇଁ ଦିଅନ୍ତି ନାହିଁ । ଏମାନେ ଆମକୁ ପଥର ମାରନ୍ତି । ତେଣୁକରି ଏବେ ଆମେ ଏମାନଙ୍କର ବଗିଚାକୁ ଯିବାନାହିଁ । ଆମେ ନିଜେ ଆମ୍ବଗଛ ଲଗାଇବା, ଆଉ ଯେତେବେଳ ଆମ୍ବ ଫଳିବ, ଆମେ ନିଜେ ଖାଇବା ।

ମାଙ୍କଡ଼ ମାନଙ୍କର ସଭାରେ ଏ ସିଦ୍ଧାନ୍ତ ଗୃହୀତ ହେଲା । ତାପରେ ପ୍ରଶ୍ନ ଉଠିଲା ଆମେ କେଉଁଠାରେ ଆମ୍ବ ଲଗାଇବା ? ଶେଷରେ ସର୍ବସମ୍ମତି କ୍ରମେ ସିଦ୍ଧାନ୍ତ ନିଆଗଲା ଯେ ନଦୀ କୂଳରେ ଯେଉଁଠାରେ ପାଣିର ସୁବିଧା ଅଛି, ସେଠାରେ ଲଗାଇବା ।

ଏବେ ସବୁ ମାଙ୍କଡ଼ ନଦୀ କୂଳକୁ ଯାଇ କାମରେ ଲାଗିଗଲେ । ମାଟିରେ ଗାତ ଖୋଳିଲେ । ସେଥିରେ ଆମ୍ବର ଟାକୁଆକୁ ପୋତିଲେ । ଗାତକୁ ମାଟିରେ ଢାଙ୍କିଦେଲେ ଏବଂ ସମସ୍ତେ ତା'ଚାରିପାଖରେ ବସିଗଲେ । ଆମ୍ବ ଗଛରେ କେବେ ଫଳ ହୁଏ, କେତେ ବର୍ଷରେ ହୁଏ– ଏହା ତ ତାଙ୍କୁ ଜଣାନଥିଲା । ତେଣୁ ସେମାନେ ଅସ୍ଥିର ହୋଇବସିଲେ । ମାଙ୍କଡ଼ ମାନେ ଅବା କେତେବେଳ ପର୍ଯ୍ୟନ୍ତ ସ୍ଥିର ଭାବରେ ବସି ପାରିବେ ? ତାଙ୍କର ଧୈର୍ଯ୍ୟ ତୁଟିବାକୁ ଲାଗିଲା । ସେମାନଙ୍କର ମୁଖିଆ ମଧ୍ୟ ଦେଖିଲା ଯେ ଗଛ ହେବାରେ ବହୁତ ବିଳମ୍ବ ଘଟୁଛି । ଏଣୁ ତା'ର ମଧ୍ଯ ଧୈର୍ଯ୍ୟଚ୍ୟୁତ

ହେଲା । ସେ ଏବେ ଗାତଖୋଳି ଟାକୁଆ ବାହାର କରି ଦେଖିବାକୁ ଲାଗିଲା ଯେ ଗଛ ହୋଉଛି କି ନାହିଁ । ଯେତେବେଳେ ମୁଖିଆ ଗାତ ଖୋଳି ଦେଖିଲା, ଅନ୍ୟ ସବୁ ମାଙ୍କଡ଼ମାନେ ମଧ୍ୟ ନିଜ ନିଜର ଗାତ ଖୋଳି ଟାକୁଆକୁ ଦେଖିବାକୁ ଲାଗିଲେ । ଏହା ଦେଖି ମୁଖିଆ କହିଲା– ଭାଇମାନେ, ବର୍ତ୍ତମାନ ପର୍ଯ୍ୟନ୍ତ ଟାକୁଆରୁ ଅଙ୍କୁର ବାହାରିନାହିଁ, ତେଣୁ ସମସ୍ତେ ନିଜ ନିଜ ଟାକୁଆକୁ ପୁଣି ଗାତରେ ପୋତିଦିଅ !

ସମସ୍ତେ ତାହା ହିଁ କଲେ । ଟାକୁଆକୁ ଗାତରେ ପୁଣିଥରେ ପୋତିଦେଲେ । ଏହିପରି ସକାଳରୁ ସନ୍ଧ୍ୟା ହୋଇଗଲା । ମାଙ୍କଡ଼ ମାନେ ବାରମ୍ବାର ଗାତ ଖୋଳି, ଟାକୁଆ ବାହାର କରି ଦେଖୁଥାଆନ୍ତି କି ଅଙ୍କୁର ହେଲା ନା ନାହିଁ, ଆଉ ପୁଣି ତାକୁ ପୋତି ଦେଉଥାନ୍ତି । ଏପରି ବାରମ୍ବାର କରିବା ଦ୍ୱାରା ସବୁ ମାଙ୍କଡ଼ ଥକିପଡ଼ିଲେ । ଶେଷରେ ମାଙ୍କଡ଼ ମାନଙ୍କର ସେହି ମୁଖିଆ କହିଲା– ଭାଇମାନେ ! ଏ ଆମ୍ବଗଛ ଲଗାଇବା ଆମ ଦ୍ୱାରା କେବେ ହେବ ନାହିଁ । ଏହା ଆମର କାମ ନୁହେଁ । ଏଣୁ ଚାଲ, ଏବେ ଆମେ ମନୁଷ୍ୟମାନଙ୍କ ଦ୍ୱାରା ଲଗାଯାଇଥିବା ଆମ୍ବଗଛରୁ ହିଁ ଆମ୍ବ ଖାଇବା । ଆମକୁ ଢେଲ-ପଥରର ମାଡ଼ ପଡୁ ପଛକେ, ଆମେ ତାକୁ ସହିଯିବା, କିନ୍ତୁ ଏ କାମ ଆମେ କରିପାରିବା ନାହିଁ । କାରଣ, ଆମ ପାଖରେ ଏତେ ଧୈର୍ଯ୍ୟ ନାହିଁ ।

ବନ୍ଧୁଗଣ ! ଯାହା ପାଖରେ ଧୈର୍ଯ୍ୟ ନାହିଁ, ସେ ସାଧନାର ମାର୍ଗରେ ଆଗକୁ ଅଗ୍ରସର ହୋଇପାରିବ ନାହିଁ । ମହର୍ଷି ପତଞ୍ଜଳି ପ୍ରଥମେ 'ଯମ'ର କଥା କହିଛନ୍ତି । ତାପରେ ନିୟମର କଥା କହିଛନ୍ତି । ଦେଖନ୍ତୁ, ବର୍ତ୍ତମାନ କାର୍ତ୍ତିକ ମାସ ଚାଲୁଛି । ଏ ମାସରେ ପ୍ରାତଃ ସ୍ନାନର ବିଧାନ ଅଛି । ଏକାଦଶୀ ବ୍ରତର ବିଧାନ ଅଛି । ଗୁରୁ, ସନ୍ଥ, ସାଧକଗଣ ଆମକୁ ବତାଇଥାଆନ୍ତି ଯେ ଏହି ପ୍ରକାର ମନ୍ତ୍ରର ଜପ କରିବ, ଏପରି ବସିବ, ଏପରି ଦେଖିବ, ଏହି ଭୋଜନ କରିବ, ଏହା କରିବ ଏବଂ ଏହା କରିବ

ନାହିଁ ଇତ୍ୟାଦି। ଆମ ଧର୍ମରେ ଏପରି ନାନା ପ୍ରକାରର ବିଧାନ ଅଛି। ଏହା କ'ଣ? ଏହା ନିୟମ ଅଟେ। ଏହା ଏଇଥିପାଇଁ କୁହାଯାଇଥାଏ ଯେ- ଏହା ଦ୍ୱାରା ଆପଣଙ୍କର ସ୍ୱଭାବ ଧୀରେ ଧୀରେ ବଦଳିଯାଉ। ସମସ୍ତ ନିୟମ ଆପଣଙ୍କର ଅଭ୍ୟାସରେ ପରିଣତ ହୋଇଯାଉ। ସତ୍କର୍ମ ଆପଣଙ୍କର ଅଭ୍ୟାସ ହୋଇଯାଉ ଯେପରି କି ଆପଣଙ୍କ ଦ୍ୱାରା ଦୁଷ୍କର୍ମ ଆଦୌ ହେବ ନାହିଁ। ସେଇଥିପାଇଁ ସନ୍ଥମାନେ ଏହା କହିଛନ୍ତି, ନଚେତ୍ ଆପଣ ସକାଳେ ଉଠନ୍ତୁ ଅଥବା ସନ୍ଧ୍ୟାରେ- ଫରକ୍ କ'ଣ ଅଛି? ଆଉ ସେଥିରେ ସନ୍ଥମାନଙ୍କର ଯାଏ-ଆସେ କେତେ? ମାତ୍ର ସକାଳେ ଉଠିଲେ ଆପଣଙ୍କର ଲାଭ ହେବ। ବ୍ରାହ୍ମ ମୁହୂର୍ତ୍ତ ଅର୍ଥାତ୍ ପ୍ରାତଃ ଚାରିଟା ବେଳେ ଆପଣଙ୍କର ଶରୀର ମଧ୍ୟରେ ଥିବା ପ୍ରାଣଶକ୍ତି ଧୀରେ ଧୀରେ ପ୍ରବଳ ହେବାକୁ ଲାଗେ, ଶକ୍ତିଶାଳୀ ହେବାକୁ ଲାଗେ ଏବଂ ଯେତେ ଯେତେ ପ୍ରାଣ ପ୍ରବଳ ହେବାକୁ ଲାଗେ, ଆପଣଙ୍କର ଗଭୀର ନିଦ୍ରା ଭଗ୍ନ ହୋଇଯାଏ। ଆପଣଙ୍କ ଶରୀର ସ୍ଫୁର୍ତ୍ତିମନ୍ତ ହେବାକୁ ଲାଗେ। ଅପର ପକ୍ଷରେ ଯେତେ ଯେତେ ଆପଣଙ୍କର ପ୍ରାଣ ଦୁର୍ବଳ ହେବାକୁ ଲାଗେ- ଆପଣଙ୍କୁ ଆଳସ୍ୟ ଘେରିଯାଏ, ପ୍ରମାଦ ଘେରିଯାଏ, ହାଇ ଆସିବାକୁ ଲାଗେ ଏବଂ ଆପଣ ନିଷ୍ପ୍ରଭ, ନିଷ୍କ୍ରିୟ ହେବାକୁ ଲାଗନ୍ତି। ପ୍ରାତଃକାଳ ଅର୍ଥାତ୍ ବ୍ରାହ୍ମମୁହୂର୍ତ୍ତରୁ ହିଁ ପ୍ରାଣର ପ୍ରଭାବ ବୃଦ୍ଧି ପାଇବାକୁ ଲାଗେ ଏବଂ ସନ୍ଧ୍ୟାରେ ସୂର୍ଯ୍ୟ ଅସ୍ତ ହେବା ସଙ୍ଗେ ସଙ୍ଗେ ତାହାର ଗତି ଦୁର୍ବଳ ହେବାକୁ ଲାଗେ। ତେଣୁ ଧୀରେ-ଧୀରେ ଆପଣଙ୍କୁ ଆଳସ୍ୟବୋଧ ହେବାକୁ ଲାଗେ, ତନ୍ଦ୍ରା ଆସିବାକୁ ଲାଗେ। ନିଦ୍ରାର ପୂର୍ବ ଅବସ୍ଥାକୁ ତନ୍ଦ୍ରା କହନ୍ତି। ତା'ପରେ ଧୀରେ ଧୀରେ ଆପଣ ଶୋଇଯାଆନ୍ତି। ପ୍ରାୟ ରାତିର ୧୦ଘଣ୍ଟା ଠାରୁ ରାତିର ତିନି, ସାଢ଼େତିନି ପର୍ଯ୍ୟନ୍ତ ପ୍ରାଣ ଦୁର୍ବଳ ଅବସ୍ଥାରେ ରହିଥାଏ। ସେଇଥିପାଇଁ ଆମର ବୟୋବୃଦ୍ଧ ଗୁରୁଜନମାନେ କହିଛନ୍ତି- ବ୍ରାହ୍ମ ମୁହୂର୍ତ୍ତରେ ଉଠ। ଏହାର ଅର୍ଥ ଯେତେବେଳେ ପ୍ରାଣ ଜାଗ୍ରତ ହୁଏ ସେତେବେଳେ ତୁମେ

ମଧ୍ୟ ଜାଗ୍ରତ ହୁଅ।

ଆମର ଏଠାରେ ବହୁତ ଛୋଟ ଛୋଟ ନିୟମ ସବୁ ରହିଛି। ଉଠିବା କ୍ଷଣି ପୃଥିବୀ ଉପରେ ପାଦ ରଖିବା ପୂର୍ବରୁ- ପୃଥିବୀକୁ ପ୍ରଣାମ କରିବାର ବିଧାନ ଅଛି। ଏହା କେବଳ କୃତଜ୍ଞତା ମାତ୍ର ନୁହେଁ। କୃତଜ୍ଞତା ତ ରହିଛି, ତା'ସହିତ ଆପଣଙ୍କର ସାଧନାମୟ ଜୀବନର ଶୁଭାରମ୍ଭର ପ୍ରଥମ ପଦକ୍ଷେପ, ଦୈନନ୍ଦିନ କର୍ମମୟ ଜୀବନର ଅୟମାରମ୍ଭ। ତେଣୁକରି ଆପଣ ପ୍ରଥମେ ଜନ୍ମଭୂମିକୁ ପ୍ରଣାମ କରନ୍ତି। ତା'ପରେ ଜନ୍ମଦାତ୍ରୀ ମାଁଙ୍କୁ ପ୍ରଣାମ କରନ୍ତି, ପାଳନକର୍ତ୍ତା ପିତାଙ୍କୁ ପ୍ରଣାମ କରନ୍ତି ଏବଂ ଶେଷରେ ମୁକ୍ତିଦାତା ସଦ୍‌ଗୁରୁଙ୍କୁ ପ୍ରଣାମ କରିଥାଆନ୍ତି। ଏହା ହିଁ ଆମର ପରମ୍ପରା ଅଟେ। ସନାତନ ବୈଦିକ ନିୟମ ଅଟେ। ଭଗବାନ ଶ୍ରୀରାମ ମଧ୍ୟ ଏହି ନିୟମ ସବୁକୁ ମର୍ଯ୍ୟାଦା ପୂର୍ବକ ପାଳନ କରୁଥିଲେ। ଗୋସ୍ୱାମୀ ତୁଳସୀଦାସଜୀ ମାନସରେ ଲେଖିଛନ୍ତି-

**ପ୍ରାତକାଲ ଉଠି କୈ ରଘୁନାଥା ।**
**ମାତ ପିତା ଗୁରୁ ନାବହିଁ ମାଥା ॥**

ପ୍ରାତଃ କାଳରେ ଉଠିବା କ୍ଷଣି ମାତା-ପିତା ଏବଂ ଗୁରୁଙ୍କର ଦର୍ଶନ କରିବା ଉଚିତ। ପ୍ରଥମ ଗୁରୁ ମାଁ, ତା'ପରେ ପିତା, ତା'ପରେ ତୃତୀୟରେ ଆସନ୍ତି ଦୀକ୍ଷା ଏବଂ ଶିକ୍ଷାଗୁରୁ। ତେଣୁ କରି ଯେବେ ଆମେ ଭଗବାନଙ୍କର ବନ୍ଦନା କରିଥାଉଁ, କହିଥାଉଁ- **"ତ୍ୱମେବ ମାତା ଚ ପିତା ତ୍ୱମେବ"**- ଭଗବାନଙ୍କୁ ମଧ୍ୟ ଆମେ ପ୍ରଥମେ ମାତା ରୂପରେ ଏବଂ ତା'ପରେ ପିତା ଅଥବା ଗୁରୁ ରୂପରେ ସମ୍ବୋଧନ କରିଥାଉଁ।

ନିୟମ ଏଥିପାଇଁ କୁହାଯାଇଥାଏ ଯେ ତାହା ଦ୍ୱାରା ତୁମର ଶରୀର- ଯାହା ଦିନସାରା ମଳିନ ହୋଇଯାଇଛି ସ୍ନାନ-ଶୌଚ ଇତ୍ୟାଦି ଦ୍ୱାରା ଶୁଦ୍ଧ ହୋଇଯାଉ। ଶରୀର ଶୁଦ୍ଧ ହୋଇଗଲେ ମନ ମଧ୍ୟ ଶୁଦ୍ଧ ହୋଇଯାଇଥାଏ। କେବେ ଯଦି ଆପଣ ବହୁତ ଅଧିକ ଖାଇ ଦିଅନ୍ତି

ସେଦିନ ଆପଣଙ୍କର ପେଟ ଓଜନିଆଁ ହୋଇଯାଏ। ଏହା ଆପଣ ଅନୁଭବ କରିଛନ୍ତି କି ? ସେଦିନ ଆପଣଙ୍କର ମନ ଭଲ ଲାଗେ କି ? ନା। ସେଦିନ ଆଳସ୍ୟ ଲାଗିଥାଏ, ପ୍ରମାଦ ଆସିଯାଏ। କେବେ ଯଦି ନିଦ ପୁରାହୋଇ ନଥିବ- ମନ ଭାରୀ ଲାଗିବ, ଆପଣଙ୍କୁ ଆଳସ୍ୟ ଆସିଯିବ। ଏପରି ସ୍ଥିତିରେ ସାଧନା ହୋଇପାରିବ ନାହିଁ। ସେଇଥିପାଇଁ ସାଧନା ପୂର୍ବରୁ ସ୍ନାନ-ଶୌଚାଦିର ନିୟମ ରହିଛି।

ଆପଣ ପ୍ରଥମେ ଶରୀରକୁ ଶୁଦ୍ଧ କରନ୍ତୁ। ମନରେ ଉତ୍ତମ ଭାବନା ରଖନ୍ତୁ। ତା'ପରେ ଆସନ-ପ୍ରାଣାୟାମ କରନ୍ତୁ, ଧ୍ୟାନ କରନ୍ତୁ। ଆସନର ଅର୍ଥ କେବଳ ଶୀର୍ଷାସନ ନୁହେଁ। ସିଦ୍ଧାସନ କରନ୍ତୁ, ପଦ୍ମାସନ କରନ୍ତୁ, ହଳାସନ କରନ୍ତୁ, ବ୍ରଜାସନ କରନ୍ତୁ, ପଶ୍ଚିମୋତ୍ତାନାସନ କରନ୍ତୁ। ଅନେକ ଗୁଡ଼ିଏ ଆସନ ରହିଛି। ଯାହା ଆପଣ କରିପାରିବେ ଆବଶ୍ୟକତା ଅନୁସାରେ କରନ୍ତୁ। ଏହାଦ୍ୱାରା ରୋଗ ଦୂର ହୋଇଥାଏ- ଠିକ୍ କଥା। କିନ୍ତୁ ଆସନ କରାଯାଏ ଶରୀରରୁ ମଳ ବାହାର କରିବାପାଇଁ। ମଳ ସବୁ ବାହାରି ଗଲେ, ଶରୀର ନିର୍ମଳ ହୋଇଗଲେ ହିଁ ବ୍ୟକ୍ତିତ୍ୱରେ ସ୍ଥିରତା ଆସେ ଓ ଜୀବନ ସୁଖମୟ ହୋଇଥାଏ। ମହର୍ଷି ପତଞ୍ଜଳି କହିଛନ୍ତି- **"ସ୍ଥିର ସୁଖଂ ଆସନମ୍।"** ଯେ କୌଣସି ସ୍ଥିତିରେ ଆପଣ ସ୍ଥିର ଭାବରେ, ସୁଖପୂର୍ବକ ବସିପାରିବେ- ତାହା ହିଁ ଆପଣଙ୍କ ପାଇଁ ଉତ୍ତମ ଆସନ ହେବ। ଆପଣ ଯଦି ବକ ଧ୍ୟାନାସନରେ ମଧ୍ୟ ସ୍ଥିର ରହିପାରନ୍ତି ତେବେ କରନ୍ତୁ- କିଛି ସମସ୍ୟା ନାହିଁ। ଯେ କୌଣସି ଏକ ଶାରୀରିକ ସ୍ଥିତିରେ ସ୍ଥିର ହୋଇଯାଆନ୍ତୁ।

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆସନ କରିବା ଉଚିତ। ଆପଣ ଆସନ କରନ୍ତି କିନ୍ତୁ ଠିକ୍ ଭାବରେ କରନ୍ତି ନାହିଁ। ତେଣୁ ଲାଭ ମିଳେ ନାହିଁ। ଯୋଗରେ ଭୋଜନ, ଶୟନ, ଧ୍ୟାନ- ସବୁ ପାଇଁ ଭିନ୍ନ ଭିନ୍ନ ଆସନର ବ୍ୟବସ୍ଥା ଅଛି। ଭୋଜନ ସମୟରେ ଯଦି ଆପଣ ନିର୍ଦ୍ଦିଷ୍ଟ ଆସନରେ ବସି

ଭୋଜନ କରିବେ ତା'ହେଲେ ଆପଣ ଅଧିକ ଖାଇପାରିବେ ନାହିଁ। ଏବଂ ଯେତିକି ଖାଇବେ, ତାହା ଉତ୍ତମ ଭାବରେ ହଜମ ହେବ। କିନ୍ତୁ ଆଜିକାଲି କେବଳ ଡାଇନିଙ୍ଗ୍ ଟେବୁଲ୍ର ପ୍ରଥା ଅଛି। ଦେଖ ଭାଇ ! ଏହା ଆମର ସଂସ୍କୃତି ନୁହେଁ। ଏହାର ଅନେକ ଦୁଷ୍ପରିଣାମ ରହିଛି। କିନ୍ତୁ ଅନ୍ୟକୁ ଦେଖି ଆମେ ସବୁ ଭୁଲି ଯାଉଛୁ। ଭୋଜନ ସର୍ବଦା ଭୂମି ଉପରେ ଆସନରେ ବସି କରିବା ଉଚିତ ଏବଂ ଭୋଜନ କରି ସାରିବା ପରେ କିଛି ସମୟ ବଜ୍ରାସନରେ ଅବଶ୍ୟ ବସିବା ଉଚିତ।

ଆସନ ପରେ ପ୍ରାଣାୟାମ କରନ୍ତୁ। ପ୍ରାଣାୟାମ ଦ୍ୱାରା ଶରୀର, ଇନ୍ଦ୍ରିୟ, ଶିରା-ପ୍ରଶିରା ଏବଂ ମସ୍ତିଷ୍କ- ସବୁ ଗୁଡ଼ିକ ସ୍ୱଚ୍ଛ ହୋଇଯାନ୍ତି। ପ୍ରାଣାୟାମ ଦ୍ୱାରା ମନ-ମସ୍ତିଷ୍କ ସ୍ଫୁର୍ତ୍ତ ହୋଇଯାଏ। ତେଣୁ କରି ପ୍ରାଣାୟାମ ପ୍ରତିଦିନ କରିବା ଉଚିତ। ଆମ ଏଠାରେ ପୂଜା-ପାଠରେ ମଧ୍ୟ ଦେଖିବେ- ଭଗବାନଙ୍କର ପୂଜାକରିବା ପୂର୍ବରୁ ପ୍ରାଣାୟାମର ବିଧାନ ଅଛି। ପୂରକ କରନ୍ତୁ, କୁମ୍ଭକ କରନ୍ତୁ, ରେଚକ କରନ୍ତୁ। ଏହା ଦ୍ୱାରା କ'ଣ ହେବ ? ପ୍ରାଣଶକ୍ତି ବଢ଼ିଯିବ। ପ୍ରାଣଶକ୍ତି ଯେତେ ବଢ଼ିବ, ଆପଣଙ୍କର ଶକ୍ତି ମଧ୍ୟ ସେତେ ବଢ଼ିଯିବ ଏବଂ ଆପଣ ଶକ୍ତିଶାଳୀ ହୋଇଯିବେ। ପ୍ରାଣାୟାମରେ ବହୁତ ଶକ୍ତି ଅଛି। ଯେପରି ଆସନ ବହୁତ ପ୍ରକାରର ଅଛି, ସେହିପରି ପ୍ରାଣାୟାମ ମଧ୍ୟ ବିଭିନ୍ନ ପ୍ରକାରର ଅଛି। ନାଡ଼ୀଶୋଧନ, କେବଳୀ, କପାଳଭାତି, ଭସ୍ତ୍ରିକା, ଭ୍ରାମରୀ, ଉଜ୍ଜାୟୀ- ଏପରି ଅନେକ ପ୍ରକାରର ପ୍ରାଣାୟାମ ଅଛି। ଏହା ଗୁରୁଙ୍କ ଠାରୁ ଅଥବା ଯୋଗୀଙ୍କ ଠାରୁ ଶିଖିବାକୁ ହୋଇଥାଏ।

ସର୍ବ ପ୍ରଥମେ ଯମ- ଅର୍ଥାତ୍ ଆପଣ ସତ୍ୟ, ଅହିଂସା, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହର ଅଭ୍ୟାସ କରନ୍ତୁ। ମନର ନିୟନ୍ତ୍ରଣ କରନ୍ତୁ। ନିୟମ ମାନଙ୍କର ପାଳନ କରନ୍ତୁ। ନିୟମ ପାଳନ ନ କଲେ କାମ ଚଳିବ ନାହିଁ। ତା'ପରେ ଆସନ କରନ୍ତୁ, ପ୍ରାଣାୟାମ କରନ୍ତୁ। ଏହା ଦ୍ୱାରା

ଆପଣଙ୍କର ଦେହ, ମନ ଓ ଅନ୍ତଃକରଣ ଶୁଦ୍ଧ ହୋଇଯିବ । ଆପଣ ନିରୋଗ ହୋଇଯିବେ । ଅବଶ୍ୟ, ରୋଗ ଦୂର କରିବା ଯୋଗର ଲକ୍ଷ୍ୟ ନୁହେଁ । କିନ୍ତୁ ଯୋଗ କଲେ ରୋଗ ଆପଣାଛାଏଁ ଦୂରେଇ ଯାଇଥାଏ । ଏଠାରୁ ଆପଣ ରାୟପୁର ଯାଉଛନ୍ତି, ମଝିରେ ମଝିରେ ମାଇଲ୍ ଖୁଣ୍ଟ ଆସେ, ଯାହା ଦ୍ୱାରା ଜଣାପଡ଼େ ଯେ ରାୟପୁର ଆଉ କେତେବାଟ ଅଛି । ଠିକ୍ ସେହିପରି ଯିଏ ଯୋଗ କରେ ତାଙ୍କୁ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ସମୟରେ ଅନୁକୂଳ ପରିଣାମ ସ୍ୱତଃ ମିଳିବାକୁ ଲାଗେ । ଏହି ଅନୁକୂଳ ପରିଣାମ ସାଧକମାନଙ୍କ ପାଇଁ ମାଇଲ୍‌ଖୁଣ୍ଟ ସଦୃଶ ଅଟେ । ମହାଯୋଗୀ ଗୋରଖନାଥ କହିଛନ୍ତି–

**ବପୁ କୃଶତ୍ୱଂ ବଦନେ ପ୍ରସନ୍ନତା**
**ନାଦସ୍ଫୁଟତ୍ୱଂ ନୟନେ ସୁନିର୍ମଳେ ।**
**ଅରୋଗତା ବିନ୍ଦୁଜୟୋଽଗ୍ନିଦୀପନଂ**
**ନାଡ଼ୀ ବିଶୁଦ୍ଧିର୍ହଠଯୋଗ ଲକ୍ଷଣମ୍ ॥**

**"ବପୁଃ କୃଶତ୍ୱଂ"**– ଯଦି ଆପଣ ହଠଯୋଗର ଅଭ୍ୟାସ କରୁଛନ୍ତି, ଯମ-ନିୟମ-ଆସନ-ପ୍ରାଣାୟାମର ନିରନ୍ତର ଅଭ୍ୟାସ କରୁଛନ୍ତି, ତେବେ ସର୍ବ ପ୍ରଥମେ ଆପଣଙ୍କର ଶରୀର ପତଳା ହୋଇଯିବ । ମୋଟାପଣ ଦୂର କରିବା ପାଇଁ ଆଜିକାଲି ଯୋଗ କରାଯାଉଛି । ମୋଟାପଣ ଦୂର କରିବା ଯୋଗର ଲକ୍ଷ୍ୟ ନୁହେଁ । ଯୋଗ କଲେ ମୋଟାପଣ ଆପେ ଆପେ ଦୂର ହୋଇଯାଏ । ଶରୀରରେ ଯେଉଁ ଅନାବଶ୍ୟକ ଚର୍ବିଥାଏ, ତାହା ଆପେ ଆପେ ବାହାରି ଯାଇଥାଏ । ନିୟମିତ ଯୋଗାଭ୍ୟାସ କଲେ ଆପଣ ଅଧିକ ଭୋଜନ କରି ପାରିବେ ନାହିଁ । ଆପଣଙ୍କର ଶରୀରକୁ ଭୋଜନର ଯେତେ ଆବଶ୍ୟକତା ଥିବ ଶରୀର ସେତିକି ମାତ୍ର ଗ୍ରହଣ କରିବ । ଅଧିକ ହୋଇଗଲେ ପଦାକୁ ବାହାର କରିଦେବ ।

**"ବଦନେ ପ୍ରସନ୍ନତା"**– ଯୋଗୀର ମୁଖମଣ୍ଡଳରେ ସର୍ବଦା

ପ୍ରସନ୍ନତା ଝଲସୁଥାଏ। ଅପରପକ୍ଷରେ ଭୋଗୀ ତା'ର ମୁଖମଣ୍ଡଳର ପ୍ରସନ୍ନତା ଦେଖାଇବା ପାଇଁ କେଜାଣି କେତେ ପ୍ରକାରର ପାଉଡ଼ର, କ୍ରିମ୍ ଲଗାଇଥାଏ। ତଥାପି ତା'ର ପ୍ରସନ୍ନତା ଝଲସେନାହିଁ। ଭୋଗୀ ନିଜର ଚେହେରାକୁ ସଜାଇ ସୁନ୍ଦର ଦେଖାଯିବାର ପ୍ରୟାସ କରିଥାଏ ତଥାପି ସେ ସୁନ୍ଦର ହୋଇପାରେ ନାହିଁ, କାରଣ ସେ ରାତିଦିନ ଟେନ୍‌ସନ୍‌ରେ ରହିଥାଏ। ତାହାକୁ ଲୁଚାଇବା ପାଇଁ ସେ କୃତ୍ରିମ ସାଧନର ଆଶ୍ରୟ ନେଇଥାଏ। କିନ୍ତୁ କୃତ୍ରିମତାର ଆଲମ୍ବନରେ ବାସ୍ତବିକ ସୌନ୍ଦର୍ଯ୍ୟ ପ୍ରଗଟ ହୁଏନାହିଁ। ଆପଣ ଯୋଗ କରନ୍ତୁ। ଏତଦ୍ ଦ୍ୱାରା ଆପଣଙ୍କର ଅନ୍ତର ସୁନ୍ଦର ହେବ ଏବଂ ତାହା ଆପଣଙ୍କର ବ୍ୟକ୍ତିତ୍ୱରୁ ବାହ୍ୟକୁ ପ୍ରଗଟ ହେବ। ଯୋଗ ଜୀବନରେ ପ୍ରସନ୍ନତା ଆଣିଥାଏ, ସୌନ୍ଦର୍ଯ୍ୟ ଆଣିଥାଏ, ଜୀବନକୁ ସୁଖମୟ କରିଥାଏ।

**"ନାଦ ସ୍ଫୁଟତ୍ୱଂ"**- ସାଧନାର କ୍ରମରେ ଅଗ୍ରସର ହେଲେ ଯୋଗୀଙ୍କ ଭିତରେ ଅନାହତ ନାଦ ସୃଷ୍ଟି ହୋଇଥାଏ। ଯେଉଁମାନେ ଏକାନ୍ତରେ ବସି ଧ୍ୟାନର ଅଭ୍ୟାସ କରିଥାଆନ୍ତି ସେମାନେ ଏହାକୁ ଜାଣିଥିବେ। ଆପଣ ଯଦି ଜାଣି ନାହାନ୍ତି, ତେବେ ଏହାର ଅଭ୍ୟାସ କରିବା ଆରମ୍ଭ କରିଦିଅନ୍ତୁ- ଜାଣି ପାରିବେ। ଆପଣଙ୍କୁ ନିଜ ଭିତରେ ଅନାହତ ନାଦ ଶୁଭିବାକୁ ଲାଗିବ।

**"ନୟନେ ସୁନିର୍ମଳେ"**- ଯୋଗୀର ଆଖି ନିର୍ମଳ ହୋଇଥାଏ ଏବଂ ଭୋଗୀର ଆଖି ବରାବର ରଙ୍ଗ ବଦଳେ। କେବେ କୌଣସି ମଦ୍ୟପର ଆଖିକୁ ଦେଖିଛନ୍ତି ? ଲାଲ୍ ହୋଇଥାଏ। କୌଣସି ଗଞ୍ଜେଇଡ଼ୀ-ଭଙ୍ଗେଡ଼ୀ (ଗଞ୍ଜେଇ-ଭାଙ୍ଗ ପିଇଥିବା ଲୋକ) କୁ ଦେଖିଛନ୍ତି ? ତାଙ୍କ ଆଖି କିପରି ବଡ଼ ବଡ଼ ଏବଂ ଭୟାନକ ଜଣାପଡ଼େ ? ଯୋଗୀର ଆହାର-ବିହାର ସନ୍ତୁଳିତ ଏବଂ ମନ ନିଶ୍ଚିନ୍ତ ଥାଏ ଯାହାର ପ୍ରଭାବରେ ତା'ର ଆଖି ଉପରେ ପଡ଼େ। କହିବାର ତାତ୍ପର୍ଯ୍ୟ ହେଲା- ସଂଯମ ଓ ସାଧନା ଦ୍ୱାରା ଯୋଗୀର ଆଖି ନିର୍ମଳ ହୋଇ ଯାଇଥାଏ।

**"ଅରୋଗତା"**- ଯୋଗାଭ୍ୟାସ ଦ୍ୱାରା ଯୋଗୀ ନିରୋଗ ହୋଇଥାଏ।

**"ବିନ୍ଦୁଜୟୋ"**- ତା'ର ନିଜଉପରେ ନିୟନ୍ତ୍ରଣ ଆସିଯାଏ। ଯଦ୍‌ଦ୍ୱାରା କାମ ତାହାକୁ ପ୍ରଭାବିତ କରିପାରେ ନାହିଁ। ତେଣୁ ତାହାର ସ୍ଖଳନ (ବୀର୍ଯ୍ୟପାତ) ହୋଇନଥାଏ।

**"ଅଗ୍ନି ଦୀପନମ୍"**- ତାହାର ଜଠରାଗ୍ନି ପ୍ରବଳ ହୋଇଯାଏ। ସେ ଯାହା କିଛି ଉଦର ମଧ୍ୟରେ ନିକ୍ଷେପ କଲେ ମଧ୍ୟ ତାହା ସ୍ୱାହା ହୋଇଯାଏ।

**"ନାଡ଼ୀ ବିଶୁଦ୍ଧିଃ"**- ତା'ର ନାଡ଼ୀ ଗୁଡ଼ିକ ଶୁଦ୍ଧ ହୋଇଯା'ନ୍ତି।

ଆପଣ ଶୁଣିଥିବେ- ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା- ଏହି ତିନି ମୁଖ୍ୟ ନାଡ଼ୀ ଅଟନ୍ତି। ଏମିତି ଦେଖିବାକୁ ଗଲେ ଆମ ଶରୀରରେ ୭୨ ହଜାର ନାଡ଼ୀ ଅଛନ୍ତି। ଏହି ୭୨ ହଜାର ନାଡ଼ୀମାନଙ୍କ ଦ୍ୱାରା କ'ଣ ହୋଇଥାଏ? ପ୍ରାଣ ସର୍ବାଙ୍ଗରେ ବ୍ୟାପ୍ତ ହୁଏ। ନାଡ଼ୀର ଅର୍ଥ ହେଉଛି ପ୍ରାଣର ଗମନାଗମନର ମାର୍ଗ। ଏହି ତିନି ନାଡ଼ୀ- ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା- ମୁଖ୍ୟ ରାଜପଥ ଅଟନ୍ତି, ଜାତୀୟ ରାଜପଥ। ଏହା ପରେ ରାଜ୍ୟସ୍ତରୀୟ ସଡ଼କ ମାନ ଅଛି- ରାଜ୍ୟ ରାଜପଥ। ତା'ପରେ ସହରର ମୁଖ୍ୟ ସଡ଼କ ଅଛି। ତା'ପରେ ଗଳିମାନେ ଅଛନ୍ତି, ଉପ-ଗଳିମାନେ ଅଛନ୍ତି। ଠିକ୍ ସେହିପରି ଆମ ଦେହରେ ୭୨ ହଜାର ନାଡ଼ୀ ମାନଙ୍କର ଜାଲ ଅଛି, ଯାହାଙ୍କ ମାଧ୍ୟମରେ ପ୍ରାଣ ଆମ ସର୍ବାଙ୍ଗରେ ନିରନ୍ତର ଗତିଶୀଳ ହୋଇଥାଏ।

ଉପନିଷଦ୍ କହନ୍ତି- **"ଶତଂ ଚୈକଞ୍ଚ ହୃଦୟସ୍ୟ ନାଡ୍ୟଃ"** ଆମର ହୃଦୟରେ ୧୦୧ ନାଡ଼ୀ ଅଛନ୍ତି। **"ତାସାଂ ମୂର୍ଦ୍ଧାନମ୍ ଅଭିନିଶ୍ରିତୈକା"**- ସେମାନଙ୍କ ମଧ୍ୟରୁ ଗୋଟିଏ ନାଡ଼ୀ ଉପର (ମୂର୍ଦ୍ଧା) ଆଡ଼କୁ ଯାଇଅଛି। ଏହି ୭୨ ହଜାର ନାଡ଼ୀମାନଙ୍କ ଭିତରେ ଯେତେବେଳ

ପର୍ଯ୍ୟନ୍ତ ପ୍ରାଣର ପ୍ରବାହ ଠିକ୍ ଭାବରେ ଚାଲିଥାଏ– ଆପଣଙ୍କର ସମ୍ପୂର୍ଣ୍ଣ ଶରୀର ନିରୋଗ ରହିଥାଏ। ମାତ୍ର ଯେତେବେଳେ କୌଣସି ଅଙ୍ଗରେ ପ୍ରାଣର ପ୍ରବାହ ଦୁର୍ବଳ ହୋଇଯାଏ, ସେହି ଅଙ୍ଗ ରୋଗଗ୍ରସ୍ତ ହୋଇଯାଏ। ଯେତେବେଳେ କୌଣସି ନିର୍ଦ୍ଦିଷ୍ଟ ଅଙ୍ଗର ନାଡ଼ୀ ସବୁରେ ଦୋଷ ଆସିଯାଏ, ତେବେ ତାହାକୁ ପକ୍ଷାଘାତ ହୋଇଯାଏ। ଶରୀରର ବାମ ଭାଗ ଇଡ଼ା ଓ ଦକ୍ଷିଣ ଭାଗ ପିଙ୍ଗଳା ଅଟେ ଏବଂ ମଧ୍ୟ ଭାଗକୁ ସୁଷୁମ୍ନା କୁହାଯାଏ। ପ୍ରଥମରେ ବୈଜ୍ଞାନିକମାନେ ଏହା ମାନୁ ନଥିଲେ, ମେଡିକାଲ ସାଇନ୍ସ ମଧ୍ୟ ମାନୁ ନଥିଲା, କିନ୍ତୁ ବର୍ତ୍ତମାନ ଏହା ସମସ୍ତେ ମାନିଲେଣି।

ଯୋଗୀ କ'ଣ କରେ ? ଇଡ଼ା ଓ ପିଙ୍ଗଳାର ଯୋଗକରି ସୁଷୁମ୍ନାକୁ ଜାଗୃତ କରିଥାଏ। ଏହା ହିଁ ହଠଯୋଗ। ଯେତେବେଳେ ବାମ ନାସିକାରେ ଶ୍ୱାସ ଚାଲୁଥିବ, ସେତେବେଳେ ବୁଝିବାକୁ ହେବ ଯେ ଶରୀରରେ ଇଡ଼ା ନାଡ଼ୀର ପ୍ରଭାବ ଅଛି। ଇଡ଼ା ମନୋବାହିନୀ ନାଡ଼ୀ ଅଟେ। ଏହି ସମୟରେ ମନ ଚଞ୍ଚଳ ରହିଥାଏ। ପିଙ୍ଗଳା ପ୍ରାଣବାହିନୀ ଅଟେ। ଏହି ସମୟରେ ପ୍ରାଣ ଚଞ୍ଚଳ ହୋଇଥାଏ। ଯେତେବେଳେ ପିଙ୍ଗଳା ନାଡ଼ୀ ମଧ୍ୟରେ ପ୍ରାଣ ସଞ୍ଚରିତ ହୁଏ, ସେତେବେଳେ ସ୍ନାନ କରନ୍ତୁ। ବହୁତ ଆନନ୍ଦ ମିଳିବ। ଏହା ଗରମ ନାଡ଼ୀ ଅଟେ। ଯଦି ଇଡ଼ା ନାଡ଼ୀ ଚାଲୁଥିବ ଓ ଆପଣ ସ୍ନାନ କରିବେ ତେବେ ଥଣ୍ଡା ଧରିବ। ସର୍ଦ୍ଦି ହୋଇଯିବ। ଯୋଗରେ ଖାଇବା, ପିଇବା, ଶୋଇବା ଆଦିର ଏକ ନିଶ୍ଚିତ କ୍ରମ ରହିଛି। ସ୍ୱର ଅନୁସାରେ ଯୋଗୀ ଏହା ନିଶ୍ଚିତ କରିଥାଏ। ଆପଣ ମଧ୍ୟ ଏହିସବୁ ଜାଣିପାରିବେ କିନ୍ତୁ ଏଥିପାଇଁ ଆପଣଙ୍କୁ ଯୋଗ କରିବାକୁ ହେବ। ଯଦି ଆପଣ ଯୋଗର ଆଶ୍ରୟ ନେଇଛନ୍ତି ତେବେ ଆପଣ ଅମର ହୋଇଯିବେ–

**ନ ତସ୍ୟ ରୋଗୋ ନ ଜରା ନ ମୃତ୍ୟୁଃ ।**
**ପ୍ରାପ୍ତସ୍ୟ ଯୋଗାଗ୍ନିମୟଂ ଶରୀରଂ ॥**

ଯିଏ ଯୋଗାଗ୍ନିରେ ନିଜର ଶରୀରକୁ ତପ୍ତ କରିଦେଇଛି,

ତାହାର ଶରୀର ନିର୍ମଳ ହୋଇଥାଏ। ମଳ ହିଁ ରୋଗ। ଶରୀର ନିର୍ମଳ ହେଲେ ଅନ୍ତଃକରଣ ମଧ୍ୟ ନିର୍ମଳ ହୋଇଯିବ। ଅନ୍ତଃକରଣରେ ମନ ଅଛି। ସୁତରାଂ ମନ ମଧ୍ୟ ନିର୍ମଳ ହୋଇଯିବ। ମନ ଯଦି ନିର୍ମଳ ହୋଇଯାଏ ତେବେ ଲାଭ କ'ଣ ହେବ ? ଭଗବାନ କହିଛନ୍ତି–

**ନିର୍ମଳ ମନ ଜନ ସୋ ମୋହି ପାବା ।**
**ମୋହି କପଟ ଛଳ ଛିଦ୍ର ନ ଭାବା ॥**

ଯଦି ମନ ନିର୍ମଳ ହୋଇଯାଏ, ତେବେ ଆପଣ ଭଗବାନଙ୍କୁ ପାଇ ପାରିବେ। ଆପଣ କେବଳ ମନକୁ ନିର୍ମଳ କରନ୍ତୁ, ଭଗବାନ ଆପଣଙ୍କୁ ମିଳିଯିବେ। ଯୋଗର ଭାଷାରେ ଏହାହିଁ ବ୍ରହ୍ମ-ସାକ୍ଷାତ୍‌କାର, ଏହାହିଁ ନିର୍ବିକଳ୍ପ ଅବସ୍ଥା ଅଟେ।

ମନକୁ ମଳିନ କରିବାର ଉପାଦାନ ହେଉଛି ସଂସାରର ବିଷୟ ଭୋଗ। ଏହି ଭୋଗଗୁଡ଼ିକୁ ନିୟନ୍ତ୍ରିତ ରୂପରେ ଭୋଗ କରିବାକୁ ହୋଇଥାଏ। ଆପଣ ଏପରି ମନେ କରନ୍ତୁ ନାହିଁ ଯେ ସୁନ୍ଦର ରୂପ ଦେଖିବା ଖରାପ ଅଟେ ଏବଂ ସେଇଥିପାଇଁ ଆଦୌ ଦେଖ ନାହିଁ, ଆଖି ଫୁଟାଇ ଦିଅ। କ'ଣ ଭଗବାନ ସେଇଥପାଇଁ ଆପଣଙ୍କୁ ଆଖି ଦେଇଛନ୍ତି ? ନାଁ ଭାଇ ! ଭଗବାନ ଆପଣଙ୍କୁ ଦେଖିବାପାଇଁ ଆଖି ଦେଇଛନ୍ତି। କିନ୍ତୁ କ'ଣ ଦେଖିବେ, କେତେ ଦେଖିବେ, ଏହା ଜାଣିବା ଉଚିତ। କାନ ଦେଇଛନ୍ତି ଶୁଣିବାପାଇଁ। କିନ୍ତୁ କ'ଣ ଶୁଣିବା କଥା, କେତେ ଶୁଣିବା କଥା- ଏହା ଜାଣିବା ଆବଶ୍ୟକ ଅଟେ। ସବୁ ଶବ୍ଦ ହେଉଛି ବିଷୟ। ମାତ୍ର କିଛି ଶବ୍ଦ ଆପଣଙ୍କୁ ଲାଭ ଦେଇଥାଏ ତ କିଛି ଶବ୍ଦ ଆପଣଙ୍କର କ୍ଷତି ମଧ୍ୟ କରିଥାଏ। ବିଷୟ କିଛି ଖରାପ ନୁହେଁ। କେବଳ ଆପଣଙ୍କୁ ତାହାର ଉପଯୋଗର ପଦ୍ଧତି ଓ ମାତ୍ରା ଜାଣିବା ଉଚିତ। ଏହା ଯିଏ ଜାଣିଛି- ବୁଝିନିଅନ୍ତୁ ସେ ଜୀବନକୁ ବଞ୍ଚିବାର କଳା ଶିଖିଯାଇଛି। ନ ହେଲେ ବିଷୟ ଉପଭୋଗରୁ ଦୁଃଖ ମିଳିବା ନିଶ୍ଚିତ ଅଟେ।

ଉପଯୋଗ ଏବଂ ଉପଭୋଗର କଳା ଶିଖିଯିବାପରେ ବିଷୟ କାହାର କ୍ଷତି କରିନଥାଏ। ଯୋଗୀମାନେ ମଧ୍ୟ ସଂସାରରେ ଦେଖନ୍ତି, ଶୁଣନ୍ତି, ଖାଆନ୍ତି, ପିଅନ୍ତି ଏବଂ ଆପଣମାନେ ମଧ୍ୟ ଏ ସବୁ କରନ୍ତି। ମାତ୍ର ଆପଣ ଯୋଗୀ ନୁହେଁ ଭୋଗୀ ବୋଲାଇଥାନ୍ତି। କାହିଁକି ନା ଆପଣ ମାତ୍ରା ଜାଣନ୍ତି ନାହିଁ। ଅନେକ ସମୟରେ ଲୋଭବଶତଃ ଆପଣ ବିଷୟର ଅଧିକ ସେବନ କରିଦିଅନ୍ତି ଏବଂ ଦୁଃଖ ପାଆନ୍ତି। ଯୋଗୀ ମାତ୍ରାକୁ ଜାଣିଥାଏ। ତେଣୁକରି ସେ ଦୁଃଖୀ ହୋଇନଥାଏ, ରୋଗୀ ହୋଇନଥାଏ।

ସନ୍ଥମାନେ ବିଷୟକୁ ବିଷ ସଦୃଶ ମାନିଥାଆନ୍ତି। ବିଷର ସେବନ କଲେ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼େ। ମାତ୍ର ଔଷଧ ରୂପରେ ବିଷକୁ ସେବନ କରାଇ ବ୍ୟକ୍ତିକୁ ଜୀବିତ ମଧ୍ୟ କରାଯାଇପାରେ। ବିଷ ଦ୍ୱାରା ଉଭୟ କାମ ହୋଇଥାଏ। ବିଷରେ ଯଦି ମାରିବାର ଶକ୍ତି ଅଛି ତେବେ ବଞ୍ଚାଇବାର ଶକ୍ତି ମଧ୍ୟ ଅଛି। ସୁତରାଂ କେଉଁ ସମୟରେ କେତେ ମାତ୍ରାର ବିଷର ପ୍ରୟୋଗ କରିବା ଉଚିତ- ଯେ ବିଷଜ୍ଞ, ତାଙ୍କୁ ତାହା ଜଣାଥାଏ। ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ- ଏ ସମସ୍ତ ବିଷୟ ଆପଣଙ୍କୁ ରୋଗୀ କରିବାପାଇଁ ନାହାନ୍ତି। ଏ ସମସ୍ତ ଯୋଗୀ କରିବା ପାଇଁ ରହିଛନ୍ତି। କେବଳ ଆପଣଙ୍କୁ ଏତିକି ଜାଣିବା କଥା ଯେ ଏହାର ପ୍ରୟୋଗ କେବେ, କିପରି ଏବଂ କେତେ ମାତ୍ରାରେ କରିବେ।

ଭଗବାନ ବୁଦ୍ଧଙ୍କ ବିହାରରେ ରାଜଗୃହର ଜଣେ ରାଜକୁମାର ଆସି ସନ୍ନ୍ୟାସୀ ହୋଇଗଲା ଓ ସେଠାରେ ରହିବାକୁ ଲାଗିଲା। ସେ ତ ରାଜକୁମାର ଥିଲା। ଭଗବାନ ବୁଦ୍ଧ ମଧ୍ୟ ରାଜପରିବାରରୁ ଥିଲେ। ଆମ ଏଠାରେ ଭଗବାନ ଶ୍ରୀରାମ, ଭଗବାନ ଶ୍ରୀକୃଷ୍ଣ, ଭଗବାନ ବୁଦ୍ଧ- ଏମାନେ ସମସ୍ତେ ରାଜପରିବାରୁ ଆସିଛନ୍ତି। ସେତେବେଳେ ସମଗ୍ର ଭାରତବର୍ଷ ବୁଦ୍ଧଙ୍କର ଉପଦେଶ ଦ୍ୱାରା ପ୍ରଭାବିତ ଥିଲା। ଅନେକ ରାଜକୁମାର ସନ୍ନ୍ୟାସୀ ହୋଇ ବୌଦ୍ଧ-ବିହାରରେ ରହୁଥିଲେ।

# ତୁମ ପ୍ରଭୁ ତୁମ ଅନ୍ତରେ

ଦିନେ ରାତିରେ ଭଗବାନ ବୁଦ୍ଧ ବିହାରରେ ଏକାକୀ ଭ୍ରମଣ କରୁଥାନ୍ତି। ଭ୍ରମଣ କରୁ କରୁ ସେ ଏକ ପୁଷ୍କରିଣୀ ସମ୍ମୁଖରେ ଯାଉଥିବା ସମୟରେ ଦେଖିଲେ– ଜଣେ ଅତ୍ୟନ୍ତ କୃଶକାୟ ବ୍ୟକ୍ତି ପୁଷ୍କରିଣୀ କୂଳରେ ପଡ଼ିରହିଛି। ଭଗବାନ ବୁଦ୍ଧ ତା'ନିକଟକୁ ଗଲେ। ପଚାରିଲେ– ତୁମେ କିଏ ?

ଭିକ୍ଷୁଟି ଉଠିଲା, ବୁଦ୍ଧଙ୍କୁ ପ୍ରଣାମ କଲା ଓ କହିଲା– ଭଗବନ୍ ! ମୁଁ ଅମୁକ ଅଟେ।

ଭଗବାନ ବୁଦ୍ଧ ତାହାକୁ ଜାଣିଥିଲେ। ସେ ରାଜଗୃହର ରାଜକୁମାର ଥିଲା। ସେ ପଚାରିଲେ– ତୁମେ ଏତେ ରାତିରେ ଏଠାରେ କ'ଣ କରୁଛ ? ତୁମର ଏପରି ଦଶା ହେଲା କିପରି ?

ସେ କହିଲା– ଭଗବନ୍ ! ଆପଣ ଯେଉଁ ସାଧନା ବତାଇଥିଲେ, ତାହା ହିଁ କରୁଛି ?

ଭଗବାନ ବୁଦ୍ଧ କହିଲେ– ତାହା ତ ଠିକ୍ କଥା, କିନ୍ତୁ ତୁମେ ତୁମର ଶରୀରକୁ ଏତେ ଦୁର୍ବଳ କାହିଁକି କରିଦେଇଛ। ଏହା ଦ୍ୱାରା କ'ଣ ତୁମର ମନ ସ୍ଥିର ହେଉଛି ?

ସେ କହିଲା– ନା ଭଗବନ୍ ! ମନ ତ ଆହୁରି ଚଞ୍ଚଳ ହେଉଛି।

ବୁଦ୍ଧ କହିଲେ– ବତ୍ସ ! ଦୁର୍ବଳ ଶରୀରରେ ମନ ମଧ୍ୟ ଦୁର୍ବଳ ହୋଇଯାଏ।

ଅନେକ ସମୟରେ ସାଧକଗଣ ସାଧନା କରୁ କରୁ ସାଧନାର ସିଦ୍ଧାନ୍ତ ଗୁଡ଼ିକୁ ଜାଣନ୍ତି ନାହିଁ ଏବଂ ହତାଶାରେ ପଡ଼ିଯାଆନ୍ତି। ପରିଣାମ ସ୍ୱରୂପ ତାଙ୍କ ସାଧନା ମଧ୍ୟ ଭଙ୍ଗ ହୋଇଯାଏ ଏବଂ ସେମାନେ ଦୁଃଖ ମଧ୍ୟ ଭୋଗ କରିଥାଆନ୍ତି।

ସେ ଭଗବାନ ବୁଦ୍ଧଙ୍କୁ କହିଲା– ଭଗବନ୍ ! ମୁଁ ଯେକୌଣସି ଉପାୟରେ ନିଜକୁ ନିୟନ୍ତ୍ରଣ କରିବାକୁ ଚାହୁଁଛି। ଶରୀର ମତେ ହଇରାଣ

କରୁଛି । ତେଣୁକରି ମୁଁ ଏହାକୁ ଭୋଜନ ଦେଉନାହିଁ । ଏହି ଇନ୍ଦ୍ରିୟ ଗୁଡ଼ିକ ଉତ୍ପାତ କରୁଛନ୍ତି । ତେଣୁକରି ମୁଁ ଏମାନଙ୍କ ଠାରୁ କୌଣସି କାମ ନେଉନାହିଁ । ଏହି କାରଣରୁ ମୁଁ ଆଖି-କାନ ବନ୍ଦକରି, ଖାଇବା-ପିଇବା ତ୍ୟାଗ କରି, ଶାନ୍ତ ଭାବରେ ଏଠାରେ ପଡ଼ିରହିଛି ।

ବୁଦ୍ଧ କହିଲେ- ତୁମ ଦ୍ୱାରା ସାଧନା ହୋଇପାରିବ ନାହିଁ । ଆରେ ! ଏହା କ'ଣ ସାଧନା ? ସାଧନା ତ ଜୀବନରେ ସଙ୍ଗୀତ ସୃଷ୍ଟି କରିବା ପାଇଁ, ଆନନ୍ଦ ଜାତ କରିବାପାଇଁ ହୋଇଥାଏ !

ଆମେ ଯୋଗ କରିଥାଉଁ ଆନନ୍ଦ ପ୍ରାପ୍ତ କରିବାପାଇଁ । ଭୋଗ ମଧ୍ୟ କରିବା ଉଚିତ କିନ୍ତୁ ଆନନ୍ଦ ପ୍ରାପ୍ତ କରିବାପାଇଁ, ସୁଖ ପାଇଁ ନୁହେଁ । ଏହା ମନେ ରଖିବା ଉଚିତ ଯେ ସୁଖପାଇଁ ଭୋଗ କଲେ ରୋଗ ଆସିବ ଏବଂ ରୋଗରୁ ଦୁଃଖ ମିଳିବ । ଭଗବାନ ସଂସାରରେ ଏତେ ଗୁଡ଼ିଏ ଭୋଗ୍ୟ ପଦାର୍ଥ ରଖିଛନ୍ତି । ଏ ସମସ୍ତ ଆନନ୍ଦ ପ୍ରାପ୍ତିର ସାଧନ ଅଟନ୍ତି । ଏସବୁ ଅନାବଶ୍ୟକ ନୁହନ୍ତି । ତେଣୁ ଯେତେ ବିଷୟ ଅଛନ୍ତି- ସେବନ କରନ୍ତୁ, କିଛି ଭୁଲ୍ ନୁହେଁ । କେବଳ, ଏତିକି ଜାଣି ରଖନ୍ତୁ ଯେ ତାହା କେତେ ମାତ୍ରାରେ, କେବେ ଓ କିପରି ଭାବରେ ଉପଭୋଗ କରିବାର ଅଛି ।

ସେ ରାଜକୁମାର ବହୁତ ସୁନ୍ଦର ବୀଣା ବଜାଉଥିଲା । ବହୁତ ଭଲ ସଙ୍ଗୀତଜ୍ଞ ଥିଲା । ଭଗବାନ ବୁଦ୍ଧ ସେହି ରାଜକୁମାରକୁ କହିଲେ- ଭିକ୍ଷୁ ! ତୁମେ ତ ବହୁତ ସୁନ୍ଦର ବୀଣା ବଜାଇଥାଅ । ମୋତେ ତୁମେ ବୁଝାଇ ଦିଅ ଯେ ଯଦି ବୀଣାର ତାରକୁ ହୁଗୁଳା କରି ଦିଆଯାଏ ତେବେ ସେଥିରୁ ସଙ୍ଗୀତ ସୃଷ୍ଟି ହୋଇପାରିବ କି ?

ସେ କହିଲା- ଭଗବନ୍ ! ତାର ହୁଗୁଳା କରି ଦେଲେ, ସଙ୍ଗୀତ କିପରି ସୃଷ୍ଟି ହେବ ? ତେବେ ତ ବୀଣା ଆଦୌ ବାଜିବ ନାହିଁ ।

ବୁଦ୍ଧ ପଚାରିଲେ- ଆଚ୍ଛା ! ଏବେ କୁହ, ଯଦି ବୀଣାର ତାର ଗୁଡ଼ିକୁ କଷି ଚାଲିବା ତେବେ କ'ଣ ହେବ ? ସଙ୍ଗୀତ ସୃଷ୍ଟି ହେବ ତ ?

ସେ କହିଲା– ଭଗବନ୍ ! ତେବେ ମଧ୍ୟ ହେବ ନାହିଁ, କାରଣ ଏହା ଦ୍ୱାରା ତାର ସବୁ ଛିଣ୍ଡିଯିବ ।

ବୁଦ୍ଧ କହିଲେ– ଏହାର ଅର୍ଥ ହେଲା– ଅଧିକ କଷିଲେ ତାର ସବୁ ଛିଣ୍ଡିଯିବ ଏବଂ ହୁଗୁଳା କରିଦେଲେ ଧ୍ୱନୀ ଆଦୌ ଉତ୍ପନ୍ନ ହେବ ନାହିଁ । ନୁହେଁ କି ? ତେବେ ସଙ୍ଗୀତ କିପରି ସୃଷ୍ଟି ହେବ ?

ସେ କହିଲା– ଭଗବନ୍ ! ସଙ୍ଗୀତ ସୃଷ୍ଟି କରିବାକୁ ହେଲେ ତାର ଗୁଡ଼ିକୁ ଏକ ନିର୍ଦ୍ଧିଷ୍ଟ ସୀମା ପର୍ଯ୍ୟନ୍ତ ହିଁ କଷିବାକୁ ହୋଇଥାଏ ଏବଂ ବାରମ୍ବାର ଝଙ୍କାର କରିବା ସହିତ ସେଥିରୁ ନିର୍ଦ୍ଦିଷ୍ଟ ସ୍ୱର ଉତ୍ପନ୍ନ କରାଯାଇଥାଏ । ଯେତେବେଳେ ସ୍ୱର ଠିକ୍ ଭାବରେ ବାହାରିବାକୁ ଲାଗେ, ସେତେବେଳେ ଆମେ ତାହାକୁ ହୁଗୁଳା କରିବା ମଧ୍ୟ ବନ୍ଦ କରିଦେଉଁ ଏବଂ କଷିବା ମଧ୍ୟ ବନ୍ଦ କରି ଦେଇଥାଉଁ ।

ଭଗବାନ ବୁଦ୍ଧ କହିଲେ– ଭିକ୍ଷୁ ! ଯଦି ତୁମେ ବୀଣା ସହିତ ଏପରି ବ୍ୟବହାର କରିଥାଅ ତେବେ ଏହି ଶରୀର ସହିତ ଏପରି ଦୁର୍ବ୍ୟବହାର କାହିଁକି କରୁଛ ? ଏହି ଶରୀର ମଧ୍ୟ ବୀଣା ସଦୃଶ ଅଟେ । ତୁମକୁ ଏହି ଇନ୍ଦ୍ରିୟଗଣ ମିଳିଛନ୍ତି ଜୀବନରେ ସଙ୍ଗୀତ ଉତ୍ପନ୍ନ କରିବାପାଇଁ । ତୁମକୁ ଏହି ଶରୀର ମିଳିଛି ଆନନ୍ଦର ଅନୁଭବ କରିବାପାଇଁ । ଏହି ମନ, ଏହି ପ୍ରାଣ ମିଳିଛି ଉତ୍ଫୁଲ୍ଲିତ ହେବାପାଇଁ । ତେଣୁ ଏପରି ସାଧନା କର ଯାହାଦ୍ୱାରା ତୁମର ଜୀବନ ସଙ୍ଗୀତମୟ ହେବ, ଆନନ୍ଦମୟ ହେବ । ସୁତରାଂ ଇନ୍ଦ୍ରିୟ ମାନଙ୍କୁ ଏତିକି ମାତ୍ର କଷ ଅଥବା ହୁଗୁଳାକର ଯେତକି ଆବଶ୍ୟକ ଅଟେ । ଅଧିକ ହୁଗୁଳା କଲେ ଇନ୍ଦ୍ରିୟମାନେ ତୁମକୁ ଭ୍ରମିତ କରି ଦୁର୍ଗତିର ମାର୍ଗକୁ ନେଇଯିବେ ଏବଂ ଅଧିକ କଷିଦେଲେ ତୁମେ ନିଜେ ବିକ୍ଷିପ୍ତ ହୋଇଯିବ । ତେଣୁକରି କେତେ ହୁଗୁଳା କରିବା ଓ କେତେ କଷିବା– ତାହା ଶିଖ । ଏହା ହିଁ ସାଧନା ଅଟେ ।

ବନ୍ଧୁଗଣ ! ଗୁରୁ ଶିଷ୍ୟମାନଙ୍କୁ ଏହି ପାଠ ହିଁ ଶିଖାଇ ଥାଆନ୍ତି ।

ସୁତରାଂ ଆପଣମାନେ ମଧ୍ୟ ଗୁରୁଙ୍କର ନିର୍ଦ୍ଦେଶାନୁସାରେ ଯମ-ନିୟମ ସହିତ ଆସନ-ପ୍ରାଣାୟାମ କରନ୍ତୁ। ପ୍ରତ୍ୟାହାର, ଧାରଣା ଓ ଧ୍ୟାନ କରନ୍ତୁ। ତାହେଲେ ଆପଣ ମଧ୍ୟ ନିର୍ବିକଳ୍ପ ସମାଧି ପର୍ଯ୍ୟନ୍ତ ପହଞ୍ଚି ଯିବେ। ଅଖଣ୍ଡ ଆନନ୍ଦକୁ ପାଇଯିବେ।

ପ୍ରତ୍ୟାହାରର ଅର୍ଥ ହେଲା- ମନକୁ ବିଷୟରୁ ଟାଣି ଆଣି ଆତ୍ମାଭିମୁଖୀ କରିବା। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି-

**ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଳମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ॥** (୬/୨୬)

ଏହି ମନ ଯେଉଁ ଯେଉଁ ସ୍ଥାନକୁ ଯାଉଛି, ସେହି-ସେହି ସ୍ଥାନରୁ ତାକୁ ଟାଣି ଆଣି ନିଜ ଭିତରେ- ଅର୍ଥାତ୍ ଆତ୍ମାରେ କେନ୍ଦ୍ରିତ କର। ଏହାଦ୍ୱାରା ଆପଣଙ୍କୁ ନିଜର ବାସ୍ତବିକ ସ୍ୱରୂପର ଜ୍ଞାନ ହେବ। ମୁଁ ଆପଣଙ୍କୁ ସ୍ପଷ୍ଟ ଭାବରେ କହି ରଖେ- ଆପଣ କିଏ ଅଟନ୍ତି, ଏହା ଅନ୍ୟ କୌଣସି ବ୍ୟକ୍ତି ଆପଣଙ୍କୁ ବତାଇ ପାରିବ ନାହିଁ। ଏହାକୁ ଆପଣ ସ୍ୱୟଂ ହିଁ ବୁଝି ପାରିବେ। ଆପଣଙ୍କ ପ୍ରଶ୍ନର ଉତ୍ତର ତ ଦିଆଯାଇପାରେ, କିନ୍ତୁ ଆପଣଙ୍କୁ ଅନୁଭବ କରାଯାଇ ପାରିବ ନାହିଁ। ଅନୁଭବ ଆପଣ ସ୍ୱୟଂ ହିଁ କରି ପାରିବେ। ଆପଣଙ୍କ ଭିତରେ ସେ ସାମର୍ଥ୍ୟ ଅଛି। କେବଳ ଆପଣଙ୍କୁ ସାହସର ସହିତ ସେହି ସ୍ତରକୁ ଯିବାକୁ ହେବ। ଚେତନାର ସେହି ଗଭୀରତାରେ ଓହ୍ଲାଇଲେ ଆପଣଙ୍କର ସମସ୍ତ ପ୍ରଶ୍ନ ସମାହିତ ହୋଇଯିବେ। ଆପଣଙ୍କୁ ଜୀବନର ସବୁ ପ୍ରଶ୍ନର ଉତ୍ତର ମିଳିଯିବ।

ବନ୍ଧୁଗଣ ! କୌଣସି ଶାସ୍ତ୍ର କାହାରି ସନ୍ଦେହର ସମ୍ପୂର୍ଣ୍ଣ ନିବାରଣ କରି ପାରନ୍ତି ନାହିଁ। କୌଣସି ଗୁରୁ କାହାକୁ ପୂର୍ଣ୍ଣତଃ ତୃପ୍ତ କରି ପାରନ୍ତି ନାହିଁ। ଗୁରୁଙ୍କୁ ଆପଣ ପଚାରିବେ। ସେ ଆପଣଙ୍କୁ ଗୋଟିଏ ମାର୍ଗ ବତାଇଦେବେ। ଆପଣଙ୍କର ଭାବନା ଯଦି ଦୃଢ଼ ହୋଇଯାଏ, ତେବେ ତ ଠିକ୍ ଅଛି। ଯଦି ଦୃଢ଼ ନ ହୁଏ ତେବେ ଆପଣ ଗୁରୁଙ୍କ ସହିତ ମଧ୍ୟ ଲଢ଼ି

ପଡ଼ିବେ। ଅନେକ ସମୟରେ ଏପରି ହୋଇଥାଏ, କାରଣ ଶିଷ୍ୟଙ୍କ ପାଖରେ ଅନୁଭବ ନଥାଏ। ଗୁରୁ ଅନୁଭବୀ ହୋଇ ଥାଆନ୍ତି। ସୁତରାଂ ସୈଦ୍ଧାନ୍ତିକ ଝଗଡ଼ା ହୋଇପାରେ। କେତେବେଳ ପର୍ଯ୍ୟନ୍ତ ? ଯେତେବେଳ ପର୍ଯ୍ୟନ୍ତ ଆପଣ ନିଜକୁ ନିଜେ ଜାଣି ନାହାନ୍ତି। ଯେଉଁଦିନ ନିଜକୁ ଜାଣିଯିବେ, ଅନ୍ତରର ଗଭୀରତାରେ ପହଞ୍ଚିଯିବେ– ଆପଣଙ୍କର ପ୍ରଶ୍ନର ଉତ୍ତର ଆପଣଙ୍କ ଭିତରୁ ହିଁ ପ୍ରକଟ ହେବ ଏବଂ ଆପଣ ସନ୍ତୁଷ୍ଟ ହୋଇଯିବେ।

ସବୁକିଛି ଆମ ଭିତରେ ଅଛି। ବାହାରେ ତାହା ପ୍ରକଟ ହୋଇଥାଏ। ବାହାରେ କୌଣସି ଦେବତା ନାହାନ୍ତି। ଦେବତା ସବୁ ଆମ ଭିତରେ ଅଛନ୍ତି। ସେମାନେ ବାହାରେ ପ୍ରକଟ ହୋଇଥାନ୍ତି। ପ୍ରକୃତରେ କହିବାକୁ ଗଲେ ଆପଣ ହିଁ ଦେବତା ଭାବରେ ନିଜେ ଅଭିବ୍ୟକ୍ତ ହୋଇଥାନ୍ତି। ସେହିପରି ଅସୁର ମଧ୍ୟ ଆପଣଙ୍କ ଭିତରେ ଅଛନ୍ତି। ସବୁ ଆସୁରୀ ପ୍ରବୃତ୍ତିମାନ ଆପଣଙ୍କର ଭିତରେ ଅଛନ୍ତି ଏବଂ ସମୟ ସମୟରେ ଆପଣ ହିଁ ଅସୁର ଭାବରେ ବାହାରେ ଅଭିବ୍ୟକ୍ତ ହୋଇଥାଆନ୍ତି। ସଂସାରରେ କେହି ଦୁଷ୍ଟ ନାହାନ୍ତି। ଦୁଷ୍ଟତା ଆପଣଙ୍କ ଭିତରେ ବିଦ୍ୟମାନ ଅଛି। ଯେତେବେଳେ ଆପଣ କାହା ଭିତରେ ଦୁଷ୍ଟତା ଦେଖନ୍ତି, ତାହା ଆପଣଙ୍କର ନିଜର ହିଁ ପ୍ରତିବିମ୍ବ ହୋଇଥାଏ, ଯାହା ତା'ଠାରେ ଦେଖାଯାଏ। ଏଣୁ ସଂସାରକୁ ଆପଣ ଯେଉଁ ରୂପରେ ଦେଖୁଛନ୍ତି ଯଥାର୍ଥରେ ତାହା ଆପଣ ହିଁ ଅଟନ୍ତି। ସେଇଥିପାଇଁ ସନ୍ଥମାନେ ସଂସାରରେ ସମସ୍ତଙ୍କୁ ସନ୍ଥ ବୁଝିଥାଆନ୍ତି ଏବଂ ଦୁଷ୍ଟମାନେ ସମସ୍ତଙ୍କୁ ଦୁଷ୍ଟ ଭାବନ୍ତି।

ଯିଏ ନିଜେ ଚୋର ହୋଇଥାଏ ସେ ଭାବେ ସଂସାରରେ ସମସ୍ତେ ଚୋର ଅଟନ୍ତି। ଯିଏ ସାଧୁ ହୋଇଥାଏ ସେ ଭାବେ ସଂସାରରେ ସମସ୍ତେ ସାଧୁ ଅଟନ୍ତି। ଯାହାର ଯେପରି ଦୃଷ୍ଟି ହୋଇଥାଏ ତାହାକୁ ସଂସାର ସେହିପରି ଦେଖାଯାଏ। ଆପଣ ନିଜେ ଯେପରି ହୋଇଥାନ୍ତି, ସଂସାରକୁ ସେହିପରି ଦେଖିଥାନ୍ତି। ଯୋଗୀ ସଂସାରରେ ପରମାତ୍ମାଙ୍କୁ ଦେଖେ, କାହିଁକି

ନା ଅନ୍ତରରେ ପରମାତ୍ମାଙ୍କ ସହିତ ତାହାର ସାକ୍ଷାତ୍‌କାର ହୋଇସାରିଥାଏ। ଏହି ସାକ୍ଷାତ୍‌କାର ସମାଧି ଅବସ୍ଥାରେ ହୋଇଥାଏ।

ପ୍ରତ୍ୟାହାର ଅବସ୍ଥାରେ ଇନ୍ଦ୍ରିୟମାନେ ସଙ୍କୁଚିତ ହୋଇଯାଆନ୍ତି- **"କୁର୍ମୋଙ୍ଗାନୀବ ସର୍ବତଃ।"** ଆପଣମାନେ କଇଁଛକୁ ଦେଖିଥିବେ। ସେ ନିଜର ଅଙ୍ଗକୁ ଭିତରୁ ବାହାରକୁ ଆଣେ ଏବଂ ଯେତେବେଳେ ତାକୁ ବିପଦର ଆଶଙ୍କା ହୁଏ ସେତେବେଳେ ପୁଣି ତାଙ୍କୁ ଭିତରକୁ ଟାଣିନିଏ। ଠିକ୍ ସେହିପରି ଯେତେବେଳେ ଆବଶ୍ୟକ ହେବ ଆପଣ ଇନ୍ଦ୍ରିୟ ମାନଙ୍କର ବୃତ୍ତିକୁ ସଂସାରରେ ଲଗାଇ ଦିଅନ୍ତୁ। କିନ୍ତୁ ଯେତେବେଳେ ଆବଶ୍ୟକତା ନାହିଁ ସେମାନଙ୍କୁ ଭିତରକୁ ଟାଣି ନିଅନ୍ତୁ।

ଆପଣ ପ୍ରତିଦିନ ଧ୍ୟାନ କରନ୍ତୁ। ଧ୍ୟାନରେ ଆଖି ବନ୍ଦ କଲାପରେ ପ୍ରଥମେ ପ୍ରଥମେ ଆପଣଙ୍କୁ ଅନ୍ଧକାର ଦେଖାଯିବ। ତାପରେ ସମୟ ସମୟରେ ଜୁଳୁଜୁଳିଆ ପୋକପରି ଆଲୋକର ବିନ୍ଦୁ ଦେଖାଯିବ। କଳା, ଧଳା, ନାଲି, ହଳଦିଆ ଅଥବା ନୀଳ ରଙ୍ଗର ଛଟା ଦେଖାଯିବ। ପ୍ରଥମେ ପ୍ରଥମେ ଆପଣଙ୍କୁ ଓଁକାର, ଜ୍ୟୋତି, ଗୁରୁ ଅଥିବା ଭଗବାନଙ୍କର ରୂପ ଦେଖାଯିବ ନାହିଁ। ପ୍ରଥମେ ଅନ୍ଧକାର ହିଁ ଦେଖାଯାଏ। ପରେ ପରେ କିଛି ଆଲୋକ ଦେଖାଯାଏ। ଅଗ୍ନିର ସ୍ଫୁଲିଙ୍ଗ ପରି କିଛି ଛଟା ଦେଖାଯାଏ। ଏହି ସବୁ କ'ଣ ଜାଣନ୍ତି କି? ଦେହରେ କେତେବେଳେ କେଉଁ ତତ୍ତ୍ୱ ଚାଲୁଛି- ଏହା ତାହାରି ପ୍ରତୀକ ଅଟେ। ଆମର ଦେହ ପୃଥ୍ୱୀ, ଜଳ, ଅଗ୍ନୀ, ବାୟୁ ଓ ଆକାଶ- ଏହି ପାଞ୍ଚ ତତ୍ତ୍ୱ ଦ୍ୱାରା ଗଠିତ। ଏହି ଯେଉଁ ନୀଳ-ହଳଦିଆ-କଳା ଚକ୍‌ଚକିଆ ଛଟା ଦେଖାଯାଇଥାଏ- ସେହି ଛଟାକୁ ସମୀକ୍ଷା କଲେ ଜାଣିବାକୁ ପାଇବେ ଯେ ସେହି ସମୟରେ ଆପଣଙ୍କ ଦେହରେ କେଉଁ ତତ୍ତ୍ୱ ଚାଲୁଛି। ତେଣୁକରି ସବୁ ସମୟରେ, ସବୁ ସ୍ଥାନରେ ଧ୍ୟାନ ହୋଇ ପାରେ ନାହିଁ।

ତେଣୁ ଧ୍ୟାନ କରିବା ପାଇଁ ମଧ୍ୟ ସ୍ଥାନ, କାଳ ଏବଂ ପରିସ୍ଥିତି ଅନୁକୂଳ

ହେବା ଦରକାର।

ଧ୍ୟାନ ଅର୍ଥାତ୍‌- ଯିଏ ଆପଣଙ୍କର ଧ୍ୟେୟ ଅଟନ୍ତି, ଆପଣ ଯାହାଙ୍କର ଧ୍ୟାନ କରିବାକୁ ଚାହାଁନ୍ତି ସେ ଯେତେବେଳେ ପ୍ରତ୍ୟକ୍ଷ ଭାବରେ ଭ୍ରୂକୁଟୀର ମଧ୍ୟ ଭାଗରେ, ଚିଦାକାଶରେ ପ୍ରକଟ ହୋଇଯାନ୍ତି, ସେତେବେଳେ ହିଁ ଧ୍ୟାନ ସଫଳ ହୋଇଥାଏ। ତା'ପରେ ସମାଧିର ଅବସ୍ଥା ଆସେ। ସେହି ଅବସ୍ଥାରେ ଧ୍ୟାତା, ଧ୍ୟେୟ ଓ ଧ୍ୟାନ- କିଛି ହେଲେ ଆଉ ରହେ ନାହିଁ। ସବୁ ଏକାକାର ହୋଇଯାଏ। କେବଳ ଅଖଣ୍ଡ ଆନନ୍ଦାନୁଭୂତିର ସତ୍ତା ମାତ୍ର ରହେ। ତାହା ହିଁ ଆମ ଜୀବନର ଚରମ ଓ ପରମ ଲକ୍ଷ୍ୟ ଅଟେ। ଆମକୁ ସେହି ସ୍ଥିତିକୁ ଯିବାକୁ ହେବ। ସେଇଥିପାଇଁ ମୁଁ ସର୍ବଦା କୁହେଁ- ନିରନ୍ତର ଯୋଗର ଅଭ୍ୟାସ କରନ୍ତୁ, ଯୋଗୀ ହୁଅନ୍ତୁ।

ନିର୍ବିକଳ୍ପ ସମାଧି ପର୍ଯ୍ୟନ୍ତ ଉପନୀତ ହେବାପାଇଁ ହେଲେ ଅଭ୍ୟାସ ଓ ବୈରାଗ୍ୟ- ଏ ଦୁଇଟି ସଶକ୍ତ ମାଧ୍ୟମ ଅଟନ୍ତି। ମହର୍ଷି ପତଞ୍ଜଳି କହିଛନ୍ତି-**"ଅଭ୍ୟାସ ବୈରାଗ୍ୟାଭ୍ୟାଂ ତନ୍ନିରୋଧଃ।"** ଅର୍ଥାତ୍‌ ଅଭ୍ୟାସ ଏବଂ ବୈରାଗ୍ୟ ଦ୍ୱାରା ମନର ଚଞ୍ଚଳତା ଦୂର ହୋଇଥାଏ। ସୁତରାଂ ଅଭ୍ୟାସକୁ ଅବ୍ୟାହତ ରଖନ୍ତୁ, ବୈରାଗ୍ୟକୁ ସ୍ୱୀକାର କରନ୍ତୁ, ଜୀବନକୁ ସଂଯମିତ କରନ୍ତୁ ଏବଂ ଗୁରୁ ଯାହା କହିଛନ୍ତି- ଶ୍ରଦ୍ଧା ଏବଂ ବିଶ୍ୱାସର ସହିତ ତାକୁ ପାଳନ କରନ୍ତୁ।

ଆପଣ କହିପାରନ୍ତି- ସ୍ୱାମୀଜୀ ! ଆମ ପାଖରେ ସମୟ ନାହିଁ। ସମୟ କାହିଁକି ନାହିଁ ? ଖାଇବା ପାଇଁ ସମୟ ଅଛି। ସ୍ନାନ କରିବା ପାଇଁ ସମୟ ଅଛି। ଖବରକାଗଜ ପଢ଼ିବା ପାଇଁ ସମୟ ଅଛି। ଟି.ଭି.ରେ ସିରିଏଲ୍‌ ଓ ସିନେମା ଦେଖିବା ପାଇଁ ସମୟ ଅଛି। ଆପଣଙ୍କ ପାଖରେ ଅନ୍ୟ ସବୁକିଛି ପାଇଁ ସମୟ ଅଛି, ଅଥଚ ନିଜର ଦେହ ଓ ମନକୁ ସୁସ୍ଥ ରଖିବା ପାଇଁ, ଧ୍ୟାନ ପାଇଁ, ସାଧନା ପାଇଁ ସମୟ ନାହିଁ ? ଆପଣ ପାଖରେ ଅନ୍ୟକୁ ଜାଣିବା-ବୁଝିବା ପାଇଁ ସମୟ ଅଛି, ଅଥଚ ନିଜକୁ ଜାଣିବା-

ବୁଝିବା ପାଇଁ ସମୟ ନାହିଁ? କି ଆଶ୍ଚର୍ଯ୍ୟ କଥା? ଯଦି ଏପରି ହୁଏ ତେବେ କେହି ହେଲେ ଆପଣଙ୍କୁ ସୁଖୀ କରି ପାରିବେ ନାହିଁ, 'ସ୍ୱସ୍ଥ' କରିପାରିବେ ନାହିଁ।

କେହି ଔଷଧ ଖାଇ ଖାଇ 'ସ୍ୱସ୍ଥ' ହୁଏନାହିଁ। ସାଂସାରିକ ରୋଗ ଅର୍ଥାତ୍ ବିଷୟ ଜନିତ, ଅଜ୍ଞାନ ଜନିତ ରୋଗର ନିରାକରଣ ସାମାନ୍ୟ ଔଷଧ କରିପାରେ ନାହିଁ, କାହିଁକିନା ସେ ପର୍ଯ୍ୟନ୍ତ ଔଷଧର ଗତି ନାହିଁ। ସାଂସାରିକ ରୋଗ ଆପଣଙ୍କ ଅଜ୍ଞାନ ଓ ଆସକ୍ତିରୁ ଉତ୍ପନ୍ନ ହୋଇଥାଏ। ଏହା ଆପଣଙ୍କ ନିଜ ମାନରୁ ଉତ୍ପନ୍ନ ହୋଇଥାଏ। ଏଣୁ ତାହାର ନିରାକରଣ ମଧ୍ୟ ଆପଣଙ୍କୁ ହିଁ କରିବାକୁ ପଡ଼ିବ। ସେଇଥିପାଇଁ ମୁଁ ପୁଣି କହୁଛି- ଯୋଗ କର, ଯୋଗୀ ହୁଅ- ସବୁ ଠିକ୍ ହୋଇଯିବ। ବାସ୍! ଆଜି ଏତିକି ମାତ୍ର...। ହରି ଓଁ ତତ୍‌ସତ୍।

୦୦୦

ବୃନ୍ଦାବନ ରେସିଡ଼େନ୍‌ସୀ, ରାୟଗଡ଼(ଛ.ଗ.)

ତା. ୪.୧୧.୨୦୦୬

# ସବୁ କିଛି ଭଗବାନଙ୍କର

ପ୍ରିୟ ଦିବ୍ୟ ଆତ୍ମନ୍ !

ହରି ଓଁ।

ଏହା ପରମ ସୌଭାଗ୍ୟର ବିଷୟ ଯେ ପବିତ୍ର କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଆମେ ସମସ୍ତେ ସତ୍‌ସଙ୍ଗ ଲାଭ କରୁଅଛୁ। ଏପରି ଅବସର ଜୀବନରେ ବହୁତ କମ୍ ଆସେ। ପବିତ୍ର କାର୍ତ୍ତିକ ମାସ ହୋଇଥିବ, ଆମେ ପ୍ରତିଦିନ ବ୍ରତ ପାଳନ କରୁଥିବା, ଆମର ଦୈନନ୍ଦିନ ଜୀବନ ଶୁଭ ସଂକଳ୍ପରୁ ଆରମ୍ଭ ହେଉଥିବ ଏବଂ ଆମ୍ଭମାନଙ୍କୁ ସତ୍‌ସଙ୍ଗର ଲାଭ ମଧ୍ୟ ମିଳୁଥିବ- ଏହା କମ୍ ସୌଭାଗ୍ୟର କଥା ନୁହେଁ। ସତ୍‌ସଙ୍ଗ ଏପରି ଏକ ତ୍ରିବେଣୀ ଅଟେ, ଯାହା ମଧ୍ୟରେ ଆଜିଭଳି ଦିନରେ ଯଦି ବୁଡ଼ ପକାଯାଏ ତେବେ ଜୀବନ ସଦା ସର୍ବଦା ପାଇଁ ପବିତ୍ର ହୋଇଯାଏ।

ଆଜି ଠାରୁ ହଜାର ହଜାର ବର୍ଷ ପୂର୍ବେ, ଆଜି ଭଳି ଦିନରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କ ସହିତ ମହାରାସଲୀଳା କରିଥିଲେ। ଆଜିର ପୂର୍ଣ୍ଣିମାକୁ ଓଡ଼ିଶାରେ ରାସପୂର୍ଣ୍ଣିମା ଭାବରେ ପାଳନ

କରାଯାଇଥାଏ। ସତ୍‌ସଙ୍ଗ ମାଧ୍ୟମରେ ଯେତେବେଳେ ଜୀବନରେ ରସର ଉଦୟ ହୋଇଥାଏ, ଯେତେବେଳେ ଆମର ହୃଦୟ ପ୍ରେମରସରେ ପରିପୂର୍ଣ୍ଣ ହୋଇଯାଏ, ସେତେବେଳେ ଆମ ଭିତରେ ମଧ୍ୟ ମହାରାସର ଅବତରଣ ହୋଇଥାଏ। ତା'ପରେ ଆମର ପ୍ରତ୍ୟେକ ନିମିଷ, ପ୍ରତ୍ୟେକ ମୁହୂର୍ତ୍ତ, ପ୍ରତିକ୍ଷଣ ଆନନ୍ଦ ହିଁ ଆନନ୍ଦରେ ଅତିବାହିତ ହୋଇଥାଏ। ଯେଉଁ ଆନନ୍ଦ ପାଇଁ ଆମ୍ଭେମାନେ ଜୀବନ ଧାରଣ କରିଛୁ, ଯେଉଁ ଆନନ୍ଦର ଅନ୍ୱେଷଣରେ ଆମ୍ଭେମାନେ ଏଠି ସେଠି ଭ୍ରମିତ ହୋଇ ବୁଲୁଛୁ– ତାହା ଆମକୁ ସହଜରେ ଉପଲବ୍ଧ ହୋଇଯାଏ।

ମନୁଷ୍ୟର ଇଚ୍ଛା କ'ଣ ? ମନୁଷ୍ୟ ସଂସାରକୁ ଆସେ, ଏତେ ସବୁ କାମ କରେ, ଏହା ପଛରେ ତା'ର ଏକମାତ୍ର କାମନା ଏହା ହିଁ ଯେ ତାକୁ ଆନନ୍ଦ ମିଳୁ। ଏବଂ ଏପରି ଆନନ୍ଦ ମିଳୁ ଯେ ଥରେ ତାହା ପ୍ରାପ୍ତ ହୋଇଗଲେ ତା'ଠାରୁ କେବେ ପୁଣି ବିଚ୍ଛେଦ ନ ହେଉ। ସେହି ଆନନ୍ଦକୁ ଅଖଣ୍ଡ ଆନନ୍ଦ କୁହାଯାଇଥାଏ। ଯେଉଁ ଆନନ୍ଦ କେବେ ଖଣ୍ଡିତ ହୁଏ ନାହିଁ, ଯେଉଁ ଆନନ୍ଦ ମଝିରେ ଭଗ୍ନ ହୁଏନାହିଁ ତାହା ହିଁ ଅଖଣ୍ଡ ଆନନ୍ଦ ଅଟେ। ଆମେ ଏବଂ ଆପଣ– ସମସ୍ତେ ସେହି ଆନନ୍ଦର ଅନ୍ୱେଷଣରେ ଅଛୁ। କିଏ ଏଇଠି, ତ କିଏ ଆଉ କେଉଁଠି ତାକୁ ହିଁ ଅନ୍ୱେଷଣ କରୁଛି। କିନ୍ତୁ ଅନ୍ୱେଷଣ ଅବ୍ୟାହତ ରହିଛି।

ସାଧାରଣ ଜୀବ ଚାହେଁ ବିଷୟର ଆସ୍ୱାଦନରେ ତାହାକୁ ଆନନ୍ଦ ମିଳୁ। ସନ୍ଥମାନେ ଚାହାନ୍ତି ବିଷୟର ତ୍ୟାଗରେ ତାଙ୍କୁ ଆନନ୍ଦ ମିଳୁ। ସମସ୍ତେ ତାକୁ ହିଁ ଖୋଜୁଛନ୍ତି। କେହି ସୁଖ ଚାହାନ୍ତି ନାହିଁ। ସମସ୍ତେ ଆନନ୍ଦ ଚାହାନ୍ତି। କିନ୍ତୁ ଲୋକେ ଭ୍ରମବଶତଃ ସୁଖକୁ ଆନନ୍ଦ ମାନି ନେଇଥାଆନ୍ତି। ଆନନ୍ଦ ତାହାକୁ କହନ୍ତି ଯାହା ଜୀବନରେ ଥରେ ଉପଲବ୍ଧ ହୋଇଗଲେ ପୁନର୍ବାର ତାହା ଭଙ୍ଗ ହୋଇନଥାଏ କିମ୍ବା ଖସି ଯାଇନଥାଏ। ଜୀବନରେ ଥରେ ଯଦି ଆନନ୍ଦର ଉଦୟ ହୋଇଯାଏ

ତେବେ ପୁଣି ତାହାର ଅସ୍ତ ହୋଇ ନଥାଏ। ସୁଖ ତାକୁ କହନ୍ତି ଯାହା ଆମକୁ କିଛି ସମୟ ପାଇଁ ଆହ୍ଲାଦିତ ତ କରେ କିନ୍ତୁ ପର ମୁହୂର୍ତ୍ତରେ ଦୁଃଖରେ ରୂପାନ୍ତରିତ ହୋଇ ଯାଇଥାଏ।

ଲୋକେ ଇନ୍ଦ୍ରିୟର ସୁଖକୁ ହିଁ ଆନନ୍ଦର ଆଧାର ମାନି ତାହାର ଅନୁସନ୍ଧାନରେ ଲାଗି ରହିଥାନ୍ତି। ତେଣୁକରି କେହି ଜିହ୍ୱାର ରସାସ୍ୱାଦନରେ ସୁଖ ଖୋଜିଥାଏ ଏବଂ ଭାବିଥାଏ ଯେ ଭଲ ଭୋଜନ ମିଳିଲେ ମୁଁ ସୁଖୀ ହୋଇଯିବି। କେହି ଭାବେ– ଭଲ ରୂପ ଦର୍ଶନ କଲେ ମୁଁ ସୁଖୀ ହୋଇଯିବି। କେହି ଭାବେ, ଅତ୍ୟଧିକ ଟଙ୍କା ଉପାର୍ଜନ କଲେ ମୁଁ ସୁଖୀ ହୋଇଯିବି। କେହି ଭାବେ– ଭଲ ଘର ତିଆରି କରିଦେଲେ, ଭଲ ପଦବୀ ମିଳିଗଲେ, ଭଲ ପତ୍ନୀ ମିଳିଗଲେ ମୁଁ ସୁଖୀ ହୋଇଯିବି। ଯଥାର୍ଥରେ ଏହି ଇଚ୍ଛା ସୁଖର ନୁହେଁ, ଏହା ଆନନ୍ଦର ଇଚ୍ଛା। କାରଣ ସେ ଏପରି ସୁଖ ଚାହେଁ ଯାହା ଶାଶ୍ୱତ ହୋଇଥିବ ଏବଂ ସେ ସବୁଦିନ ପାଇଁ ସୁଖୀ ହୋଇଯିବ।

ସଂସାରରେ କେହି କେବେହେଲେ ଦୁଃଖୀ ହେବାକୁ ଚାହାନ୍ତି ନାହିଁ। କିନ୍ତୁ ଏପରି ହୋଇନଥାଏ, କାରଣ ଇନ୍ଦ୍ରିୟଗତ ସୁଖ ଆନନ୍ଦ ନୁହେଁ। ଏହା ଭ୍ରମ ଅଟେ। ଏହି ସୁଖ ଭ୍ରମ ସୃଷ୍ଟି କରେ। ଆମେ ତାକୁ କିଛି ସମୟ ପାଇଁ ଉପଭୋଗ କରିଥାଉଁ। କିନ୍ତୁ ପର ମୁହୂର୍ତ୍ତରେ ପୁନର୍ବାର ଦୁଃଖି ହୋଇଯାଉଁ। ଆମେ ସୁଖ ପାଇବାପାଇଁ ଦୃଶ୍ୟ ଗୁଡ଼ିକୁ ଏତେ ଅଧିକ ମାତ୍ରାରେ ଦେଖୁଁ ଯେ ଆମର ଆଖି ଖରାପ ହୋଇଯାଏ। ସୁଖୀ ହେବାପାଇଁ ଏତେ ବେଶୀ ଖାଇଥାଉଁ ଯେ ଆମର ପେଟ ଖରାପ ହୋଇଯାଏ ଏବଂ ଆମେ ଡାକ୍ତରଙ୍କ ପାଖକୁ ପହଞ୍ଚିଯାଉଁ। ସୁଖର ଅନ୍ୱେଷଣରେ ଆମେ ଏତେ ଅଧିକ ଧନ ଉପାର୍ଜନ କରିଥାଉଁ ଯେ ଆମର ନିଦ ହଜିଯାଏ ଏବଂ ଆମକୁ ବ୍ଲଡପ୍ରେସର ହୋଇଯାଏ। ସୁଖ ପାଇଁ ହିଁ ଆମେ ବସ୍ତୁ ସଂଗ୍ରହ କରୁଁ। ଭାବୁ– ସଂସାରର ସମସ୍ତ ବସ୍ତୁ ଆମ ପାଖରେ ଏକତ୍ରିତ ହୋଇଗଲେ ଆମେ ସୁଖୀ ହୋଇଯିବୁ। ମାତ୍ର

ବନ୍ଧୁଗଣ ! ଏହା ସତ୍ୟ ନୁହେଁ। ସତ୍ୟ ତ ଏହା ଅଟେ ଯେ- ସଂସାର ଆଜି ପର୍ଯ୍ୟନ୍ତ କାହାରିକୁ ଆଦୌ ସୁଖ ଦେଇନାହିଁ।

ଆଲେକ୍‌ଜାଣ୍ଡାର୍(ସିକନ୍ଦର)କୁ ଦେଖନ୍ତୁ। ସେ ବିଶ୍ୱ ବିଜୟ ପାଇଁ ବାହାରିଥିଲା। ଭାବିଥିଲା, ସମଗ୍ର ବିଶ୍ୱର ସମ୍ରାଟ ହୋଇଗଲେ ମୁଁ ସୁଖୀ ହୋଇଯିବି। କିନ୍ତୁ ହେଲା କି ? ହୋଇ ପାରିଲା ନାହିଁ। ସଂସାରର ବିଜୟ କ'ଣ କରିବ, ଫେରନ୍ତା ରାସ୍ତାରେ ମଝିରେ ହିଁ ସେ ବିପରୀତ ପରିସ୍ଥିତିରେ ପଡ଼ି ନିରୂପାୟ ହୋଇଗଲା ଓ ତାହାର ମୃତ୍ୟୁ ହୋଇଗଲା। ମୃତ୍ୟୁ ସମୟରେ ସେ କହିଥିଲା- ଯେତେବେଳେ ମୋର ଶରୀରକୁ ଶ୍ମଶାନକୁ ନେବ, ତେବେ ଗୋଟିଏ କାମ କରିବ- ମୋର ଦୁଇହାତକୁ ଖୋଲା ରଖିଦେବ।

କେହି ଜଣେ ପଚାରିଲା- ଏପରି କାହିଁକି କହୁଛ ?

ସିକନ୍ଦର କହିଲା - ଲୋକେ ଜାଣନ୍ତୁ ଯେ ଯାହାକୁ ସେମାନେ ମହାନ୍ ସିକନ୍ଦର କହୁଥିଲେ, ସେ ମଧ୍ୟ ଏହି ସଂସାରରୁ ଫେରିବା ବେଳେ ଶୂନ୍ୟ ହସ୍ତରେ ଯାଉଛି। ସେ କିଛି ହେଲେ ଏଠାରୁ ନେଇ ଯାଉନାହିଁ।

ଆମର ସନ୍ଥମାନେ ଆମକୁ ବୁଝାଇଛନ୍ତି- **"ତୁ ମୁଟ୍ଠୀ ବାନ୍ଧେ ଆୟା ଥା ଔର ହାଥ ପସାରେ ଜାୟେଗା"** ଅର୍ଥାତ୍ ତୁ ହାତ ମୁଠାକରି ଆସିଥିଲୁ, କିନ୍ତୁ ଗଲାବେଳେ ହାତ ଖୋଲାକରି ଚାଲି ଯିବୁ। ବନ୍ଧୁଗଣ ! ସଂସାରରେ ଆପଣ ଯେତେବେଳେ ଜନ୍ମ ହେଲେ ତେବେ ହାତ ମୁଠାକରି ଜନ୍ମ ହୋଇଥିଲେ। କିଛି ନେଇ ଜନ୍ମ ହୋଇଥିଲେ। କିନ୍ତୁ ଏଠାରୁ ଯେତେବେଳେ ଯିବେ ଖାଲି ହାତରେ ଯିବେ। ସଂସାରର କୌଣସି ବସ୍ତୁ ଆପଣଙ୍କ ସାଙ୍ଗରେ ଯିବ ନାହିଁ। ଯଦି କିଛି ଯିବ, ତେବେ ଭଗବତ୍ ଚିନ୍ତନର, ସାଧନାର, ସତ୍କର୍ମର, ସଦ୍ଧର୍ମର ଫଳ ହିଁ ଯିବ। ସେ ହିଁ ସୂକ୍ଷ୍ମ ରୂପରେ ପ୍ରାରବ୍ଧ ହୋଇ ଆପଣଙ୍କ ସାଙ୍ଗରେ ଯିବ। ଟଙ୍କା-ପଇସା, ଧନ-ସମ୍ପତ୍ତି ସବୁ ଏଠାରେ ରହିଯିବ। ପଦ ଏଠାରେ ରହିଯିବ। ପ୍ରତିଷ୍ଠା

ଏଠାରେ ରହିଯିବ। ବନ୍ଧୁ-ବାନ୍ଧବ ଏଠାରେ ରହିଯିବେ। ଆପଣଙ୍କର ଇଷ୍ଟ-ମିତ୍ର-ପ୍ରିୟ, ଯେଉଁମାନଙ୍କୁ ଆପଣ ବହୁତ ଭଲ ପାଉଥିଲେ, ସମସ୍ତେ ଏଠାରେ ହିଁ ରହିଯିବେ। ଆପଣଙ୍କର ପତ୍ନୀ ମଧ୍ୟ କିଛି ସମୟ ପାଇଁ କାନ୍ଦିବ, କିନ୍ତୁ ପରମୁହୂର୍ତ୍ତରେ ସେହି ପତ୍ନୀ ଯିଏ ଆପଣଙ୍କୁ ବହୁତ ଭଲ ପାଉଥିଲା- ଡରିବାକୁ ଲାଗିବ ଏବଂ କହିବ- ଏହାଙ୍କୁ ଶୀଘ୍ର ନେଇଯାଅ। ଇଏ ଭୂତ ହୋଇଗଲେ।

ଏହି ସଂସାର ଶାଶ୍ୱତ ନୁହେଁ। ସେହିପରି ଏହି ସଂସାରର ସମ୍ବନ୍ଧ ମଧ୍ୟ ଶାଶ୍ୱତ ନୁହେଁ। ପତ୍ନୀ ମରିଗଲେ ପତି କହିବ- ପେତୁଣୀ ହୋଇଗଲା। ପତି ମରିଗଲେ ପତ୍ନୀ କହିବ- ପ୍ରେତ ହୋଇଗଲା। ତେଣୁ ସମସ୍ତ ସମ୍ବନ୍ଧ କେବଳ ବଞ୍ଚିଥିବା ପର୍ଯ୍ୟନ୍ତ। ସମସ୍ତ ସମ୍ପତ୍ତି କେବଳ ବଞ୍ଚିଥିବା ପର୍ଯ୍ୟନ୍ତ। ତା'ପରେ ଏଠାରୁ କାହାକୁ କିଛି ହେଲେ ନବାର ନାହିଁ। ସମସ୍ତେ ଏକାକୀ ଆସିଛନ୍ତି ଏବଂ ଏକାକୀ ଯିବେ, ବାସ୍। ହଁ, ଯଦି ଆପଣଙ୍କ ସାଙ୍ଗରେ କିଛି ଯିବ ତେବେ ତାହା ହେଉଛି ଆପଣଙ୍କର ସତ୍‌କର୍ମର ଫଳ। ଯଦି ଆପଣ ଭଗବାନଙ୍କର ନାମ ନେଇଛନ୍ତି, ଭଗବାନଙ୍କର ଭଜନ କରିଛନ୍ତି, ତେବେ ପରଜନ୍ମରେ ତାହା ହିଁ ଆପଣଙ୍କର ପୁଞ୍ଜି ହେବ। ଅର୍ଥାତ୍ ଦିବ୍ୟବସ୍ତୁ ଆପଣଙ୍କ ସାଙ୍ଗରେ ଯିବ ଓ ସଂସାରର ବସ୍ତୁ ସବୁ ଏଠାରେ ହିଁ ରହିଯିବ। ସୁତରାଂ ସନ୍ଥ-ମହାପୁରୁଷଗଣ ଆପଣଙ୍କୁ ସର୍ବଦା ଏହା କହିଥାନ୍ତି ଯେ- ଠିକ୍ ଅଛି, ତୁମେ ଖୁବ୍ ଖାଅ-ପିଅ-ରୋଜଗାର କର କିନ୍ତୁ ଗୋଟିଏ କଥା ସଦା ସ୍ମରଣ ରଖିବ- ସବୁବେଳେ ଭଗବାନଙ୍କୁ ସ୍ମରଣ କରୁଥିବ। ସନ୍ଥମାନେ କହିଛନ୍ତି-

**ମୁଖ ମେ ହୋ ରାମ ନାମ ରାମ ସେବା ହାଥ ମେଁ ।**
**ତୁ ଅକେଲା ନାହିଁ ପ୍ୟାରେ ରାମ ତେରେ ସାଥ ମେଁ ॥**

ଯଦି ଆପଣ ଭଗବାନଙ୍କର ଆଶ୍ରୟ ନେଇଛନ୍ତି, ତେବେ

ଅନ୍ତିମ କାଳରେ ସେ ହିଁ ଆପଣଙ୍କ ସାଙ୍ଗରେ ଥିବେ। ବାକି ସବୁ ତ ଏଠାରେ ହିଁ ରହିଯିବ।

ପରମାତ୍ମା ଆମକୁ ଏହି ହାତ ଦେଇଛନ୍ତି କର୍ମ କରିବା ପାଇଁ। ଏହା ଦ୍ୱାରା ଆପଣ ଏପରି କର୍ମ କରନ୍ତୁ ଯଦ୍‌ଦ୍ୱାରା ଆପଣଙ୍କ ନିଜର ତ କଲ୍ୟାଣ ହେଉ, ତା'ସହିତ ଅନ୍ୟ ମାନଙ୍କର ମଧ୍ୟ କଲ୍ୟାଣ ହେଉ। ପରମାତ୍ମା ଆମକୁ ପାଦ ଦେଇଛନ୍ତି ଚାଲିବା ପାଇଁ। ତେଣୁ ଏପରି ମାର୍ଗରେ ଚାଲନ୍ତୁ, ଏପରି ମାର୍ଗରେ ଲୋକଙ୍କୁ ନେଇଯାଆନ୍ତୁ ଯେପରି କି ଆପଣଙ୍କ ନିଜର ତ କଲ୍ୟାଣ ହେଉ, ଯେଉଁମାନେ ଆପଣଙ୍କୁ ଅନୁଗମନ କରୁଛନ୍ତି ତାଙ୍କର ମଧ୍ୟ କଲ୍ୟାଣ ହେଉ। ଆଖି ଦ୍ୱାରା ଆପଣ ଏପରି ବସ୍ତୁ ଦେଖନ୍ତୁ, ଯାହା ଆପଣଙ୍କ ପାଇଁ ଆନନ୍ଦଦାୟକ ତଥା କଲ୍ୟାଣକାରୀ ହେଉ।

ଶ୍ରୀମଦ୍ ଭାଗବତରେ, ଶ୍ରୀରାମ ଚରିତ ମାନସରେ, ଅନ୍ୟାନ୍ୟ ପୁରାଣ-ଶାସ୍ତ୍ରମାନଙ୍କରେ ବାରମ୍ବାର ଏହା କୁହାଯାଇଛି ଯେ " ହେ ମନୁଷ୍ୟ ! ଭଗବାନ ତୁମକୁ ହାତ ଦେଇଛନ୍ତି, ଏଣୁ ତାଙ୍କରି କର୍ମ କର। ପାଦ ଦେଇଛନ୍ତି, ଏଣୁ ଚାଲି ଚାଲି ତାଙ୍କ ମନ୍ଦିରକୁ ଯାଅ। କେବେହେଲେ ଗର୍ବ କର ନାହିଁ, କାରଣ ସଂସାରରେ କାହାରି ଗର୍ବ ରହେ ନାହିଁ। ବହୁତ ବଡ଼ ବଡ଼ ଗର୍ବୀ ମଣିଷ ଏ ସଂସାରକୁ ଆସିଛନ୍ତି ଏବଂ ଚାଲିଯାଇଛନ୍ତି। ଏଠାରେ କାହାରି ଗର୍ବ ରହି ନାହିଁ। ତେଣୁ ନିରହଙ୍କାର ଭାବରେ ନିଜକୁ ଭଗବାନଙ୍କ ଶ୍ରୀ ଚରଣରେ ସମର୍ପିତ କରି ଦିଅ। ଏହା ହିଁ ଜୀବନର ମହାନ୍ ଉପଲବ୍ଧି ଅଟେ।"

ଏହି ଅହଙ୍କାର, ଏହି 'ମୁଁକାର' କେତେବେଳ ପର୍ଯ୍ୟନ୍ତ ରହେ ? ଦେହରେ ବଳ ଥିବା ପର୍ଯ୍ୟନ୍ତ। ବର୍ତ୍ତମାନ ଆପଣଙ୍କ ଦେହରେ ବଳ ଅଛି, ଏଣୁ ଅହଙ୍କାର ଆସେ। କିନ୍ତୁ ବୃଦ୍ଧାବସ୍ଥାରେ ? ବୃଦ୍ଧାବସ୍ଥାରେ ଏହି ଶକ୍ତିଶାଳୀ ଶରୀର ଏପରି ହୋଇଯାଏ ଯେ ସ୍ୱୟଂକୁ ମଧ୍ୟ ସମ୍ଭାଳି

ପାରେ ନାହିଁ। ସ୍ୱୟଂକୁ ସମ୍ଭାଳିବା ପାଇଁ ବ୍ୟକ୍ତି ସେତେବେଳେ ବାଡ଼ିର ସାହାଯ୍ୟ ନିଏ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି–

**ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ ଦଶନବିହୀନଂ ଜାତଂ ତୁଣ୍ଡମ୍।**
**ବୃଦ୍ଧୋ ଯାତି ଗୃହୀତ୍ୱା ଦଣ୍ଡଂ ତଦପି ନ ମୁଞ୍ଚତ୍ୟାଶା ପିଣ୍ଡଂ ॥**
**ଭଜ ଗୋବିନ୍ଦଂ ଭଜ ଗୋବିନ୍ଦଂ**
**ଗୋବିନ୍ଦଂ ଭଜ ମୂଢ଼ମତେ ॥**

ହେ ମନୁଷ୍ୟ ! ବର୍ତ୍ତମାନ ତୁମର ଶରୀର ଗଳିତ ହେଲାଣି। ବୃଦ୍ଧ ହୋଇଗଲାଣି। ମୁଣ୍ଡର ଯେଉଁ କେଶକୁ ତୁମେ ସଜାଉଥିଲ, ଯାହାର ଏତେ ଯତ୍ନ ନେଉଥିଲ, ତାହା ମଧ ଏବେ ପାଚିଗଲାଣି। ତୁମର ଦାନ୍ତ, ଯାହା ଦ୍ୱାରା ତୁମେ ସମଗ୍ର ସଂସାରକୁ କାମୁଡ଼ି ଦେବାକୁ ସାହସ କରୁଥିଲ, ତାହା ମଧ୍ୟ ଏବେ ଭାଙ୍ଗିଗଲାଣି। ବର୍ତ୍ତମାନ ତୁମର ଅବସ୍ଥା ଏପରି ହୋଇଗଲାଣି ଯେ ବିନା ଆଶାବାଡ଼ିରେ ତୁମେ ଚାଲି ମଧ୍ୟ ପାରୁନାହ। ଯେଉଁ ଦେହକୁ ନେଇ ତୁମେ ଏତେ ଅଭିମାନ କରୁଥିଲ ତାହା ବର୍ତ୍ତମାନ କୌଣସି କାର୍ଯ୍ୟରେ ଆସୁନାହିଁ। ସେ ମଧ ଏବେ ଆଶ୍ରୟ ଖୋଜୁଛି। ତଥାପି ତୁମକୁ ତୁମର ଏହି ବୃଦ୍ଧ ଦେହ ପ୍ରତି ମୋହ ଅଛି। ଏଣୁ ହେ ମୂଢ଼ମତି ମାନବ ! ବର୍ତ୍ତମାନ ତୁମେ ଏହି ମୋହକୁ ତ୍ୟାଗ କର। ଆଉ ଯଦି ମୋହ କରିବାକୁ ଅଛି ତେବେ ଗୋବିନ୍ଦଙ୍କ ପ୍ରତି କର, ଗୋବିନ୍ଦଙ୍କୁ ଭଜ, କାରଣ ସେ ହିଁ ଏହି ଜୀବନର ଆଶ୍ରୟ ଅଟନ୍ତି– **"ଗୋବିନ୍ଦଂ ଭଜ ମୂଢ଼ମତେ।"** ଜୀବନ ଓ ଜଗତର ଏହି ସତ୍ୟକୁ ଭକ୍ତମାନେ ଜାଣିଥାନ୍ତି। ଏଣୁ ସେମାନେ ସବୁକିଛି ତ୍ୟାଗକରି କେବଳ ଭଗବାନଙ୍କର ହିଁ ସ୍ମରଣ କରିଥାନ୍ତି। ଆପଣ କହିପାରନ୍ତି– ଯଦି ଆମେ ସବୁ କିଛି ଛାଡ଼ି ଦିନରାତି କେବଳ ଭଗବାନଙ୍କର ସ୍ମରଣ କରିବୁ ତାହେଲେ ଆମର ପେଟ କିପରି ଭରିବ ? ପେଟ ଭରିବ, କାରଣ ଭରିବା ବ୍ୟକ୍ତି– ଅର୍ଥାତ୍ "ବିଶ୍ୱମ୍ଭର" ମଧ ସେ ହିଁ ଅଟନ୍ତି।

# ତୁମ ପ୍ରଭୁ ତୁମ ଅନ୍ତରେ

ମୁଁ ଆଜି ଭୋଜନ କରୁଥିବା ସମୟରେ ମୋ'ପାଖରେ ଯେଉଁମାନେ ବସିଥିଲେ ତାଙ୍କୁ ମୁଁ ଦେଖାଉଥିଲି- ମୋ ସମ୍ମୁଖରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସବୁ ପରଷାଯାଇଥିଲା। ମୁଁ କହିଲି- ଦେଖନ୍ତୁ, ଆପଣମାନଙ୍କୁ ଉତ୍ତମ ଭୋଜନ ମିଳୁଛି କି ମୋତେ ? ମୋତେ କେତେ ପ୍ରକାରର ଉତ୍ତମ ଉତ୍ତମ ଅନ୍ନ-ବ୍ୟଞ୍ଜନ ପରଷାଯାଇଛି। ଚବିଶ ଘଣ୍ଟା ପରିଶ୍ରମ ଆପଣମାନେ କରୁଛନ୍ତି, ତଥାପି ମଧ୍ୟ ଏପରି ଭୋଜନ କରିପାରୁ ନାହାନ୍ତି। ମୁଁ କିନ୍ତୁ କିଛି ହେଲେ ପରିଶ୍ରମ କରୁ ନାହିଁ, ଅଥଚ ମୋ'ପାଇଁ କେତେ ଉତ୍ତମ ବ୍ୟବସ୍ଥା କରାଯାଇଛି। ଏସବୁ କିଏ କରିଛନ୍ତି ? ଏହା ସେହି ବିଶ୍ୱମ୍ଭରଙ୍କ ବ୍ୟବସ୍ଥା ଅଟେ। ଆପଣମାନେ କେବଳ ମାଧ୍ୟମ ଅଟନ୍ତି। ସେଇଥିପାଇଁ ମୁଁ କହୁଛି- ତାଙ୍କୁ ହିଁ ସ୍ମରଣ କରନ୍ତୁ, ତାଙ୍କରି ଭଜନ କରନ୍ତୁ ଏବଂ ତାଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପିତ କରି ଦିଅନ୍ତୁ କିନ୍ତୁ ବିନା ସର୍ତ୍ତରେ। ତା'ପରେ ଦେଖିବେ କ'ଣ ହେଉଛି। କିନ୍ତୁ ମନେ ରଖିବେ- ସମର୍ପଣ ପାଇଁ ଆପଣଙ୍କ ଭିତରେ ସାହସ ଥିବା ଦରକାର। ଏହା ଭାବିବା ଉଚିତ ନୁହେଁ ଯେ ଯିଏ ଦୁର୍ବଳ ସେ ହିଁ ନିଜକୁ ଭଗବାନଙ୍କର ଚରଣ ତଳେ ସମର୍ପିତ କରିଥାଏ। ନା, ତାହା ନୁହେଁ। ପ୍ରକୃତରେ ଯିଏ ସାହସୀ, ସେ ହିଁ ନିଜକୁ ଭଗବାନଙ୍କର ଚରଣ ତଳେ ସମର୍ପିତ କରିପାରେ।

ଦୁର୍ବଳ ବ୍ୟକ୍ତି ଈଶ୍ୱର ପ୍ରତି ନୁହେଁ, ସଂସାର ପ୍ରତି ସମର୍ପିତ ହୋଇଥାଏ। ପତି ଭାବେ- ଅନ୍ତକାଳରେ ପତ୍ନୀ କାମକୁ ଆସିବ। ପତ୍ନୀ ଭାବେ- ଅନ୍ତକାଳରେ ପତି କାମକୁ ଆସିବେ। ପତି-ପତ୍ନୀ ଉଭୟେ ପିଲା-ଛୁଆମାନଙ୍କ ଉପରେ ଭରସା ରଖନ୍ତି। ସେମାନେ ଏଇଥିପାଇଁ ତାଙ୍କ ପାଳନ-ପୋଷଣ କରିଥାଆନ୍ତି, ତାଙ୍କୁ ପଢ଼ାଇଥାଆନ୍ତି ଯେ ବୃଦ୍ଧ ବୟସରେ ସେମାନେ କାମକୁ ଆସିବେ। କିନ୍ତୁ ସଂସାରରେ ପ୍ରାୟତଃ ଏପରି ହୋଇନଥାଏ। ପୁତ୍ର ଯେବେ ବଡ଼ ହୋଇଯାଏ, ତା'ର ବିବାହ

ହୋଇଯାଏ, ସେ ପତ୍ନୀକୁ ନିଜ ସାଙ୍ଗରେ ନେଇ ଅନ୍ୟତ୍ର ଚାଲିଯାଇଥାଏ। ସେତେବେଳେ ବିଚରା ବାପା-ମାଆ ନିରାଶ ହୋଇଯାଆନ୍ତି ଏବଂ ଶେଷରେ ଘରେ ହେଉ ଅଥବା ବୃଦ୍ଧାଶ୍ରମରେ ବସି ନିଜର ଭାଗ୍ୟକୁ ନେଇ କ୍ରନ୍ଦନ କରିଥାଆନ୍ତି।

ତେଣୁକରି ସନ୍ଥମାନେ କହିଛନ୍ତି- "ହେ ମନୁଷ୍ୟ! ତୁମେ ସଂସାର ଠାରୁ ଅଧିକ କିଛି ଆଶା କରନାହିଁ। କଲେ ଦୁଃଖ ପାଇବ। କାରଣ, ଆଶା ହିଁ ଦୁଃଖର କାରଣ ଅଟେ। ଆଉ ଯଦି ଆଶା କରିବାର ଅଛି, ତେବେ ଭଗବାନଙ୍କ ଠାରେ କର, ଯେପରି କି ଗୋପୀମାନେ କରିଥିଲେ। ଗୋପୀମାନଙ୍କର ଆଶା, ଆକାଂକ୍ଷା, ସାହସ ଏବଂ ସମର୍ପଣ- ପ୍ରକୃତରେ ଅଲୌକିକ ଏବଂ ଅପୂର୍ବ ଅଟେ। ଗୋପୀମାନେ ସାହସିନୀ ଅଟନ୍ତି। ସମର୍ପଣର ପରାକାଷ୍ଠା ଅଟନ୍ତି।

ରାସଲୀଳାର ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଗୋପୀମାନଙ୍କୁ ଯେତେବେଳେ କହିଲେ- ଏତେ ରାତ୍ରିରେ ତୁମେ ସମସ୍ତେ ଲୋକ ମର୍ଯ୍ୟାଦା, ବେଦ ମର୍ଯ୍ୟାଦାକୁ ତ୍ୟାଗକରି, ପତି-ପୁତ୍ରଙ୍କୁ ଛାଡ଼ି, ନିଜ ନିଜର କାମ-ଧାମକୁ ଛାଡ଼ି ସମସ୍ତେ ଏଠାକୁ କାହିଁକି ଆସିଲ? କ'ଣ ତୁମେ ସମସ୍ତେ ପାଗଳ ହେଲ କି? ଲୋକେ ଶୁଣିଲେ, ଜାଣିଲେ ତୁମର କେତେ ବଦନାମ୍ ହେବ ଜଣିଛ?

ଗୋପୀମାନେ କହିଲେ- ଭଗବନ୍! ଆମକୁ ଏ ସବୁ ଜଣା ଅଛି। ଆମେ ପାଗଳ ମଧ୍ୟ ନୋହୁଁ। ହଁ, ଆଜି ପର୍ଯ୍ୟନ୍ତ ଆମେ ନିଶ୍ଚୟ ପାଗଳ ଥିଲୁଁ। ଭାବୁଥିଲୁ ଯେ ଘରେଥିବା ପତି ହିଁ ଯଥାର୍ଥରେ ଆମର ପତି। କିନ୍ତୁ ଆଜି ଆମେ ବୁଝିପାରିଲୁ ଯେ ଯଥାର୍ଥରେ ତାହା ନୁହେଁ। ଯାହାକୁ ଆଜି ପର୍ଯ୍ୟନ୍ତ ଆମେ ପୁତ୍ର ମାନୁଥିଲୁ, ଯଥାର୍ଥରେ ସେ ପୁତ୍ର ନୁହେଁ। ଯାହାଙ୍କୁ ପିତା ମାନୁଥିଲୁ, ମାତା ମାନୁଥିଲୁ ଯଥାର୍ଥରେ ସେମାନେ ମଧ୍ୟ ଆମର ପିତା-ମାତା ନୁହଁନ୍ତି।

କୃଷ୍ଣ ପଚାରିଲେ- ତା'ହେଲେ ଯଥାର୍ଥରେ ସେମାନେ କିଏ ?

ଗୋପୀମାନେ କହିଲେ- ସେମାନେ କେବଳ ପ୍ରତିରୂପ ଅଟନ୍ତି। କିନ୍ତୁ ଯଥାର୍ଥରେ ଆପଣ ହିଁ ଆମର ପତି, ପୁତ୍ର, ପିତା, ମାତା, ବନ୍ଧୁ, ସଖା ସବୁ କିଛି ଅଟନ୍ତି। ଆପଣ ହିଁ ଆମ ସମସ୍ତଙ୍କ ଜୀବନର ଏକମାତ୍ର ଆଧାର ଅଟନ୍ତି।

ବନ୍ଧୁଗଣ ! ଯଥାର୍ଥରେ ଏହା ହିଁ ବାସ୍ତବିକତା ଅଟେ। ଭଗବାନ କ'ଣ ହୋଇ ନ ପାରନ୍ତି ? ସେ ସବୁ କିଛି ହୋଇପାରନ୍ତି। ଅନ୍ତିମ କାଳରେ ଆମକୁ ଯଦି କେହି ସହଯୋଗ କରେ, ଆଶ୍ୱାସନା ଦିଏ, ଆମର ସୁରକ୍ଷା କରେ, ତାହେଲେ ସେ ଏକମାତ୍ର ଭଗବାନ ହିଁ ଅଟନ୍ତି। କିନ୍ତୁ ସେଥିପାଇଁ ଆମ ଭିତରେ ତାଙ୍କ ପ୍ରତି ପ୍ରେମ ଥିବା ଦରକାର, ଅନୁରାଗ ଥିବା ଦରକାର, ତେବେଯାଇ ସେ ମିଳନ୍ତି। ଗୋସ୍ୱାମୀ ତୁଳସୀଦାସଜୀ କହିଛନ୍ତି-

**ମିଲହିଁ ନ ରଘୁପତି ବିନୁ ଅନୁରାଗା ।**
**କିୟେ ଯୋଗ ଜପ ଜ୍ଞାନ ବିରାଗା ॥** (ମାନସ)

ଆପଣ ଯୋଗୀ ହୋଇଯାଆନ୍ତୁ, ବୈରାଗୀ ହୋଇଯାଆନ୍ତୁ, ଜ୍ଞାନୀ ହୋଇଯାଅନ୍ତୁ- ଯଦି ତା'ସହିତ ଆପଣଙ୍କର ପ୍ରେମ ସଂଲଗ୍ନ ହୋଇନାହିଁ ତା'ହେଲେ ଭଗବାନ ସାମନାକୁ ଆସିଗଲେ ମଧ୍ୟ ଆପଣ ତାଙ୍କୁ ଚିହ୍ନିପାରିବେ ନାହିଁ। ଏଣୁ ପ୍ରେମ ଜରୁରୀ ଅଟେ।

ମୁଁ ଶୁଣିଛି- ଜଣେ ଭକ୍ତ ଶ୍ରୀରାମକୃଷ୍ଣ ପରମହଂସଙ୍କୁ ବହୁତ ପ୍ରେମ କରୁଥିଲେ। ଦିନେ ସେ ମିଷ୍ଟାନ୍ନ ଧରି ପରମହଂସଙ୍କୁ ସମର୍ପିତ କରିବାପାଇଁ ଗଲେ। ସେ ଟ୍ରାମ୍‌ରେ ଆସୁଥିଲେ। ବହୁତ ବଢ଼ିଆ ରସଗୋଲା ଧରି ଆସୁଥିଲେ। ଟ୍ରାମ୍‌ରେ ତାଙ୍କ ପାଖକୁ ଜଣେ ଭିକାରୀ ଆସି କହିଲା- ବାବା, କିଛି ଖାଇବାକୁ ଦିଅ !

ସେ କହିଲେ- ମୋ' ପାଖରେ କିଛି ନାହିଁ, କ'ଣ ଖାଇବାକୁ ଦେବି ?

ଭିକାରୀ କହିଲା- ହାତରେ ତ ବହୁତ ବଢ଼ିଆ ମିଠା ଧରିଛ, ସେଥିରୁ କିଛି ଖାଇବାକୁ ଦିଅ।

ସେ ଭିକାରୀକୁ ବିଗଡ଼ିଯାଇ କହିଲେ- ଯା ଯା, ଏ ମିଠା ତୋ'ପାଇଁ ନୁହେଁ। ମନକୁ ମନ ଭାବିଲେ- କେଜାଣି କେଉଁଠୁ ଏହି ଭିକାରୀ ଗୁଡ଼ାକ ଜୁଟି ଜାଆନ୍ତି। ରାସ୍ତାରେ, ଗଳିରେ, ଘରେ-ଦ୍ୱାରେ, ଏପରିକି ଏହି ଟ୍ରାମ୍‌ରେ ମଧ- ଯେଉଁଠି ଦେଖିବ ଏମାନେ ଜୁଟି ଯାଇଥାଆନ୍ତି। ଏହି ରସଗୋଲା ତ ମୁଁ ପରମହଂସଙ୍କ ପାଇଁ ନେଉଛି। ଏଥିରୁ ଭଲା ଏ ଭିକାରୀକୁ କିପରି ଦେଇ ପାରିବି! ଯା'ପରେ ସେ ପରମହଂସଙ୍କ ପାଖରେ ପହଞ୍ଚିଲେ। ରସଗୋଲା ସମ୍ମୁଖରେ ରଖିବାରୁ, ପରମହଂସଜୀ ଅନ୍ୟ ଆଡ଼େ ମୁହଁ ମୋଡ଼ି ଦେଲେ।

ସେ କହିଲେ- ଭଗବନ୍! ଏ ସବୁ ଆପଣଙ୍କ ପାଇଁ ଆଣିଛି।

ପରମହଂସଜୀ କହିଲେ- ଯେତେବେଳେ ମୁଁ ମାଗିଲି ସେତେବେଳେ ତ ତୁମେ ମୋତେ ଦେଲ ନାହିଁ, ବର୍ତ୍ତମାନ ଆଣିଲେ କ'ଣ ହେବ? ବର୍ତ୍ତମାନ ମୋତେ ଏହାର ଆବଶ୍ୟକତା ନାହିଁ।

ଭକ୍ତ ଜଣକ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- ଆପଣ କେତେବେଳେ ମାଗିଲେ?

ପରମହଂସଜୀ କହିଲେ- ତୁମର ମନେ ନାହିଁ, ଟ୍ରାମ୍‌ରେ ତୁମକୁ କେହିଜଣେ ମିଠା ମାଗିଲଥିଲା?

ଭକ୍ତ କହିଲା- ହଁ, ସେ ତ ଜଣେ ଭିକାରୀ ଥିଲା?

ପରମହଂସଜୀ କହିଲେ- ସେ ଭିକାରୀ ମୁଁ ହିଁ ଥିଲି। ମୁଁ ହିଁ ତୁମକୁ ଭିକାରୀ ରୂପରେ ରସଗୋଲା ମାଗୁଥିଲି।

ବନ୍ଧୁଗଣ! ଏହା କେବେ ହେଲେ ଭାବନ୍ତୁ ନାହିଁ ଯେ ଆପଣଙ୍କ ଦ୍ୱାରକୁ କେହି ଭିକାରୀ ଯଦି ଆସିଛି, ସେ କେବଳ ଜଣେ ଭିକାରୀ ହୋଇଥିବ। ସେ ଅନ୍ୟ କେହି ମଧ୍ୟ ହୋଇପାରନ୍ତି। ଭଗବାନ

ଯେକୌଣସି ବେଶରେ ତୁମ ଦୁଆରକୁ ପହଞ୍ଚି ଯାଇପାରନ୍ତି। ତେଣୁ କରି ଆମ ଏଠାରେ **"ଅତିଥି ଦେବୋ ଭବ"** କୁହାଯାଇଛି। ଅତିଥିଙ୍କୁ ଦେବତା ବୋଲି କୁହାଯାଇଛି। ଭଗବାନ ଆମ ସମ୍ମୁଖରେ ଯେକୌଣସି ରୂପରେ, ଯେକୌଣସି ସମୟରେ, ଯେକୌଣସି ଯାଗାରେ ପ୍ରକଟ ହୋଇପାରନ୍ତି। ସେଇଥିପାଇଁ ସନ୍ଥମାନେ କହିଛନ୍ତି-

**ବଡ଼େ ପ୍ରେମ ସେ ମିଲନା ସବସେ**
**ଦୁନିଆଁ ମେ ଇନ୍‌ସାନ୍‌ରେ ।**
**କ୍ୟା ଜାନେ କିସ ବେଶ୍ ମେଁ ବାବା**
**ମିଲଯାଏଁ ଭଗବାନ ରେ ॥**

ଏହି ଧରିତ୍ରୀ ଭଗବାନଙ୍କର ଅଟେ। ଏହା ଆମର, ତୁମର କିମ୍ବା କାହାରି ଜଣକର ନୁହେଁ। ଏଠାରେ ସେ ଯେକୌଣସି ଠାରେ ମଧ୍ୟ, ଯେକୌଣସି ସମୟରେ ପ୍ରକଟ ହୋଇପାରନ୍ତି। ତାଙ୍କ ପାଇଁ କୌଣସି ବାରଣ ନାହିଁ। ତାଙ୍କର କୌଣସି ନିର୍ଦ୍ଦିଷ୍ଟ ନିୟମ ନାହିଁ। ତାଙ୍କୁ ଜାଣିବା, ଚିହ୍ନିବା ପାଇଁ ହେଲେ ନିଜ ଆଖିରେ ଅପଣ କେବଳ ପ୍ରେମର ଚଷମା ପିନ୍ଧି ନିଅନ୍ତୁ, କାମ ହୋଇଯିବ।

ଆପଣ କହୁଛନ୍ତି ଏହି ଜମି ମୋର। ଏହି କଥା ଆପଣଙ୍କ ପୂର୍ବରୁ ଆପଣଙ୍କର ବାପା କହୁଥିଲେ। ତାଙ୍କ ପୂର୍ବରୁ ତାଙ୍କର ବାପା ମଧ୍ୟ ଏ କଥା କହୁଥିଲେ। କିନ୍ତୁ ଜମି କେବେହେଲେ କହି ଥାଏ କି ଯେ ମୁଁ ତୁମର, ତୁମ ବାପାଙ୍କର କିମ୍ବା ତୁମ ଜେଜେଙ୍କର ଅଟେ ? ଆପଣ କହନ୍ତି ଏ ଘର ମୋର, କିନ୍ତୁ କେବେ ଘର କହିଥାଏ କି ମୁଁ ତୁମର ବୋଲି ?

ବନ୍ଧୁଗଣ ! ଏହି ଘର-ଦ୍ୱାର, ଜମି-ବାଡ଼ି, ଏ ସବୁ ପରମାତ୍ମାଙ୍କର ଅଟେ। ପରମାତ୍ମା ଏହା ଆମକୁ ଦେଇଛନ୍ତି। ଏଣୁ ଆମେ ଏହାର ସଦୁପଯୋଗ କରିବା ଉଚିତ। ଏ ସବୁ ପରମାତ୍ମାଙ୍କର-

ଏହା ଭାବି ଏ ସବୁର ଉପଯୋଗ କଲେ ହିଁ ଆପଣ ସୁଖୀ ହେବେ। ତେବେ କିଛି ହେଲେ ଚିନ୍ତା ଆଉ ରହିବ ନାହିଁ। ସମସ୍ତ ପ୍ରକାର ଚିନ୍ତାର କାରଣ ହେଉଛି- 'ମୁଁ' ଏବଂ 'ମୋର'ର ଭାବ। ଏଣୁ 'ମୁଁ' ଏବଂ 'ମୋର' ଭାବକୁ ଛାଡ଼ିଦିଅନ୍ତୁ- ଦେଖିବେ, ଆପଣଙ୍କର ଦେହ ନିରୋଗ ହୋଇଯିବ, ମନ ନିରୋଗ ହୋଇଯିବ, ଜୀବନ ସୁଖମୟ ହୋଇଯିବ। ତେବେ ଆପଣଙ୍କୁ କୌଣସି ଯୋଗ କରିବାର ଆବଶ୍ୟକତା ରହିବ ନାହିଁ। ଆପଣ କେବଳ ନିଜକୁ ସମର୍ପଣ କରି ଦେଖନ୍ତୁ- ସବୁ କିଛି ଆପେ ଆପେ ହୋଇଯିବ। ସମର୍ପଣ ଜୀବନର ଅନ୍ତିମ ଲକ୍ଷ୍ୟ ଅଟେ। ଜୀବନର ପରମ ଉପଲବ୍ଧି ଅଟେ। ଯାହାର ଜୀବନରେ ସମର୍ପଣର ପରିପୂର୍ଣ୍ଣତା ଆସିଥାଏ, ତା'ଭିତରେ ପ୍ରଭୁଙ୍କର ପ୍ରାକଟ୍ୟ ତତ୍‌କ୍ଷଣାତ୍ ହୋଇଯାଇଥାଏ। ତା' ସହିତ ସେ ସମସ୍ତ ପ୍ରକାରର ସଂସାରିକ ବନ୍ଧନରୁ, ସମସ୍ତ ପ୍ରକାରର ପାପରୁ ମୁକ୍ତ ହୋଇଯାଇଥାଏ। ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନକୁ କହିଛନ୍ତି-

**ସର୍ବଧର୍ମାନ୍ ପରିତ୍ୟଜ୍ୟ**
**ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱା ସର୍ବପାପେଭ୍ୟୋ**
**ମୋକ୍ଷୟିଷ୍ୟାମି ମା ଶୁଚଃ।** (୧୮/୬୬)

"ହେ ଅର୍ଜୁନ! ଜୀବନ ଏବଂ ଜଗତ ସହିତ ସମ୍ବନ୍ଧିତ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଅହଂତା-ମମତା ଆଦି ଯାହା କିଛି ଅଛି- ସବୁକିଛି ମୋ' ଉପରେ ଛାଡ଼ି ଦେଇ କେବଳ ତୁମେ ମୋର ଏକାନ୍ତ ଶରଣରେ ଆସିଯାଅ। ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରି ଦେବି।"

ମୁଁ ଦେଖୁଛି- ଏଠାରେ ଆପଣମାନେ ସମସ୍ତେ ଭଗବାନଙ୍କର ଭକ୍ତ ବସିଛନ୍ତି। କିନ୍ତୁ ଆପଣ ସମସ୍ତଙ୍କ ସହିତ ଗୋଟିଏ ସମସ୍ୟା ରହିଛି। ଆପଣମାନେ ଯେପରି ପ୍ରତିଦିନ ବସ୍ତ୍ର ବଦଳାଇଥାଆନ୍ତି ଠିକ୍ ସେହିପରି

ଗୁରୁ ଏବଂ ଭଗବାନ ମଧ୍ୟ ବଦଳାଉଛନ୍ତି। ଏହା ଠିକ୍ ନୁହେଁ। ଆପଣଙ୍କର ଭଗବାନ କେତେବେଳେ ଲଡୁଗୋପାଳ ହୋଇଯାଉଛନ୍ତି ତ କେତେବେଳେ ବାଳଗୋପାଳ। କେତେବେଳେ ରାଧେଶ୍ୟାମ ହୋଇଯାଇଛନ୍ତି ତ କେତେବେଳେ ସୀତାରାମ। କେତେବେଳେ ଆପଣ ଶନିଦେବଙ୍କର ପୂଜାରୀ ହୋଇଯାଉଛନ୍ତି ତ କେତେବେଳେ ରାହୁକେତୁର ଉପାସକ। କେତେବେଳେ ଆପଣଙ୍କର ଇଷ୍ଟ ଶଙ୍କର ହେଉଛନ୍ତି ତ କେତେବେଳେ ଦୁର୍ଗା। ଏହିପରି ଭାବରେ ଆପଣମାନେ ସବୁବେଳେ ବଦଳି ଯାଉଛନ୍ତି। ମୁଁ ଆପଣଙ୍କୁ କହିବାକୁ ଚାହେଁ ଯେ ଭଗବାନ ସର୍ବ ଦେବମୟ ଅଟନ୍ତି **"ସର୍ବଦେବମୟୋ ହରିଃ।"** ସୁତରାଂ ଆପଣ ଯାହାଙ୍କର ମଧ୍ୟ ଆରାଧନା କରନ୍ତୁ, ଦୃଢ଼ତାପୂର୍ବକ କରନ୍ତୁ। ଏହା ହିଁ ଉତ୍ତମ ଅଟେ। ଏପଟ ସେପଟ ହେଲେ କୌଣସି ଠାରେ କିଛି ମିଳିନଥାଏ।

ଜଣେ ବ୍ୟକ୍ତି ଏହିପରି ଏକ କଲୋନୀ ତିଆରି କରୁଥିଲା। ଅନେକ ଲୋକ ଏପରି ଥାଆନ୍ତି ନା, ଯେଉଁମାନେ କି ମାଟି ଭିତରେ କେଉଁଠାରେ ପାଣି ଅଛି ତାହାର ଜ୍ଞାନ ରଖିଥାଆନ୍ତି ? ଏପରି ଏକ ବ୍ୟକ୍ତିଙ୍କ ପାଖକୁ ସେ ସଜ୍ଜନ ଜଣକ ଗଲେ ଓ କହିଲେ- ମୋ' କଲୋନୀରେ ଗୋଟିଏ କୂଅ ଖୋଳିବାର ଅଛି। ତେଣୁ ଆପଣ ଆସି ଆମକୁ କହି ଦିଅନ୍ତୁ ପାଣି କେଉଁଠି ବାହାରିବ ?

ସେ ବ୍ୟକ୍ତି ସେହିଠାରେ ବସି ବସି କହିଲା- ମହାଶୟ ! ତୁମେ ଯେଉଁଠାରେ ଘର ତିଆରି କରୁଛ ଠିକ୍ ତାହାର ଐଶାନ୍ୟ କୋଣରେ ପାଣି ଅଛି। ଏମିତି କର- ୨୫ଫୁଟ୍ ଖୋଳି ଦିଅ, ପାଣି ବାହାରିଯିବ।

ସେ ଗଲା। ଘରର ଐଶାନ୍ୟ କୋଣକୁ ମାପିଚୁପି ନିର୍ଦ୍ଧାରଣ କଲା। ଭାବିଲା- ୨୫ଫୁଟ୍ ତ କହିଛନ୍ତି। ସେ ଏଠାରେ ୫ଫୁଟ୍, ସେଠାରେ ୫ଫୁଟ୍- ଏହିପରି ପାଞ୍ଚଟି ସ୍ଥାନରେ ୫-୫ ଫୁଟ୍‌ର ଗାତଖୋଳି

ଦେଲା। ଗଣିତର ଆଧାରରେ ଦେଖିଲେ ସେ ଠିକ୍ କରିଛି। ସେ ଠିକ୍ ୨୫ଫୁଟ୍ ଖୋଳିଛି। କିନ୍ତୁ ଏପରି ଭାବରେ ୫ଫୁଟ୍ ଲେଖାଏଁ ଖୋଳିଲେ କେଉଁଠି ପାଣି ମିଳିବ କି ? ମିଳିବ ନାହିଁ। ତେଣୁ ଯଦି ସିଏ ଗୋଟିଏ ସ୍ଥାନରେ ୨୫ଫୁଟ୍ ଖୋଳିଥାନ୍ତା- ପାଣି ମିଳିଯାଇଥାନ୍ତା। ଆମେ ମଧ୍ୟ ପାଖାପାଖି ତାହା ହିଁ କରିଥାଉଁ। ଆଜି ଏଠାରେ ତ କାଲି ସେଠାରେ, ଆଜି ଏହି ଦରବାରରେ ତ କାଲି ସେହି ଦରବାରରେ- ଏପରି ଭାବରେ ଭଟକୁଥାଉଁ।

ଆପଣ ଗୋଟିଏ ସ୍ଥାନରେ ସ୍ଥିର ହୋଇଯାଆନ୍ତୁ ଏବଂ ଭଗବାନଙ୍କର ଯେ କୌଣସି ନାମକୁ ଇଚ୍ଛା କରିବେ, ଯେଉଁ ରୂପକୁ ଚାହିଁବେ, ଦୃଢ଼ତାର ସହିତ ଧରନ୍ତୁ- ସବୁ ମିଳିଯିବ। ଆପଣ କେବେହେଲେ ଏହା ଭାବନ୍ତୁ ନାହିଁ ଯେ ଭଗବାନ ଶଙ୍କର ଛୋଟ ଏବଂ ଭଗବାନ ବିଷ୍ଣୁ ବଡ଼ ଅଟନ୍ତି। ଏପରି ମୁର୍ଖତାପୂର୍ଣ୍ଣ ତୁଳନା କେବେହେଲେ କରନ୍ତୁ ନାହିଁ ଯେ କୃଷ୍ଣ ହେଉଛନ୍ତି ଷୋଳକଳାର ଏବଂ ରାମ ହେଉଛନ୍ତି ବାରକଳାର- ଏଣୁ ରାମ ଛୋଟ ଅଟନ୍ତି, କୃଷ୍ଣ ବଡ଼। ଏ ପ୍ରକାର ଚର୍ଚ୍ଚା କରୁଥିବା ତଥାକଥିତ ପ୍ରବଚକ ମାନଙ୍କ ଠାରୁ ନିଜକୁ ଦୂରରେ ରଖନ୍ତୁ।

ଭଗବାନଙ୍କର କୌଣସି ନାମ, କୌଣସି ରୂପ ଛୋଟ ବା ବଡ଼ ହୋଇନଥାଏ। ଆମର ସିଦ୍ଧାନ୍ତ ହେଲା- **"ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ।"** ଅର୍ଥାତ୍ ଏଠାରେ ଯାହାକିଛି ବି ଅଛି, ସବୁ ପୂର୍ଣ୍ଣ ଅଟେ। ଯଦି ଆପଣଙ୍କର ନିଷ୍ଠା ଦୃଢ଼ ଅଛି, ଆପଣଙ୍କ ପ୍ରେମ ପରିପକ୍ୱ ହୋଇଛି ତେବେ ମୁଁ ନିଶ୍ଚିତ ଭାବରେ କହିବି ଯେ ଆପଣ ଏହି ସ୍ତମ୍ଭକୁ ଯଦି ଭଗବାନ ମାନି ନିଅନ୍ତି ତେବେ ସେ ଏହି ସ୍ତମ୍ଭରୁ ମଧ୍ୟ ପ୍ରକଟ ହୋଇଯିବେ। ଭକ୍ତ ପ୍ରହଲ୍ଲାଦ ଏପରି ପ୍ରକଟ କରି ପାରିଥିଲେ କି ନୁହେଁ ? ହିରଣ୍ୟକଶିପୁର ଦରବାରରେ ଭଗବାନ ସ୍ତମ୍ଭରୁ ପ୍ରକଟ ହୋଇଥିଲେ। ନୁହେଁ କି ? ତେଣୁ ଭଗବାନଙ୍କୁ ଯଦି ପ୍ରକଟ କରିବାର ଅଛି ତେବେ ଅନ୍ୟ କୌଣସି ବସ୍ତୁର

ଆବଶ୍ୟକତା ନାହିଁ। ନିଜ ଭିତରେ କେବଳ ପ୍ରେମକୁ ପ୍ରକଟ କରନ୍ତୁ, ଭଗବାନ ସ୍ୱୟଂ ପ୍ରକଟ ହୋଇଯିବେ।

ବନ୍ଧୁଗଣ ! ମାଆ ମାନେ ! ମୁଁ ଏହି ସନ୍ଦେଶ ଦେବା ପାଇଁ ହିଁ ଏଠାକୁ ଆସିଅଛି। ଯଦି ହୋଇପାରେ ତା'ହେଲେ ଆପଣ ନିଜ ଭିତରେ ଭଗବତ୍ ପ୍ରେମକୁ ପ୍ରକଟ କରନ୍ତୁ। ଦେଖିବେ- ତେବେ ସମଗ୍ର ସଂସାର ଆପଣଙ୍କୁ ପ୍ରେମମୟ ଦେଖାଯିବ ଏବଂ ଆପଣ ମଧ୍ୟ କହିବାକୁ ଲାଗିବେ- **ସୀୟ ରାମମୟ ସବ ଜଗ ଜାନି ।**

**କରଉଁ ପ୍ରନାମ ଜୋରି ଯୁଗ ପାନି ॥**

ଯେବେ ଆପଣଙ୍କର ଭାବ ଏପରି ହେବ, ସେତେବେଳେ ଆପଣଙ୍କର ଚକ୍ଷୁରେ ସର୍ବତ୍ର ପ୍ରଭୁ ଶ୍ରୀରାମ ଦେଖାଯିବେ। ଜଗଜ୍ଜନନୀ ଭଗବତୀ ଜାନକୀ ଦେଖାଯିବେ।

ଆପଣ ଏହା ନିଶ୍ଚିତ ଭାବରେ ଜାଣି ରଖନ୍ତୁ ଯେ ସଂସାରରେ କେହି କାହାର ଶତ୍ରୁ ନୁହନ୍ତି କି ମିତ୍ର ନୁହନ୍ତି। କେହି କାହାର କ୍ଷତି କରି ପାରନ୍ତି ନାହିଁ କି ଲାଭ ମଧ୍ୟ କରିପାରନ୍ତି ନାହିଁ। ହାନିବାଲା କରିବାବାଲା ମଧ୍ୟ ସେହି ଈଶ୍ୱର ଏବଂ ଲାଭ କରିବାବାଲା ମଧ୍ୟ ସେହି ଈଶ୍ୱର ଅଟନ୍ତି। ସେ ହିଁ କେତେବେଳେ ଶତ୍ରୁ ଭାବରେ ପ୍ରକଟ ହୋଇଥାଆନ୍ତି ତ କେତେବେଳେ ମିତ୍ର ଭାବରେ ପ୍ରକଟ ହୁଅନ୍ତି। ଆରେ ଭାଇ ! ଭଗବାନ ଶ୍ରୀରାମ ରାବଣର ଶତ୍ରୁ ରୂପରେ ପ୍ରକଟ ହୋଇଥିଲେ ନା ନାହିଁ ? ସେ ହିଁ ସୁଗ୍ରୀବ ପାଇଁ ମିତ୍ର, ହନୁମାନଙ୍କ ପାଇଁ ଆରାଧ୍ୟ ଏବଂ ଋଷି-ମୁନିମାନଙ୍କ ପାଇଁ ଭଗବାନ ରୂପରେ ପ୍ରକଟ ହୋଇଥିଲେ ନା ନାହିଁ ? ଏଣୁ ଏ ସବୁ ଭଗବାନଙ୍କର ଖେଳ ଅଟେ, ତାଙ୍କରି ଲୀଳା ଅଟେ।

ସଂସାରର ସମସ୍ତ ସମ୍ବନ୍ଧ ସାମୟିକ ଅଟେ। ଶତ୍ରୁ-ମିତ୍ର, ନିଜ-ପର ଏହି ସମସ୍ତ ମାନ୍ୟତା ମଧ୍ୟ ସାମୟିକ ଅଟେ। ତେଣୁ କରି ସମସ୍ତଙ୍କ ପ୍ରତି ନିଜ ଭିତରେ ପ୍ରେମଭାବ ରଖନ୍ତୁ। ଜୀବନରେ ସୁଖର

ଅବସର ଆସିଲେ ନାଚିବାର ନାହିଁ କି ଦୁଃଖର ସମୟ ଆସିଲେ ବ୍ୟସ୍ତ ହେବାର ନାହିଁ। ଲାଭ ହୋଇଗଲେ ମାଙ୍କଡ଼ ଭଳି ଡିଆଁଡେଇଁ କରିବାର ନାହିଁ କି କ୍ଷତି ହୋଇଗଲେ ମୁଣ୍ଡ ଉପରେ ହାତରଖି ଘରକୋଣରେ ବସି ରହିବାର ନାହିଁ। ପ୍ରତ୍ୟେକ ପରିସ୍ଥିତିକୁ ଆପଣ ସ୍ୱୀକାର କରିବାକୁ ଶିଖନ୍ତୁ। ଜୀବନରେ ସ୍ୱୀକୃତିର ଭାବ ଆସିଗଲେ, ପ୍ରତ୍ୟେକ ପରିସ୍ଥିତିକୁ ସ୍ୱୀକାର କରିବାର ସାହସ ପ୍ରକଟ ହୋଇଗଲେ, ବୁଝିନିଅନ୍ତୁ- ଆପଣ ସୁଖୀ ହୋଇଯିବେ। ସଂସାରରେ ସେ ହିଁ ସୁଖୀ ହୋଇଥାଏ ଯିଏ ପ୍ରତ୍ୟେକ ପରିସ୍ଥିତିକୁ ସ୍ୱାଭାବିକ ରୂପରେ ସ୍ୱୀକାର କରିବାର ସାହସ ରଖିଥାଏ। ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି- **ଆପୂର୍ଯ୍ୟମାଣମଚଲ ପ୍ରତିଷ୍ଠଂ**

**ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ୱତ୍ ।**

**ତଦ୍ୱତ୍କାମାଃ ଯଂ ପ୍ରବିଶନ୍ତି ସର୍ବେ**

**ସ ଶାନ୍ତିମାପ୍ନୋତି ନ କାମକାମୀ ॥** (୨/୭୦)

ଏହା ଶାନ୍ତିକୁ ପ୍ରାପ୍ତ କରିବାପାଇଁ ସବୁଠୁ ବଡ଼ ସୂତ୍ର ଅଟେ। ହଜାର ହଜାର ନଦୀମାନେ ରାତିଦିନ ସମୁଦ୍ରରେ ପାଣି ଢାଳୁଛନ୍ତି କିନ୍ତୁ କ'ଣ ସମୁଦ୍ର ନିଜ ମର୍ଯ୍ୟାଦା କେବେ ଭଙ୍ଗ କରିଥାଏ ? ନିଜ ସୀମାକୁ ଉଲଙ୍ଘନ କରିଥାଏ ? କରେ ନାହିଁ। ବରଂ ଅନ୍ତତଃ ନଦୀ ମାନଙ୍କର ନାମ, ରୂପ ଏବଂ ସେମାନଙ୍କର ସ୍ୱାଦ ସବୁକିଛି ସମୁଦ୍ରରେ ବିଲୀନ ହୋଇଯାଏ। ସେମାନେ ସମୁଦ୍ରକୁ ବିକୃତ କରିପାରନ୍ତି ନାହିଁ। ସମୁଦ୍ରର ସ୍ୱଭାବକୁ ନଦୀମାନେ ବିଗାଡ଼ି ପାରନ୍ତି ନାହିଁ। ଠିକ୍ ସେହିପରି ସଂସାରର ଏଇ ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ ଇତ୍ୟାଦି ବିଷୟ, ଏହି ଧନ-ସମ୍ପତ୍ତି, ପଦ-ପ୍ରତିଷ୍ଠା ଆଦି ଯେତେ ସବୁ ଅଛନ୍ତି- ଏ ସବୁ ଯାହା ହୃଦୟରେ ଆନ୍ଦୋଳନ ସୃଷ୍ଟି କରିପରନ୍ତି ନାହିଁ, ସେହି ବ୍ୟକ୍ତି ଶାନ୍ତିକୁ ପ୍ରାପ୍ତ କରିପାରିଥାଏ। ସୁତରାଂ ଭଗବାନ ଆପଣଙ୍କୁ ଯାହାକିଛି ଦେଉଛନ୍ତି- ତାକୁ ଆପଣ ପ୍ରସାଦ ମନେକରି ଗ୍ରହଣ କରନ୍ତୁ ଏବଂ ତୃପ୍ତ ରହନ୍ତୁ।

ସମସ୍ତଙ୍କୁ ପ୍ରେମ କରନ୍ତୁ। କାହାପ୍ରତି ଦ୍ୱେଷ କରନ୍ତୁ ନାହିଁ। ସମସ୍ତଙ୍କ ଭିତରେ ନିଜର ଇଷ୍ଟଙ୍କୁ ଦର୍ଶନ କରନ୍ତୁ। ସମସ୍ତଙ୍କ ଭିତରେ ପରମାତ୍ମାଙ୍କୁ ଦର୍ଶନ କରନ୍ତୁ। ଆପଣଙ୍କର ଭଲ ନିଶ୍ଚୟ ହେବ।

କେବଳ ଏହି ଭାବନାର ପ୍ରଚାର କରିବାପାଇଁ ମୁଁ **"ବିଶ୍ୱାତ୍ମ ଚେତନା ପରିଷଦ"**ର ସ୍ଥାପନା କରିଛି। ବିଶ୍ୱରେ ସର୍ବତ୍ର ଆତ୍ମଭାବ ପ୍ରକଟ ହେଉ- ଏହା ମୁଁ ଚାହେଁ, କାହିଁକିନା ଆମ ସମସ୍ତଙ୍କ ଭିତରେ ବାସ କରିଥିବା ପରମାତ୍ମା ଏକ ଅଟେ। ପରମାତ୍ମାଙ୍କର ଗୋରା କିମ୍ବା କଳା ରଙ୍ଗ ନାହିଁ। ପରମାତ୍ମା ୟୁରୋପୀୟ, ଅଷ୍ଟ୍ରେଲୀୟ, ଆମେରିକୀୟ, ଆଫ୍ରିକୀୟ କିମ୍ବା ଭାରତୀୟ ମଧ୍ୟ ହୋଇ ନ ଥାନ୍ତି। ଆମ ସମସ୍ତଙ୍କର ଅନ୍ତରରେ ବିରାଜମାନ ପରମାତ୍ମା ଏକ ରୂପ, ଏକ ରସ ଏବଂ ଏକ ସମାନ ଅଟନ୍ତି। ତେଣୁ କାହାରି ବାହାରକୁ ଦେଖନ୍ତୁ ନାହିଁ। ସମସ୍ତଙ୍କ ଭିତରକୁ ଦେଖନ୍ତୁ। ବାହାରକୁ ଦେଖିଲେ ବିକୃତି ସବୁ ଦିଶିବ। ଭିତରକୁ ଦେଖିଲେ ପରମାତ୍ମାଙ୍କର ଦର୍ଶନ ହେବ।

ସାମ୍ପ୍ରତିକ ପରିପ୍ରେକ୍ଷୀରେ ଏପରି ଭାବନା ହିଁ ବିଶ୍ୱପାଇଁ ଆବଶ୍ୟକ ଅଟେ। ବିଶ୍ୱ ଆଜି ଛୋଟ ହୋଇଯାଇଛି। ଆମେ ହିନ୍ଦୁ ଅଟୁ, ସେ ମୁସଲମାନ ଅଟେ, ସେ ଖ୍ରୀଷ୍ଟିୟାନ ଅଟେ- ଏ ପ୍ରକାର ସାମ୍ପ୍ରଦାୟିକ ଭାବନାକୁ ପ୍ରଜ୍ୱଳିତ କରି ଆଜି ଆମେ ସଂସାରରେ ଶାନ୍ତି ଆଣି ପାରିବା ନାହିଁ। ସଂସାରରେ ଶାନ୍ତି ଆଣି ପାରିବା **"ବସୁଧୈବ କୁଟୁମ୍ବକମ୍"**ର ଭାବନା ସୃଷ୍ଟିକରି। ଏହି ଭାବନାକୁ ବିକଶିତ କରିବା ପାଇଁ ହିଁ "ବିଶ୍ୱାତ୍ମ ଚେତନା ପରିଷଦ"ର ଗଠନ କରାଯାଇଅଛି ଏବଂ ଏହାର ଶୁଭାରମ୍ଭ ଏବେ ରାୟଗଡ଼ରେ ମଧ୍ୟ ହୋଇଯାଇଛି।

ଆଜି ଏହି ସତ୍‌ସଙ୍ଗର ପଞ୍ଚମ ଏବଂ ଅନ୍ତିମ ସତ୍ର। ଏହି କାର୍ଯ୍ୟକ୍ରମ "ବିଶ୍ୱାତ୍ମ ଚେତନା ପରିଷଦ, ରାୟଗଡ଼ (ଛ.ଗ.)"ର କାର୍ଯ୍ୟାଳୟ ଉଦ୍‌ଘାଟନ ଉପଲକ୍ଷ୍ୟରେ ଆୟୋଜିତ ହୋଇଛି। ସଂଯୋଗ

ବଶତଃ ଆଜି କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥି। ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗରେ, ବୃନ୍ଦାବନର ମନୋରମ ପରିବେଶରେ, ଆଜି ଭଳି ଦିନରେ ଗୋପୀମାନଙ୍କ ସହିତ ମହାରାସ ଲୀଳା କରିଥିଲେ। ମହାରାସ ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ଏକାତ୍ମତାର ପ୍ରତୀକ ଅଟେ।

ଆଜି ଏହି "ବୃନ୍ଦାବନ ରେସିଡେନ୍ସୀ"ର ସୁନ୍ଦର ପରିସର ମଧ୍ୟରେ ଆମେ ସମସ୍ତେ ମଧ୍ୟ ବିଶ୍ୱାତ୍ମ-ଭାବର ପ୍ରଚାର-ପ୍ରସାର ପାଇଁ ଏକ ନୂତନ ଭବନର ଉଦ୍‌ଘାଟନ କରୁଛୁଁ। ଏହାର ନିର୍ମାଣ ସ୍ୱଳ୍ପସମୟ ମଧ୍ୟରେ ହୋଇଯାଇଛି। ଏଥିପାଇଁ ପ୍ରିୟ ସୁନୀଲ ବଂସଲ ଅଭିନନ୍ଦନର ପାତ୍ର ଅଟନ୍ତି। ବର୍ତ୍ତମାନ ଠାରୁ ଏହି ଭବନରୁ ସମଗ୍ର ଛତିଶଗଡ଼ ପାଇଁ "ବିଶ୍ୱାତ୍ମ ଚେତନା ପରିଷଦ, ରାୟଗଡ଼" ନିଜ କାର୍ଯ୍ୟର ଶୁଭାରମ୍ଭ କରିବ। ମୁଁ ଏହି ଭବନର ନାମ **"ଶ୍ରୀ ନିକେତନ"** ରଖୁଅଛି ଏବଂ ଆନୁଷ୍ଠାନିକ ରୂପରେ ବିଶ୍ୱାତ୍ମ ଚେତନା ପରିଷଦ, ରାୟଗଡ଼ (ଛ.ଗ.) କାର୍ଯ୍ୟାଳୟର ଉଦ୍‌ଘାଟନର ଘୋଷଣା କରିବା ସହିତ ଏହାକୁ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପିତ କରୁଛି।

**"ତ୍ୱଦୀୟଂ ବସ୍ତୁ ଗୋବିନ୍ଦ ତୁଭ୍ୟମେବ ସମର୍ପୟେ।"**

ଆପଣ ସମସ୍ତେ ରାୟଗଡ଼ ବାସୀ ବହୁତ ସୌଭାଗ୍ୟଶାଳୀ ଅଟନ୍ତି। ରାୟଗଡ଼ ସହିତ ମୋର ମଧ୍ୟ ବହୁ ପୁରାତନ ସମ୍ବନ୍ଧ ରହିଛି। ମୁଁ ଯେତେବେଳେ ସନ୍ନ୍ୟାସ ଆଶ୍ରମ ଆଡ଼କୁ ପ୍ରଥମ ପାଦ ରଖିଥିଲି, ମୋର ପୂଜ୍ୟ ଗୁରୁଦେବ ପରମହଂସ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ ମୋତେ ଏହି ଭୂମିରେ ପ୍ରଥମ ମନ୍ତ୍ରଦୀକ୍ଷା ପ୍ରଦାନ କରିଥିଲେ। ତେଣୁ ଏହି ଭୂମିକୁ ମୁଁ ମୋର ଦୀକ୍ଷାଭୂମି ମନେକରେ। ଆଜି ଏହି ଭୂମି ଉପରେ ବିଶ୍ୱାତ୍ମ ଚେତନା ପରିଷଦର କାର୍ଯ୍ୟାଳୟର ଉଦ୍‌ଘାଟନ କରିବାବେଳେ ମୋତେ ଅତ୍ୟନ୍ତ ଆନନ୍ଦ ଅନୁଭବ ହେଉଛି। ମୁଁ ବିଶ୍ୱାତ୍ମ-ସ୍ୱରୂପ ଭଗବାନଙ୍କର ଚରଣାରବିନ୍ଦରେ ପ୍ରାର୍ଥନା କରୁଛି ଯେ ପରିଷଦର ସମସ୍ତ ସଦସ୍ୟଙ୍କ

ସହିତ ଏହି ଅଞ୍ଚଳର ସମସ୍ତ ପ୍ରାଣୀମାନଙ୍କ ଉପରେ ମଧ୍ୟ ତାଙ୍କର କୃପାଦୃଷ୍ଟି ସର୍ବଦା ରହିଥାଉ। ସମସ୍ତଙ୍କର ଉତ୍ତରୋତ୍ତର ଉନ୍ନତି ହେଉ। ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ମଧ୍ୟ ରାୟଗଡ଼ ମହାନ୍ ହେଉ- ଏହା ହିଁ ମୋର ଶୁଭକାମନା। ପ୍ରଭୁ ସମସ୍ତଙ୍କର କଲ୍ୟାଣ କରନ୍ତୁ। ହରି ଓଁ ତତ୍‌ସତ୍।

୦୦୦

ବୃନ୍ଦାବନ ରେସିଡେନ୍‌ସୀ, ରାୟଗଡ଼ (ଛ.ଗ.)

ତା. ୫.୧୧.୨୦୦୬

## ବିଶ୍ୱାତ୍ମ ଚେତନା ପ୍ରକାଶନ ଦ୍ୱାରା ପ୍ରକାଶିତ

## ଆଧ୍ୟାତ୍ମିକ ସାହିତ୍ୟ

| | |
|---|---|
| गुरु-शिष्य और गुरुपूर्णिमा (भाग- १) | 150.00 |
| गुरु-शिष्य और गुरुपूर्णिमा (भाग- २) | 150.00 |
| रास रहस्य | 150.00 |
| आत्म-विस्मृति से आत्म-प्रकाश की ओर | 120.00 |
| भागवत भावामृत | 120.00 |
| भक्त और भगवान | 100.00 |
| श्री रामकथा मंदाकिनी | 50.00 |
| नवरात्र उपासना का तात्विक स्वरूप | 50.00 |
| मुक्त चिंतन (कविता संकलन) | 50.00 |
| भजन भारती | 40.00 |
| तेरा साईं तोहि में | 30.00 |
| युगधर्म और मानव | 25.00 |
| हरि इच्छा बलवान | 25.00 |
| आचार्य शंकर | 10.00 |
| श्री शिवसहस्त्र नामार्चनम् | 10.00 |
| धर्म धर्मनिरपेक्षता और भारत | 10.00 |
| ତୁମ ପ୍ରଭୁ ତୁମ ଅନ୍ତରେ | 100.00 |
| ଯୁଗ ଧର୍ମ ଓ ମାନବ | 80.00 |
| ରାସ ରହସ୍ୟ | 75.00 |
| ହରିଇଚ୍ଛା ବଳବାନ | 70.00 |
| ଗୁରୁଭକ୍ତି ଗୀତ | 50.00 |
| ଭଜନ ଭାରତୀ | 40.00 |
| ଜଗଦ୍ଧାତ୍ରୀ ଶ୍ରୀରାଧା | 20.00 |
| ଶ୍ରୀ ଶିବ ସହସ୍ର ନାମାର୍ଚ୍ଚନମ୍ | 10.00 |

| | |
|---|---|
| Acharya Shankar | 25.00 |
| Religion, Secularism & India | 5.00 |
| ବିଶ୍ୱାତ୍ମ ଚିନ୍ତନ (ତ୍ରୈମାସିକ ପତ୍ରିକା) | |
| ଦଶବାର୍ଷିକ ସଦସ୍ୟତା ଶୁଳ୍କ- | 1000.00 |
| ବାର୍ଷିକ ସଦସ୍ୟତା ଶୁଳ୍କ- | 100.00 |
| ପ୍ରତିଖଣ୍ଡ- | 25.00 |

ପୂଜ୍ୟପାଦ ସଦ୍‌ଗୁରୁଦେବ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କର ଦିବ୍ୟ ଆଧ୍ୟାତ୍ମିକ ପ୍ରବଚନ ଏବଂ ସଂକୀର୍ତ୍ତନ ଆଦି ପୁସ୍ତକ, ସିଡି ଆକାରରେ ସମସ୍ତ ଜିଜ୍ଞାସୁ ଏବଂ ସାଧକ ଭକ୍ତଙ୍କ ପାଇଁ ସର୍ବଦା ଉପଲବ୍ଧ। ପୂଜ୍ୟ ଶ୍ରୀ ସ୍ୱାମୀଜୀ ମହାରାଜଙ୍କର ସେହି ଅପୂର୍ବ ଦିବ୍ୟବାଣୀକୁ ଶ୍ରବଣ, ମନନ ଏବଂ ପଠନ କରି ଆଧ୍ୟାତ୍ମିକ ଜୀବନର ଚରମ ଏବଂ ପରମ ଲକ୍ଷ୍ୟକୁ ଉପଲବ୍ଧ ହେବା ପାଇଁ ଆପଣମାନଙ୍କୁ ଏକାନ୍ତ ଅନୁରୋଧ।

ବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ-


ବିଶ୍ୱାତ୍ମ ଚେତନା ପ୍ରକାଶନ

ଆନନ୍ଦ ନିକେତନ, ବଲାଙ୍ଗିର - ୭୬୭୦୦୨ (ଓଡ଼ିଶା)

ଫୋନ୍- (୦୬୬୫୨) ୨୩୨୭୧୯, ମୋ.-୯୪୩୯୧୪୪୬୩୨

E-mail - viswatmachetana@gmail.com

Web - www.viswatmachetana.org